# ଧରିତ୍ରୀ DHARITRI

ଭୁବନେଶ୍ୱର, ବୁଧବାର, ଫେବୃୟାରୀ ୧/୨୦୨୩ (୧୬ ପୃଷ୍ଠା) | Bhubaneswar, Wednesday, February 1/2023 | Page 16 | ₹ 7.00

୪୯ଶ ଭାଗ ୬୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 69 | ମୂଲ୍ୟ ₹୭/-




### ଓଡ଼ିଶା ଏଫ୍‌ସିରେ ଟଙ୍କଧର

ଓଡ଼ିଶାର ପ୍ରତିଭା ସମ୍ପନ୍ନ ଫୁଟବଲ ଖେଳାଳି ଟଙ୍କଧର ବାଗ୍ ଇଣ୍ଡିଆନ ସୁପରଲିଗ୍‌ର ଅନ୍ୟତମ ପ୍ରତିଷ୍ଠିତ ଦଳ ଓଡ଼ିଶା ଏଫ୍‌ସି ସହିତ ଚୁକ୍ତି କରିଛନ୍ତି।

୧୬

୦୨

### ଆଥିଆଙ୍କୁ ଟ୍ରୋଲ

ବଲିଉଡ୍ ଅଭିନେତ୍ରୀ ଆଥିଆ ସେଟ୍ଟୀ ସ୍ୱାମୀ ରାହୁଲଙ୍କ ସହ ବିବାହ ପରେ ପ୍ରଥମ ଥର ପାଇଁ ଖାଇବାକୁ ବାହାରିଥିବାବେଳେ ପୋଷାକକୁ ନେଇ ତାଙ୍କୁ ଟ୍ରୋଲ ହେବାକୁ ପଡ଼ିଛି।




# ଜିଡିପି ଅନୁମାନ ୬.୫%

## ଅର୍ଥନୈତିକ ସର୍ଭେ ୨୦୨୨-୨୩ ଉପସ୍ଥାପିତ

**ନୂଆଦିଲ୍ଲୀ,୩୧।୧**

୨୦୨୩-୨୪ରେ ଭାରତର ମୋଟ ଘରୋଇ ଉତ୍ପାଦ (ଜିଡିପି) ୬-୬.୮% ମଧ୍ୟରେ ସୀମିତ ରହିବା ନେଇ ଅନୁମାନ କରାଯାଇଛି। ତେବେ ନୋମିନାଲ ଟର୍ମରେ ୧୧% ବେସ୍‌ଲାଇନ୍ ଭାଲ୍ୟୁ ହିସାବରେ ଅଭିବୃଦ୍ଧି ଘଟିବ ବୋଲି ପାର୍ଲାମେଣ୍ଟରେ ମଙ୍ଗଳବାର ଉପସ୍ଥାପିତ ଅର୍ଥନୈତିକ ସର୍ଭେ ୨୦୨୨-୨୩ରେ ଦର୍ଶାଯାଇଛି। ଗତ ବର୍ଷ ଜାନୁୟାରୀ ୩୧ରେ ସଂସଦରେ ଉପସ୍ଥାପିତ ଇକୋନୋମିକ୍ ସର୍ଭେରେ ଜିଡିପି ୮-୮.୫% ରହିବା ନେଇ ଅନୁମାନ କରାଯାଇଥିଲା। ଏହି ଲକ୍ଷ୍ୟ ହାସଲ ନ ହେବାରୁ ସରକାର ଓ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଲଗାତର ଭାବେ ଆକଳନ କରାଯାଇଥିବା ଅଭିବୃଦ୍ଧି ହାରକୁ ଖସାଇଆସିଛନ୍ତି। ତେଣୁ ଆଗାମୀ ଆର୍ଥିକ ବର୍ଷରେ ଜିଡିପିର ବାସ୍ତବ ଅଭିବୃଦ୍ଧି ୫.୪୪% ରହିବ କି ନାହିଁ ବୋଲି ବିରୋଧୀ କଂଗ୍ରେସ ପକ୍ଷରୁ ପ୍ରଶ୍ନ କରାଯାଇଛି।

ପୂର୍ବ ବର୍ଷକ ମଧ୍ୟରେ ଦେଶର ଆର୍ଥିକ ଓ ବିତ୍ତୀୟ ଧାରାକୁ ଅର୍ଥନୈତିକ ସର୍ଭେରେ ସମୀକ୍ଷା କରାଯାଇଥାଏ। ଏଥିରୁ କୃଷି, ଶିଳ୍ପ, ଭିତ୍ତିଭୂମି, ନିଯୁକ୍ତି, ମୁଦ୍ରାସ୍ଫୀତି ହାର, ବାଣିଜ୍ୟ, ଫରେନ୍ ଏକ୍ସଚେଞ୍ଜ ରିଜର୍ଭ ଓ ଅର୍ଥନୀତିର ଅନ୍ୟ ବୃହତ୍ କ୍ଷେତ୍ରଗୁଡ଼ିକ ଉପରେ ବିସ୍ତୃତ ତଥ୍ୟ ଓ ବିଶ୍ଳେଷଣ ମିଳିଥାଏ। ଏହି ସର୍ବେକ୍ଷଣ ☞ପୃଷ୍ଠା-୪





## ଖାରସୁଗୁଡ଼ା ଏସ୍‌ପି, ବ୍ରଜରାଜନଗର ଏସ୍‌ଡିପିଓ ବଦଳିଲେ

**କଟକ ଅଫିସ/ଭୁବନେଶ୍ୱର,୩୧।୧(ବ୍ୟୁରୋ)**

ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସଙ୍କୁ ଜଣେ ପୋଲିସ ଏଏସ୍‌ଆଇ ଗୁଳିକରି ହତ୍ୟା କରିବା ଘଟଣା ସାରା ଦେଶରେ ଚହଳ ପକାଇଛି। କ୍ରାଇମ୍‌ବ୍ରାଞ୍ଚ ଘଟଣାର ତଦନ୍ତ ଚଳାଇଛି। ଏଭଳିସ୍ଥଳେ ଘଟଣାର ଦିନକ ପରେ ରାଜ୍ୟ ସରକାର ଝାରସୁଗୁଡ଼ା ଏସ୍‌ପି ଓ ବ୍ରଜରାଜନଗର ଏସ୍‌ଡିପିଓଙ୍କୁ ବଦଳି କରିଛନ୍ତି। ମଙ୍ଗଳବାର ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ସୂଚନା ଅନୁଯାୟୀ, ଝାରସୁଗୁଡ଼ା ଏସ୍‌ପି ରାହୁଲ ଜୈନଙ୍କୁ କଟକସ୍ଥିତ ରାଜ୍ୟ ପୋଲିସ ମୁଖ୍ୟାଳୟର ଏସ୍‌ପି ଭାବେ ବଦଳି କରାଯାଇଛି। ଏଥିସହ ବରଗଡ଼ ଏସ୍‌ପି ପରମାର୍ ସ୍ମିତ ପାର୍‌ସୋତ୍ତମଦାସଙ୍କୁ ଝାରସୁଗୁଡ଼ା ଏସ୍‌ପି ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ବୌଦ୍ଧ ଏସ୍‌ପି ପ୍ରହଲ୍ଲାଦ ସହାଇ ମୀନାଙ୍କୁ ବରଗଡ଼ ଏସ୍‌ପି ଏବଂ ରାୟଗଡ଼ା ଅତିରିକ୍ତ ଏସ୍‌ପି ରାଜ ପ୍ରସାଦଙ୍କୁ ବୌଦ୍ଧ ଏସ୍‌ପି ଭାବେ ନିଯୁକ୍ତ କରାଯାଇଛି। ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ଏସ୍‌ଡିପିଓ ଗୁପ୍ତେଶ୍ୱର ଭୋଇଙ୍କୁ ମଧ୍ୟ ରାଜ୍ୟ ପୋଲିସ ମୁଖ୍ୟାଳୟରେ ଅବସ୍ଥାପିତ କରାଯାଇଛି। ତାଙ୍କ ସ୍ଥାନରେ ଆଠମଲ୍ଲିକ ଏସ୍‌ଡିପିଓ ଚିନ୍ତାମଣି ପ୍ରଧାନଙ୍କୁ ନିଯୁକ୍ତି ଦିଆଯାଇଛି। ଏନେଇ ରାଜ୍ୟ ପୋଲିସ ମୁଖ୍ୟାଳୟ ପକ୍ଷରୁ ମଧ୍ୟ ବିଜ୍ଞପ୍ତି ପ୍ରକାଶ ପାଇଛି।

## ୫.୪୪% ରହିବ ତ: କଂଗ୍ରେସ

**ନୂଆଦିଲ୍ଲୀ,୩୧।୧:** ସଂସଦରେ ମଙ୍ଗଳବାର ଉପସ୍ଥାପିତ କେନ୍ଦ୍ରର ଇକୋନୋମିକ୍ ସର୍ଭେ ରିପୋର୍ଟରେ ଦର୍ଶାଯାଇଥିବା ଅଭିବୃଦ୍ଧି ହାରକୁ ନେଇ କଂଗ୍ରେସ ପ୍ରଶ୍ନ ଉଠାଇଛି। ଆସନ୍ତା ଆର୍ଥିକ ବର୍ଷରେ ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି) ୬%ରୁ ୬.୫% ରହିବା ନେଇ ଉକ୍ତ ରିପୋର୍ଟରେ ଅନୁମାନ କରାଯାଇଥିବାବେଳେ କଂଗ୍ରେସ ମୁଖପାତ୍ର ଗୌରବ ବଲ୍ଲଭ କହିଛନ୍ତି, ସରକାର ପ୍ରକୃତ କଥା କୁହନ୍ତୁ। ବାସ୍ତବରେ ଜିଡିପି ୫.୪୪% ରହିବ ତ? ଚଳିତ ଆର୍ଥିକ ବର୍ଷ ପାଇଁ ଗତ ବର୍ଷ ଉପସ୍ଥାପିତ ସର୍ଭେ ରିପୋର୍ଟର ଆକଳନ ଏବଂ ବାସ୍ତବ ଜିଡିପି ମଧ୍ୟରେ ୧୫% ବ୍ୟବଧାନ ରହିଛି। ୨୦୨୨ ସର୍ଭେରେ ଆମ ଅର୍ଥନୀତି ୮-୮.୫% ରହିବା ନେଇ ଅନୁମାନ କରାଯାଇଥିଲା। କିନ୍ତୁ ତାହା ୭%ରେ ସୀମିତ ରହିଛି, ଯାହାକି ୧୫% ଡିସ୍‌କାଉଣ୍ଟ। ମଙ୍ଗଳବାର ଉପସ୍ଥାପନ କରାଯାଇଥିବା ରିପୋର୍ଟରେ ୨୩-୨୪ ଆର୍ଥିକ ବର୍ଷରେ ଜିଡିପି ଅଭିବୃଦ୍ଧି ୬%ରୁ ୬.୮% ରହିବ ବୋଲି କୁହାଯାଇଛି। ତେଣୁ ପ୍ରକୃତରେ କେତେ ରହିବ ଜଣାପଡୁନାହିଁ। ଉପରୋକ୍ତ ଡିସ୍‌କାଉଣ୍ଟ ଆଧାରରେ ଏହା ୫.୪୪% ହେବ ବୋଲି ଗୌରବ ଟୁଇଟ୍ କରିଛନ୍ତି।

## ଆଜି କେନ୍ଦ୍ର ବଜେଟ

**ନୂଆଦିଲ୍ଲୀ,୩୧।୧:** ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ବୁଧବାର ପୂର୍ବାହ୍ନ ୧୧ଟାରେ ୨୦୨୩-୨୪ ଆର୍ଥିକ ବର୍ଷ ଲାଗି କେନ୍ଦ୍ର ବଜେଟ ପାର୍ଲାମେଣ୍ଟରେ ଉପସ୍ଥାପନ କରିବେ। ୨୦୨୪ ଲୋକ ସଭା ନିର୍ବାଚନ ପୂର୍ବରୁ ଏହା ସୀତାରାମନ୍‌ଙ୍କର ଶେଷ ପୂର୍ଣ୍ଣାଙ୍ଗ ବଜେଟ ଏବଂ ସରକାରଙ୍କ ପଞ୍ଚମ ବଜେଟ ଉପସ୍ଥାପନ ହେବ। ବିଶ୍ୱ ଅର୍ଥନୈତିକ ସ୍ଥିତି ଖରାପ ହେବାରେ ଲାଗିଥିବାରୁ ଚଳିତ ବର୍ଷର ବଜେଟକୁ ଅର୍ଥନୀତିଜ୍ଞମାନେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଛନ୍ତି। ସରକାର ଆର୍ଥିକ ଦୃଢ଼ୀକରଣ ଯୋଜନା ଉପରେ ଜୋର୍ ଦେବା ସହ ଦୀର୍ଘମିଆଦୀ ଅଭିବୃଦ୍ଧି ଲାଗି ବଜେଟରେ ପଦକ୍ଷେପ ନେବେ ବୋଲି ବିଶ୍ୱାସ କରାଯାଉଛି।



**ଆଜିର ସମ୍ପାଦକୀୟ** ୧୫% ଡିସ୍‌କାଉଣ୍ଟ

## ଆଶାରାମଙ୍କୁ ଆଜୀବନ ଜେଲ




ଆଶାରାମ ବାପୁ ଓ ପୁଅ ନାରାୟଣ ସାଇ

**ଗାନ୍ଧୀନଗର, ୩୧।୧**

ଆତ୍ମଘୋଷିତ ବାବା ଆଶାରାମ ବାପୁ (୮୧)ଙ୍କୁ ମଙ୍ଗଳବାର ଗୁଜରାଟ ଗାନ୍ଧୀନଗର ସେସନ୍ସ କୋର୍ଟ ଆଜୀବନ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ୨୦୧୩ରେ ଆଶାରାମ ସୁରଟର ଜଣେ ଶିଷ୍ୟାଙ୍କୁ ବହୁବାର ବଳାତ୍କାର କରିଥିବା ମାମଲାର ଶୁଣାଣି କରି ବିଚାରପତି ସୋମବାର ଆଶାରାମଙ୍କୁ ଦୋଷୀସାବ୍ୟସ୍ତ କରିଥିଲେ। କିନ୍ତୁ ଦଣ୍ଡ ଶୁଣାଣିକୁ ସଂରକ୍ଷିତ ☞ପୃଷ୍ଠା-୪











| ମୋଟ ପ୍ରାପ୍ୟ ପ୍ରିମିଅମ | ଲେଟ୍ ଫୀ ରିହାତି % | ସର୍ବାଧିକ ରିହାତି ସୀମା |
|---|---|---|
| ₹1,00,000 ପର୍ଯ୍ୟନ୍ତ | 25% | ₹2,500 |
| ₹1,00,001 ରୁ ₹3,00,000 ପର୍ଯ୍ୟନ୍ତ | 25% | ₹3,000 |
| ₹3,00,001 ଓ ଅଧିକ | 30% | ₹3,500 |

"କେନ୍ଦ୍ର ମୋଦି ସରକାର ସବୁବେଳେ ବଡ଼ ବଡ଼ ପ୍ରତିଶ୍ରୁତି ଦେଉଛନ୍ତି। ଅଭିବୃଦ୍ଧି ହାର ୮ରୁ ୧୦% ରହିଥିବା ଦାବିକରି ଏହାକୁ ହାସଲ କରିବାରେ ବିଫଳ ହେଉଛନ୍ତି। ଶେଷରେ ନିଜ ବିଫଳତା ପାଇଁ କୋଭିଡ୍-୧୯ ମହାମାରୀ, ରୁଷିଆ-ୟୁକ୍ରେନ୍ ଯୁଦ୍ଧ ଏବଂ ବୈଶ୍ୱିକ ମାନ୍ଦାବସ୍ଥା ଉପରେ ଦୋଷ ଦେଉଛନ୍ତି। ସରକାରଙ୍କ ଇକୋନୋମିକ୍ ସର୍ଭେରେ କେବଳ ମିଛ ଭରି ରହିଛି।
-ମଲ୍ଲିକାର୍ଜୁନ ଖାର୍ଗେ, କଂଗ୍ରେସ ଅଧ୍ୟକ୍ଷ

# ଇକୋନୋମିକ୍ ସର୍ଭେରେ ଅଭିବୃଦ୍ଧି ଆଶା

ନୂଆଦିଲ୍ଲୀ, ୩୧।୧

କୋଭିଡ୍-୧୯ ମହାମାରୀର କଷାଘାତରୁ ବୈଶ୍ୱିକ ଅର୍ଥନୀତି ଏଯାଏଁ ମୁକୁଳିପାରି ନ ଥିବାବେଳେ ଭୂ-ରାଜନୈତିକ ସଂଘର୍ଷ ସ୍ଥିତିକୁ ଆହୁରି ସଙ୍ଗିନ କରିଛି। ଏଭଳି ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଭାରତୀୟ ଅର୍ଥନୀତି ନଇଁ ପଡ଼ିନାହିଁ। ଦେଶର ମଜଭୁତ ଆର୍ଥିକ ଭିତ୍ତିଭୂମି ଏହାର ମୁଖ୍ୟ କାରଣ ବୋଲି ମଙ୍ଗଳବାର ପ୍ରମୁଖ ଅର୍ଥନୈତିକ ପରାମର୍ଶଦାତା (ସିଇଏ) ଭି. ଅନନ୍ତ ନାଗେଶ୍ୱରନ୍ ପ୍ରକାଶ କରିଛନ୍ତି। ନାଗେଶ୍ୱରନ୍‌ଙ୍କ ମତରେ ଏପ୍ରିଲ ୧ରେ ଆରମ୍ଭ ହେବାକୁ ଥିବା ଆଗାମୀ ଆର୍ଥିକ ବର୍ଷରେ ଅନ୍ୟ ରାଷ୍ଟ୍ରଗୁଡ଼ିକ ତୁଳନାରେ ଭାରତର ମୋଟ ଘରୋଇ ଉତ୍ପାଦ (ଜିଡିପି)ରେ ଭଲ ଅଭିବୃଦ୍ଧି ଦେଖିବାକୁ ମିଳିବ। ସାରା ବିଶ୍ୱ ଅନେକ ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଥିବାବେଳେ ଦ୍ରୁତତମ ବିକାଶଶୀଳ ରାଷ୍ଟ୍ର ଭାରତ ସେସବୁର ମୁକାବିଲା ସଫଳ ହୋଇଛି।

ପାର୍ଲାମେଣ୍ଟରେ କେନ୍ଦ୍ରୀୟ ବଜେଟ୍ ଉପସ୍ଥାପନର ୨୪ ଘଣ୍ଟା ପୂର୍ବରୁ ୨୦୨୨-୨୩ ଆର୍ଥିକ ବର୍ଷର ଇକୋନୋମିକ୍ ସର୍ଭେ ରିପୋର୍ଟ ଜାରି କରାଯାଇଛି। ସିଇଏ ଭି. ଅନନ୍ତ ନାଗେଶ୍ୱରନ୍ ମଙ୍ଗଳବାର ଅପରାହ୍ନ ୨ଟାରେ ସର୍ଭେ ରିପୋର୍ଟ ସମ୍ପର୍କରେ ଗଣମାଧ୍ୟମ ଆଗରେ ବିସ୍ତୃତ ବିବରଣୀ ରଖିଛନ୍ତି। ଏହି ଅବସରରେ ଡ. ନାଗେଶ୍ୱରନ୍ କହିଛନ୍ତି, ଅର୍ଥ ବ୍ୟବସ୍ଥାରେ ମନ୍ଥରତାକୁ ନେଇ ଭାରତ ଚିନ୍ତିତ ହେବା ଅନାବଶ୍ୟକ। ସରକାର ୬.୪% ବିତ୍ତୀୟ ନିଅଣ୍ଟ ଦିଗରେ ଅଗ୍ରସର ହେଉଛନ୍ତି। ୨୦୨୨ ଏପ୍ରିଲରୁ ନଭେମ୍ବର ମଧ୍ୟରେ ସକଳ ଟିକସ ରାଜସ୍ୱରେ ୧୫.୫% ଅଭିବୃଦ୍ଧି ଦେଖିବାକୁ ମିଳିଛି। ୨୦୨୩ ଆର୍ଥିକ ବର୍ଷର ପ୍ରଥମ ୩ଟି ତ୍ରୈମାସିକରେ ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ବାବଦକୁ ୧୩.୪୦ ଲକ୍ଷ କୋଟି ଟଙ୍କା ରାଜସ୍ୱ ସଂଗ୍ରହ କରାଯାଇଛି। ସେ ଆହୁରି କହିଛନ୍ତି ଯେ, ୨୦୨୨ ଆର୍ଥିକ ବର୍ଷରେ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜିନିବେଶ (ଏଫ୍‌ଡିଆଇ) ପ୍ରବାହ ୨୧. ୩ ବିଲିୟନ୍ ଡଲାର ଥିଲା, ଯାହାକି ପୂର୍ବବର୍ଷ ତୁଳନାରେ ୭୬% ଅଧିକ। ଭାରତୀୟ ଫାର୍ମାସ୍ୟୁଟିକାଲ୍ ରପ୍ତାନି ୨୦୨୧ରେ ୨୪% ବୃଦ୍ଧି ହୋଇଥିବାବେଳେ ୨୦୨୨ ପର୍ଯ୍ୟନ୍ତ ଫାର୍ମା ସେକ୍ଟର ୨୦ ବିଲିୟନ୍ ଡଲାରରୁ ଅଧିକ ବିଦେଶୀ ନିବେଶ ପାଇଛି। ଅନ୍ତର୍ଜାତୀୟ ବଜାରରେ ତୈଳ ଦର ବ୍ୟାରେଲ୍ ପିଛା ୧୦୦ ଡଲାର ତଳେ ରହିଥିବା ପର୍ଯ୍ୟନ୍ତ ଆକଳନ କରାଯାଇଥିବା ଅଭିବୃଦ୍ଧି ପ୍ରତି କୌଣସି ସଙ୍କଟ ଦେଖାଯାଉ ନାହିଁ। ୨୦୨୩-୨୪ ଆର୍ଥିକ ବର୍ଷରେ ଭାରତରେ ମୁଦ୍ରାସ୍ଫୀତି ବଡ଼ ଚିନ୍ତାର କାରଣ ପାଲଟି ନ ପାରେ।



ସିଇଏ ଭି. ଅନନ୍ତ ନାଗେଶ୍ୱରନ (ମଝି) ମଙ୍ଗଳବାର ଇକୋନୋମିକ୍ ସର୍ଭେ ପୁସ୍ତିକା ଉନ୍ମୋଚନ କରୁଛନ୍ତି।

## ଓଡ଼ିଶାରେ ୧୦୦% ହୋଇ ନାହିଁ ଟେଲି ସଂଯୋଗ



ଓଡ଼ିଶା ଅଦ୍ୟାବଧି ୧୦୦% ଟେଲି ସାନ୍ଦ୍ରତା ହାସଲ କରିପାରି ନାହିଁ। ତେଣୁ ରାଜ୍ୟରେ ଟେଲି ଯୋଗାଯୋଗ କ୍ଷେତ୍ରକୁ ବିଶେଷ ଧ୍ୟାନ ଦେବା ଜରୁରୀ ହୋଇଛି। ଦେଶରେ ଟେଲି-ସାନ୍ଦ୍ରତା ହାରାହାରି ୮୪.୮% ଥିବାବେଳେ ଓଡ଼ିଶାରେ ଜାତୀୟ ହାରଠାରୁ ବହୁ ତଳେ ରହିଛି ବୋଲି ମଙ୍ଗଳବାର ପାର୍ଲାମେଣ୍ଟରେ ଉପସ୍ଥାପିତ ଇକୋନୋମିକ୍ ସର୍ଭେ ରିପୋର୍ଟରେ ପ୍ରକାଶ ପାଇଛି।

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ସର୍ଭେ ରିପୋର୍ଟ ଉପସ୍ଥାପନ ବେଳେ କହିଛନ୍ତି, ୨୦୧୯ରେ ଓଡ଼ିଶାର ସହରାଞ୍ଚଳ ତୁଳନାରେ ଗ୍ରାମାଞ୍ଚଳରେ ଇଣ୍ଟରନେଟ୍ ବ୍ୟବହାରକାରୀଙ୍କ ସଂଖ୍ୟାରେ ୫୦%ରୁ ଅଧିକ ବୃଦ୍ଧି ଦେଖିବାକୁ ମିଳିଥିଲା। ସର୍ଭେ ଅନୁଯାୟୀ ୨୦୨୨ ନଭେମ୍ବର ସୁଦ୍ଧା ଭାରତରେ ଟେଲିଫୋନ୍ ବ୍ୟବହାରକାରୀଙ୍କ ମୋଟ ସଂଖ୍ୟା ୧୧୭ କୋଟି ଥିଲା। ସେମାନଙ୍କ ମଧ୍ୟରୁ ୯୭% ବା ୧୧୪.୩ କୋଟି ୱେରଲେସ୍ ଜରିଆରେ ଯୋଗାଯୋଗ କରିଥାନ୍ତି। ୨୦୨୨ ଜୁନ୍ ସୁଦ୍ଧା ଦେଶର ୮୩.୭ କୋଟି ଲୋକଙ୍କ ପାଖରେ ଇଣ୍ଟରନେଟ୍ ସଂଯୋଗ ବ୍ୟବସ୍ଥା ରହିଥିଲା। ଦେଶର ମୋଟ ଟେଲି ଡେନ୍‌ସିଟି ୮୪.୮%। ବିଭିନ୍ନ ରାଜ୍ୟରେ ଏହି ହାରରେ ବଡ଼ ବ୍ୟବଧାନ ଦେଖିବାକୁ ମିଳିଛି। ବିହାରରେ ଟେଲି-ଡେନ୍‌ସିଟି ୫୫.୪% ଥିବାବେଳେ ଦିଲ୍ଲୀରେ ୨୭୦.୬% ରହିଛି। ୮ ଲାଇସେନ୍ସ ଏରିଆ ସର୍ଭିସ୍ ରାଜ୍ୟରେ ଟେଲି-ସାନ୍ଦ୍ରତା ୧୦୦%ରୁ ଅଧିକ ରହିଥିବା ଉକ୍ତ ରିପୋର୍ଟରେ ଦର୍ଶାଯାଇଛି। ଚଳିତବର୍ଷ ଓଡ଼ିଶାର ଗ୍ରାମାଞ୍ଚଳରେ ସହରାଞ୍ଚଳ ତୁଳନାରେ ଖାଦ୍ୟର ଦରଦାମ୍ ସାଙ୍ଗକୁ ମୁଦ୍ରାସ୍ଫୀତି ଅଧିକ ରହିଛି। ରାଜ୍ୟର ଖୁଚୁରା ମୁଦ୍ରାସ୍ଫୀତି ୨୦୨୩ ଆର୍ଥିକ ବର୍ଷରେ ୭% ରହିଥିବା ସର୍ବେକ୍ଷଣରେ ରେଖାଙ୍କିତ କରାଯାଇଛି। ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା ଅଧୀନରେ ୨୦୧୭ରେ ଓଡ଼ିଶାକୁ ୨୨୨% ସୁବିଧା ଦିଆଯାଇଥିଲା।

# ଭାରତର ମୁଦ୍ରାସ୍ଫୀତି ୫%କୁ ଖସିବ: ଆଇଏମ୍‌ଏଫ୍

ନୂଆଦିଲ୍ଲୀ,୩୧।୧

ଭାରତର ମୁଦ୍ରାସ୍ଫୀତି ୨୦୨୩ରେ ୫% ଏବଂ ୨୦୨୪ରେ ୪%କୁ ଖସିବ ବୋଲି ମଙ୍ଗଳବାର ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇଏମ୍‌ଏଫ୍) କହିଛି। ଆଇଏମ୍‌ଏଫ୍ ପକ୍ଷରୁ ଜାରି ୱାର୍ଲ୍ଡ ଇକୋନୋମିକ୍ ଆଉଟ୍‌ଲୁକ୍‌ରେ ଦର୍ଶାଯାଇଛି ଯେ, ପ୍ରାୟ ୮୪% ଦେଶରେ ଉପଭୋକ୍ତା ମୂଲ୍ୟ ସୂଚକାଙ୍କ (କଞ୍ଜୁମର ପ୍ରାଇସ୍ ଇଣ୍ଡେକ୍ସ) ୨୦୨୨ ତୁଳନାରେ ୨୦୨୩ରେ ହ୍ରାସ ପାଇପାରେ। ଭାରତରେ ମାର୍ଚ୍ଚ ୩୧ରେ ଶେଷ ହେଉଥିବା ଚଳିତ ଆର୍ଥିକ ବର୍ଷରେ ମୁଦ୍ରାସ୍ଫୀତି ୬.୮%କୁ ଖସିପାରେ। କେବଳ ଏତିକି ନୁହେଁ, ଏହି ହାର ୨୦୨୩ରେ ୫% ଏବଂ ୨୦୨୪ରେ ୪%କୁ ଖସିପାରେ ବୋଲି ଆଇଏମ୍‌ଏଫ୍ ଅଧୀନ ରିସର୍ଚ୍ଚ ଡିପାର୍ଟମେଣ୍ଟର ଡିଭିଜନ୍ ଚିଫ୍ ଡାନିଏଲ୍ ଲେଇଘ ଗଣମାଧ୍ୟମକୁ କହିଛନ୍ତି।




ଆଇଏମ୍‌ଏଫ୍‌ର ଆକଳନ ଅନୁସାରେ ବୈଶ୍ୱିକ ଅଭିବୃଦ୍ଧି ୨୦୨୨ରେ ୩.୪% ରହିବା ଅନୁମାନ କରାଯାଇଥିଲା। ୨୦୨୩ରେ ଏହା ୨.୯% ରହିବ ଏବଂ ୨୦୨୪ରେ ପୁଣି ୩.୧ ପ୍ରତିଶତକୁ ବୃଦ୍ଧି ପାଇବ। ତେବେ ଭାରତକୁ ନେଇ ଅଭିବୃଦ୍ଧି ଆକଳନ ଅପରିବର୍ତ୍ତିତ ରହିଛି। ଚଳିତ ଆର୍ଥିକ ବର୍ଷରେ ଭାରତର ଅଭିବୃଦ୍ଧି ୬.୮% ରହିବା ନେଇ ଅନୁମାନ କରାଯାଇଥିଲା। ଆଗାମୀ ଆର୍ଥିକ ବର୍ଷରେ ଏହା ୬.୧% ରହିପାରେ।

## ବଢ଼ିପାରେ କରେଣ୍ଟ ଆକାଉଣ୍ଟ ଡେଫିସିଟ୍

ଇକୋନୋମିକ୍ ସର୍ଭେରେ କୁହାଯାଇଛି ଯେ, ଗ୍ଲୋବାଲ୍ କୋମୋଡିଟି ପ୍ରାଇସ୍ ବହୁ ଉଚ୍ଚକୁ ଛୁଇଁଛି। ଏଥିଯୋଗୁ ଆଗକୁ କରେଣ୍ଟ ଆକାଉଣ୍ଟ ଡେଫିସିଟ୍ (ସିଏଡି) ବଢ଼ିପାରେ। କିନ୍ତୁ ଆର୍ଥିକ ଅଭିବୃଦ୍ଧିର ଗତି ଉପରେ ଏହାର ପ୍ରଭାବ ପଡ଼ିବ ନାହିଁ। ସିଏଡି ବଢ଼ିଲେ ଟଙ୍କା ଉପରେ ଡେପ୍ରିସିଏଶନ୍ ଚାପ ସୃଷ୍ଟି ହୋଇପାରେ।

## ପିପିପିରେ ଭାରତ ତୃତୀୟ ବୃହତ୍ ଅର୍ଥନୀତି

ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ପାର୍ଲାମେଣ୍ଟରେ ଉପସ୍ଥାପନ କରିଥିବା ଇକୋନୋମିକ୍ ସର୍ଭେରେ କୁହାଯାଇଛି ଯେ, ପର୍‌ଚେଜିଂ ପାୱାର୍ ପ୍ୟାରିଟି (ପିପିପି) କ୍ଷେତ୍ରରେ ଭାରତ ହେଉଛି ବିଶ୍ୱର ତୃତୀୟ ବୃହତ୍ ଅର୍ଥନୀତି। ଏକ୍ସଚେଞ୍ଜ ରେଟ୍ କ୍ଷେତ୍ରରେ ପଞ୍ଚମ ସ୍ଥାନରେ ଭାରତ ରହିଛି। ଅଧିକାଂଶ ଅର୍ଥ ବ୍ୟବସ୍ଥା ତୁଳନାରେ ଆମ ଦେଶ ଚ୍ୟାଲେଞ୍ଜଗୁଡ଼ିକୁ ମୁକାବିଲା କରିବାରେ ଅଧିକ ସଫଳ ହୋଇଛି।

## ରୁଷିଆ-ୟୁକ୍ରେନ୍ ସଂଘର୍ଷ ଚାପ ବଢ଼ାଇଛି

ପୂର୍ବରୁ କୋଭିଡ୍ ମହାମାରୀଜନିତ ପ୍ରଭାବରୁ ନିସ୍ତାର ମିଳି ନ ଥିବାବେଳେ ୨୦୨୨ ଫେବୃୟାରୀ ୨୪ରେ ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣ ପରଠୁ ବିଶ୍ୱବ୍ୟାପୀ ଯୋଗାଣ ଶୃଙ୍ଖଳ ବାଧାପ୍ରାପ୍ତ ହୋଇଛି। ଫଳରେ ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକର ଦରଦାମ୍ ବଢ଼ିଚାଲିଛି। ଭାରତ ଉପରେ ମଧ୍ୟ ଏହାର ପ୍ରଭାବ ପଡ଼ିଛି। ଏହାସତ୍ତ୍ୱେ ଦରଦାମ୍ ନିୟନ୍ତ୍ରଣ ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ମୁଦ୍ରାନୀତି ବୈଠକରେ ସୁଧ ହାର ବୃଦ୍ଧି ନିଷ୍ପତ୍ତି ନେବାକୁ ପଡ଼ିଛି।

ଫୁରସତ୍

# ଇ-ସିଗାରେଟ୍ କବଳରେ ଶିକ୍ଷିତ ଯୁବପିଢ଼ି

ମୁମ୍ବାଇ

ଇ-ସିଗାରେଟ୍‌କୁ ୨୦୧୯ରୁ ଭାରତ ସରକାରଙ୍କ ପକ୍ଷରୁ ନିଷିଦ୍ଧ ଘୋଷଣା କରାଯାଇଛି। କିନ୍ତୁ ଏହା ସତ୍ତ୍ୱେ ଦେଶର ଶିକ୍ଷିତ ଯୁବପିଢ଼ି ଇ-ସିଗାରେଟ୍‌ର ବହୁଳ ବ୍ୟବହାର କରିବାରେ ଲାଗିଥିବା 'ଦ ଜର୍ଜ ଇନ୍‌ଷ୍ଟିଚ୍ୟୁଟ ଫର୍ ଗ୍ଲୋବାଲ ହେଲ୍‌ଥ' ପକ୍ଷରୁ କରାଯାଇଥିବା ଅଧ୍ୟୟନ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଅନ୍‌ଲାଇନ୍‌ରେ ଇ-ସିଗାରେଟ୍ ସହଜରେ ଉପଲବ୍ଧ ହେଉଥିବାବେଳେ ବ୍ୟାନ୍ ସତ୍ତ୍ୱେ ବହୁ ଦୋକାନୀ ଏହାକୁ ନିଜ ପାଖରେ ମହଜୁଦ ରଖୁଛନ୍ତି। ସାଧାରଣ ସିଗାରେଟରେ ବ୍ୟବହାର ହେଉଥିବା ତମାଖୁ ଇ-ସିଗାରେଟ୍‌ରେ ମଧ୍ୟ ରହିଥାଏ। ଯେଉଁମାନେ ସିଗାରେଟ ଟାଣିବାକୁ ପସନ୍ଦ କରନ୍ତି, ସେମାନଙ୍କ ପକ୍ଷରେ ଇ-ସିଗାରେଟ୍‌କୁ ବ୍ୟବହାର କରିବା ସହଜ ବୋଲି ଜଣାଯାଉଛି। ପାରେଲସ୍ଥିତ ଟାଟା ମେମୋରିଆଲ୍ ହସ୍ପିଟାଲର କ୍ୟାନ୍‌ସର ସର୍ଜନ ଡା. ପଙ୍କଜ ଚତୁର୍ବେଦୀଙ୍କ ମତରେ, ସିଗାରେଟ୍‌ରେ ଥିବା ନିକୋଟିନ୍ ମନୁଷ୍ୟ ଶରୀର ପକ୍ଷେ କ୍ଷତିକାରକ। ସିଗାରେଟ୍ ଟାଣିବାରେ ଅଭ୍ୟସ୍ତ ବ୍ୟକ୍ତିମାନଙ୍କୁ ଏହା ବୁଝିବା ନିହାତି ଆବଶ୍ୟକ। ସେମାନେ ଜାଣିଶୁଣି ନିଜ ଜୀବନକୁ ବିପଦମୁଖକୁ ଠେଲି ଦେଉଛନ୍ତି। ଇ-ସିଗାରେଟ୍‌କୁ ନିଷିଦ୍ଧ ଘୋଷଣା କରିବା ପରେ ଏହାର ଚୋରାବିକ୍ରି ରୋକିବା ରାଜ୍ୟ ସରକାରଙ୍କ ଦାୟିତ୍ୱ। ଜର୍ନାଲ ଅଫ୍ ପ୍ରିଭେଣ୍ଟିଭ୍ ମେଡିସିନ୍‌ରେ ପ୍ରକାଶ ପାଇଥିବା ଏହି ଅଧ୍ୟୟନ ରିପୋର୍ଟ ଅନୁସାରେ, ୮୪୦ ଶିକ୍ଷିତ ଯୁବପିଢ଼ିଙ୍କୁ ଏଥିରେ ସାମିଲ କରାଯାଇଛି। ସେମାନଙ୍କ ମଧ୍ୟରୁ ୨୩% ଯୁବପିଢ଼ି ଇ-ସିଗାରେଟ୍ ବ୍ୟବହାର କରୁଥିବାବେଳେ ୮% ନିୟମିତ ରୂପରେ ଏହାକୁ ୟୁଜ୍ କରୁଛନ୍ତି। ମନୁଷ୍ୟ ଶରୀର ପାଇଁ ଇ-ସିଗାରେଟ୍ ନାକାରତ୍ମକ ପ୍ରଭାବ ପକାଉଥିବାବେଳେ ବିଷାକ୍ତ କେମିକାଲ ଏଥିରେ ରହିଛି। ଇ-ସିଗାରେଟ୍‌ର ବହୁଳ ବ୍ୟବହାରକୁ ରୋକା ନ ଗଲେ ଯୁବପିଢ଼ିଙ୍କ ଲାଗି ଏହା ଆଗାମୀ ଦିନରେ ମାରାତ୍ମକ ସାବ୍ୟସ୍ତ ହେବ।



## ଯୌନ ରୋଗରୁ ରକ୍ଷା ପାଇଁ ଗର୍ଭନିରୋଧକ ବଣ୍ଟନ

ବ୍ୟାଙ୍କକ

ବର୍ତ୍ତମାନ ସମୟରେ ଅନେକ ଯୁବତୀଯୁବକ ଅସୁରକ୍ଷିତ ଯୌନସମ୍ପର୍କ ରଖିବା ଫଳରେ ବହୁ ରୋଗର ସମ୍ମୁଖୀନ ହେଉଛନ୍ତି। ଏହିଭଳି ରୋଗରୁ ବର୍ତ୍ତିବା ପାଇଁ ଥାଇଲାଣ୍ଡ ସରକାର ଏକ ଯୋଜନା ପ୍ରସ୍ତୁତ କରିଛନ୍ତି। ନିକଟରେ ପ୍ରେମୀଯୁଗଳଙ୍କ ପାଇଁ ସାପ୍ତାହିକ ପ୍ରେମ ଦିବସ ଆସୁଥିବାବେଳେ ସେମାନଙ୍କ ସୁରକ୍ଷିତ ଜୀବନ ପାଇଁ ମାଗଣାରେ ୯୫ ମିଲିୟନ୍ କଣ୍ଡୋମ ବଣ୍ଟନ ପାଇଁ ଯୋଜନା ରହିଛି। ଫେବୃୟାରୀ ୧ରୁ ସାର୍ବଜନୀନ ସ୍ୱାସ୍ଥ୍ୟକାର୍ଡଧାରୀଙ୍କୁ ଜଣକା ୧୦ଟି କଣ୍ଡୋମ ପ୍ରଦାନ କରାଯିବ। ରିପୋର୍ଟ ଅନୁସାରେ, ୨୦୨୧ରେ ଥାଇଲାଣ୍ଡରେ ଅସୁରକ୍ଷିତ ଯୌନ ସମ୍ପର୍କଜନିତ ରୋଗ ବୃଦ୍ଧି ପାଇଥିବା ଜଣାପଡିଛି। ପ୍ରତି ୧୦୦୦ରୁ ପ୍ରାୟ ୨୪.୪ ପ୍ରତିଶତ ୧୫ରୁ ୧୯ ବର୍ଷ ବୟସର ଥାଇଲାଣ୍ଡ ବାଳିକା ଗର୍ଭଧାରଣ କରୁଥିବା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ରିପୋର୍ଟରୁ ଜଣାପଡ଼ିଛି।

# ଟ୍ରୋଲ୍ ହେଲେ ଆଥିଆ

ମୁମ୍ବାଇ

ଗତ କିଛିଦିନ ତଳେ ବଲିଉଡ୍ ଅଭିନେତ୍ରୀ ଆଥିଆ ସେଟ୍ଟୀ କ୍ରିକେଟର କେ. ଏଲ୍. ରାହୁଲଙ୍କୁ ବିବାହ କରିଛନ୍ତି। ଆଥିଆଙ୍କ ବାପା ସୁନୀଲ ସେଟ୍ଟୀଙ୍କ ଖଣ୍ଡାଲା ବାଲା ଫାର୍ମ ହାଉସ୍‌ରେ ଦୁହେଁ ବିବାହ କରି ସାତ ଜନ୍ମର ସାଥୀ ହୋଇଛନ୍ତି। ଉକ୍ତ ନବଦମ୍ପତି ଏକ ସୋମବାର ରାତିରେ ଖାଇବା ପାଇଁ ବାହାରକୁ ବାହାରିଥିବା ଭିଡିଓ ନଜରକୁ ଆସିଛି। ବିବାହକୁ ସପ୍ତାହେ ବିତିଥିଲେ ମଧ୍ୟ ଆଥିଆ ନୂଆ ବିବାହ କରିଥିବା ଭଳି ଦେଖାଯାଉ ନ ଥିଲେ। ସେ ମୁଣ୍ଡରେ ସିନ୍ଦୂର କି ହାତରେ ସଙ୍ଖା ପିନ୍ଧି ନ ଥିଲେ। ଶାଢି କି ସାଲୱାର୍ ବଦଳରେ ଅଲଗା ଦିନ ଭଳି ଜିନ୍ସ ଏବଂ ଟି- ଶାର୍ଟରେ ନଜରକୁ ଆସିଛନ୍ତି। ଏହାକୁ ନେଇ ତାଙ୍କୁ ଟ୍ରୋଲ ହେବାକୁ ପଡ଼ିଛି। ଦର୍ଶକ ତାଙ୍କୁ ଦେଖି କମେଣ୍ଟ ମାରିଛନ୍ତି। ଜଣେ କହିଛନ୍ତି, ଆଥିଆ କେଉଁଆଡୁ ବି ନବବିବାହିତା ଭଳି ଦେଖାଯାଉନାହାନ୍ତି। ତେବେ ଏଥିରେ ଉଭୟ କୌଣସି ପ୍ରତିକ୍ରିୟା ରଖିନାହାନ୍ତି।



# ଦେଶ ସୁରକ୍ଷାରେ ତଟରକ୍ଷୀ ବାହିନୀ

**ଭାରତୀୟ ତଟରକ୍ଷୀ ବାହିନୀ ଦିବସ**

**ଦେ**ଶର ସୁରକ୍ଷାରେ ତଟରକ୍ଷୀ ବାହିନୀଙ୍କ କାର୍ଯ୍ୟ ବେଶ୍ ଗୁରୁତ୍ୱପୂର୍ଣ୍ଣ। ସେମାନଙ୍କ କାର୍ଯ୍ୟ ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ଫେବୃୟାରୀ ୧ରେ ଭାରତୀୟ ତଟରକ୍ଷୀ ବାହିନୀ ଦିବସ ପାଳନ କରାଯାଇଥାଏ। ଇଣ୍ଡିଆନ କୋଷ୍ଟଗାର୍ଡ ୧ ଫେବୃୟାରୀ ୨୦୨୩ରେ ଏହାର ୪୭ତମ ଦିବସ ପାଳନ କରୁଛି। ୧୯୭୮ରେ ମାତ୍ର ୭ ଭୂପୃଷ୍ଠ ପ୍ଲାଟଫର୍ମରୁ ଏକ ସାମାନ୍ୟ ଆରମ୍ଭ ହୋଇଥିବା ତଟରକ୍ଷୀ ବାହିନୀ ପାଖରେ ସମ୍ପ୍ରତି ୧୫୮ ଜାହାଜ ଏବଂ ୭୦ଟି ବିମାନ ସହିତ ଏକ ଶକ୍ତିଶାଳୀ ସୁରକ୍ଷାଶକ୍ତିରେ ପରିଣତ ହୋଇଛି। ୨୦୨୫ ସୁଦ୍ଧା ଏହା ୨୦୦ ଭୂପୃଷ୍ଠ ପ୍ଲାଟଫର୍ମ ଏବଂ ୮୦ ବିମାନ ହାସଲ କରିବା ଲକ୍ଷ୍ୟ ଧାର୍ଯ୍ୟ କରିଛି। ଭାରତୀୟ ତଟରକ୍ଷୀ ବାହିନୀ (ଆଇସିଜି) ୧ ଫେବୃୟାରୀ ୧୯୭୭ରେ ସୃଷ୍ଟି ହୋଇଥିଲା, ଯେଉଁଥିରେ ଦୁଇଟି ଛୋଟ କର୍ଭେଟ ଏବଂ ପାଞ୍ଚଟି ପାଟ୍ରୋଲିଂ ଡଙ୍ଗା ଭାରତୀୟ ନୌସେନାରୁ ସ୍ଥାନାନ୍ତରିତ ହୋଇଥିଲା। ଏହାର କର୍ତ୍ତବ୍ୟ ଏବଂ କାର୍ଯ୍ୟଗୁଡିକ ଆନୁଷ୍ଠାନିକ ଭାବରେ କୋଷ୍ଟଗାର୍ଡ ଅଧିନିୟମରେ ବ୍ୟାଖ୍ୟା କରାଯାଇଥିଲା, ଯାହା ଭାରତର ସଂସଦ ଦ୍ୱାରା ୧୮ ଅଗଷ୍ଟ ୧୯୭୮ରେ ପାରିତ ହୋଇଥିଲା। ସମ୍ପ୍ରତି ଭାରତୀୟ ତଟରକ୍ଷୀ ବାହିନୀରେ ୩ ପ୍ରଦୂଷଣ ନିୟନ୍ତ୍ରଣ ଜାହାଜ, ୨୭ଟି ଅଫଶୋର ପାଟ୍ରୋଲିଂ ଜାହାଜ, ୪୫ଟି ଦ୍ରୁତ ପାଟ୍ରୋଲିଂ ଜାହାଜ, ୮୨ଟି ପାଟ୍ରୋଲିଂ ଡଙ୍ଗା, ୧୪ଟି ପାଟ୍ରୋଲିଂ କ୍ରାଫ୍ଟ, ୧୮ ଓଭରକ୍ରାଫ୍ଟ, ୬୭ ଏୟାର କ୍ରାଫ୍ଟ ମୁତୟନ ଅଛନ୍ତି।

# ଶାର୍କ କିଣି ଖାଇବାରୁ ୧୫ ଲକ୍ଷ ଜରିମାନା

ବେଜିଂ

ଚାଇନାର ଜଣେ ମହିଳା ଫୁଡ୍ ବ୍ଲଗର୍ ବନ୍ୟପ୍ରାଣୀ ସଂରକ୍ଷଣ ଆଇନକୁ ଭାଙ୍ଗିଥିବାରୁ ୧ ଲକ୍ଷ ୨୫ ହଜାର ୟୁଆନ୍ ଅର୍ଥାତ୍ ୧୫ ଲକ୍ଷ ଟଙ୍କା ଜରିମାନା ଦେବାକୁ ପଡ଼ିଛି। ରିପୋର୍ଟ ଅନୁସାରେ, ଫୁଡ୍ ବ୍ଲଗର ବିଜି ଏକ ଭିଡିଓ ଶେୟାର କରିଛନ୍ତି। ସେଥିରେ ସେ ଗୋଟେ ବଡ଼ ଧଳା ଶାର୍କକୁ ୭ ହଜାର ୭୦୦ ୟୁଆନ୍ ଅର୍ଥାତ୍ ୯୩ ହଜାରରେ କିଣିଥିଲେ। ଶାର୍କର ଉଚ୍ଚତା ମହିଳାଙ୍କ ଉଚ୍ଚତା ୬ଫୁଟ ୬ ଇଞ୍ଚ ସହ ସମାନ ହେବ, ଯାହାକି ଚାଇନାର ବନ୍ୟପ୍ରାଣୀ ସଂରକ୍ଷଣ ଆଇନକୁ ପ୍ରଭାବିତ କରେ। ସେ ସେହି ଶାର୍କକୁ ବେଆଇନ ଭାବେ ଗତବର୍ଷ ଏପ୍ରିଲରେ କିଣି ଭିଡିଓ କରିଥିଲେ। ଯେଉଁଥିପାଇଁ ଜରିମାନା ଭରିବାକୁ ପଡ଼ିଛି।



## ସବୁଠୁ ବଡ଼ ଅଣ୍ଡରୱାଟର ସାଇକେଲ ପାର୍କିଂ

ଆମଷ୍ଟରଡାମ

ଆମଷ୍ଟରଡାମ ଏପରି ଏକ ସହର, ଯେଉଁଠାରେ ଲୋକେ ଯାତାୟାତ ପାଇଁ ସାଇକେଲର ବ୍ୟବହାର ବହୁଳ ମାତ୍ରାରେ କରିଥାନ୍ତି। ଏହି ସାଇକେଲ ସଂସ୍କୃତି ପାଇଁ ଦେଶରେ ଏହା ଖ୍ୟାତି ଅର୍ଜନ କରିପାରିଛି। ତେବେ ଏଥିନେଇ ଆଉ ଏକ ପାଦ ଆଗକୁ ବଢ଼ିଛି। ଏଠାରେ ଦୁନିଆର ସବୁଠାରୁ ବଡ଼ ଅଣ୍ଡରୱାଟର ସାଇକେଲ ପାର୍କିଂର ବ୍ୟବସ୍ଥା ହୋଇଛି। ଯେଉଁଠାରେ କି ୭ହଜାର ସାଇକେଲ୍ ପାର୍କିଂ କରିହେବ। ଏହି ୬୫ ମିଲିୟନ୍ ପ୍ରୋଜେକ୍ଟ ପାଇଁ ୪ ବର୍ଷ ସମୟ ଲାଗିଛି। ସହର ପ୍ରଦୂଷଣକୁ ବଞ୍ଚାଇବା ପାଇଁ ବାଇକ୍ ବଦଳରେ ସାଇକେଲ ବ୍ୟବହାର କରିବା ଏହି ପ୍ରୋଜେକ୍ଟର ମୂଳ ଲକ୍ଷ୍ୟ ରହିଛି। ଏହି ସାଇକେଲ ପାର୍କିଂ ସହରର ସେଣ୍ଟ୍ରାଲ ଷ୍ଟେଶନ ପାଖରେ ରହିଛି। ଯେଉଁଥିପାଇଁ ସେଣ୍ଟ୍ରାଲ ଷ୍ଟେଶନକୁ ଯିବାକୁ ସୁବିଧା ରହିଛି।






# ଭୁବନେଶ୍ୱରରୁ ଜାମଶେଦପୁର ବିମାନସେବା ଆରମ୍ଭ

**ଭୁବନେଶ୍ୱର, ୩୧।୧(ବ୍ୟୁରୋ)**



ଭୁବନେଶ୍ୱରରୁ ଝାଡ଼ଖଣ୍ଡର ଜାମଶେଦପୁରକୁ ଦୈନିକ ବିମାନସେବା ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ଇଣ୍ଡିଆୱାନ୍ ଏୟାର ପକ୍ଷରୁ ଏହି ସେବା ପ୍ରଦାନ କରାଯାଉଛି। ମଙ୍ଗଳବାର ସକାଳ ୭ଟା ୩୦ରେ ଏୟାରକ୍ରାଫ୍ଟ ଭିଟି-କେଏସ୍‌ଏସ୍ ଭୁବନେଶ୍ୱର ବିମାନବନ୍ଦରରୁ ଉଡ଼ାଣ ଶୁଭାରମ୍ଭ କରିଥିଲା। ଜାମଶେଦପୁରରେ ସକାଳ ୯ଟା ୨୦ରେ ପହଞ୍ଚିବା ପରେ ସେଠାରୁ ୧୦ଟା ୧୫ରେ ବାହାରି କୋଲକାତାରେ ୧୧ଟା ୨୦ରେ ପହଞ୍ଚିଥିଲା। ପୁଣି କୋଲକାତାରୁ ଅପରାହ୍ନ ୧୨ଟା ୧୦ରେ ଉଡ଼ାଣ ଭରି ଜାମଶେଦପୁରରେ ୧ଟା ୧୫ରେ ପହଞ୍ଚିବା ପରେ ସେଠାରୁ ୧ଟା ୫୫ରେ ବାହାରି ଭୁବନେଶ୍ୱରରେ ଅପରାହ୍ନ ୩ଟା ୪୫ରେ ଅବତରଣ କରିଥିଲା। ଭୁବନେଶ୍ୱରରୁ ଜାମଶେଦପୁର ଭଡ଼ା ୨,୯୯୯ଟଙ୍କା ରହିଥିବାବେଳେ ଜାମସେଦପୁରରୁ କୋଲକାତା ଭଡ଼ା ୧,୯୯୯ ଟଙ୍କା ରହିଛି। ତେବେ ବୁଧବାରଠାରୁ ଦୈନିକ ବିମାନ ଚଳାଚଳ ସମୟ ଅଲଗା ରହିଛି। ବୁଧବାରଠାରୁ ଏହା ଭୁବନେଶ୍ୱରରୁ ସକାଳ ୬ଟା ୩୦ରେ ବାହାରି ଜାମଶେଦପୁରରେ ୭ଟା ୫୦ରେ ପହଞ୍ଚିବ। ସେଠାରୁ ୮ଟା ୧୫ରେ କୋଲକାତା ଅଭିମୁଖେ ବାହାରି ୯ଟା ୨୦ରେ ପହଞ୍ଚିବ। କୋଲକାତାରୁ ପୁଣି ୧୦ଟା ୧୦ରେ ବାହାରି ଜାମଶେଦପୁରରେ ୧୧ଟା ୧୫ରେ ପହଞ୍ଚି ସେଠାରୁ ଅପରାହ୍ନ ୧୨ଟା ୪୫ରେ ଉଡ଼ାଣ କରି ଭୁବନେଶ୍ୱରରେ ୨ଟା ୫ରେ ଅବତରଣ କରିବ। ଏହି ବିମାନସେବା ଆରମ୍ଭ ହେବା ପରେ ଇଣ୍ଡିଆୱାନ ଏୟାର ନିର୍ଦ୍ଦେଶକ(କ୍ୱାଲିଟି) ସମ୍ବିତ କୁମାର ନାୟକ କହିଛନ୍ତି, ଓଡ଼ିଶାରେ ଦିନକୁ ଦିନ ବିମାନସେବା ବଢୁଛି। ଆମର ପ୍ରଥମ ବିମାନ ସେବା ଜୟପୁର ଓ ବିଶାଖାପାଟଣା ମଧ୍ୟରେ ହୋଇଥିଲା। ଏହାପରେ ଆମେ ଭୁବନେଶ୍ୱର-ଜାମଶେଦପୁର-କୋଲକାତା ବିମାନ ସେବା ଆରମ୍ଭ କରିଛୁ। ଆଗାମୀ ଦିନରେ ଏହି ବିମାନ ସେବାକୁ ପଶ୍ଚିମବଙ୍ଗର କୁଚ୍‌ବିହାର ପର୍ଯ୍ୟନ୍ତ ବୃଦ୍ଧି କରାଯିବ। ସେହିଭଳି ଆସନ୍ତା ମାସେ କିମ୍ବା ଦୁଇମାସ ଭିତରେ ଆମେ କଳାହାଣ୍ଡିର ଉତ୍କେଲା ଏୟାରପୋର୍ଟକୁ ଭୁବନେଶ୍ୱର ଓ ରାୟପୁରରୁ ବିମାନ ସେବା ଆରମ୍ଭ କରିବାକୁ ଯାଉଛୁ ବୋଲି ସେ କହିଛନ୍ତି।

# ଭିଜିଲାନ୍ସ ଜାଲରେ ଟିପିଏସ୍‌ଓଡିଏଲ୍‌ର ସିନିୟର୍ ଜିଏମ୍

## ଏକକାଳୀନ ୧୦ ସ୍ଥାନରେ ଚଢ଼ାଉ

**ବ୍ରହ୍ମପୁର ଅଫିସ,୩୧।୧**

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଟିପିଏସ୍‌ଓଡିଏଲ୍‌ର ଜଣେ ଉଚ୍ଚପଦସ୍ଥ ଅଧିକାରୀ ମଙ୍ଗଳବାର ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ଟିପିଏସ୍‌ଓଡିଏଲ୍ ବ୍ରହ୍ମପୁର ମୁଖ୍ୟାଳୟରେ ସିନିୟର୍ ଜେନେରାଲ୍ ମ୍ୟାନେଜର୍ ଭାବେ କାର୍ଯ୍ୟରତ ପ୍ରମୋଦ କୁମାର ଚୌଧୁରୀଙ୍କ ଘର ସମେତ ୧୦ ସ୍ଥାନରେ ଭିଜିଲାନ୍ସ ଟିମ୍ ଏକକାଳୀନ ଚଢ଼ାଉ କରିଛି।

ଭିଜିଲାନ୍ସ ଟିମ୍ ବ୍ରହ୍ମପୁର ସିଦ୍ଧାର୍ଥନଗର ପ୍ରଥମ ଲାଇନ୍‌ରେ ଥିବା ଚୌଧୁରୀଙ୍କ ୩ ମହଲା କୋଠା, ଆଙ୍କୋଲି ଶଶିଭୂଷଣନଗର ତୃତୀୟ ଲାଇନରେ ଥିବା ଦୁଇ ମହଲା କୋଠା, ଗୋପାଳପୁର ଥାନା ହରିପୁରସ୍ଥିତ ଦୁଇ ମହଲା ଘର, ଗଉଞ୍ଜୁସ୍ଥିତ ଫାର୍ମ ହାଉସ୍, ଲୋଚାପଡ଼ାସ୍ଥିତ ଘର, ପିପିଲିରେ ଏକ ଫ୍ଲାଟ୍, ଆମ୍ବପୁଆର ଏକ ଫ୍ଲାଟ୍, ବାଳକୃଷ୍ଣପୁରସ୍ଥିତ ପୈତୃକ ଘର, ଲୋଚାପଡ଼ା ରୋଡ଼ସ୍ଥିତ ମା' ଭୈରବୀ ଟ୍ରେଡର୍ସ ଅଫିସ୍ ଓ କୋର୍ଟପେଟା ଛକରେ ଥିବା କର୍ପୋରେଟ୍ ଅଫିସରେ ଚଢ଼ାଉ କରିଥିଲା। ବର୍ତ୍ତମାନ ସୁଦ୍ଧା ହୋଇଥିବା ଯାଞ୍ଚରେ ଜିଏମ୍ ଚୌଧୁରୀ ଓ ପରିବାରବର୍ଗଙ୍କ ନାମରେ ବ୍ରହ୍ମପୁର ଓ ଛତ୍ରପୁର ଅଞ୍ଚଳରେ ୯ଟି ପ୍ଲଟ୍ ରହିଥିବା ଜଣାପଡ଼ିଛି। ପାନକାପଲ୍ଲୀ, ଗୋଳାବନ୍ଧ, ଆରୁଆପଲ୍ଲୀ, ଅଗସ୍ତିନୂଆଁ, ଗଉଞ୍ଜୁ, ବାସନାପୁଟି, କନିଷିସ୍ଥିତ ମିଶ୍ରପଲ୍ଲୀ ଓ ଛତ୍ରପୁର ହୁମୁରି ମୌଜାରେ ଏସବୁ ପ୍ଲଟ୍ ରହିଛି। କୋଠା ଓ ଜମିର ମୂଲ୍ୟ ଯାଞ୍ଚ ଚାଲିଥିବା ବେଳେ ମୋଟ ୫୪ହଜାର ୯ଶହ ଟଙ୍କା ମିଳିଛି। ଚୌଧୁରୀଙ୍କ ନାମରେ ଗୋଟିଏ କାର୍, ଗୋଟିଏ ୩ ଚକିଆ ଗାଡ଼ି, ୩ଟି ଦୁଇଚକିଆ ଗାଡ଼ି ରହିଛି। ସୁନା ଗହଣା ଓ ବ୍ୟାଙ୍କ ଜମା ସମ୍ପର୍କରେ ଯାଞ୍ଚ ଚାଲିଛି। ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟର ଅନୁମତି କ୍ରମେ ଭିଜିଲାନ୍ସ ବିଭାଗର ଜଣେ ଏଏସ୍‌ପିଙ୍କ ନେତୃତ୍ୱରେ ଚଢ଼ାଉ କରାଯାଇଛି। ଚଢ଼ାଉରେ ୩ଜଣ ଡିଏସ୍‌ପି, ୧୨ ଇନ୍ସପେକ୍ଟର୍, ୧୨ ଏସ୍‌ଆଇ ଓ ଏଏସ୍‌ଆଇ ସହିତ ଜିଏସ୍‌ଟି ଅଧିକାରୀ ସାମିଲ ରହିଛନ୍ତି।






## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଖାଇ କରିଚି ଓଷା,
ଡୋଲିକ ଚାଉଳ ଓଲିକେ ଖାଇଲା;
ଦାନ୍ତ ଅଛି ଦରଘଷା।**

ଓଷା କଲେ ଉପାସ ରହି କିଛି କଷ୍ଟ ସହିବାକୁ ପଡ଼େ। ଖାଇବା, ପିଇବା କମ୍ କରାଯାଏ। କିନ୍ତୁ ଓଷାକୁ ତ୍ୟାଗ ଓ କଷ୍ଟର ସମୟ ବୋଲି ନ ଧରି ଆନନ୍ଦରେ ଅଧିକ ଖାଇପିଇ ଭଲ ପିନ୍ଧି ମଉଜ କରିବାର ମାନେ ଓଷା ନୁହେଁ, ଏହା ଏକ ଭଣ୍ଡାମି ହୋଇଥାଏ। ଏପରି କରିବା ଧର୍ମକୁ ଆଖିଠାର ମାରିବା ସଦୃଶ ହୋଇଥିବାବେଳେ ଓଷା ବ୍ରତ କରିବା ନାଁରେ ପେଟ ପୂରାଇ ଖାଉଥିବା ଟାଉକିମାନଙ୍କ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଅତି ଗଉରବ କଲେ,
କଲରା କାଞ୍ଜିକି ଟଙ୍କ ପଖାଳ
ଦହି ସୋଡ଼କାଏ ଦେଲେ।**

ବନ୍ଧୁ ଚର୍ଚ୍ଚା କରିବା ପାଇଁ କୁଣ୍ଠିତ ମନୋବୃତ୍ତି। ଦୁନିଆରେ ଏପରି କିଛି ବ୍ୟକ୍ତି ଅଛନ୍ତି, ଯେଉଁମାନେ ନିଜ ବନ୍ଧୁଙ୍କୁ ଇତର ଭଳି ବ୍ୟବହାର ଦେଖାଇଥାନ୍ତି। ଘରକୁ ସମାଗତ ବନ୍ଧୁଙ୍କୁ ଯତ୍‌କିଞ୍ଚିତ ଦେଇ ବୋଧ କରି ବିଦାୟ ଦେବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ପ୍ରେମିକାଙ୍କ ଆତ୍ମହତ୍ୟା, ନିଜ ବେକ କାଟିଦେଲେ ପ୍ରେମିକ

## ଗୁରୁତର ଅବସ୍ଥାରେ ପ୍ରେମିକଙ୍କୁ କୋରାପୁଟ ସ୍ଥାନାନ୍ତର

ପାପଡ଼ାହାଣ୍ଡି,୩୧।୧(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ଶିରିଶି ପଞ୍ଚାୟତ ସୋରିଷପଦର ଗ୍ରାମ ନିକଟ ଜଙ୍ଗଲରୁ ଜଣେ ଯୁବତୀଙ୍କ ମୃତଦେହ ମିଳିଛି। ମୃତଦେହ ନିକଟରେ ଜଣେ ଯୁବକ ନିଜ ବେକ କାଟି ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଗୁରୁତର ଅବସ୍ଥାରେ ଯୁବକଙ୍କୁ କୋରାପୁଟ ସ୍ଥାନାନ୍ତର କରାଯାଇଛି। ଯୁବକ ଜଣଙ୍କ ହେଲେ ତଣ୍ଡାଗୁଡ଼ା ଗ୍ରାମର କମଳସିଂ ଅମନାତ୍ୟ। ମୃତ ଯୁବତୀ ଓ ଯୁବକଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଥିଲା ବୋଲି ପାପଡ଼ାହାଣ୍ଡି ପୋଲିସ ସୂଚନା ଦେଇଛି। ପୋଲିସ ୨/୨୩ ରେ ଅପମୃତ୍ୟୁ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଛି। ପ୍ରେମିକା ଜଣକ ଗଛରେ ଝୁଲିବା ଦେଖି କମଳ ତାଙ୍କୁ ଗଛରୁ ଓହ୍ଲାଇବା ପରେ ନିଜେ ବ୍ଲେଡ୍‌ରେ ବେକ କାଟିଥିବା ପାପଡ଼ାହାଣ୍ଡି ଥାନାଧିକାରୀ ଦୀପକ ଜେନା କହିଛନ୍ତି। ମାନସିକ ଭାରସାମ୍ୟ ହରାଇ ସେ ଏପରି କରିଥାଇପାରନ୍ତି ବୋଲି ପୋଲିସ କହିଛି। ସୋମବାରଠାରୁ ଯୁବତୀ ଜଣଙ୍କ ନିଖୋଜ ଥିଲେ ବୋଲି ତାଙ୍କ ପରିବାର ଲୋକେ କହିଛନ୍ତି।

କମଳସିଂଙ୍କର ପାପଡ଼ାହାଣ୍ଡି ଥାନା ଅଞ୍ଚଳର ଜଣେ ଯୁବତୀଙ୍କ ସହ ପ୍ରେମ ସମ୍ପର୍କ ଥିଲା। ଉଭୟ ତଣ୍ଡାଗୁଡା ଗ୍ରାମରେ ଏକ ସିମେଣ୍ଟ ତିଆରି ଦୋକାନରେ କାମ କରୁଥିଲେ। ମଙ୍ଗଳବାର ଜଙ୍ଗଲରୁ ଜଣେ ଯୁବତୀଙ୍କ ମୃତଦେହ ଓ ଜଣେ ରକ୍ତ ଜୁଡୁବୁଡୁ ଯୁବକଙ୍କୁ ଦେଖି ଗ୍ରାମବାସୀ ପୋଲିସକୁ ଖବର ଦେଇଥିଲେ। ପୋଲିସ ଗୁରୁତର ଅବସ୍ଥାରେ କମଳସିଂଙ୍କୁ ଉଦ୍ଧାରକରି ପାପଡ଼ାହାଣ୍ଡି ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା କରାଇଥିଲା। ସେଠାରୁ ତାଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। କମଳସିଂ ଗୁରୁତର ଥିବାର ତାଙ୍କୁ କୋରାପୁଟ ପଠାଯାଇଛି। ନବରଙ୍ଗପୁର ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ କରାଯିବ। ପୋଲିସ ଏଏସ୍‌ଆଇ ଲାବଣ୍ୟ ବେମାଲ ନବରଙ୍ଗପୁର ମେଡିକାଲରେ ରହିଛନ୍ତି। ଏଏସ୍‌ଆଇ ହରିହର ଭତରା ସାଇଣ୍ଟିଫିକ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ।

# ବାଇକ୍‌କୁ ଧକ୍କାଦେଲା ଟ୍ରକ୍: ୩ ମୃତ

କୋଲାବିରା,୩୧।୧(ଡି.ଏନ.ଏ.)

ଝାରସୁଗୁଡ଼ା ଜିଲା କୋଲାବିରା ନିକଟ ୪୯ନଂ. ଜାତୀୟ ରାଜପଥର ସନ୍ନ୍ୟାସୀପାଲିଠାରେ ମଙ୍ଗଳବାର ଏକ ଅଜଣା ଟ୍ରକ୍ ଧକ୍କାରେ ବାଇକ୍‌ରେ ଆସୁଥିବା ତିନିଜଣ ସାଙ୍ଗଙ୍କ ଶୋଚନୀୟ ମୃତ୍ୟୁ ଘଟିଛି। ସମସ୍ତ ମୃତକ ବିହାର ରାଜ୍ୟର। ସେମାନେ ହେଲେ ବୁନୁ ରାଏ(୨୬), ଅଭିଜିତ ପାଣ୍ଡେ (୨୫) ଓ ଅମନ ରାଏ(୨୬)। ଅଭିଜିତ ସ୍ଥାନୀୟ ବେଦାନ୍ତ କମ୍ପାନୀରେ କାର୍ଯ୍ୟ କରୁଥିବାବେଳେ ସରବାହାଲ ଅଞ୍ଚଳରେ ରହନ୍ତି।

ସୂଚନା ଅନୁଯାୟୀ ଅଭିଜିତଙ୍କ ଦୁଇ ସାଙ୍ଗ ବୁନୁ ଓ ଅମନ ବୁଲିବାକୁ ଆସିଥିଲେ। ଅପରାହ୍ଣରେ ୩ ସାଙ୍ଗ ଏକ ବାଇକ୍‌ରେ କୌଣସି କାମରେ ଝାରସୁଗୁଡ଼ା ଯାଉଥିବାବେଳେ ବିପରୀତ ଦିଗରୁ ଆସୁଥିବା ଏକ ଟ୍ରକ୍ ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଦୁଇଜଣଙ୍କ ମୃତ୍ୟୁ ଘଟିଥିଲା। ଅନ୍ୟ ଜଣଙ୍କୁ ଗୁରୁତର ଅବସ୍ଥାରେ ଚିକିତ୍ସା ପାଇଁ ନିଆଯାଉଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା। ଦୁର୍ଘଟଣା ପରେ ଟ୍ରକ୍‌ଟି ଦ୍ରୁତ ଗତିରେ ଫେରାର ହୋଇଯାଇଥିଲା। ଏହି ସମୟରେ ସେଠାରେ ଥିବା ଅନ୍ୟ ଏକ ଗାଡ଼ିର ଚାଳକ ଦୁର୍ଘଟଣା ଘଟାଇଥିବା ଟ୍ରକ୍ ନଂ.ଓଡି୨୩ଡି-୩୦୮୨ ନୋଟ୍ କରି ବଡବାହାଲ ଛକଠାରେ ଥିବା ପୋଲିସ ସହାୟତା କେନ୍ଦ୍ରରେ ନିୟୋଜିତ ପୋଲିସ କର୍ମୀକୁ ଜଣାଇଥିଲେ।

# ଗାଡ଼ି ପଛରେ ବନ୍ଧା ହନୁମାନ ମୂର୍ତ୍ତି

## ପୁଣି ଠାକୁରଙ୍କୁ ଅସମ୍ମାନ

ପାଟଣା, ୩୧।୧ (ସ୍ୱ.ପ୍ର.)

ପୁଣି ଠାକୁରଙ୍କୁ ଅସମ୍ମାନ। ବାଲ୍ ହନୁମାନଙ୍କ ମୂର୍ତ୍ତିକୁ ଗାଡ଼ି ପଛରେ ବାନ୍ଧି ନେଲେ ଜଣେ ଦୋଳି ମାଲିକ। ଏହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଏଭଳି ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି କେନ୍ଦୁଝର ଜିଲା ପାଟଣା ସାହାରପଡ଼ା ଦେଇ ଯାଇଥିବା ୨୨୦ ନମ୍ବର ଜାତୀୟ ରାଜପଥର ବଡ଼ବିଲ ନିକଟରେ।

ମଙ୍ଗଳବାର ପୂର୍ବାହ୍ଣରେ ପାଟଣା ସାହାରପଡ଼ା ରାସ୍ତାରେ ମୟୂରଭଞ୍ଜ ଜିଲା କରଞ୍ଜିଆକୁ ଏକ ପିକ୍‌ଅପ୍ ଭ୍ୟାନ୍ ଯାଉଥିଲା। ଅନ୍ୟ ସାମଗ୍ରୀ ସହ ହନୁମାନ ମୂର୍ତ୍ତିକୁ ଉକ୍ତ ଗାଡ଼ି ପଛପାର୍ଶ୍ୱରେ ବାନ୍ଧି ନିଆଯାଉଥିଲା। ଜଣେ ଦୋଳି ମାଲିକ କରଞ୍ଜିଆକୁ ନେଇ ଯାଉଥିବା ଜଣାପଡ଼ିଛି। ଠାକୁରଙ୍କୁ ଏଭଳି ଦଉଡ଼ିରେ ବନ୍ଧାଯାଇଥିବାର ଦୃଶ୍ୟ ସାମ୍ନାକୁ ଆସିବା ପରେ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରକାଶଥାଉ କି, କିଛିମାସ ତଳେ ଏକ ପିକ୍‌ଅପ୍ ଭ୍ୟାନ୍‌ରେ ଗଦା ହୋଇଥିବା ବାଉଁଶ, କାଠ ଓ କପଡ଼ା ଉପରେ ମହାପ୍ରଭୁ ଜଗନ୍ନାଥଙ୍କ ମୂର୍ତ୍ତିକୁ ଲଦି ନିଆଯାଉଥିବାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ବାଲେଶ୍ୱରରୁ ଜଳେଶ୍ୱର ଯିବା ରାସ୍ତାରେ ଏହି ଘଟଣା ଘଟିଥିଲା। ଜଣେ ଟେଣ୍ଟ ମାଲିକ ଜଗନ୍ନାଥଙ୍କୁ ଏଭଳି ଭାବେ ଗାଡ଼ିରେ ନେଉଥିବାର ଦେଖିବାକୁ ମିଳିଥିଲା। ମହାପ୍ରଭୁଙ୍କୁ ଏଭଳି ଅସମ୍ମାନ କରି ନିଆଯିବାକୁ ନେଇ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ପରେ ଏପରି ଭୁଲ୍ ପାଇଁ ଟେଣ୍ଟ ମାଲିକ କ୍ଷମା ପ୍ରାର୍ଥନା କରିଥିଲେ।



ପିକ୍‌ଅପ୍ ଭ୍ୟାନ୍‌ରେ ହନୁମାନଙ୍କ ମୂର୍ତ୍ତି ବନ୍ଧାଯାଇଛି।

# ମହିଳାଙ୍କୁ ଗଣବଳାତ୍କାର ପରେ ହତ୍ୟା ସନ୍ଦେହ

ବାହାନଗା,୩୧।୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାହାନଗା ବ୍ଲକ କୋଟିଆକୁଇଲି ଗ୍ରାମର ଏକ ବିଲ ମଝିରୁ ବିବସ୍ତ୍ର ଅବସ୍ଥାରେ ଜଣେ ମହିଳାଙ୍କ ମୃତଦେହ ସୋର ପୋଲିସ୍ ଜବତ କରିଛି। ତାଙ୍କୁ ଗଣବଳାତ୍କାର ପରେ ଦୁର୍ବୃତ୍ତମାନେ ହତ୍ୟା କରିଥିବା ଗ୍ରାମବାସୀ ସନ୍ଦେହ କରୁଛନ୍ତି। ତଦନ୍ତ ପରେ ପ୍ରକୃତ ରହସ୍ୟ ପଦାକୁ ଆସିବ ବୋଲି ପୋଲିସ କହିଛି।

ପଞ୍ଚାୟତର ୧ନଂ. ୱାର୍ଡ ପଟଣାସାହିର ଜଗବନ୍ଧୁ ଶିଅଳଙ୍କ ସ୍ତ୍ରୀ ଜୟନ୍ତୀ ମଙ୍ଗଳବାର ଅପରାହ୍ଣରେ ନିଜ ଘରଠାରୁ ୨ କି.ମି. ଦୂରରେ ଥିବା ବିଲକୁ କାଠ ଓ ଗୋବର ଆଣିବା ପାଇଁ ଯାଉଛନ୍ତି ବୋଲି ନିଜ ଝିଅକୁ କହିଥିଲେ। ମାତ୍ର ସେଠାକୁ ଯାଇ ଘରକୁ ଆଉ ଫେରି ନ ଥିଲେ। ତେବେ ଜୟନ୍ତୀଙ୍କ ପୁଅ ବିଦ୍ୟାଳୟରୁ ଆସି ମା'ଙ୍କୁ ଖୋଜିବାରୁ ସେ ଜାଳ ପାଇଁ ଗହିରାଗଡିଆକୁ ଯାଇଛନ୍ତି ବୋଲି ବଡ଼ ଭଉଣୀ କହିଥିଲେ। ପୁଅ ମା'ଙ୍କୁ ଖୋଜିବା ପାଇଁ ବିଲକୁ ଯାଇଥିଲେ। ସେହି ସ୍ଥାନରେ ପହଞ୍ଚିବା ପରେ ତାଙ୍କ ମା'ଙ୍କ ମୃତଦେହ ବିବସ୍ତ୍ର ଅବସ୍ଥାରେ ପଡ଼ିଥିବା ଦେଖି ଡରିଯାଇ ଗ୍ରାମବାସୀଙ୍କୁ ଆସି କହିଥିଲେ। ଗ୍ରାମବାସୀ ପହଞ୍ଚି ଜୟନ୍ତୀ ମରି ପଡ଼ିଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ମହିଳାଙ୍କ ସ୍ୱାମୀ ଜଗବନ୍ଧୁ ବାଙ୍ଗାଲୋରରେ ଚାକିରି କରନ୍ତି। ମହିଳାଙ୍କୁ ଏକୁଟିଆ ପାଇ ବିଲରେ ବଳାତ୍କାର କରିବା ପରେ ଧରାପଡ଼ିଯିବା ଭୟରେ କେହି ଦୁର୍ବୃତ୍ତ ତାଙ୍କୁ ହତ୍ୟା କରିଥିବା ସୋର ପୋଲିସ ଅନୁମାନ କରୁଥିବା ସୂଚନା ଦେଇଛି।

# ସାଇବର ଅପରାଧ ରୋକିବାକୁ ବ୍ୟାପକ ହେବ ପ୍ରୟାସ

- ସବୁ ଥାନା ଅଞ୍ଚଳକୁ ଯିବ ୩୪ ସଚେତନତା ରଥ
- ୨୦୨୧ରେ ବଢ଼ିଥିଲା ୫.୯% ଅପରାଧ

ଭୁବନେଶ୍ୱର,୩୧।୧(ବ୍ୟୁରୋ)

ରାଜ୍ୟରେ ସାଇବର ଅପରାଧ ରୋକିବାକୁ ସରକାରୀସ୍ତରରେ କରାଯାଉଥିବା ପ୍ରୟାସକୁ ଆହୁରି ବ୍ୟାପକ କରାଯିବ। ଦୈନିକ ଅର୍ଥନୈତିକ ଅପରାଧ ସହ ମହିଳା ଓ ଶିଶୁଙ୍କ ଉପରେ ଯୌନଜନିତ ସାଇବର ଅପରାଧ ବୃଦ୍ଧି ପାଉଥିବାରୁ ଏଭଳି ପଦକ୍ଷେପ ଗ୍ରହଣ କରାଯିବ। ଏଥିନିମନ୍ତେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ମଙ୍ଗଳବାର ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଛି। ତୃଣମୂଳସ୍ତରରେ ସାଇବର ଅପରାଧ ନିରୋଧୀ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରିବା ଉପରେ ମୁଖ୍ୟ ଶାସନ ସଚିବ ଏହି ବୈଠକରେ ଗୁରୁତ୍ୱାରୋପ କରିଥିଲେ।

ବିଶେଷକରି ବୃଦ୍ଧାବୃଦ୍ଧ, ଛାତ୍ରୀଛାତ୍ର, ଆଶା ଓ ଅଙ୍ଗନୱାଡି କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାଙ୍କ ସମେତ ସବୁ ବର୍ଗଙ୍କୁ ଏହି ଅଭିଯାନରେ ସାମିଲ କରିବାକୁ ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଥିଲେ। ଏଥିନିମନ୍ତେ ୩୪ଟି ସଚେତନତା ରଥ ରାଜ୍ୟର ପ୍ରତ୍ୟେକ ଥାନା ଅଞ୍ଚଳକୁ ଗସ୍ତ କରି ଭିଡିଓ ଅଡିଓ ମାଧ୍ୟମରେ ସଚେତନତା ବାର୍ତ୍ତା ପ୍ରଦାନ କରିବ। ସ୍କୁଲ ଓ ଅଙ୍ଗନୱାଡି କେନ୍ଦ୍ର କାନ୍ଥରେ ପେଣ୍ଟିଂ ମାଧ୍ୟମରେ ଜନ ସଚେତନତା ସୃଷ୍ଟି କରାଯିବ। ଏପରିକି ବିଦ୍ୟାଳୟସ୍ତରରେ ଅଭିଭାବକ-ଶିକ୍ଷକଙ୍କ ବୈଠକରେ ସାଇବର କ୍ରାଇମ୍ ପ୍ରତି ସଚେତନ ରହିବାକୁ ଆଲୋଚନା ହେବ। ଅର୍ଥ ନେଣଦେଣ ପୂର୍ବରୁ ସତ୍ୟତା ଯାଞ୍ଚ କରିବା, ଅଜଣା ବ୍ୟକ୍ତିଙ୍କ ସହ ଅନାବଶ୍ୟକ ବନ୍ଧୁତା ରକ୍ଷା ନ କରିବା, ଅଜଣା ଏସ୍.ଏମ୍.ଏସ୍, ଲିଙ୍କ୍ କିମ୍ବା ସନ୍ଦେହାତ୍ମକ ଆପ୍ ଡାଉନଲୋଡ ନ କରିବା ଉପରେ ମୁଖ୍ୟତଃ ସଚେତନ କରାଯିବା ନେଇ ବୈଠକରେ ଆଲୋଚନା ହୋଇଥିଲା। ଉଭୟ ଅନ୍‌ଲାଇନ ଏବଂ ଅଫ୍‌ଲାଇନ ମାଧ୍ୟମରେ ମଧ୍ୟ ଏହି ଅଭିଯାନ ଜାରି ରହିବ। ବିଭିନ୍ନ ସାମାଜିକ ଗଣମାଧ୍ୟମରେ ନିୟମିତ ଭାବେ ସାଇବର ଅପରାଧ ନିୟନ୍ତ୍ରଣ ଜନିତ ବାର୍ତ୍ତା ପ୍ରଦାନ କରାଯିବ। ଏପରିକି ସଚେତନ ରହିବା ଏବଂ ସୁରକ୍ଷିତ ରହିବା-ସାଇବର ଅପରାଧ ମୁକ୍ତ ଓଡ଼ିଶା ଉପରେ ରୋଡ୍ ରନ, ସାଇକ୍ଲୋଥନ, ଶୋଭାଯାତ୍ରା, ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ବକ୍ତୃତା, ପ୍ରବନ୍ଧ, କୁଇଜ ପ୍ରତିଯୋଗିତା ମଧ୍ୟ କରାଯିବ। ଏଭଳି ଅଭିଯାନ ଆରମ୍ଭ କରିବାରେ ଓଡ଼ିଶା ହେଉଛି ଦେଶର ପ୍ରଥମ ରାଜ୍ୟ।

ସୂଚନାଯୋଗ୍ୟ ଦେଶରେ ୨୦୨୧ ମସିହାରେ ୫୨ ହଜାର ୯୭୫ ସାଇବର ମାମଲା ପଞ୍ଜୀକୃତ ହୋଇଥିଲା, ଯାହା ପୂର୍ବ ବର୍ଷ ଅପେକ୍ଷା ୫.୯ ପ୍ରତିଶତ ଅଧିକ। ସେହିଭଳି ଓଡ଼ିଶାରେ ୨୦୧୯ ମସିହାରେ ୧୪୮୫ଟି, ୨୦୨୦ରେ ୧୯୩୧ ଏବଂ ୨୦୨୧ରେ ୨୦୩୭ ସାଇବର ମାମଲା ରୁଜୁ ହୋଇଥିଲା। ଅନ୍ୟପକ୍ଷରେ ସାଇବର ହେଲ୍ପ ଡେସ୍କ ମାଧ୍ୟମରେ ରାଜ୍ୟରେ ୨୦୨୧ ମସିହାରେ ୩୪୦୨ ପିଟିଶନ ଗ୍ରହଣ କରାଯାଇଥିବା ବେଳେ ୨୦୨୨ ମସିହାରେ ୭୭୦୦ ପିଟିଶନ ଗ୍ରହଣ କରାଯାଇଛି। କୌଣସି ବ୍ୟକ୍ତି ସାଇବର ଜନିତ ଅପରାଧ ସମ୍ପର୍କରେ ଅଭିଯୋଗ କରିବାକୁ ହେଲେ ନଂ. ୧୯୩୦ ସହ ଯୋଗାଯୋଗ କରି ଅଭିଯୋଗ କରିପାରିବେ ବୋଲି କୁହାଯାଇଛି।

# ନିର୍ବାଚନ କମିଶନଙ୍କୁ ଅବଗତ କଲେ ବିଧାନସଭା ସଚିବ

## ଝାରସୁଗୁଡ଼ା ବିଧାୟକଙ୍କ ମୃତ୍ୟୁ

ଭୁବନେଶ୍ୱର,୩୧।୧(ବ୍ୟୁରୋ)

ଝାରସୁଗୁଡ଼ା ବିଧାୟକ ତଥା ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ଗତ ରବିବାର ଗୁଳିମାଡ଼ରେ ନିହତ ହୋଇଛନ୍ତି। ମଙ୍ଗଳବାର ଏ ନେଇ ବିଧାନସଭା ସଚିବାଳୟ ପକ୍ଷରୁ ବିଧିବଦ୍ଧ ଭାବେ ନିର୍ବାଚନ କମିଶନ ଓ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସମେତ ରାଜ୍ୟ ସଭା, ଲୋକ ସଭା, ଓଡ଼ିଶାର ସମସ୍ତ ବିଧାୟକ ଓ ଏମ୍‌ପିଙ୍କୁ ଏ ସମ୍ପର୍କରେ ଅବଗତ କରାଯାଇଛି। ବିଧାନସଭା ସଚିବାଳୟ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ଝାରସୁଗୁଡ଼ା ଜିଲାର ଝାରସୁଗୁଡ଼ା ବିଧାନସଭା ନିର୍ବାଚନମଣ୍ଡଳୀରୁ ନିର୍ବାଚିତ ନବ କିଶୋର ଦାସଙ୍କ ଦୁଃଖଦ ମୃତ୍ୟୁ ସମ୍ପର୍କରେ ବାଚସ୍ପତି ଘୋଷଣା କରିଛନ୍ତି। ନବ ୨୦୨୩ ଜାନୁୟାରୀ ୨୯ ତାରିଖ ରବିବାର ଶେଷନିଃଶ୍ୱାସ ତ୍ୟାଗ କରିଛନ୍ତି। ତାଙ୍କ ମୃତ୍ୟୁ ପାଇଁ ବିଧାନସଭାରେ ଗୋଟିଏ ଆସନ ଖାଲି ପଡ଼ିଛି। ବିଧାନସଭା ସଚିବ ଦାଶରଥି ଶତପଥୀଙ୍କ ଦସ୍ତଖତରେ ଜାରି ବିଜ୍ଞପ୍ତିରେ ନିର୍ବାଚନ କମିଶନଙ୍କ ସମେତ ରାଜ୍ୟ ସଭା ଓ ଲୋକ ସଭା ସଚିବାଳୟ, ଓଡ଼ିଶାର ସମସ୍ତ ବିଧାୟକ ଓ ଏମ୍‌ପି, କେନ୍ଦ୍ର ସରକାରଙ୍କ ସ୍ୱରାଷ୍ଟ୍ର ଓ ସଂସଦୀୟ ବ୍ୟାପାର ମନ୍ତ୍ରଣାଳୟ ସହ ରାଜ୍ୟ ସରକାରଙ୍କ ସମସ୍ତ ବିଭାଗକୁ ନବଙ୍କ ମୃତ୍ୟୁ ସମ୍ପର୍କରେ ଅବଗତ କରାଯାଇଛି।

# ୪ ବିମାନବନ୍ଦର ପାଇଁ ୫୦ ଅଗ୍ନିଶମ ପଦବୀକୁ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ

ଭୁବନେଶ୍ୱର,୩୧।୧(ବ୍ୟୁରୋ)

ଆଞ୍ଚଳିକ ଯୋଗାଯୋଗ ସ୍କିମ୍ (ଆର୍‌ସିଏସ୍)- ଉଡାନ ଯୋଜନାରେ ରାଜ୍ୟର ୪ଟି ବିମାନବନ୍ଦର ପାଇଁ ବିଭିନ୍ନ ର୍‌ୟାଙ୍କ୍‌ର ୫୦ଟି ଅଗ୍ନିଶମ ସେବା ପଦବୀକୁ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁମୋଦନ କରିଛନ୍ତି। ଉଡାନ ଯୋଜନାରେ ଥିବା ଝାରସୁଗୁଡ଼ା, ଉତ୍କେଲା, ରାଉରକେଲା ଏବଂ ଜୟପୁର ବିମାନବନ୍ଦରଗୁଡ଼ିକ ପାଇଁ ଏହି ପଦବୀ ସୃଷ୍ଟି କରାଯାଇଛି। ସମୁଦାୟ ୫୦ଟି ପଦବୀରୁ ଉତ୍କେଲା ଓ ଜୟପୁର ପାଇଁ ୯ ଜଣ ଲେଖାଏ ନିୟୋଜିତ ହେବାକୁ ଥିବାବେଳେ ଝାରସୁଗୁଡ଼ା ଓ ରାଉରକେଲା ପାଇଁ ୧୬ ଜଣ ଲେଖାଏ ଅଗ୍ନିଶମ ସେବା କର୍ମଚାରୀଙ୍କୁ ନିୟୋଜିତ କରାଯିବ। ଏଠାରେ ସୂଚନାଯୋଗ୍ୟ, ରାଜ୍ୟର କଟକ, ବ୍ରହ୍ମପୁର ଏବଂ ବୁର୍ଲା ମେଡିକାଲ କଲେଜ ଓ ହସ୍ପିଟାଲଠାରେ ୩ଟି ଦମକଳ କେନ୍ଦ୍ର କାର୍ଯ୍ୟକ୍ଷମ ହୋଇଛି। ଭଦ୍ରକ ଜିଲାର ତିହିଡି ଏବଂ ଯାଜପୁର ଜିଲାର ବାରୁଆଁଠାରେ ଦୁଇଟି ଦମକଳ କେନ୍ଦ୍ର ସ୍ଥାପନ କରାଯାଇଛି। ୨୦୨୨ ଡିସେମ୍ବରରେ ରାଉରକେଲା ବିମାନବନ୍ଦରରେ ୧୬ ଜଣ ଅଗ୍ନିଶମ କର୍ମଚାରୀଙ୍କୁ ନିଯୁକ୍ତ କରାଯାଇଛି।

ପ୍ରଥମ ପୃଷ୍ଠାରୁ...

## ଜିଡିପି ଅନୁମାନ...

କେନ୍ଦ୍ରୀୟ ବଜେଟରେ ସେକ୍ଟରଗୁଡ଼ିକ ସକାଶେ ପ୍ରଭାବଶାଳୀ ଢଙ୍ଗରେ ଆବଣ୍ଟନ ତଥା ରଣନୀତି ପ୍ରସ୍ତୁତି ପାଇଁ ସରକାରଙ୍କୁ ସହାୟକ ହୋଇଥାଏ। ଦେଶର ଜିଡିପି ଅଭିବୃଦ୍ଧିରେ ମୁଖ୍ୟ ଚ୍ୟାଲେଞ୍ଜଗୁଡ଼ିକୁ ଚିହ୍ନଟ କରିବା ପାଇଁ ମଧ୍ୟ ନୀତି ନିର୍ଦ୍ଧାରକମାନଙ୍କୁ ଇକୋନୋମିକ୍ ସର୍ଭେ ସାହାଯ୍ୟ କରିଥାଏ। ସରକାରଙ୍କ ପ୍ରଧାନ ଅର୍ଥନୈତିକ ପରାମର୍ଶଦାତା (ସିଇଏ) ଭି. ଅନନ୍ତ ନାଗେଶ୍ୱରମ୍‌ଙ୍କ ଦ୍ୱାରା ପ୍ରସ୍ତୁତ ଉକ୍ତ ଆର୍ଥିକ ଦସ୍ତାବିଜକୁ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ପାର୍ଲାମେଣ୍ଟରେ ଉପସ୍ଥାପନ କରିଛନ୍ତି। ବଜେଟ ଉପସ୍ଥାପନର ଦିନକ ପୂର୍ବରୁ ସରକାରଙ୍କ ପକ୍ଷରୁ ଜାରି କରାଯାଇଥିବା ଏହି ରିପୋର୍ଟରେ ଦର୍ଶାଯାଇଛି ଯେ, ୨୦୨୪ ବିତ୍ତୀୟ ବର୍ଷରେ ଦେଶର ଅଭିବୃଦ୍ଧି ୬.୫% ପର୍ଯ୍ୟନ୍ତ ରହିବ, ଯାହାକି ଚଳିତ ଆର୍ଥିକ ବର୍ଷ ୭% ରହିଥିଲା। ପୂର୍ବ ବର୍ଷ ତୁଳନାରେ ଏଥିରେ ହ୍ରାସ ଘଟିବା ନେଇ ଅନୁମାନ କରାଯାଇଥିଲେ ସୁଦ୍ଧା ଏହି ଗତି ଭାରତକୁ ଅନ୍ୟ ଦେଶଗୁଡ଼ିକ ତୁଳନାରେ ଦ୍ରୁତତମ ଅର୍ଥନୀତିରେ ପରିଣତ କରିବ ବୋଲି ଅର୍ଥନୈତିକ ସର୍ଭେରେ କୁହାଯାଇଛି।

ବିଶ୍ୱବ୍ୟାଙ୍କ, ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍ଏଫ୍) ଏବଂ ଏସିଆନ୍ ଡେଭେଲପ୍‌ମେଣ୍ଟ ବ୍ୟାଙ୍କ (ଏଡିବି) ଭଳି ଅନ୍ତର୍ଜାତୀୟ ବହୁପାକ୍ଷିକ ଏଜେନ୍ସି ସମେତ ଘରୋଇ ସ୍ତରରେ ଆର୍‌ବିଆଇର ଅନୁମାନକୁ ଭିତ୍ତିକରି ଏହି ଆକଳନ କରାଯାଇଛି। ରିଅଲ୍ ଜିଡିପି ୬%ରୁ ୬.୮% ରହିବା ନେଇ ସରକାର ଅନୁମାନ କରୁଥିଲେ ହେଁ ବୈଶ୍ୱିକ ଅର୍ଥନୈତିକ ଓ ରାଜନୈତିକ ଘଟଣାକ୍ରମର ପ୍ରଭାବ ଉପରେ ଏହା ନିର୍ଭର କରେ। ଏବେ ଜିଡିପି ହାର ୭% ତଳେ ରହିଛି। ଏଥିପାଇଁ କୋଭିଡ୍-୧୯ ମହାମାରୀ ଏବଂ ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣ ଫଳରେ ଯୋଗାଣ ଶୃଙ୍ଖଳରେ ସୃଷ୍ଟି ହୋଇଥିବା ଅଚଳାବସ୍ଥାକୁ ସରକାର ଦାୟୀ କରିପାରନ୍ତି। ଇକୋନୋମିକ୍ ସର୍ଭେରେ ଚାଇନାରେ ସାମ୍ପ୍ରତିକ ମହାମାରୀରେ ସଂକ୍ରମଣ ବୃଦ୍ଧିକୁ ମଧ୍ୟ ଦୋଷ ଦିଆଯାଇଛି।

ରିପୋର୍ଟରେ ଆହୁରି ଦର୍ଶାଯାଇଛି ଯେ, ଅଗ୍ରଣୀ ରାଷ୍ଟ୍ରଗୁଡ଼ିକ ମାନ୍ଦାବସ୍ଥା ଆଡ଼କୁ ମୁହାଁଉଥିବାବେଳେ ଭାରତକୁ ଅର୍ଥର ସ୍ରୋତ ଛୁଟିବ। କାରଣ ଭାରତର ମୁଦ୍ରାସ୍ଫୀତି ୬%ରୁ କମ୍ ରହିଛି। ମୁଦ୍ରାସ୍ଫୀତି ହାରରେ ହ୍ରାସ ଯୋଗୁ ଘରୋଇ କ୍ଷେତ୍ରରେ ପୁଞ୍ଜିନିବେଶ ବୃଦ୍ଧି ପାଇବ। ମାନ୍ଦାବସ୍ଥା ଭୟରେ ବୃହତ୍ ଟେକ୍ କମ୍ପାନୀଗୁଡ଼ିକ କିଛି ସପ୍ତାହ ହେଲା ଛଟେଇ କରୁଛନ୍ତି। ଭାରତର ସ୍ଥିତି ଅପେକ୍ଷାକୃତ ଭଲ ରହିଛି। ମହାମାରୀ ମୁକାବିଲାରେ ସରକାରଙ୍କ ସଫଳତା ଉଲ୍ଲେଖନୀୟ। ଦେଶର ଅଭିବୃଦ୍ଧିକୁ ଘରୋଇ ଚାହିଦା ଏବଂ ନିବେଶ ବୃଦ୍ଧି ବିଶେଷଭାବେ ସହାୟକ ହେବ। ୨୦୨୨ ଏପ୍ରିଲରେ ଦେଶର ଅଭିବୃଦ୍ଧି ସର୍ବାଧିକ ୭.୮% ରହିଥିଲା ବୋଲି ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଏସବୁ ସତ୍ତ୍ୱେ ଗ୍ଲୋବାଲ୍ ଫ୍ୟାକ୍ଟର୍ସରୁ ଆସୁଥିବା ବିପଦକୁ ଅଣଦେଖା କରାଯାଇପାରିବ ନାହିଁ। ମୁଦ୍ରାସ୍ଫୀତିର ଏକ ଦୀର୍ଘ ଅବଧି କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକୁ ଆର୍ଥିକ ସ୍ଥିତି ମଜଭୁତ ପାଇଁ ସୁଧହାର ବଢ଼ାଇବାକୁ ବାଧ୍ୟ କରିଛି। ଏହାର ପରିଣାମ ମଧ୍ୟ ସ୍ପଷ୍ଟ ଦୃଶ୍ୟମାନ ହେଲାଣି।

## ଆଶାରାମଙ୍କୁ ଆଜୀବନ...

ରଖିଥିଲେ। କ୍ଷତିପୂରଣ ବାବଦକୁ ଆଶାରାମ ପୀଡ଼ିତାଙ୍କୁ ୫୦,୦୦୦ ଟଙ୍କା ଦେବା ଲାଗି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ କୋର୍ଟ ଆଶାରାମଙ୍କ ଉପରେ ୨୩,୦୦୦ ଟଙ୍କାର ଜରିମାନା ଲଗାଇଛନ୍ତି। ପୀଡ଼ିତାଙ୍କ ଅଭିଯୋଗ ଅନୁଯାୟୀ ୨୦୦୧ରୁ ୨୦୦୬ ପର୍ଯ୍ୟନ୍ତ ସେ ଅହମ୍ମଦାବାଦସ୍ଥିତ ଆଶ୍ରମରେ ରହିବା ସମୟରେ ତାଙ୍କୁ ଆଶାରାମ ବଳାତ୍କାର କରିଥିଲେ। ମାମଲାରେ ପ୍ରମାଣ ଅଭାବରୁ ଆଶାରାମଙ୍କ ସ୍ତ୍ରୀ ଲକ୍ଷ୍ମୀଙ୍କ ସମେତ ୬ ଅନ୍ୟ ଅଭିଯୁକ୍ତଙ୍କୁ ଗାନ୍ଧୀନଗର ସେସନ୍ସ କୋର୍ଟ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି।

୨୦୧୩ ଅଗଷ୍ଟ ୧୫ରେ ଆଶାରାମଙ୍କ ବିରୋଧରେ ଯୋଧପୁରର ମାଣି ଗ୍ରାମରେ ଜଣେ ୧୬ ବର୍ଷୀୟା ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ ସାମ୍ନାକୁ ଆସିଥିଲା। ଏ ନେଇ ପୀଡ଼ିତାଙ୍କ ଅଭିଭାବକ ଦିଲ୍ଲୀ ଥାନାରେ ଜିରୋ ଏଫ୍‌ଆଇଆର୍ ଦାଏର କରିଥିଲେ। ଅଗଷ୍ଟ ୨୦ରେ ଏହି ମାମଲା ଜୋଧପୁର ଥାନାକୁ ସ୍ଥାନାନ୍ତର କରାଯାଇଥିଲା। ଅଗଷ୍ଟ ୩୧ରେ ଯୋଧପୁର ପୋଲିସ ଆଶାରାମଙ୍କୁ ଇନ୍ଦୋରରୁ ଗିରଫ କରିଥିଲା। ସେପ୍ଟେମ୍ବର ୧ରେ ଆଶାରାମଙ୍କୁ ଯୋଧପୁର ନିଆଗଲା। ସେହିବର୍ଷ ଅକ୍ଟୋବର ୬ରେ ସୁରଟର ଜଣେ ଶିଷ୍ୟା ଆଶାରାମ, ସ୍ତ୍ରୀ ଲକ୍ଷ୍ମୀ, ପୁଅ ନାରାୟଣ ସାଇ ଏବଂ ଝିଅଙ୍କ ସମେତ ୭ ଜଣଙ୍କ ବିରୋଧରେ ବଳାତ୍କାର ଓ ଜୋର ଜବରଦସ୍ତ ବନ୍ଦୀ କରି ରଖିବା ଅଭିଯୋଗ ଆଣିଥିଲେ। ୨୦୧୯ ଏପ୍ରିଲରେ ପୀଡ଼ିତାଙ୍କ ସାନଭଉଣୀଙ୍କୁ ବଳାତ୍କାର କରିବା ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହେବା ପରେ ଗୁଜରାଟର ଏକ କୋର୍ଟ ନାରାୟଣ ସାଇଙ୍କୁ ଆଜୀବନ ଜେଲଦଣ୍ଡ ଶୁଣାଇଥିଲା। ନଭେମ୍ବର ୬ରେ ଯୋଧପୁର ପୋଲିସ ଆଶାରାମଙ୍କ ବିରୋଧରେ ଚାର୍ଜଶିଟ୍ ଦାଖଲ କରିଥିଲା। ୨୦୧୮ ଏପ୍ରିଲ ୨୫ରେ ଯୋଧପୁରର ଏକ କୋର୍ଟ ନାବାଳିକାଙ୍କୁ ବଳାତ୍କାର ମାମଲାରେ ଆଶାରାମଙ୍କୁ ଦୋଷୀ ପ୍ରମାଣିତ କରି ଆଜୀବନ ଜେଲ ଦଣ୍ଡାଦେଶ ଶୁଣାଇଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି କର୍ମାରମ୍ଭରେ ସମସ୍ୟା ଦେଖାଦେବାର ଆଶଙ୍କା ରହିଛି। ସ୍ୱାଧୀନ ଭାବରେ କାର୍ଯ୍ୟ କରିବାରେ ସୁଯୋଗ ପାଇବେ କିନ୍ତୁ ସମାଲୋଚନାର ମୃଦୁଗୁଞ୍ଜରଣ ମଧ୍ୟ ଶୁଣିବାକୁ ମିଳିବ। ସ୍ୱାସ୍ଥ୍ୟ ଓ ପାରିବାରିକ ସ୍ଥିତିରେ ଆଂଶିକ ଉନ୍ନତି ଦେଖାଦେବ। ବନ୍ଧୁ ମିଳନ, ଦୂରଯାତ୍ରା, ଶୁଭକାର୍ଯ୍ୟରେ ସହଯୋଗ କରିପାରନ୍ତି।

**ବୃଷ**
ଚନ୍ଦ୍ରଙ୍କ ଶୁଭପ୍ରଭାବରୁ ହସିଲେ କଥା କହିବେ, ବନ୍ଧୁବର୍ଗ ପାଖେଇ ଆସିବେ। ଅନ୍ୟମାନଙ୍କ ମୁହଁରୁ ନିଜର ଆତ୍ମ ପ୍ରଶଂସା ଶୁଣି ଭାବ ବିଭୋର ହୋଇପାରନ୍ତି। ଏହାସଙ୍ଗକୁ ଅସୂୟାର ବଶବର୍ତ୍ତୀ ହୋଇ ପରୋକ୍ଷ ସମାଲୋଚନାରୁ ମଧ୍ୟ ରକ୍ଷା ମିଳି ନ ପାରେ ନାହିଁ। ଆନୁଷ୍ଠାନିକ କାର୍ଯ୍ୟ, ରଚନାତ୍ମକ କାର୍ଯ୍ୟ, ଗବେଷଣା ଓ ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ।

**ମିଥୁନ**
କର୍ମକ୍ଷେତ୍ରରେ ବନ୍ଧୁତା ରହିଥିବା ବ୍ୟକ୍ତିମାନଙ୍କ ଦ୍ୱାରା ପ୍ରତ୍ୟେକ କାମ କରାଇ ନେବେ। ସରକାରୀ କାମରେ ପ୍ରେରିତ ହୋଇ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ। ଶିଳ୍ପ, ବାଣିଜ୍ୟ, କଳ କାରଖାନା, ହୋଟେଲ, ରେଷ୍ଟୁରାଣ୍ଟ ବ୍ୟବସାୟରୁ ସୁଫଳ ପାଇବେ। ମାଙ୍ଗଳିକ କାର୍ଯ୍ୟର ଶୁଭ ସାହାନାଇରେ ମସ୍‌ଗୁଲ୍ ହୋଇପାରନ୍ତି।

**କର୍କଟ**
ଅନିଚ୍ଛା ସତ୍ତ୍ୱେ ପରିସ୍ଥିତିବଶତଃ ଖର୍ଚ୍ଚ ବୃଦ୍ଧି ପାଇବା ସଙ୍ଗକୁ ମାନସିକ ଶାନ୍ତି ହରାଇବେ। ଆଗମନାକାଂକ୍ଷୀ କୌଣସି ବ୍ୟକ୍ତିଙ୍କ ସକାଶେ ପ୍ରତୀକ୍ଷାଜନିତ କଷ୍ଟ ତୀବ୍ରତର ହୋଇପାରେ। ତରବରିଆ ଯାତ୍ରା କ୍ଷେତ୍ରରେ ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ କରିପାରନ୍ତି। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ।

**ସିଂହ**
ଆଜି କର୍ମଭାବସ୍ଥ ଚନ୍ଦ୍ରମଙ୍ଗଳ ଯୋଗରୁ ଅର୍ଥ ଓ ସମ୍ମାନ ଲାଭ ଘଟିବ। ଯାହାକୁ କିଛି କହିବେ ସେ ହିଁ ବାହାନା ଦେଖାଇ ଦୂରେଇ ଯିବା ବାଟ ଖୋଜିବ। ଆବଶ୍ୟକତା ପୂରଣ କରିବା ସକାଶେ ଧାରକରଜ କରି କାମକୁ ଚଳାଇ ନେବେ। ବ୍ୟବସାୟିକ କ୍ଷେତ୍ର, ମାଙ୍ଗଳିକକାମ, ଆଲୋଚନା ସଭା, ପ୍ରଶାସନ ଓ ରାଜନୈତିକ ସ୍ଥିତି ମଧ୍ୟମ ପ୍ରକାରର ରହିବ।

**କନ୍ୟା**
ଅଷ୍ଟମସ୍ଥ ରାହୁଜନିତ ମାନସିକ ସ୍ତରରେ ଅସ୍ଥିରତା ଅନୁଭବ କଲେ ମଧ୍ୟ କାମ ଅଟକିବ ନାହିଁ। ମାଙ୍ଗଳିକ କାମ ସକାଶେ ଘରେ ଆମୋଦ ପ୍ରମୋଦର ସୁଅ ଛୁଟିବ। ଅଫିସ୍‌ର କୌଣସି ଅତ୍ୟାବଶ୍ୟକୀୟ କାଗଜପତ୍ର ନ ପାଇ ବ୍ୟସ୍ତ ହୋଇପାରନ୍ତି। ଆଲୋଚନା ପରିସରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ।

**ତୁଳା**
କର୍ମାଧିପ ଦୁଃସ୍ଥାନସ୍ଥ ହେତୁ ଅଟକି ରହିଥିବା ଗୁରୁତ୍ୱପୂର୍ଣ୍ଣ କାମ ସକାଶେ ବ୍ୟସ୍ତତା ପ୍ରକାଶ ପାଇବ। ସୁବିଧା, ସୁଯୋଗ ବିଭିନ୍ନ ଦିଗରୁ ଆସି ଜୁଟିବ। ବାଣିଜ୍ୟାରମ୍ଭ, ଶୁଭ କାର୍ଯ୍ୟ ସମ୍ପାଦନ, ସତ୍‌ସଙ୍ଗ ମାନସିକ ସ୍ତରରେ ଆନନ୍ଦ ଅନୁଭବ କରାଇବ। ବ୍ୟବସାୟ, ପରିବହନ, ଶିଳ୍ପ, ପରିବହନାଦି ବାଧାପ୍ରାପ୍ତ ହେବ ନାହିଁ।

**ବିଛା**
ରାଶିକୁ କର୍ମାଧିପ ସହ ରାଶ୍ୟାଧିପ ଦେଖୁଥିବାରୁ ସମସ୍ତ କାମ ନିର୍ବିଘ୍ନରେ ସମାପନ ହେବ। କିନ୍ତୁ ଅନୁରାଧାର ମନ ଠିକ୍ ନ ରହିବା କାରଣରୁ କୌଣସି କଥାକୁ ଠିକ୍ ଭାବେ ବୁଝିପାରିବେ ନାହିଁ। ବିଚାରଧାରା ଭିନ୍ନ ହେବା କାରଣରୁ କାର୍ଯ୍ୟପଦ୍ଧତି ବିଶୃଙ୍ଖଳିତ ରହିବ। ବ୍ୟବସାୟ, ପରିବହନ, ପ୍ରଶାସନ, ନିର୍ମାଣାଦି କାର୍ଯ୍ୟ ଠିକ୍‌ଠାକ୍ ଚାଲିବ।

**ଧନୁ**
ବୁଧାଦିତ୍ୟ ଯୋଗଜନିତ ନିଜେ କଷ୍ଟ ସ୍ୱୀକାର କରି ଅନ୍ୟ ମୁହଁରେ ହସ ଉକୁଟାଇବା ଚେଷ୍ଟା କରିବେ। ପ୍ରବଳ ବିରୋଧାତ୍ମକ ପରିବେଶରେ ମଧ୍ୟ ସମସ୍ୟା ସମାଧାନରେ ରାସ୍ତା ଖୋଜି ବାହାର କରିବେ। ପାରିବାରିକ କ୍ଷେତ୍ରରେ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ମାଙ୍ଗଳିକ କାର୍ଯ୍ୟ କ୍ଷେତ୍ରରେ ଲକ୍ଷ୍ୟ ହାସଲ କରିବେ।

**ମକର**
ଶନି ଦୃଷ୍ଟିରେ ଗୁରୁ ହେତୁ ବନ୍ଧୁଙ୍କ ଭିତରେ ନିଜ ଲୋକଟିରେ କଥା ଶୁଣିବାକୁ ବେଳ ପାଇବେ ନାହିଁ। ପାରିବାରିକ ପରିସ୍ଥିତି ପୂର୍ବପରି ରହିବ କିନ୍ତୁ ମନର ରାଗ ଭିତରେ ଭିତରେ କୁହୁଳି ଉଠିବ। ଆତ୍ମୀୟଙ୍କ ଅଶ୍ରଦ୍ଧା, ବନ୍ଧୁଙ୍କ ରାଗରୁଷା, ସ୍ତ୍ରୀଙ୍କ ମୁହଁଫୁଲା, ଯାତ୍ରା ଓ ବାଣିଜ୍ୟରେ ସମସ୍ୟା ପ୍ରଭୃତି ସ୍ୱସ୍ଥାନହନ୍ତା ବୃହସ୍ପତି କରିଚାଲିବେ।

**କୁମ୍ଭ**
ଦ୍ୱାଦଶସ୍ଥ ପାପଗ୍ରହ ଯୋଗୁ ଅସାବଧାନତା ହେତୁ କେତେକ ବ୍ୟତିକ୍ରମ ପରିଲକ୍ଷିତ ହେବ। ଶିଳ୍ପ, ବାଣିଜ୍ୟ ଓ ପରିବହନ ପାଇଁ ଦିନଟି ମନ୍ଦ ନୁହେଁ। ନିକଟ ସମ୍ପର୍କୀୟ ମାନଙ୍କ ସାହାଯ୍ୟ ଓ ସହଯୋଗ ପାଇ କାର୍ଯ୍ୟ ହାସଲ କରିବେ। ଜମିଜମା, କଳ, କାରଖାନା,ହୋଟେଲ ଶିଳ୍ପ, ମନୋରଞ୍ଜନ, ଯାତ୍ରା ଓ ଭ୍ରମଣ ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହେବ।

**ମୀନ**
ଶନିଙ୍କ ପ୍ରଭାବରୁ ଜଣେ ନୀଚଜାତିର ବ୍ୟକ୍ତିଙ୍କ ଅବଦାନ ଭୁଲିପାରିବେ ନାହିଁ। ନିଜର ଆତ୍ମୀୟ ତଥା ସମଶ୍ରେଣୀୟ ବ୍ୟକ୍ତିମାନଙ୍କ ଈର୍ଷା ଓ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ। ଖର୍ଚ୍ଚ ପରିମାଣ କ୍ରମଶଃ ବଢ଼ିବା କାରଣରୁ ବ୍ୟସ୍ତତା ବୃଦ୍ଧି ପାଇବ। ଅତୀତ ଘଟଣା ସ୍ୱାସ୍ଥ୍ୟହାନି କିମ୍ବା ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ସାମୟିକ ମନ ଉଦାସ ରହିପାରେ।

ଆଜି ମାଘ ଶୁକ୍ଳପକ୍ଷର ସର୍ବସମ୍ମତ ଭୈମୀ ଏକାଦଶୀ ବୁଧବାର, ଫେବୃୟାରୀ ୧ ତାରିଖ, କପୋତେଶ୍ୱର ଓ ବ୍ୟାସସରୋବର ଯାତ୍ରା, ବରାହ ଆବିର୍ଭାବୋତ୍ସବ, ଅଚ୍ୟୁତାନନ୍ଦଙ୍କ ଜୟନ୍ତୀ, ରାଶି ନକ୍ଷତ୍ର-ମୃଗଶିରା/ବୃଷ, ଘ.୦୨.୦୦ ଗତେ ମିଥୁନ, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୬.୨୫ମି. ଗତେ ଘ.୦୭.୫୪ମି. ମଧ୍ୟେ, ଘ.୧୦.୩୬ମି. ଗତେ ଘ.୧୧.୩୪ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୨.୦୦ମି. ଗତେ ଘ.୦୧.୨୩ମି. ମଧ୍ୟେ ରାହୁକାଳ।

# ପିଏସ୍‌ଓ, ଡ୍ରାଇଭରଙ୍କୁ କ୍ରାଇମବ୍ରାଞ୍ଚର ପଚରାଉଚରା

## ଆଉ ଏକ ଖୋକା ଜବତ

ଝାରସୁଗୁଡ଼ା ଅଫିସ୍,୩୧।୧

ବ୍ରଜରାଜନଗର ଗାନ୍ଧୀ ଛକଠାରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କୁ ଗୁଳିମାଡ଼ କରାଯାଇଥିଲା। ଏହି ସ୍ଥାନକୁ କ୍ରାଇମବ୍ରାଞ୍ଚ ପୋଲିସ୍ ରବିବାରଠାରୁ ସିଲ୍ କରି ଥ୍ରୀଡି ଡିଟେକ୍ସନ କ୍ୟାମେରା ଲଗାଇ ତଦନ୍ତ ଚଳାଇଛି। ଘଟଣାସ୍ଥଳରୁ ପୂର୍ବରୁ ଗୋଟିଏ ଖୋକା ଜବତ ହୋଇଥିବାବେଳେ ଥ୍ରୀଡି ଡିଟେକ୍ସନ କ୍ୟାମେରା ଜରିଆରେ ମଙ୍ଗଳବାର ଆଉ ଏକ ଖୋକା ମିଳିଛି। ଏହି ଖୋକା ଅଭିଯୁକ୍ତ ଏଏସ୍‌ଆଇ ଗୋପାଳ କୃଷ୍ଣ ଦାସଙ୍କ ରିଭଲଭରରୁ ଫୁଟିଛି କି ନାହିଁ ପୋଲିସ୍ ଏହାର ତଦନ୍ତ ଚଳାଇଛି। ଅପରପକ୍ଷରେ କ୍ରାଇମବ୍ରାଞ୍ଚ ଅଭିଯୁକ୍ତ ଏଏସ୍‌ଆଇ ଗୋପାଳ କୃଷ୍ଣ ଦାସଙ୍କ ସମେତ ଅନ୍ୟମାନଙ୍କୁ ମାରାଥନ ଜେରା କରୁଛି। କ୍ରାଇମବ୍ରାଞ୍ଚ ଏଡିଜି ଅରୁଣ ବୋଥ୍ରା ବ୍ରଜରାଜନଗର ଥାନାରେ ପହଞ୍ଚି ସ୍ୱାସ୍ଥ୍ୟମନ୍ତ୍ରୀ ଦାସଙ୍କ ପିଏସ୍‌ଓ ମିତ୍ରଭାନୁ ଦେଓ ଓ ଡ୍ରାଇଭର ଜଗତଙ୍କୁ ଘଟଣା ସମ୍ପର୍କରେ ପଚରାଉଚରା କରିଥିବା ଜଣାପଡିଛି।

Festival Season Offer
SMILE GOLD JEWELLERS
Smile Gold Pure Gold
Making Charge FLAT 399/- ON PER GM GOLD ORNAMENTS
Making Charge FLAT 499/- ON PER GM GOLD ORNAMENTS
ZERO MAKING ON ADVANCE DEPOSIT
GOLD | DIAMOND | SILVER | GEMSTONE | WATCHES
Mob.: 9438019696 / 9438029797

CAREER APPOINTMENT
ON EVERY WEDNESDAY & SATURDAY
B/W : ₹ 350 per sq.cm
Colour : ₹ 400 per sq.cm
PAY FOR 1, GET 1 FREE
For Bookings Call : 0674-2580385
Email : advt@dharitri.com

WANTED
Urgently wanted a SALESMAN and MARKETING PERSON for a Paint and Hardware Shop at Bhubaneswar.
Contact: 6371440992

ଘରୋଇ କାମ କରିବା ନିମନ୍ତେ ଅବିବାହିତ ମହିଳା/ଦମ୍ପତି ଅବଶ୍ୟକ
ରହିବା ଏବଂ ଖାଇବା ସୁବିଧା ଉପଲବ୍ଧ
CALL : 9132933333

See Career Appointment on every Wednesday & Saturday

LR CORPORATE SERVICES
Required B.Sc Nursing / ANM / GNM / Attendant for Home Nursing Service at Bhubaneswar.
Experience: 0-1 years.
Contact for Details
9078554939
Email your CV: rajatbarik1984@gmail.com

WALK-IN FOR DATA CENTER IT INFRA PROFESSIONALS (L1, L2, L3)
FLUENTGRID
Fluentgrid is the first CMMI Level 5 company from AP, also compliant with ISO 9001, 20001, 27001, 14001 and 45001.
Hiring for...
Linux/Wintel/Windows/Network/Exchange Administrator
HPE Storage/Server, IT Security/Cloud Administrator
EMS & NMS Administration
04th & 05th FEBRUARY 2023 10:30 AM - 4:00 PM
Swosti Premium, P-1, Jaydev Vihar, Nandankanan Rd, Bhubaneswar, Odisha, India - 751013
+91 891 2500000 | careers@fluentgrid.com | www.fluentgrid.com

STEEL AUTHORITY OF INDIA LIMITED
Rourkela Steel Plant
Rourkela - 769 011, Odisha, India
Advt. No. 01/2023 Date:16/01/2023
Rourkela Steel Plant (RSP), a unit of Steel Authority of India Limited (SAIL) - a Maharatna Public Sector Enterprise and the leading steel-making company in India, invites applications from eligible candidates for the following posts:

| Sl. | Post | Vacancy | Maximum Age as on 08/02/2023 |
|---|---|---|---|
| 01 | MT (Admin)-PR | 01 | 28 Years |
| 02 | MT (Admin)-Law | 01 | 28 Years |

For full details of the advertisement regarding qualification, experience, reservation & relaxation, application & processing fee etc. please visit Company's website www.sail.co.in at the link "Careers" or www.sailcareers.com.
• Closing Date for submitting online applications through Company's website is 08/02/2023.
DGM (PL) Rectt. & Gen.
Registered Office: Ispat Bhawan, Lodi Road, New Delhi 110 003
Corporate Identity Number: L27109DL1973GOI006454, Website: www.sail.co.in
There's a little bit of SAIL in everybody's life

viraajprojects
WALK IN INTERVIEW ON 05 FEBRUARY 2023 (SUNDAY)
Neelanjali Society, Ujwal Villa, Kalyani Nagar- 411006
We are looking for following personnel's having experience in Steel and Power Sector for our project site at Dhenkanal, Angul District.
PROJECT MANAGER: 2 Nos.- Degree/Diploma in Civil Engineering with 15 to 20 years experience.
SITE ENGINEER/Sr. ENGINEER: 4 Nos.- B.Tech/Diploma Degree in Civil with 5 to 10 years of experience.
BILLING/PLANNING ENGINEERING: 4 Nos. - B. Tech/ Diploma Degree in Civil with 5 to 10 years of experience.
SAFETY OFFICER: 2 Nos. - PDIS/ADIS/ Diploma in any Safety Course with 4 to 8 years experience.
ACCOUNTANT: 2 Nos.- B.Com. with 3 to 10 years of experience.
QUALITY CONTROL ENGINEER: 2 Nos.- B.Tech/Diploma in Civil with 5 to 10 years of experience.
SURVEYOR: 3 Nos.-ITI with 4 to 6 years of experience.
Interested candidate may send their CV to
rml.hr@virajprojects.com or contact to
Mr. Nirmal Chandra Swain (HR Person)
Mob. No: 9124737239, 7894461365
Note: Fresher candidate may apply.
Interview Place : HOTEL MILAND PALACE
Plot No-540, Cuttack Road, Bhubaneswar,
Ph.: 0674-2570371, 2570373/9439920235

## ମନ୍ତ୍ରୀ ନବ ଦାସ ହତ୍ୟା ମାମଲା

# ଗୋପାଳଙ୍କ ଭାଇଙ୍କୁ ଉଠାଇ ନେଲା କ୍ରାଇମବ୍ରାଞ୍ଚ

ବ୍ରହ୍ମପୁର ଅଫିସ,୩୧।୧

ପୋଲିସ ଗୁଳିରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କ ମୃତ୍ୟୁ ଘଟଣାର କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ଚାଲିଛି। ମଙ୍ଗଳବାର କ୍ରାଇମବ୍ରାଞ୍ଚ ଡିଏସ୍‌ପି ଶିଶିର ମିଶ୍ରଙ୍କ ନେତୃତ୍ୱରେ ୪ ଜଣିଆ ଟିମ୍ ବ୍ରହ୍ମପୁର ଆସି ଦୁଇଟି ପର୍ଯ୍ୟାୟରେ ଅଭିଯୁକ୍ତ ଏଏସ୍‌ଆଇ ଗୋପାଳ ଦାସଙ୍କ ପରିବାର ଲୋକଙ୍କୁ ପଚରାଉଚରା କରିଥିଲା। ପରେ ଗୋପାଳଙ୍କ ଭାଇ ସତ୍ୟନାରାୟଣ ଦାସଙ୍କୁ ଉଠାଇ ନେଇ କୌଣସି ଏକ ନିର୍ଜନ ସ୍ଥାନରେ ରଖି ଜେରା କରୁଥିବା ସୂଚନା ମିଳିଛି।


ସତ୍ୟନାରାୟଣ ଦାସ

କ୍ରାଇମ୍‌ବ୍ରାଞ୍ଚ ଟିମ୍ ଆଙ୍କୋଲି ଶିଳ୍ପାଞ୍ଚଳରେ ଥିବା ଗୋପାଳଙ୍କ ଘର ଏବଂ ଜଳେଶ୍ୱରଖଣ୍ଡିରେ ଥିବା ପୈତୃକ ଘରକୁ ଆସିଥିଲେ। ଶିଳ୍ପାଞ୍ଚଳସ୍ଥିତ ଘରେ ତାଲା ପଡିଥିବା ବେଳେ ଜଳେଶ୍ୱରଖଣ୍ଡି ପୈତୃକ ଘରେ ଗୋପାଳଙ୍କ ପରିବାର ଲୋକ ରହୁଥିବାରୁ ଟିମ୍ ସେଠାକୁ ଯାଇଥିଲା। ଗୋପାଳଙ୍କ ଘରକୁ ଲାଗି ତାଙ୍କ ବଡ଼ଭାଇ ସତ୍ୟନାରାୟଣଙ୍କ ଘର। ସତ୍ୟ ବ୍ରଜରାଜନଗରରେ ଏକ ହୋଟେଲ ଖୋଲିଥିଲେ। କ୍ରାଇମ୍‌ବ୍ରାଞ୍ଚ ଟିମ୍ ପ୍ରଥମେ ଗୋପାଳଙ୍କ ଘରକୁ ଯାଇ ତାଙ୍କ ସ୍ତ୍ରୀ ଜୟନ୍ତୀଙ୍କୁ ପଚରାଉଚରା କରିଥିଲା। ଗୋପାଳ ମାନସିକ ରୋଗ ପାଇଁ କେତେଦିନ ହେଲା ମେଡିସିନ ଖାଉଥିଲେ, କେଉଁଠି ଚିକିତ୍ସା ହେଉଥିଲେ ଏବଂ ତାଙ୍କର ମାନସିକ ରୋଗ ଅଛି ବୋଲି ପରିବାର ଲୋକ କିପରି ଜାଣିଲେ, ଏଭଳି ଅନେକ ପ୍ରଶ୍ନ ଜୟନ୍ତୀଙ୍କୁ ପଚରାଯାଇଥିଲା। ସେ ପ୍ରାୟ ସବୁ ପ୍ରଶ୍ନର ଉତ୍ତର ଦେଇଥିବା ସୂଚନା ମିଳିଛି। ପରେ କ୍ରାଇମ୍‌ବ୍ରାଞ୍ଚ ଗୋପାଳଙ୍କ ଭାଉଜ ଏବଂ ପୁତୁରାଙ୍କୁ ମଧ୍ୟ ଜେରା କରିଥିଲା। ଗୋପାଳଙ୍କ ସହ ସେମାନଙ୍କର ସମ୍ପର୍କ କିଭଳି ଥିଲା, କାହାପାଇଁ ଚାକିରି କରାଇ ଦେବାକୁ କାହାକୁ ସୁପାରିସ କରୁଥିଲେ କି ପଚରାଯାଇଥିଲା। ଗୋପାଳଙ୍କ ଝିଅ ପ୍ରିୟଙ୍କା ଅନ୍ୟଜଣେ ସମ୍ପର୍କୀୟଙ୍କ ଘରେ ଥିବାରୁ ତାଙ୍କୁ ମଧ୍ୟ କ୍ରାଇମବ୍ରାଞ୍ଚ ଟିମ୍ ଡକାଇ ପଚରାଉଚରା କରି ଫେରିଥିଲା। ଅପରାହ୍ନ ପ୍ରାୟ ୪ଟାରେ କ୍ରାଇମବ୍ରାଞ୍ଚ ଟିମ୍ ପୁଣି ଆସି ଗୋପାଳଙ୍କ ପରିବାର ଲୋକଙ୍କୁ ପଚରାଉଚରା କରିବା ପରେ ତାଙ୍କ ଭାଇ ସତ୍ୟନାରାୟଣଙ୍କୁ ଉଠାଇ ନେଇଥିଲା ।

ସୂଚନାଯୋଗ୍ୟ, ସତ୍ୟନାରାୟଣ ପୂର୍ବରୁ ଟ୍ୟାକ୍ସ କଲେକ୍ଟର ଭାବେ ବ୍ରହ୍ମପୁର ମହାନଗର ନିଗମରେ ଚାକିରି କରୁଥିଲେ। ତାଙ୍କ ନାମରେ ଆର୍ଥିକ ଅନିୟମିତତା ଅଭିଯୋଗ ଆସିବା ପରେ ଲାଇବ୍ରେରିଆନ ଭାବେ ଦାୟିତ୍ୱ ଦେଇଥିଲା ବିଇଏମସି। ବିଇଏମ୍‌ସିରୁ ଅବସର ନେଇ ଝାରସୁଗୁଡ଼ା ଜିଲା ବ୍ରଜରାଜନଗରରେ ଏକ ହୋଟେଲ ଖୋଲିଥିଲେ। ସେଠାରେ ଭାଇ ଗୋପାଳ ବି ରହୁଥିଲେ। ସ୍ୱାସ୍ଥ୍ୟମନ୍ତ୍ରୀ ହତ୍ୟା ଘଟଣାର ଦିନକ ପୂର୍ବରୁ ସତ୍ୟନାରାୟଣ ବ୍ରହ୍ମପୁର ପଳାଇ ଆସିଥିଲେ ବୋଲି ଜଣାପଡିଛି।

# ଫାରୋ ୩-ଡି ସ୍କାନରରେ ତଥ୍ୟ ସଂଗ୍ରହ

■ ସିସିଟିଭି କ୍ୟାମେରା ଯାଞ୍ଚ
■ ମନ୍ତ୍ରୀଙ୍କ ଗାଡ଼ିରୁ ସୁରାକ ଖୋଜା

କଟକ ଅଫିସ,୩୧।୧

ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କ ହତ୍ୟା ଘଟଣାରେ କ୍ରାଇମ୍‌ବ୍ରାଞ୍ଚ ଟିମ୍ ତଦନ୍ତ ଜାରି ରଖିଛି। ଗୁଳିକାଣ୍ଡର ପୂରା ଘଟଣାକ୍ରମକୁ ଟିକିନିଖି ଅନୁଧ୍ୟାନ କରାଯାଉଛି। ଡିଏସ୍‌ପି ରମେଶ ଚନ୍ଦ୍ର ଦୋରା ସାଇଣ୍ଟିଫିକ ଅଧିକାରୀ ଓ ବାଲିଷ୍ଟିକ ବିଶେଷଜ୍ଞଙ୍କ ସହ ଗୁଳିକାଣ୍ଡସ୍ଥଳକୁ ମଙ୍ଗଳବାର ପୁଣି ପରିଦର୍ଶନ କରିଛନ୍ତି। ଘଟଣାସ୍ଥଳରୁ ସୂକ୍ଷ୍ମ ପ୍ରମାଣ ସଂଗ୍ରହ ପାଇଁ ଫାରୋ ୩-ଡି ସ୍କାନରର ସାହାଯ୍ୟ ନିଆଯାଇଛି। ଏହା ମାଧ୍ୟମରେ ଘଟଣାସ୍ଥଳରୁ ଅଧିକ କିଛି ସୁରାକ ପାଇବା ଆଶାରେ କ୍ରାଇମ୍‌ବ୍ରାଞ୍ଚ ଦଳ ସମସ୍ତ ପ୍ରକାର ଉଦ୍ୟମ ଚଳାଇଛନ୍ତି। ଫାରୋ ୩-ଡି ସ୍କାନର ଉପଯୋଗ କରି ୩-ଆର୍ ଫର୍ମାଟରେ ଘଟଣାସ୍ଥଳର ପୂରା ତଥ୍ୟ ସଂଗ୍ରହ କରାଯାଇଛି, ଯାହାକି ତଦନ୍ତକାରୀ ଅଧିକାରୀଙ୍କୁ ଗୁଳିକାଣ୍ଡର ସମଗ୍ର ଘଟଣାକ୍ରମ ବୁଝିବାରେ ସହାୟକ ହୋଇପାରିବ ବୋଲି ଆଶା କରାଯାଉଛି। ସାଇଣ୍ଟିଫିକ ଅଧିକାରୀ ଓ ବାଲିଷ୍ଟିକ ବିଶେଷଜ୍ଞମାନେ ପ୍ରମାଣ ଓ ସୁରାକ ପାଇବା ନିମନ୍ତେ ମନ୍ତ୍ରୀ ନବ ଦାସ ବ୍ୟବହାର କରିଥିବା ଗାଡ଼ିକୁ ଭଲ ଭାବେ ଯାଞ୍ଚ କରିଛନ୍ତି। ଘଟଣାସ୍ଥଳ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଲାଗିଥିବା ସିସିଟିଭି କ୍ୟାମେରା ଫୁଟେଜ୍‌କୁ ମଧ୍ୟ ଯାଞ୍ଚ କରାଯାଇଛି। ଗୁଳିକାଣ୍ଡ ସ୍ଥଳରୁ ଟିକିନିଖି ତଥ୍ୟ ହାସଲ ସହ ପ୍ରତ୍ୟକ୍ଷଦର୍ଶୀମାନଙ୍କୁ ପଚରାଉଚରା କାର୍ଯ୍ୟ ପର୍ଯ୍ୟାୟ କ୍ରମେ ଜାରି ରହିଛି। ଏହି ଟିମ୍‌କୁ ସହାୟତା କରିବା ପାଇଁ ଡିଏସ୍‌ପି ବାସୁଦେବ ଭୂୟାଁଙ୍କ ନେତୃତ୍ୱରେ ଅନ୍ୟ ଏକ ୮ ଜଣିଆ ଅଧିକାରୀ ଦଳ ଝାରସୁଗୁଡ଼ା ଯାତ୍ରା କରିଛନ୍ତି। ଅଭିଯୁକ୍ତ ଓ ସାକ୍ଷୀମାନଙ୍କୁ ପଚରାଉଚରା ତଥା ତଦନ୍ତ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ କ୍ରାଇମବ୍ରାଞ୍ଚର ସମସ୍ତ ଅଧିକାରୀ ମିଳିତ ଭାବେ କାର୍ଯ୍ୟ କରିବେ ବୋଲି ଜଣାଯାଇଛି। କ୍ରାଇମବ୍ରାଞ୍ଚର ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ମଧ୍ୟ ଘଟଣାସ୍ଥଳ ବ୍ୟକ୍ତିଗତ ଭାବେ ଉପସ୍ଥିତ ରହି ପ୍ରତ୍ୟକ୍ଷ ଭାବେ ତଦନ୍ତ ପ୍ରକ୍ରିୟାକୁ ନିୟନ୍ତ୍ରଣ କରୁଛନ୍ତି। ଅନ୍ୟ ପକ୍ଷରେ ଡିଏସ୍‌ପି ଶିଶିର ମିଶ୍ରଙ୍କ ନେତୃତ୍ୱରେ କ୍ରାଇମବ୍ରାଞ୍ଚର ଆଉ ଏକ ଦଳ ଅଭିଯୁକ୍ତ ଏଏସ୍‌ଆଇ ଗୋପାଳ ଦାସଙ୍କ ଗାଁରେ କ୍ୟାମ୍ପ ପକାଇଛନ୍ତି। ସେଠାରେ ଗୋପାଳ ଦାସଙ୍କ ପରିବାର ସଦସ୍ୟ ଓ ଗ୍ରାମବାସୀଙ୍କୁ ପଚରାଉଚରା କରିବା ସହ ଗୋପାଳଙ୍କ ବଡ଼ ଭାଇ ସତ୍ୟନାରାୟଣ ଦାସଙ୍କୁ ଉଠାଇ ନେଇ ପଚରାଉଚରା କରୁଛି।

# ବ୍ୟବଚ୍ଛେଦ ରିପୋର୍ଟ କ୍ରାଇମ୍‌ବ୍ରାଞ୍ଚକୁ ହସ୍ତାନ୍ତର

ଭୁବନେଶ୍ୱର,୩୧।୧(ବ୍ୟୁରୋ)

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସଙ୍କ ହତ୍ୟାକୁ ଇତିମଧ୍ୟରେ ୩ ଦିନ ପୂରିଛି। ହତ୍ୟାର କାରଣ ଏଯାବତ୍ ସ୍ପଷ୍ଟ ହୋଇ ନାହିଁ। କ୍ରାଇମ୍‌ବ୍ରାଞ୍ଚ ଟିମ୍ ବିଭିନ୍ନ ଦିଗକୁ ନେଇ ତଦନ୍ତ ଜାରି ରଖିଛି। ଏଭଳି ସ୍ଥିତିରେ ମଙ୍ଗଳବାର ମନ୍ତ୍ରୀଙ୍କ ବ୍ୟବଚ୍ଛେଦ ରିପୋର୍ଟ କ୍ରାଇମ୍‌ବ୍ରାଞ୍ଚ ନିକଟରେ ଦାଖଲ ହୋଇଛି। ବ୍ୟବଚ୍ଛେଦ କରିଥିବା ଟିମ୍‌ର ଜଣେ ଡାକ୍ତର କ୍ୟାପିଟାଲ ହସ୍ପିଟାଲର ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ପହଞ୍ଚି ରିପୋର୍ଟ ପ୍ରଦାନ କରିଥିଲେ। ପରେ ଏହାକୁ କ୍ରାଇମ୍‌ବ୍ରାଞ୍ଚକୁ ହସ୍ତାନ୍ତର କରାଯାଇଥିବା କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକ ଲକ୍ଷ୍ମୀଧର ସାହୁ କହିଛନ୍ତି। ତେବେ ଉକ୍ତ ରିପୋର୍ଟରେ କ'ଣ ଉଲ୍ଲେଖ ରହିଛି, ସେନେଇ କୌଣସି ସୂଚନା ଦେଇନାହାନ୍ତି। ତେଣୁ ମୃତ୍ୟୁର କାରଣ ଏବଂ ଗୁଳି ମାଡ଼ର କେତେ ସମୟ ପରେ ମନ୍ତ୍ରୀଙ୍କ ମୃତ୍ୟୁ ହୋଇଥିଲା, ସେସବୁ ଏବେ ବନ୍ଦ ଲଫାପାରେ ରହିଯାଇଛି। ଅନ୍ୟପକ୍ଷରେ ଷ୍ଟେଟ ଫରେନ୍‌ସିକ୍ ସାଇନ୍ସ ଲ୍ୟାବ୍ (ଏସ୍‌ଏଫ୍‌ଏସ୍‌ଏଲ୍) ଘଟଣାସ୍ଥଳରୁ ଜବତ ହୋଇଥିବା ବିଭିନ୍ନ ସାମଗ୍ରୀକୁ ତନ୍ନ ତନ୍ନ କରି ଯାଞ୍ଚ କରି ପ୍ରମାଣ ଖୋଜୁଛି। ୯ ଏମ୍‌ଏମ୍ ବନ୍ଧୁକ, ୩ ରାଉଣ୍ଡ ଜୀବନ୍ତ ଗୁଳି, ଖୋକା, ଗୋପାଳଙ୍କ ପୋଲିସ ପୋଷାକ, ମୃତ ମନ୍ତ୍ରୀଙ୍କ ରକ୍ତଲଗା ଶାର୍ଟକୁ ନେଇ ଫରେନ୍‌ସିକ୍ ଟିମ୍ ତଦନ୍ତ ଜାରି ରଖିଛି। ଜବତ ବନ୍ଧୁକରୁ ନବଙ୍କୁ ଗୁଳି କରାଯାଇଥିଲା କି ନାହିଁ, ବନ୍ଧୁକର ଗନ୍‌ପାଉଡର ସହ ଗୋପାଳଙ୍କ ହ୍ୟାଣ୍ଡ ସ୍ୱାବ୍‌କୁ ଫରେନ୍‌ସିକ ଟିମ୍ ମିଳାଇବ। ତେବେ ଉଭୟ ମିଶିଲେ ଗୋପାଳଙ୍କ ହାତରୁ ଜବତ ବନ୍ଧୁକରୁ ଗୁଳି କରାଯାଇଛି ବୋଲି ଫରେନ୍‌ସିକ୍ ଟିମ୍ ସ୍ପଷ୍ଟ ହେବ ବୋଲି ସୂଚନା ମିଳିଛି।

# ୭ ଦିନ ରିମାଣ୍ଡ ପାଇଁ ଆବେଦନ

## ଶୁଣାଣି ଶେଷ, ରାୟ ସଂରକ୍ଷିତ

ଝାରସୁଗୁଡ଼ା ଅଫିସ,୩୧।୧

ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କୁ ଗୁଳିକରି ହତ୍ୟା କରିଥିବା ଅଭିଯୁକ୍ତ ଏଏସ୍‌ଆଇ ଗୋପାଳ କୃଷ୍ଣ ଦାସଙ୍କୁ ପୋଲିସ ଗିରଫ କରି ସୋମବାର ରାତିରେ ଝାରସୁଗୁଡ଼ା ଜେଏମ୍‌ଏଫ୍‌ସି କୋର୍ଟରେ ହାଜର କରିଥିଲା। ସେଠାରୁ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏବେ ସେ ଜିଲା ସବ୍‌ଜେଲ୍‌ରେ ଅଛନ୍ତି। ତେବେ ତାଙ୍କୁ ୭ଦିନିଆ ରିମାଣ୍ଡରେ ଆଣିବା ପାଇଁ କ୍ରାଇମବ୍ରାଞ୍ଚ ପୋଲିସ ମଙ୍ଗଳବାର କୋର୍ଟରେ ଆବେଦନ କରିଥିଲା। ଉକ୍ତ ଆବେଦନର ଶୁଣାଣି ଜେଏମ୍‌ଏଫ୍‌ସି କୋର୍ଟରେ ହୋଇଥିବାବେଳେ ରାୟ ସଂରକ୍ଷିତ ରହିଛି ବୋଲି ଅଭିଯୁକ୍ତଙ୍କ ପକ୍ଷରୁ ମାମଲା ଲଢୁଥିବା ଓକିଲ ହରିଶଙ୍କର ଅଗ୍ରୱାଲ ସୂଚନା ଦେଇଛନ୍ତି। କୋର୍ଟଙ୍କ ରାୟକୁ କ୍ରାଇମବ୍ରାଞ୍ଚ ଅପେକ୍ଷା କରିଛି। ପ୍ରକାଶଯେ, ମନ୍ତ୍ରୀ ଦାସଙ୍କ ହତ୍ୟା ଘଟଣା ଏକ ସମ୍ବେଦନଶୀଳ ଘଟଣା ହୋଇଥିବାରୁ କ୍ରାଇମବ୍ରାଞ୍ଚ ବିଭିନ୍ନ ଦିଗରୁ ତଦନ୍ତ ଜାରି ରଖିଛି। ଅଭିଯୁକ୍ତ ଗୋପାଳ ମନ୍ତ୍ରୀଙ୍କୁ ହତ୍ୟା କରିଥିବା ନେଇ ସ୍ୱୀକାର କରିଥିଲେ ହେଁ ହତ୍ୟା ପଛର କାରଣ ଏଯାବତ୍ ସ୍ପଷ୍ଟ ହୋଇପାରିନାହିଁ। ତେଣୁ ଅଭିଯୁକ୍ତଙ୍କୁ ରିମାଣ୍ଡରେ ନେଇ ଅଧିକ ତଦନ୍ତ କରିବାକୁ କ୍ରାଇମବ୍ରାଞ୍ଚ ଚେଷ୍ଟା କରୁଛି।

# ମନ୍ତ୍ରୀଙ୍କ ମୃତଦେହ ଧରି ସରକାର ଡ୍ରାମା କରୁଥିଲେ: ଜୟନାରାୟଣ

ସମ୍ବଲପୁର,୩୧।୧(ବ୍ୟୁରୋ)

ସ୍ୱାସ୍ଥ୍ୟମନ୍ତ୍ରୀ ତଥା ଝାରସୁଗୁଡା ବିଧାୟକ ନବ କିଶୋର ଦାସଙ୍କୁ ରବିବାର ପୋଲିସ କର୍ମଚାରୀ ଗୁଳିକରି ହତ୍ୟା କରିଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା ବୋଲି ଖବର ରହିଛି ଏବଂ ସବୁ ଆଡେ ଚର୍ଚ୍ଚା ମଧ୍ୟ ହେଉଛି। ଗୁଳିକାଣ୍ଡ ପରେ ମନ୍ତ୍ରୀ ଦାସଙ୍କୁ ଝାରସୁଗୁଡା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଚିକିତ୍ସା କରୁଥିବା ଡାକ୍ତର ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ କୌଣସି ସୂଚନା ଦେଇ ନ ଥିଲେ। ଯଦି ଗୁରୁତର ଥିଲେ, ତାଙ୍କୁ ସ୍ଥାନାନ୍ତର କରିବା ସ୍ଥିତିରେ ଥିଲା କି ନାହିଁ। ଡାକ୍ତର ସ୍ଥାନାନ୍ତର କରିବା ନେଇ ଲେଖିଥିଲେ କି ବୋଲି ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ପ୍ରଶ୍ନ କରିଛନ୍ତି। ସେ ଆହୁରି କହିଛନ୍ତି, ସ୍ୱାସ୍ଥ୍ୟମନ୍ତ୍ରୀ ଦାସଙ୍କ ମୃତ ଶରୀରକୁ ଧରି ରାଜ୍ୟ ସରକାର ଦିନତମାମ ଡ୍ରାମା କରିଥିଲେ। ପରିବାର ଓ ରାଜ୍ୟବାସୀଙ୍କୁ ଭୁଆଁ ବୁଲାଇଥିଲେ। ହତ୍ୟାକାରୀ ଗୋପାଳ କୃଷ୍ଣ ଦାସଙ୍କୁ ପାଗଳ ବୋଲି ପ୍ରମାଣ କରିବାକୁ ସବୁ ଉଦ୍ୟମ କରାଯାଉଛି। ଯଦି ପାଗଳ ତା'ହେଲେ କେଉଁ ଆଧାରରେ ତାଙ୍କର ପଦୋନ୍ନତି ହୋଇଥିଲା। ଗୋଟିଏ ଜିଲାରେ ଏତେବର୍ଷ ଧରି ତାଙ୍କୁ ନିୟୋଜିତ କରାଯାଇଥିଲା ଓ ଘଟଣାର ୨ଦିନ ପୂର୍ବରୁ ବନ୍ଧୁକ ଦିଆଯାଇଥିଲା। ଏଥିରୁ ସ୍ପଷ୍ଟ ହେଉଛି ଯେ, ପୋଲିସ କର୍ମଚାରୀଙ୍କ ଦ୍ୱାରା ଷଡ଼ଯନ୍ତ୍ର କରାଯାଇ ମନ୍ତ୍ରୀ ଦାସଙ୍କୁ ହତ୍ୟା କରାଯାଇଛି। ଏଥିରେ ବଡ଼ବଡ଼ିଆଙ୍କ ହାତ ରହିଛି। ରାଜନୈତିକ ଓ ବ୍ୟବସାୟିକ ଶତ୍ରୁତାରୁ ତାଙ୍କୁ ହତ୍ୟା କରାଯାଇଛି। ହେଲେ ପୋଲିସ ହାଲୁକା ଭାବେ ନେଇ ଘଟଣାର ତଦନ୍ତ କରୁଛି। ରାଜ୍ୟ ସରକାର ହାଇକୋର୍ଟ ଜଜ୍ ତଦାରଖ କରିବାକୁ ଅନୁରୋଧ କରିଛନ୍ତି। ସରକାରଙ୍କ ପୋଲିସ ତଦନ୍ତ କରିବ ଏବଂ ହାଇକୋର୍ଟ ତଦାରଖ କରିବେ। ଏହା ଦ୍ୱାରା ସତ୍ୟାସତ୍ୟ ଜଣାପଡିବ ନାହିଁ। ଗୁଳି କରିବା ପରେ ହଠାତ୍ ଅଭିଯୁକ୍ତ ଗୋପାଳ ଦାସ ମାନସିକ ରୋଗୀ ଥିଲେ, ଡାକ୍ତରଙ୍କ ପରାମର୍ଶକ୍ରମେ ଔଷଧ ଖାଉଥିଲେ ବୋଲି ପ୍ରଚାର କରାଯାଇଛି। ଏହା ନିଶ୍ଚିତ ଭାବେ ଯୋଜନାବଦ୍ଧ ହତ୍ୟାକାଣ୍ଡ। ଏହାର ସିବିଆଇ ତଦନ୍ତ କରା ନ ଗଲେ ସତ୍ୟାସତ୍ୟ ସାମ୍ନାକୁ ଆସିବ ନାହିଁ।

Call:- 090780 87735
AKMS HOSPITAL
OPENING DATE 01 FEBRUARY 2023
AK MULTI SPECIALIST & CASUALITY HOSPITAL PVT.LTD.
Mirza Abdul Ahad Baig Founder of AKMS HOSPITAL
HOSPITAL FACILITIES
Casualty | Neuropsychiatrist
Gynecologist | All types of Pathology
Orthopaedic | Ultrasound
Medicine | Digital X-Ray
Surgery | MRI, CT Scan
Neurology | Ambulance Service
Pediatric
24x7 SERVICE
Inauguration by : DR ASHOK KUMAR MOHAPATRA
akmultispecialistc@gmail.com
Panikoili, Jajpur, Odisha
Emergency Ambulance 95562 08555

ଭାରତ ସରକାର
ରସାୟନ ଏବଂ ସାର ମନ୍ତ୍ରଣାଳୟ
ଫାର୍ମାସ୍ୟୁଟିକାଲ୍ସ ବିଭାଗ
प्रधानमंत्री भारतीय जन औषधि परियोजना
ଜନ ଔଷଧୀ
ଯୋଗାଇଥାଏ
କ୍ୱାଲିଟି ଜେନେରିକ୍ ଔଷଧ
ବ୍ରାଣ୍ଡେଡ୍ ଔଷଧଗୁଡ଼ିକ ତୁଳନାରେ ୫୦%ରୁ ୯୦% ରିହାତିଯୁକ୍ତ ମୂଲ୍ୟରେ
୯୦୦୦+ରୁ ଅଧିକ ଷ୍ଟୋର
୧୭୫୯ ଉଚ୍ଚ କ୍ୱାଲିଟିର ଔଷଧ
୨୮୦ ସର୍ଜିକାଲ ଉପକରଣ
ଅଧିକ ସୂଚନା ପାଇଁ ଜନ ଔଷଧୀ ସୁଗମ ଆପ୍ ଡାଉନ୍‌ଲୋଡ୍ କରନ୍ତୁ
GET IT ON Google Play | Download on the App Store
କ୍ୟୁଆର୍ କୋଡ୍ ସ୍କାନ୍ କରନ୍ତୁ
janaushadhi.gov.in
ଜାତୀୟ ଟୋଲ୍ ଫ୍ରି ହେଲ୍ପଲାଇନ୍ 1800 180 8080

इंडियन बैंक Indian Bank
इलाहाबाद ALLAHABAD
ଇଣ୍ଡିଆନ ବ୍ୟାଙ୍କ, ପଟିଆ ଶାଖା
ପ୍ଲଟ ନଂ. ୫୧୬, ମାଗ୍ନେଟିକ୍ ସ୍କୋୟାର,
ପୋ.:କିଟ୍, ପଟିଆ, ଭୁବନେଶ୍ୱର-୭୫୧୦୨୪
ଦଖଲ ନୋଟିସ୍ (ସ୍ଥାବର ସମ୍ପତ୍ତି ନିମନ୍ତେ)

**ଇଣ୍ଡିଆନ ବ୍ୟାଙ୍କ** ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୮ଏବଂ ୯ ଅନୁଯାୟୀ କ୍ଷମତା ପ୍ରୟୋଗ କରାଯାଇ ନିମ୍ନଲିଖିତ ଋଣଗ୍ରହୀତାଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ଦର୍ଶିତ ବକେୟା ରାଶି ଏବଂ ସେବାବଦ ସୁଧ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା ।
ଯେହେତୁ ଋଣଗ୍ରହୀତା ତାଙ୍କର ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତାଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ନିୟମର ଧାରା ୧୩(୪) ଅନ୍ତର୍ଗତ ରୁଲ୍ ୮ ଏବଂ ୯ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ଆକାଉଣ୍ଟର ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି ।
ଏତଦ୍ ଦ୍ୱାରା ବିଶେଷ କରି ଋଣଗ୍ରହୀତାଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ନିମନ୍ତେ **ଇଣ୍ଡିଆନ ବ୍ୟାଙ୍କ ,ପଟିଆ ଶାଖା** ନିକଟରେ ଉତ୍ତରଦାୟୀ ରହିବେ ।
***ଏତଦ୍ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ତାଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ ।***

| ଋଣଗ୍ରହୀତାଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିର ବିବରଣୀ | ଡ଼ିମାଣ୍ଡ ନୋଟିସ୍ ତାରିଖ | ଦଖଲ ନୋଟିସ୍ ତାରିଖ | ବକେୟା ପରିମାଣ |
|---|---|---|---|---|
| (୧)ମେସର୍ସ ଜ୍ୟୋତ୍ସ୍ନା ଏଣ୍ଟରପ୍ରାଇଜେସ୍ (ଋଣଗ୍ରହୀତା- ପ୍ରୋପାଇଟରସିପ୍ ଫାର୍ମ), ପ୍ଲଟ ନଂ.୧୧୫/୨୭୯, ଦାଡା, ରଘୁନାଥପୁର, ନନ୍ଦନକାନନ ରୋଡ, ଭୁବନେଶ୍ୱର--୭୫୧୦୨୪, ଓଡିଶା, (୨) ଶ୍ରୀମତୀ ଜ୍ୟୋତ୍ସ୍ନାରାଣୀ ଦାସ (ସତ୍ତ୍ୱାଧିକାରୀ), ସ୍ୱା: ଶ୍ରୀ ପ୍ରଦୀପ୍ତ କୁମାର ଦାସ, (୩) ଶ୍ରୀ ପ୍ରଦୀପ୍ତ କୁମାର ଦାସ, ପିତା: ସନାତନ ଦାସ, ଉଭୟଙ୍କ ଠିକଣା: ସା/ପୋ.- ବେଗୁନିଆ, ଜିଲ୍ଲା- ଖୋର୍ଦ୍ଧା, ପିନ୍- ୭୫୨୦୬୨ । | ଜମି ଏବଂ ଗୃହ ଯାହାର ପ୍ଲଟ ନଂ.୪୬୯, ଖାତା ନଂ.୩୫୯, ନୂଆ ଖାତା ନଂ.୯୮୬/୯୮୯, ମୌଜା: ବେଗୁନିଆ, ଥାନା: ବେଗୁନିଆ, ନଂ.୭୩, ତହସିଲି/ସବ୍-ରେଜିଷ୍ଟ୍ରାର/ଜିଲ୍ଲା: ଖୋର୍ଦ୍ଧା, ଏରିଆ: ୪୩୫୬୦ ବର୍ଗଫୁଟ, ସମ୍ପତ୍ତିର ମାଲିକ: ଶ୍ରୀମତୀ ଜ୍ୟୋତ୍ସ୍ନାରାଣୀ ଦାସ, ପ୍ଲଟର ଚାରିପାର୍ଶ୍ୱରେ: ଉତ୍ତର- ସରକାରୀ ଜମି, ଦକ୍ଷିଣ- ପ୍ରଦୀପ କୁମାର ମହାନ୍ତି ଏବଂ ଅନ୍ୟମାନେ, ପୂର୍ବ- ସରକାରୀ ଜମି, ପଶ୍ଚିମ- ରାସ୍ତା । | ୧୦.୧୧.୨୦୨୨ | ୨୭.୦୧.୨୦୨୩ | ଟ.୯୫,୬୯,୮୫୮.୨୧ + ସେବାବଦ ସୁଧ, ଖର୍ଚ୍ଚଏବଂ ଅନ୍ୟାନ୍ୟ ଦେୟ |

ସ୍ଥାନ-ଭୁବନେଶ୍ୱର, ତାରିଖ-୩୧.୦୧.୨୦୨୩
କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ ବ୍ୟାଙ୍କ

> ସମଗ୍ର ସୃଷ୍ଟି ଭିତରେ ଭଗବାନଙ୍କର ଅନନ୍ତ କୃପା ଅଦୃଶ୍ୟରେ ରହି ପୃଥିବୀ ପୃଷ୍ଠରେ ପ୍ରତି ମୁହୂର୍ତ୍ତରେ କାର୍ଯ୍ୟ କରି ଚାଲିଛି। ତାହା ଫଳରେ ପୃଥିବୀ ବହୁପୁ ଦୁଃଖ, ବିପଦ, ଅଜ୍ଞାନ ଓ ନିର୍ବୋଧତା କବଳରୁ ରକ୍ଷା ପାଇପାରୁଛି। —ଶ୍ରୀମା

# ୧୫% ଡିସ୍କାଉଣ୍ଟ

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଫେବୃୟାରୀ ୧ରେ ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ପାର୍ଲାମେଣ୍ଟରେ ବଜେଟ ଉପସ୍ଥାପନ କରିବେ। ତା' ପୂର୍ବରୁ ୩୧ ଜାନୁୟାରୀରେ ସେ ଅର୍ଥନୈତିକ ସର୍ଭେ ୨୦୨୨-୨୩ ଉପସ୍ଥାପନ କରି ଭାରତର ମୋଟ ଘରୋଇ ଉତ୍ପାଦ (ଜିଡିପି) କମିବା ନେଇ ସୂଚନା ଦେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ୨୦୨୨-୨୩ରେ ଅଭିବୃଦ୍ଧି ହାର ୭ ପ୍ରତିଶତ ରହିବ ବୋଲି ଆକଳନ କରାଯାଇଥିଲା। ୨୦୨୩-୨୪ରେ ଏହା ୬ରୁ ୬.୫ ପ୍ରତିଶତ ରହିବ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି। ତେବେ ଯଦି ୨୦୨୨-୨୩ ଆର୍ଥିକ ବର୍ଷର ତୃତୀୟ ତ୍ରୈମାସକୁ ଦେଖାଯାଏ, ଅଭିବୃଦ୍ଧି ୬.୩ ପ୍ରତିଶତ ରହିଥିବା ବିଷୟ ପ୍ରକାଶ ପାଇଛି। ଅର୍ଥାତ୍ ସରକାର ଯେଉଁ ଅଭିବୃଦ୍ଧି ବିଷୟରେ ପୂର୍ବରୁ ପ୍ରଦର୍ଶନ କରିଥିଲେ ତାହାଠାରୁ କମ୍ ଅଭିବୃଦ୍ଧି ଘଟିଛି। ଅର୍ଥନୈତିକ ସର୍ଭେ ପ୍ରକାଶ ପାଇବା ପରେ କଂଗ୍ରେସ ମୁଖପାତ୍ର ଗୌରବ ବଲ୍ଲଭ ଏକ କୌତୂହଳପୂର୍ଣ୍ଣ ପରିସଂଖ୍ୟାନ ବିଷୟରେ ଅବତାରଣା କରିଛନ୍ତି। ସେ କହିଛନ୍ତି, ବାସ୍ତବରେ କେନ୍ଦ୍ର ସରକାର ଗତବର୍ଷ ଅର୍ଥନୈତିକ ସର୍ଭେ ଉପସ୍ଥାପନ ବେଳେ ଅଭିବୃଦ୍ଧି ହାର ୮ରୁ ୮.୫ ପ୍ରତିଶତ ଆକଳନ କରିଥିଲେ। ପରେ ସରକାର ସେଥିରେ ୧୫% ଡିସ୍କାଉଣ୍ଟ କରି ତାହାକୁ ୭ ପ୍ରତିଶତ ବୋଲି କହୁଛନ୍ତି। ତେଣୁ ଆସନ୍ତା ଆର୍ଥିକ ବର୍ଷ ପାଇଁ ଅଭିବୃଦ୍ଧି ହାର ଯେଉଁ ୬ରୁ ୬.୫ ପ୍ରତିଶତ ବିଷୟରେ କୁହାଯାଉଛି, ତାହାର ସମାନ ଡିସ୍କାଉଣ୍ଟ କରି ଦେଖିଲେ ସରକାର ୫.୪୪ ପ୍ରତିଶତ କରିପାରୁଛନ୍ତି କି ନାହିଁ ତାହା ଦେଖିବା କଥା। ଗୌରବଙ୍କ ଯୁକ୍ତି ସରକାରଙ୍କୁ ଅପଦସ୍ଥ କରିବା ପାଇଁ ଯଥେଷ୍ଟ। ଅର୍ଥନୈତିକ ସର୍ଭେରେ ସୀତାରାମନ ଆହୁରି କହିଛନ୍ତି, ଖାଉଟି ମୂଲ୍ୟରେ ଯଥେଷ୍ଟ ହ୍ରାସ ପାଇଛି। ସ୍ଥିତିକୁ ଅନୁଭବ କରିପାରୁଥିବା ଯେକୌଣସି ଭାରତୀୟ ଅର୍ଥମନ୍ତ୍ରୀଙ୍କ ଏହି କଥାକୁ ନିଶ୍ଚୟ ଖଣ୍ଡନ କରିବେ। କାରଣ ଭାରତରେ ଅତ୍ୟାବଶ୍ୟକ ଦରଦାମ୍ ବୃଦ୍ଧି ଓ ନିଯୁକ୍ତି ସଙ୍କୋଚନ ସ୍ଥିତି ନକାରାତ୍ମକ ଚିତ୍ର ଦେଖାଉଛି।

> **କେବଳ ନିର୍ବାଚନକୁ ଆଖି ଆଗରେ ରଖି ସରକାର ନେଉଥିବା ନିଷ୍ପତ୍ତି ଯୋଗୁ ଦେଶର ଅବସ୍ଥା ବିଗୁଡୁଛି। ଜନମଙ୍ଗଳ ଚାହୁଁଥିବା ସରକାର କ୍ଷମତା ରାଜନୀତିରୁ ଊର୍ଦ୍ଧ୍ୱକୁ ଉଠି ଚିନ୍ତା କରିବା ଦରକାର।**

ଭାରତ ବିଶ୍ୱର ୫ମ ବୃହତ୍ ଅର୍ଥନୀତି ରହିଥିବା ବିଷୟକୁ ସରକାର ଘଷିମାଜି ବାହାବା ନେବାରେ ଲାଗିଛନ୍ତି। ଅର୍ଥନୈତିକ ସର୍ଭେରେ ମଧ୍ୟ ଏହାକୁ ଦୋହରାଯାଇଛି। ବାସ୍ତବତାକୁ ଦେଖିଲେ ଏବେ ଆଦାନୀ ଗ୍ରୁପ୍ ନିଜ ଷ୍ଟକ୍ ଓ ଆକାଉଣ୍ଟ୍ସରେ ଦୀର୍ଘବର୍ଷ ଧରି ବ୍ୟାପକ ହେରଫେର କରିଥିବା ବିଷୟକୁ ଆମେରିକାର ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ପ୍ରକାଶ କରିବା ପରେ ଦେଶରେ ଶେୟାର ବଜାରରେ ଅସ୍ଥିରତା ସୃଷ୍ଟି ହୋଇଛି। ଗତ ୩ ଦିନ ଭିତରେ ଏହି ଗ୍ରୁପ୍ ୫ ଲକ୍ଷ ୬୦ ହଜାର କୋଟି ଟଙ୍କାରୁ ଊର୍ଦ୍ଧ୍ୱ କ୍ଷତି ସହିଲାଣି। ଏହି କ୍ଷତିର ପ୍ରଭାବ ଦେଶବାସୀଙ୍କ ଉପରେ ପଡ଼ିବା ସ୍ୱାଭାବିକ। ଜନସାଧାରଣଙ୍କ ଅର୍ଥ ଲାଗିଥିବା ଜୀବନ ବୀମା ନିଗମ (ଏଲ୍‌ଆଇସି) ଓ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ) ଇତିମଧ୍ୟରେ ୭୮ ହଜାର କୋଟି ଟଙ୍କାରୁ ଅଧିକ କ୍ଷତି କରିସାରିଛନ୍ତି। ଏହା ସମୁଦ୍ରରେ ବୁଡ଼ି ରହିଥିବା ବରଫଖଣ୍ଡର ଦୃଶ୍ୟମାନ ହେଉଥିବା ସାମାନ୍ୟ ଉପରଭାଗ ସଦୃଶ। ଇତିମଧ୍ୟରେ ଦେଶର ଅର୍ଥନୀତି ଆହୁରି କେତେ ଯେ ଅସ୍ୱାଭାବିକ ସ୍ଥିତିରେ ପଡ଼ିଥିବ, ତାହା ସରକାର ପ୍ରକାଶ କରିବାକୁ ଚାହୁଁନାହାନ୍ତି। କେବଳ ବାହୁସ୍ଫୋଟ ମାରି ଆଗେଇ ଚାଲିଲେ ଦେଶରେ କେତେ ଯେ କ୍ଷତି ଘଟିବାର ଆଶଙ୍କା ଉପୁଜୁଛି ତାହା ଆକଳନ କରିବା କଷ୍ଟକର।

ବର୍ତ୍ତମାନର କେନ୍ଦ୍ର ସରକାର ଦେଶ କେଉଁଭଳି ଆର୍ଥିକ ଅସ୍ଥିରତା ଦେଇ ଗତି କରୁଛି, ତାହା ଭଲ ଭାବେ ଜାଣିଛନ୍ତି। କିନ୍ତୁ ଜନସାଧାରଣଙ୍କୁ ଏହାର ନକାରାତ୍ମକ ଦିଗଠାରୁ ଦୂରେଇ ରଖାଯାଉଛି। ସେଥିପାଇଁ ଉପଭୋକ୍ତା ମୂଲ୍ୟ ବୃଦ୍ଧିକୁ ଲୁଚାଇବାକୁ ଚାହିଁ ଅର୍ଥନୈତିକ ସର୍ଭେରେ କୁହାଯାଇଛି ଏହା ଯଥେଷ୍ଟ ଭାବେ କମିଛି। ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ୍‌ଠାରୁ ଆରମ୍ଭ କରି ଲୁଗାସଫା ପାଉଡର ଓ ବିସ୍କୁଟର ମୂଲ୍ୟ ଯେଉଁଭଳି ଭାବେ ବଢ଼ିଛି, ତାହା ଖାଉଟି ଭଲ ଭାବେ ଅନୁଭବ କରୁଛନ୍ତି। ଏଭଳି ସ୍ଥଳେ ଭାରତ ବିଶ୍ୱର ୫ମ ବୃହତ୍ ଅର୍ଥନୀତି ଏବଂ ଏବେ ଜି୨୦ର ଅଧ୍ୟକ୍ଷ ଥିବାରୁ ଏହା ଦେଶ ପାଇଁ ଗର୍ବର ବିଷୟ ଆଣିଦେଇଛି ବୋଲି କହିବାର କୌଣସି ମାନେ ରଖୁନାହିଁ। ସାଧାରଣ ନାଗରିକ ଚାହେଁ ସେ ଟିକେ ଭଲରେ ଚଳିବ, ପିଲାଙ୍କୁ ଉପଯୁକ୍ତ ଶିକ୍ଷା ଦେବ ଓ ସ୍ୱାସ୍ଥ୍ୟ ବିଗିଡ଼ି ଯାଉଥିବା ବେଳେ ଉତ୍ତମ ସ୍ୱାସ୍ଥ୍ୟସେବା ପାଇବ। ଯେଉଁ ସରକାର ନାଗରିକର ଏହିଭଳି ମୌଳିକ ଆବଶ୍ୟକତାକୁ ପୂରଣ କରିପାରିଥାଆନ୍ତି, ତାହାକୁ ଜନସାଧାରଣ ପ୍ରଶଂସା କରିଥାଆନ୍ତି। କେବଳ ନିର୍ବାଚନକୁ ଆଖି ଆଗରେ ରଖି ସରକାର ନେଉଥିବା ନିଷ୍ପତ୍ତି ଯୋଗୁ ଦେଶର ଅବସ୍ଥା ବିଗୁଡୁଛି। ଜନମଙ୍ଗଳ ଚାହୁଁଥିବା ସରକାର କ୍ଷମତା ରାଜନୀତିରୁ ଊର୍ଦ୍ଧ୍ୱକୁ ଉଠି ଚିନ୍ତା କରିବା ଦରକାର।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 2 | | | 4 | | |
| | 5 | | | | 9 | | 8 | |
| | | 1 | | | 7 | 5 | | |
| 2 | 4 | | 5 | | | 6 | | |
| | 1 | | | 7 | 6 | | | |
| | | 5 | | | | | | 8 |
| 7 | | 3 | 1 | 8 | | | | |
| | | | | | | | | 3 |
| | | | | | | 8 | 4 | 7 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 5 | 8 | 1 | 2 | 9 | 6 | 3 | 7 |
| 7 | 1 | 3 | 8 | 6 | 4 | 9 | 2 | 5 |
| 6 | 2 | 9 | 5 | 3 | 7 | 4 | 1 | 8 |
| 1 | 9 | 7 | 6 | 4 | 8 | 2 | 5 | 3 |
| 5 | 8 | 4 | 2 | 9 | 3 | 1 | 7 | 6 |
| 2 | 3 | 6 | 7 | 5 | 1 | 8 | 4 | 9 |
| 9 | 6 | 2 | 3 | 1 | 5 | 7 | 8 | 4 |
| 3 | 7 | 1 | 4 | 8 | 6 | 5 | 9 | 2 |
| 8 | 4 | 5 | 9 | 7 | 2 | 3 | 6 | 1 |

ଗତକାଲିର ଉତ୍ତର

# ଆବାସ: ଅନୁକମ୍ପା ନା ଅଧିକାର



ଅକ୍ଷୟ କୁମାର ମିଶ୍ର

ମଣିଷ ସାଧାରଣ ଭାବରେ ବଞ୍ଚି ରହିବା ପାଇଁ ତିନୋଟି ମୌଳିକ ଆବଶ୍ୟକତା ଲୋଡ଼ା। ସେଗୁଡ଼ିକ ହେଲା ଖାଦ୍ୟ, ବସ୍ତ୍ର, ବାସଗୃହ। ପରିବର୍ତ୍ତିତ ସମୟରେ ଶିକ୍ଷା ଓ ସ୍ୱାସ୍ଥ୍ୟ ମଧ୍ୟ ମୌଳିକ ଅଧିକାର ବୋଲି ଗ୍ରହଣ କରାଗଲାଣି। ଗୋଟିଏ ଜନମଙ୍ଗଳ ରାଷ୍ଟ୍ରରେ ଏହି ଅଧିକାରଗୁଡ଼ିକ ମଣିଷ ନିକଟରେ ଉପଲବ୍ଧ କରାଇବା ଶାସକ ଶ୍ରେଣୀର ଦାୟିତ୍ୱ। ଏହା ହିଁ ଆମ ସମ୍ବିଧାନରେ ଲିପିବଦ୍ଧ। ଧାରା ୨୧ ଅନୁଯାୟୀ ପ୍ରତ୍ୟେକ ମଣିଷ ସମ୍ମାନର ସହିତ ବଞ୍ଚିବା ତା'ର ଅଧିକାର, କାହାର ଅନୁଗ୍ରହ କିମ୍ବା ଅନୁକମ୍ପା ନୁହେଁ। କିନ୍ତୁ ଅଭିଯୋଗ ହୁଏ ସ୍ୱାଧୀନତା ପ୍ରାପ୍ତିର ୭୫ ବର୍ଷ ପରେ ଏହି ଅଧିକାରଗୁଡ଼ିକ ସବୁ ମଣିଷ ନିକଟରେ ପହଞ୍ଚିପାରିଲା ନାହିଁ। ତେବେ ଏହି ଆଲେଖ୍ୟରେ ବାସଗୃହ ସମ୍ପର୍କରେ ଆଲୋଚନା କରିବା। ବାସଗୃହ ହେଉଛି ଏକ ସର୍ବନିମ୍ନ ଆବଶ୍ୟକତା। ଏହା ପୂରଣ କରିବା ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ଏକ ବାଧ୍ୟ ବାଧକତା ବୋଲି ବିଚାର ହୁଏ। ଏହାକୁ ଆଖିଆଗରେ ରଖି ୧୯୮୫ରେ ତତ୍କାଳୀନ ସରକାର ଗୃହହୀନ ତଥା ସାମାଜିକ ଓ ଆର୍ଥିକ ଅନଗ୍ରସର ଲୋକଙ୍କୁ ମାଗଣାରେ ଘର ଯୋଗାଇବା ପାଇଁ ଇନ୍ଦିରା ଆବାସ ଯୋଜନା ପ୍ରଣୟନ କରିଥିଲେ ; ଯେଉଁଥିରେ ହିତାଧିକାରୀଙ୍କୁ ୧୨୦୦୦ ଟଙ୍କା ଦେବାର ବ୍ୟବସ୍ଥା ଥିଲା। ଏହି ଅର୍ଥର ୭୫ପ୍ରତିଶତ କେନ୍ଦ୍ର ଓ ୨୫ ପ୍ରତିଶତ ରାଜ୍ୟ ସରକାର ଦେଉଥିଲେ। କ୍ରମେ ଅନୁଦାନ ରାଶି ବୃଦ୍ଧି କରାଯାଇ୨୦୧୪ ବେଳକୁ ବଢ଼ି ସତୁରି ହଜାରରେ ପହଞ୍ଚିଥିଲା। ୨୦୧୫ରେ ଏହି ଯୋଜନାର ନାମ ପରିବର୍ତ୍ତନ ହୋଇ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କରାଗଲା। ଅନୁଦାନ ରାଶି ଏକ ଲକ୍ଷ କୋଡ଼ିଏ ହଜାର ଟଙ୍କା ହେଲା। ଏଥିରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅର୍ଥ ରାଶିର ପରିମାଣ ହେଲା ୬୦:୪୦। ୨୦୧୧ ଆର୍ଥିକ ଜନଗଣନା ଆଧାରରେ ହିତାଧିକାରୀ ଚୟନ କରାଯିବ ବୋଲି ନୂତନ ନିୟମ ହେଲା। ଅର୍ଥାତ୍ ପୂର୍ବରୁ ପଲ୍ଲିସଭା ଜରିଆରେ ଯେଉଁ ନାମ ଆସିଥିଲା ଏବଂ ଗ୍ରାମସଭା ଯେଉଁ ତାଲିକାରେ ମୋହର ମାରିଥିଲା ତାହା ରଦ୍ଦ ହୋଇଗଲା। ସରକାରୀ କର୍ମଚାରୀମାନେ ଘରଘର ବୁଲି ଯେଉଁ ରିପୋର୍ଟ ପ୍ରସ୍ତୁତ କରିଥିଲେ ତାକୁ ଆଧାର ରୂପେ ନେଇ ଆବେଦନ କରିଥିବା ଲୋକଙ୍କ ଭିତରୁ ହିତାଧିକାରୀ ଚୟନ ପ୍ରକ୍ରିୟା ଆରମ୍ଭ ହେଲା ଓ ଗ୍ରାମସଭା ଏଥିରେ ମୋହର ଲଗାଇବାର ବ୍ୟବସ୍ଥା ହେଲା। ତା'ପରେ ଆରମ୍ଭ ହୋଇଗଲା ଆରୋପ ପ୍ରତ୍ୟାରୋପ। ମୁଖ୍ୟ ବିରୋଧୀ ଦଳର ସାଂସଦମାନେ ଅନିୟମିତତା ବିରୋଧରେ ପାର୍ଲାମେଣ୍ଟରେ ସ୍ୱରୋତ୍ତୋଳନ କଲେ। ଆରମ୍ଭ ହେଲା ତଦନ୍ତ। ଜଣାପଡ଼ିଲା ଆବାସ ବଣ୍ଟନରେ ଅନିୟମିତତା ହୋଇଛି। କିନ୍ତୁ ସତ କହିବାକୁ ଗଲେ ଏହି ଦୁର୍ନୀତି ଯେ କେବଳ ଆମ ରାଜ୍ୟରେ ହେଉଛି ତାହା ନୁହେଁ, ଊଣା ଅଧିକେ ସବୁ ରାଜ୍ୟରେ ଏହି ସମସ୍ୟା ଅଛି।



ରାଜ୍ୟ ସରକାରଙ୍କ କହିବା କଥା ହେଲା ଯେତିକି ଆବାସ ପାଇଁ ପ୍ରସ୍ତାବ ଯାଉଛି ତାହା ମିଳୁନାହିଁ। ଦୁଇ ବର୍ଷରୁ ଊର୍ଦ୍ଧ୍ୱ କାଳ ହେଲା କେନ୍ଦ୍ର ସରକାରଙ୍କ ଆବାସ ଯୋଜନା ଶୀତଳ ଭଣ୍ଡାରରେ ଥିଲା। ଏହା ସତ୍ତ୍ୱେ ୩୧ ଲକ୍ଷରୁ ଊର୍ଦ୍ଧ୍ୱ ଆବାସ ନିର୍ମାଣ କାର୍ଯ୍ୟ ଏହି ଛଅ ବର୍ଷ ମଧ୍ୟରେ ସମ୍ପୂର୍ଣ୍ଣ ହୋଇସାରିଛି ଓ ଏଥିପାଇଁ ପ୍ରଶଂସା ପତ୍ର ମଧ୍ୟ ମିଳିଛି। ରାଜ୍ୟ ସରକାର ନିଜସ୍ୱ ଭାବେ ବିଜୁ ପକ୍କାଘର ଯୋଜନା, ପକ୍କାଘର ଯୋଜନା (ଖଣି ଅଞ୍ଚଳରେ) ଏବଂ ନିର୍ମାଣ ଶ୍ରମିକ ଆବାସ ଯୋଜନା ନାମରେ ତିନୋଟି ଯୋଜନା ପ୍ରଣୟନ କରିଛନ୍ତି। ଅଧୁନା ଆଉ ଏକ କଳି ଆରମ୍ଭ ହୋଇଛି। କେନ୍ଦ୍ର ସରକାରରେ ଥିବା ଦଳର ଅଭିଯୋଗ କେନ୍ଦ୍ରର ଟଙ୍କାରେ ଯେଉଁ ଯୋଜନା ଚାଲିଛି ତାହା ସମ୍ପୂର୍ଣ୍ଣ ହେବା ପରେ ତାକୁ ବିଜୁ ଯୋଜନା କହି ରାଜ୍ୟ ସରକାର ସେଥିରେ ମୋହର ମାରି ଦେଉଛନ୍ତି। ରାଜ୍ୟ ସରକାର ଏହାକୁ ଖଣ୍ଡନ କରିବା ସହିତ ସିଂହ ଭାଗ ଅର୍ଥ ରାଜ୍ୟର ବୋଲି ଦାବି କରୁଛନ୍ତି। କିନ୍ତୁ ଭୁଲିଯିବା ଉଚିତ ନୁହେଁ, ଏ ଅର୍ଥ କେଉଁ ରାଜନୈତିକ ଦଳର ନୁହେଁ। ଏ ଅର୍ଥ ସାଧାରଣ ଜନତାଙ୍କର। ଜନସାଧାରଣ ପ୍ରତିଦିନ ଯେଉଁ ଟିକସ ଦେଉଛନ୍ତି ତାକୁ ନେଇ କଳି କରିବା ବିରାଡିର ପିଠା କଳି ସହିତ ସମାନ। ଜନସାଧାରଣଙ୍କଠାରୁ ନେଇ ତାକୁ ପୁଣି ସେମାନଙ୍କୁ ଦେଇ ଦାତାପଣ ବୋଲାଇବା ରାଜନୈତିକ ଦେବାଳିଆ। ମନେରଖିବା ଉଚିତ ଏହା ଦାନ ନୁହେଁ, କାହାର ଅନୁକମ୍ପା ନୁହେଁ, ଏହା ଅଧିକାର।

ଆବାସ ଆବଣ୍ଟନ କ୍ଷେତ୍ରରେ ଆନ୍ତରିକତା କମ୍, ରାଜନୀତି ବେଶି ଏକଥା ଅତ୍ୟନ୍ତ ସ୍ପଷ୍ଟ। ୧୯୮୫ରୁ ୨୦୨୩ ମସିହା ଦୀର୍ଘ ୩୭ ବର୍ଷ ଧରି ଗୋଟିଏ ଯୋଜନା ଚାଲିଛି। ଏହା ପରେ ଦେଖାଯାଉଛି ଲକ୍ଷ ଲକ୍ଷ ଲୋକଙ୍କର ଆଦୌ ଘର ନାହିଁ। ବସଷ୍ଟାଣ୍ଡ, ଷ୍ଟେଶନ, ରାସ୍ତାକଡ଼ର ଖୋଲା ଆକାଶ ତଳେ ଅତି ଦୟନୀୟ ଅବସ୍ଥାରେ ଏମାନେ ଜୀବନ ବିତାଉଛନ୍ତି। ପ୍ରଶ୍ନ ଆସେ ଆଉ କେତେ ବର୍ଷ ଲାଗିବ ବାସଗୃହ ଭଳି ମୌଳିକ ଅଧିକାରଟି ସମସ୍ତଙ୍କ ନିକଟରେ ପହଞ୍ଚାଇବାକୁ? ଯିଏ ଯାହାକୁ ଯେତେ ଦୋଷାରୋପ କରୁନା କାହିଁକି ସେତେଦିନ ଯାଏ ଏହି ସମସ୍ୟା ଅସମାହିତ ହୋଇ ରହିଥିବ, ଯେ ପର୍ଯ୍ୟନ୍ତ ଆମେ ନିଜକୁ ରାଜନୈତିକ ଫାଇଦାଠାରୁ ଦୂରେଇ ରଖି ନ ପାରିବା। ଦଳମତ ନିର୍ବିଶେଷରେ ଯଦି ସମସ୍ତଙ୍କୁ ଆପଣେଇ ନେଇପାରିବା ନାହିଁ ତେବେ କାହାର ପୁଷ ମାସ ତ କାହା ପାଇଁ ସର୍ବନାଶ ହେବା ସାର ହେବ। ପୁନଶ୍ଚ ହିତାଧିକାରୀ ଚୟନ କ୍ଷେତ୍ରରେ ଥିବା ତ୍ରୁଟିଗୁଡ଼ିକୁ ସଂଶୋଧନ ନ କରିବା ଯାଏ ଯୋଜନା ବାଟବଣା ହେବ ହିଁ ହେବ। ଆବାସ ଯୋଜନାରେ ଯୋଗ୍ୟ ହିତାଧିକାରୀ ଚୟନ ପାଇଁ ଯେଉଁ ସବୁ ପ୍ରାବଧାନ ଅଛି ସେଗୁଡ଼ିକୁ ଦେଖିଲେ ମନେହୁଏ ସୂର୍ଯ୍ୟ ଚନ୍ଦ୍ର ଥିବା ଯାଏ ବୋଧହୁଏ ଦେଶରେ କିଛି ଲୋକଙ୍କର କଚା ଘର ଥିବ। ଯଦି ମାଛ ଧରା ଡଙ୍ଗା, ତିନି ଚକିଆ ଯାନ, ମୋଟର ସାଇକେଲ, ଚାରି ଚକିଆ ଗାଡ଼ି ଏପରି କି କୃଷି ଯନ୍ତ୍ରାଂଶ, ଫ୍ରିଜ, ପାଞ୍ଚ ଏକର ଜଳସେଚିତ ଜମି ଥିଲେ, ପରିବାରର ମାସିକ ଆୟ ଦଶ ହଜାର ଟଙ୍କା ହୋଇଥିଲେ, ପରିବାରର କେହି ପ୍ରଫେଶନାଲ ଟିକସ ଦେଉଥିଲେ ଆବାସ ମିଳିବ ନାହିଁ, ଝୁମ୍ପୁଡି ଘରେ ରହୁଥିଲେ ମଧ୍ୟ। ଗୋଟିଏ ପଟେ ଏହି ସବୁ ସର୍ତ୍ତ ଅନ୍ୟ ପଟେ କେହି କଚା ଘରେ ରହିବେ ନାହିଁ ବୋଲି ଘୋଷଣା ପ୍ରହସନ ନା ରାଜନୈତିକ ହଟଚମଟ ବୁଝିବା କଷ୍ଟସାଧ୍ୟ।

ଇଟା, ଲୁହାଛଡ଼, ସିମେଣ୍ଟର ମୂଲ୍ୟ ବୃଦ୍ଧି ପାଉଥିବା ବେଳେ ଆବାସ ଯୋଜନାରେ ଏକ ଲକ୍ଷ କୋଡ଼ିଏ ହଜାର ଟଙ୍କାରେ କେତେ ବଡ଼ ପକ୍କା ଘର ନିର୍ମାଣ ହୋଇପାରିବ ତାହା କାହାକୁ ଅଜଣା? ଏ ପର୍ଯ୍ୟନ୍ତ କେହି ଭାବିଲେ ନାହିଁ ଏକ ବଖରା ଘରେ ପିଲାମାନେ ପଢ଼ିବେ କେଉଁଠି, ଅନ୍ୟମାନେ ରହିବେ କେଉଁଠି? ଘରର ଆସବାବପତ୍ର ରହିବ କେଉଁଠି? ତଥାପି ଆବାସ ଯୋଜନାର ତାଲିକାରେ ନିଜ ନାଆଁଟିକୁ ସ୍ଥାନିତ କରିବା ପାଇଁ ଯେଉଁ ଲମ୍ବା ଲାଇନ ଲାଗିଛି ତାହା ଆମ ଲୋକଙ୍କ ଅର୍ଥନୈତିକ ଅବସ୍ଥାର ଅସଲ ଚିତ୍ରକୁ ଟୋଳି ଧରୁଛି। ଆଉ ପ୍ରକୃତ ହିତାଧିକାରୀ ହୋଇ ମଧ୍ୟ ଏଥିରୁ ବହୁ ଲୋକ ବାରମ୍ବାର ବାଦ ପଡ଼ିବା ଆମ ବ୍ୟବସ୍ଥାର ତ୍ରୁଟିକୁ ପର୍ଦ୍ଦାଫାଶ କରୁଛି।

**ପ୍ରାକ୍ତନ ଯୁଗ୍ମ ସାଧାରଣ ସମ୍ପାଦକ, ଓଷ୍ଟା**
**ମୋ- ୭୦୦୮୦୭୩୫୯୯**

# ଶ୍ରେଣୀ ସଂଘର୍ଷର ନିଶାଣ ଭଗବତୀ ଚରଣ




ଡ. ପ୍ରଫୁଲ୍ଲ କୁମାର ସାହୁ

ମହାନ୍ ସ୍ୱାଧୀନତା ସଂଗ୍ରାମୀ ଭଗବତୀ ଚରଣ ପାଣିଗ୍ରାହୀ। ଚାଷୀ, ମୂଲିଆ, ଗରିବ ଓ ଅସହାୟ ମଣିଷର ଅସଲ ବନ୍ଧୁ। ବିଂଶ ଶତାବ୍ଦୀର ଚତୁର୍ଥ ଦଶକରେ ଯେତେବେଳେ ସାମ୍ୟବାଦୀ ଆନ୍ଦୋଳନର ନାଁ ଶୁଣିବା ମାତ୍ରେ ଭୟରେ ଥରି ଉଠୁଥିଲା ଅଭିଜାତବର୍ଗ ତଥା ଶୋଷକମାନଙ୍କ ଛାତି, ସେତିକିବେଳେ ଓଡ଼ିଶାର ରାଜନୈତିକ ବାତାବରଣକୁ ପ୍ରକମ୍ପିତ କରିଥିଲା ସାମ୍ୟବାଦୀ ଆନ୍ଦୋଳନର ତୂର୍ଯ୍ୟନାଦ, ଯାହାର ଆବାହକ ଥିଲେ ବିପ୍ଳବୀ ଭଗବତୀ ଚରଣ।

ସାମ୍ୟବାଦ ଏକ ବୈପ୍ଳବିକ ସିଦ୍ଧାନ୍ତ। ଏକ ବିଜ୍ଞାନସମ୍ମତ ବିଚାରଧାରା। ଅଷ୍ଟାଦଶ ଶତାବ୍ଦୀର ଶିଳ୍ପବିପ୍ଳବ ପରବର୍ତ୍ତୀ ଅର୍ଥନୀତିକ ବୈଷମ୍ୟଜନିତ ପ୍ରତିକ୍ରିୟାରୁ ତା'ର ଉନ୍ମେଷ ଓ ବିକାଶ। ଏହା ବିଶ୍ୱବ୍ୟାପୀ ନିର୍ଯ୍ୟାତିତ ମଣିଷକୁ ଦେଖାଇଲା ଶ୍ରେଣୀହୀନ ସମାଜ ଗଠନର ବାଟ। ଏହା ବିଶ୍ୱସାହିତ୍ୟକୁ ପ୍ରଭାବିତ କଲା ଏବଂ ରୂପାୟିତ ହେଲା ମାକସିମ ଗର୍ଗି, ରୁଷୋ ଓ ଭୋଲଟେୟାର ପ୍ରମୁଖ ବିଶ୍ୱବିଖ୍ୟାତ ଲେଖକଙ୍କ ଲେଖନୀରେ। କ୍ରମଶଃ ଏହା ପ୍ରାନ୍ତୀୟ ସାହିତ୍ୟରେ ଆତ୍ମପ୍ରକାଶ କଲା, ଯାହାକୁ କୁହାଗଲା ପ୍ରଗତିଶୀଳ ସାହିତ୍ୟ।

ସ୍ୱାଧୀନତା ସଂଗ୍ରାମକୁ କେନ୍ଦ୍ରକରି ଯେତେବେଳେ ଭାରତୀୟ କବି ଓ ଲେଖକମାନେ ଜାତୀୟବାଦୀ ଭାବନାକୁ ନେଇ ଲେଖନୀ ଚାଳନା କରିଥିଲେ, ସେତିକି ବେଳେ ଭାରତୀୟ ସାହିତ୍ୟକୁ ପ୍ରବେଶ କଲା ପ୍ରଗତିବାଦୀ ଚେତନା। ସେଥିରେ ଉଦ୍‌ବୁଦ୍ଧ ହୋଇ ଭଗବତୀ ଚରଣ ପାଣିଗ୍ରାହୀ ନବଯୁଗ ସାହିତ୍ୟ ସଂସଦ ପ୍ରତିଷ୍ଠା କଲେ(୧୯୩୫) ଏବଂ ତାଙ୍କ ସଂପାଦନାରେ ପ୍ରକାଶ ପାଇଲା 'ଆଧୁନିକ' (୧୯୩୬) ପତ୍ରିକା। ସେହିବର୍ଷ 'ଆଧୁନିକ'ରେ ପ୍ରକାଶ ପାଇଲା ଭଗବତୀ ଗଳ୍ପ ମାନସର ଆଦ୍ୟଫଳ ତଥା ସମାଜବାଦୀ ଚେତନାର ଅଗ୍ନିବୀଜ 'ଶିକାର'। ଶ୍ରେଣୀ ସଂଘର୍ଷ ତତ୍ତ୍ୱର ପ୍ରୟୋଗ ସ୍ୱରୂପ ଏଥିରେ ସେ ଶୋଷିତ ହାତରେ ଧରେଇଦେଲେ ଶ୍ରେଣୀବାଦ୍‌କୁ ଖତମ କରିବାର ଅସ୍ତ୍ର। ମାର୍କସଙ୍କ ଦର୍ଶନ କହେ ଶୋଷକ ଓ ଶାସକଙ୍କ ସ୍ୱାର୍ଥ ରକ୍ଷା ପାଇଁ ପ୍ରତିଷ୍ଠା ହୋଇଥିବା ବିଚାରାଳୟରୁ ନ୍ୟାୟ ପାଏନି ଶୋଷିତ ଓ ସର୍ବହରା। ତେଣୁ ଗୋବିନ୍ଦ ସର୍ଦ୍ଦାର ଭଳି ଜଣେ ନର ରାକ୍ଷସକୁ ହତ୍ୟା କରିଥିବା ଗଳ୍ପନାୟକ ଘିନୁଆର ସରଳପଣକୁ ବୁଝିବା ପାଇଁ ଚେଷ୍ଟା କରିନି ଅନ୍ଧ ଆଇନ। ବରଂ ବକ୍‌ସିସ୍ ଦବାର ଛଳନା କରି ତାକୁ ଚଢ଼େଇ ଦେଇଛି ଫାଶୀଖୁଣ୍ଟରେ। ଶିକାର ଗଳ୍ପ ପ୍ରକାଶ ପାଇବା ପରେ ଓଡ଼ିଆ ସାହିତ୍ୟକୁ ଆଲୋଡ଼ିତ କଲା ପ୍ରଗତିବାଦୀ ସ୍ୱର ଓ ସଙ୍କଳ୍ପ। 'ଶିକାର' ବ୍ୟତୀତ 'ମିମାଂସା'ଏବଂ 'ହାତୁଡ଼ି ଓ ଦା' ଆଦି ଗଳ୍ପରେ ମଧ୍ୟ ଶ୍ରେଣୀ ସଂଘର୍ଷର ଚିତ୍ର ଉପସ୍ଥାପନ କରି ଆଗାମୀ ବିପ୍ଳବ ପାଇଁ ଗାଳ୍ପିକ ପ୍ରସ୍ତୁତ କରିଛନ୍ତି ବିସ୍ତୃତ ପଟ୍ଟଭୂମି। ଭଗବତୀ ଚରଣ କେବଳ ଗାଳ୍ପିକ ନ ଥିଲେ, ଅଧିକନ୍ତୁ ସେ ଥିଲେ କବି, ପ୍ରାବନ୍ଧିକ ଓ ଅନୁବାଦକ। ଅଗଣିତ ଓଡ଼ିଆଙ୍କ ଭିତରେ ସାମ୍ୟବାଦୀ ଚିନ୍ତାଧାରାର ପ୍ରସାର ପାଇଁ କାର୍ଲମାର୍କସଙ୍କ 'କମ୍ୟୁନିଷ୍ଟ ମେନିଫେଷ୍ଟୋ'କୁ ସେ ଓଡ଼ିଆରେ ଅନୁବାଦ କରିଥିଲେ, ଯାହା ପ୍ରକାଶ ପାଇଥିଲା 'ବୈଜ୍ଞାନିକ ସମାଜବାଦ' ନାମରେ। ସାହିତ୍ୟ ସାଧନାଠାରୁ ତାଙ୍କ ରାଜନୈତିକ ଜୀବନ ଥିଲା ଅଧିକ ସଂଘର୍ଷମୟ ଓ ସମର୍ପିତ। ଓଡ଼ିଶାରେ କମ୍ୟୁନିଷ୍ଟ ଦଳ ଗଠନ ହେବା ପୂର୍ବରୁ ସ୍ୱାଧୀନତା ସଂଗ୍ରାମ ପାଇଁ କଂଗ୍ରେସର ଛତାତଳେ ଥିବା ବାମପନ୍ଥୀ ଯୁବକମାନେ ଚାହୁଁଥିଲେ ଏକ ବୈପ୍ଳବିକ ପରିବର୍ତ୍ତନ। କଂଗ୍ରେସ ଭିତରେ ବାମପନ୍ଥୀ ସମାଜବାଦୀ ବିଚାରଧାରାର ପ୍ରବର୍ତ୍ତକ ଥିଲେ ନବକୃଷ୍ଣ ଚୌଧୁରୀ। ୧୯୩୪ ମସିହା ଫେବୃୟାରୀ ମାସରେ ନବକୃଷ୍ଣ ଚୌଧୁରୀ ଓ ଭଗବତୀ ଚରଣ ପାଣିଗ୍ରାହୀଙ୍କ ମିଳିତ ଉଦ୍ୟମରେ ଜନ୍ମ ନେଇଥିଲା ଓଡ଼ିଶା କଂଗ୍ରେସ ସୋସିଆଲିଷ୍ଟିକ୍ ଦଳ। ଏହି ନବଗଠିତ ଦଳର ସଂପାଦକ ହୋଇଥିଲେ ଭଗବତୀ ଚରଣ ପାଣିଗ୍ରାହୀ। କଂଗ୍ରେସ ସୋସିଆଲିଷ୍ଟ ଦଳରେ ରହି କମ୍ୟୁନିଷ୍ଟମାନେ ଗଢ଼ିଲେ ଏକ ଗୁପ୍ତ ସଂଗଠନ। ୧୯୩୬ରେ ଭଗବତୀ ଚରଣ ପାଣିଗ୍ରାହୀ, ପ୍ରାଣନାଥ ପଟ୍ଟନାୟକ ଓ ଗୁରୁଚରଣ ପଟ୍ଟନାୟକ ପ୍ରମୁଖ ଅନେକ ବାମପନ୍ଥୀଙ୍କ ଉଦ୍ୟମରେ ଓଡ଼ିଶାରେ ବିଧିବଦ୍ଧ ଭାବେ ଗଠନ ହେଲା କମ୍ୟୁନିଷ୍ଟ ଦଳ। ମଠ ଧନ - କୋଠ ହେଉ, ଲଙ୍ଗଳ ଯା'ର ଜମି ତା'ର ଇତ୍ୟାଦି ଦାବି ନେଇ ସମ୍ପାଦକ ଭଗବତୀ ଚରଣଙ୍କ ନେତୃତ୍ୱରେ ବ୍ୟାପକ ହେଲା କମ୍ୟୁନିଷ୍ଟ ଆନ୍ଦୋଳନ।



ଜୟନ୍ତୀ ଉପଲକ୍ଷେ

ଭଗବତୀ ଚରଣ ପାଣିଗ୍ରାହୀ ଥିଲେ କୃଷକ ଆନ୍ଦୋଳନରେ ଅନ୍ୟତମ କର୍ଣ୍ଣଧାର। ସାହୁକାର ଓ ଜମିଦାରମାନଙ୍କ ଦ୍ୱାରା ଶୋଷିତ ଚାଷୀମୂଲିଆଙ୍କ ସ୍ୱାର୍ଥ ସୁରକ୍ଷା ପାଇଁ ସେ ନବକୃଷ୍ଣ ଚୌଧୁରୀଙ୍କ ସହ ମିଶି ଗଠନ କରିଥିଲେ କୃଷକ ସଂଗଠନ। କୃଷକମାନଙ୍କୁ ନିଜ ଅଧିକାର ସମ୍ପର୍କରେ ସଚେତନ କରାଇବା ପାଇଁ ତାଙ୍କ ସଂପାଦନାରେ ପ୍ରକାଶ ପାଉଥିଲା 'କୃଷକ' ନାମରେ ଏକ ପତ୍ରିକା। ଏହା ଚାଷୀ ମୂଲିଆଙ୍କ ଭିତରେ ଯେତିକି ଜାଗରଣ ସୃଷ୍ଟି କରିଥିଲା, ସେତିକି ଆତଙ୍କ ଖେଳାଇ ଦେଇଥିଲା ସାମନ୍ତବାଦୀ ଶିବିରରେ। ଓଡ଼ିଶାରେ କମ୍ୟୁନିଷ୍ଟ ଦଳ ପ୍ରତିଷ୍ଠା ପରେ ସବୁଠାରୁ ବଡ଼ ଘଟଣାଥିଲା ଢେଙ୍କାନାଳ ପ୍ରଜାମଣ୍ଡଳ ଆନ୍ଦୋଳନ। ଢେଙ୍କାନାଳ ରାଜାଙ୍କ ଅନ୍ଧାରି ଶାସନ ବିରୋଧରେ ଯେଉଁ ଗଣ ଆନ୍ଦୋଳନ ହୋଇଥିଲା ସେ ଆନ୍ଦୋଳନରେ ସାମିଲ ହୋଇ ଶହୀଦ ହେଲେ ବାରବର୍ଷର ବାଳକ ବାଜି ରାଉତ ଓ ଅନେକ ନିରୀହ ମଣିଷ। ଢେଙ୍କାନାଳ ଗୁଳିକାଣ୍ଡ ପ୍ରତିବାଦରେ କଟକ ଟାଉନ ହଲ୍‌ରେ ପ୍ରାଣନାଥ ପଟ୍ଟନାୟକ ସଭାପତିତ୍ୱରେ ଏକ ସାଧାରଣ ସଭା ଅନୁଷ୍ଠିତ ହେଲା ଏବଂ ସଭାର ନିଷ୍ପତ୍ତିକ୍ରମେ ଢେଙ୍କାନାଳ ପ୍ରଜାମଣ୍ଡଳ ଆନ୍ଦୋଳନର ନେତୃତ୍ୱ ନେଲେ ଭଗବତୀଚରଣ ପାଣିଗ୍ରାହୀ। ସେଠାକାର ପ୍ରଜାମାନଙ୍କୁ ଅଧିକ ସଂଘଟିତ କରି ବେଠି ବେଗାରି ବିରୋଧରେ ଚଳାଇଲେ ଆଇନ ଅମାନ୍ୟ ଆନ୍ଦୋଳନ। ଏଥିପାଇଁ ସେ କାରାବରଣ କରିଛନ୍ତି, ଅତ୍ୟାଚାର ସହିଛନ୍ତି, ମାତ୍ର ବିପ୍ଳବର ପଥ ପରିହାର କରି ନାହାନ୍ତି ଗୁଳିଗୋଳା ଭୟରେ।

ବ୍ୟକ୍ତିଗତ ଭାବେ ଭଗବତୀ ଚରଣ ଥିଲେ ଜଣେ ବନ୍ଧୁବତ୍ସଳ ମଣିଷ ଏବଂ କୁସଂସ୍କାର ଓ ଅନ୍ଧବିଶ୍ୱାସ ବିରୋଧୀ। ବ୍ରାହ୍ମଣ କୁଳରେ ଜନ୍ମହୋଇ ମଧ୍ୟ ସେ ପୂଜାପାଠର ବିରୋଧୀ ଥିଲେ ଏବଂ ମାନବ ସେବାକୁ ଜୀବନର ବ୍ରତ ଭାବରେ ଗ୍ରହଣ କରି କହୁଥିଲେ ଧର୍ମ, ଈଶ୍ୱର ଓ ବାହ୍ୟପୂଜା ହେଉଛି ଅଜ୍ଞାନ ଲୋକଙ୍କ ପାଇଁ ନିଶା, ନିଃଶ୍ୱାସ ଓ ଅଫିମ। ଏହାଦ୍ୱାରା ସମାଜରେ ବୃଦ୍ଧିପାଏ ଶୋଷଣ ଓ ଅନ୍ୟାୟ। ଭଗବତୀଙ୍କର ଏହି ବାସ୍ତବବାଦୀ ବିଚାରଧାରା ପାଇଁ ତାଙ୍କୁ କିଛି ଲୋକ ନାସ୍ତିକ ଓ ଧର୍ମଛଡ଼ା କହୁଥିଲେ ସତ, କିନ୍ତୁ ଅନେକ ଲୋକ ତାଙ୍କୁ ଫୁଲମାଳ ପିନ୍ଧାଉଥିଲେ ଶ୍ରଦ୍ଧା ଓ ଭକ୍ତିରେ।

**ଅବସରପ୍ରାପ୍ତ ଅଧ୍ୟକ୍ଷ, ବିଜୁ ପଟ୍ଟନାୟକ ନଗର, ଭଦ୍ରକ**
**ମୋ: ୬୩୭୧୬୪୨୪୬୪**

## ଏଇ ଭାରତରେ

ନିଜ ଭବିଷ୍ୟତ କଥା ଚିନ୍ତା ନ କରି ପିଲାଙ୍କ ଶିକ୍ଷା ଲାଗି ସବୁ କିଛି ଦାନ କରିଦେଇ ଅନ୍ୟମାନଙ୍କ ପାଇଁ ଆଦର୍ଶ ପାଲଟିଛନ୍ତି ହୁଚ୍ଚାମ୍ମା ଚୌଦ୍ରି। କର୍ନାଟକ ହାଭେରି ଜିଲା କୁନିକେରି ଗାଁରେ ରହନ୍ତି ହୁଚ୍ଚାମ୍ମା। ସେ ଓ ତାଙ୍କ ସ୍ୱାମୀ ବାଶାପ୍ପାଙ୍କ ସହ ଚାଷକରି ଜୀବିକା ନିର୍ବାହ କରୁଥିଲେ। ସେମାନଙ୍କର ସନ୍ତାନ ନ ଥିଲା। ବାଶାପ୍ପାଙ୍କ ଦେହାନ୍ତ ପରେ ସେ ତାଙ୍କ ଗାଁରେ ସ୍କୁଲ ପାଇଁ ୨ ଏକର ଜମି ଦାନ କରିଦେଇଛନ୍ତି। ପ୍ରଥମେ ସ୍କୁଲ ବିଲ୍‌ଡିଂ ପାଇଁ ୧ଏକର ଦାନ ଦେଇଥିଲେ। ପରେ ସ୍କୁଲ ନିମନ୍ତେ ଖେଳପଡ଼ିଆ ଦରକାର ପଡ଼ିବାରୁ ହୁଚ୍ଚାମ୍ମା ଅବଶିଷ୍ଟ ୧ ଏକର ଦାନ କରିଦେଇଥିଲେ। ଏହି ଜମିର ଏବକାର ବଜାର ମୂଲ୍ୟ ୧ କୋଟି ଟଙ୍କାରୁ ଅଧିକ । ସବୁଠୁ ବଡ଼ କଥା ହେଉଛି ହୁଚ୍ଚାମ୍ମା ଏବେ ସେହି ସ୍କୁଲରେ ମଧ୍ୟାହ୍ନଭୋଜନ ମୁଖ୍ୟ ରୋଷେୟା ଭାବେ କାମ କରୁଛନ୍ତି। ଏବେ ତାଙ୍କୁ ୭୫ ବର୍ଷ ବୟସ। ପରିଣତ ବୟସରେ ଏକାକୀ ରହୁଥିଲେ ବି ସେ ସ୍କୁଲ ପିଲାମାନଙ୍କୁ ନିଜ ପିଲା ଭାବେ ଦେଖୁଛନ୍ତି। ସ୍କୁଲର ପ୍ରାୟ ୩୦୦ ପିଲାଙ୍କୁ ପ୍ରତିଦିନ ଖାଇବାକୁ ଦେଇ ସେ ବେଶ୍ ଖୁସି ଅନୁଭବ କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୧ ଫେବୃୟାରୀ ୧୯୯୮**

- ମାରୁତି ଉଦ୍ୟୋଗ ଲିମିଟେଡ ପାଇଁ ୩୦୦ କୋଟି ଟଙ୍କାର ସଂପ୍ରସାରଣ ତଥା ଆଧୁନିକୀକରଣ ଯୋଜନା ପ୍ରସ୍ତାବ ଅନୁମୋଦିତ।
- ପହିଲମାନ ତଥା ଚଳଚ୍ଚିତ୍ର ଅଭିନେତା ଦାରା ସିଂଙ୍କ ଭାରତୀୟ ଜନତା ପାର୍ଟିରେ ଯୋଗଦାନ।
- ମହାନଦୀର ଜଳସ୍ରୋତରେ ବୁର୍ଲା ଇଞ୍ଜିନିୟରିଂ କଲେଜର ୭ ଜଣ ଛାତ୍ର ଭାସିଯିବା ଘଟଣାରେ ହୀରାକୁଦ ଜଳଭଣ୍ଡାର ଦାୟିତ୍ୱରେ ଥିବା ୩ ଯନ୍ତ୍ରୀ ନିଲମ୍ବିତ।

## ଚିରନ୍ତନୀ

ଚଳ ଗୋ ତୁମେ କାହାର ଲାଗି
ଆଜି ନିଶୀଥେ କିଏ ଅଭାଗୀ
ରହିଛି ଜାଗି ଢାଳି ତପତ ଶ୍ୱାସ ଗୋ
ପରାଣେ ବହି ତୀବ୍ରତମ ପ୍ରାସ ଗୋ।
-(ବର୍ଷା ନାୟିକା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ସାମ୍ବାଦିକଙ୍କ ସମସ୍ୟା ସମାଧାନ ହେବ କେବେ

ମହାଶୟ,

ଓଡ଼ିଶାରେ ସାମ୍ବାଦିକଙ୍କ ସମସ୍ୟା ସମାଧାନ ପାଇଁ ସରକାରଙ୍କ ଯୋଜନା କେବଳ ପ୍ରଚାରରେ ସୀମିତ ରହିଛି। ବିଶେଷକରି ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାକୁ ସାମ୍ବାଦିକମାନେ ପ୍ରଚାର କରୁଥିଲେ ମଧ୍ୟ ସେମାନଙ୍କ ପାଇଁ ସରକାର ନୀରବ ରହିବା ସବୁଠାରୁ ଦୁଃଖର ବିଷୟ। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ୨୦୦୭ ଜୁନ୍ ୨୮ରେ ବିଧାନ ସଭା ଅଧିବେଶନର ଶୂନ୍ୟକାଳରେ ସାମ୍ବାଦିକମାନଙ୍କ ବିଭିନ୍ନ ସମସ୍ୟାକୁ ଗୃହରେ ସଭ୍ୟ ନଳିନୀକାନ୍ତ ମହାନ୍ତି ଉପସ୍ଥାପନ କରିଥିଲେ। ସେମାନଙ୍କ ପେନସନ ଓ ଅନ୍ୟାନ୍ୟ ଦାବିକୁ ସରକାର ଶୁଣୁ ନାହାନ୍ତି ବୋଲି କହିଥିଲେ। ଆଲୋଚନା ମାଧ୍ୟମରେ ଏହା ସମାଧାନ ହୋଇପାରିବ ବୋଲି କୁହାଯାଇଥିଲା। ସେହିଭଳି ସାମ୍ବାଦିକଙ୍କ କଥା ଆଗ ବୁଝାଯାଉ ବୋଲି ବିଧାନ ସଭାରେ ସ୍ୱର ଉଠିଥିଲା। ତଥାପି ଦୀର୍ଘବର୍ଷ ହେଲା ସରକାର ସାମ୍ବାଦିକମାନଙ୍କ ପାଇଁ କିଛି କରୁନାହାନ୍ତି।

**-ବିଷ୍ଣୁପ୍ରସାଦ ମହାରଣା, ଢେଙ୍କାନାଳ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଭାଲ୍ୟୁ ଡେଜ୍ ସେଲ୍ ଉପରେ ଆକର୍ଷଣୀୟ ଅଫର

ନୂଆଦିଲ୍ଲୀ: ଇ-କର୍ମସ ପ୍ଲାଟ୍‌ଫର୍ମ ଆମାଜନ ଫ୍ରେସ୍‌ର ଚଳିତ ସୁପର ଭାଲ୍ୟୁ ଡେଜ୍ ଅବସରରେ ଗ୍ରାହକମାନେ ସେମାନଙ୍କ ମନପସନ୍ଦର ଗ୍ରୋସରି ତଥା ଅନ୍ୟାନ୍ୟ ସାମଗ୍ରୀ ଉପରେ ଆକର୍ଷଣୀୟ ଅଫର ପାଇପାରିବେ। ଏପରିକି ଉକ୍ତ ଅଫର ଫେବୃୟାରୀ ୭ ତାରିଖ ପର୍ଯ୍ୟନ୍ତ ଉପଲବ୍ଧ। ଏଥିରେ ଗ୍ରାହକମାନେ ଜିଲେଟ, ଦାୱତ, ଟାଟା, ଫର୍ଚ୍ୟୁନ, ଗୋଦ୍‌ରେଜ ଏବଂ ଡାବର ଭଳି ଲୋକପ୍ରିୟ ବ୍ରାଣ୍ଡ୍‌ଗୁଡ଼ିକରୁ ଗ୍ରୋସରି, ଘରକରଣା ଉପକରଣ, ପ୍ୟାକେଜ ଖାଦ୍ୟ, ସ୍ନାକ୍ସ ଏବଂ ପାନୀୟ ଓ ଷ୍ଟାପଲ ଭଳି ଅନେକ ସାମଗ୍ରୀ ଉପରେ ୪୫% ପର୍ଯ୍ୟନ୍ତର ରିହାତି ପାଇପାରିବେ।

# ଡାଟା ଶକ୍ତିର ବ୍ୟବହାରକୁ ଗୁରୁତ୍ୱାରୋପ

**ନୂଆଦିଲ୍ଲୀ,୩୧।୧**

ଆମାଜନ୍ ୱେବ୍ ସର୍ଭିସେସ୍ (ଏଡବ୍ଲ୍ୟୁଏସ୍)ର ଆଉ ଏକ ନୂତନ ରିସର୍ଚ୍ଚ ରିପୋର୍ଟରେ ଫଳାଫଳ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଭାରତରେ ଡାଟା ଶକ୍ତିର ବ୍ୟବହାର କରୁଥିବା ସଂସ୍ଥାଗୁଡ଼ିକ ନିଜର ବାର୍ଷିକ ବ୍ୟବସାୟ ରାଜସ୍ୱକୁ ୧୩.୬% ଯାଏଁ ବୃଦ୍ଧିକରି ପାରିବେ ବୋଲି ଉକ୍ତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଏପରିକି ବୃହତ୍ ସଂସ୍ଥାଗୁଡ଼ିକ ପାଇଁ ଏହା ଅତିରିକ୍ତ ବାର୍ଷିକ ରାଜସ୍ୱରେ ୭୪୫୧ ମିଲିୟନ ଟଙ୍କା ସହ ସମାନ ବୋଲି ଏଡବ୍ଲ୍ୟୁଏସ୍ ପକ୍ଷରୁ ପ୍ରକାଶ କରାଯାଇଛି। ଏ ସମ୍ପର୍କରେ ଡିଲଏଟ୍‌ରେ ସହଯୋଗୀ ଥିବା ମୋନୋଜିତ୍ ମଜୁମଦାର କହିଛନ୍ତି, 'ସଂସ୍ଥାଗୁଡ଼ିକ ଡିଜିଟାଲ ରୂପାନ୍ତରଣରେ ଅଧିକ ନିବେଶ କରୁଥିବାରୁ ଏହା ଉତ୍ପାଦକତା ବୃଦ୍ଧି କରିବା, ଉପଭୋକ୍ତାଙ୍କ ବ୍ୟବସାୟ ପାଇଁ ଆର୍ଥିକ ରିଟର୍ନ ସୃଷ୍ଟି କରିବା ଏବଂ ଅର୍ଥନୀତି ଉପରେ ଏକ ସକାରାତ୍ମକ ପ୍ରଭାବ ପକାଇବା ପାଇଁ ଡାଟାର ଉନ୍ନତ ଉପଯୋଗ ଲାଗି ଏକ ସୁଯୋଗ ସୃଷ୍ଟି କରିଛି। ସେହିଭଳି ଏଡବ୍ଲ୍ୟୁଏସ୍ ଇଣ୍ଡିଆ ଆଣ୍ଡ ସାଉଥ୍ ଏସିଆ (ଆମାଜନ୍ ୱେବ୍ ସର୍ଭିସେସ୍ ଇଣ୍ଡିଆ ପ୍ରା.ଲିଃ)ରେ କମର୍ସିଆଲ ବିଜ୍‌ନେସ୍ ବିଭାଗର ଅଧ୍ୟକ୍ଷ ପୁନୀତ୍ ଚନ୍ଦୋକ୍ କହିଛନ୍ତି, ସଂସ୍ଥାଗୁଡ଼ିକ ଡାଟା ମାଚ୍ୟୁରିଟି ଯାତ୍ରାର ଯେଉଁ ପର୍ଯ୍ୟାୟରେ ବି ଥାଆନ୍ତୁ ନା କାହିଁକି ଏଡବ୍ଲ୍ୟୁଏସ୍ ଭାରତରେ ଗ୍ରାହକଙ୍କୁ ନିଜର ଡାଟା ପ୍ରୋଜେକ୍ଟଗୁଡ଼ିକୁ ବ୍ୟାପକ କରିବା ଏବଂ ଉତ୍ପାଦକତା ବଢ଼ାଇବା ଓ ନିଜ ଗ୍ରାହକଙ୍କ ପାଇଁ ଉଦ୍ଭାବନ କରିବା ପାଇଁ ଡାଟାକୁ ଏକତ୍ରିତ କରିବା ଲାଗି ବ୍ୟାପକତା, ମୂଲ୍ୟ ଦକ୍ଷତା ଓ କ୍ଲାଉଡ୍ ସୁରକ୍ଷାର ବ୍ୟବହାର କ୍ଷେତ୍ରରେ ସାହାଯ୍ୟ କରିବା ଲାଗି ପ୍ରତିବଦ୍ଧ ରହିଛି।

# ଜାନୁୟାରୀରେ ୧.୫୬ ଲକ୍ଷ କୋଟିର ଜିଏସ୍‌ଟି ସଂଗ୍ରହ

## ଗତବର୍ଷ ଅପେକ୍ଷା ୨୪% ଅଧିକ ଟିକସ ଆଦାୟ

- ୨୦୨୨-୨୩ ଆର୍ଥିକ ବର୍ଷରେ ଦ୍ୱିତୀୟ ସର୍ବବୃହତ୍ ଟିକସ ସଂଗ୍ରହ
- ଚଳିତ ଆର୍ଥିକ ବର୍ଷରେ ୩ୟ ଥର ପାଇଁ ଜିଏସ୍‌ଟି ସଂଗ୍ରହ ୧.୫ ଲକ୍ଷ କୋଟି ପାର

**ନୂଆଦିଲ୍ଲୀ,୩୧।୧**

ଦେଶର ଅର୍ଥନୀତିକୁ ସଶକ୍ତ କରିବା ପାଇଁ ସରକାର ଟିକସ ଆଦାୟକୁ ଗୁରୁତ୍ୱ ଦେଉଛନ୍ତି। ଏହାର ପ୍ରତିଫଳ ଦେଶର ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ଆଦାୟରେ ପ୍ରତିଫଳିତ ହେଉଛି। ଏପରିକି ୨୦୨୩ ଜାନୁୟାରୀର ଜିଏସ୍‌ଟି ସଂଗ୍ରହ ସମ୍ପର୍କରେ ମଙ୍ଗଳବାର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ବିସ୍ତୃତ ସୂଚନା ପ୍ରଦାନ କରାଯାଇଛି। ବିଶେଷକରି ଚଳିତ ବର୍ଷ ଜାନୁୟାରୀରେ ଦେଶର ଜିଏସ୍‌ଟି ସଂଗ୍ରହ ୧.୫୬ (୧,୫୫,୯୨୨) ଲକ୍ଷ କୋଟି ଟଙ୍କା ଟିକସ ଆକାରରେ ସଂଗ୍ରହ କରାଯାଇଛି। ଅପରପକ୍ଷରେ ୨୦୨୨ ଜାନୁୟାରୀରେ ସଂଗୃହୀତ ଜିଏସ୍‌ଟି ରାଜସ୍ୱ ଅପେକ୍ଷା ୨୦୨୩ ଜାନୁୟାରୀର ଟିକସ ସଂଗ୍ରହ ପ୍ରାୟ ୨୪% ଅଧିକ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଉଲ୍ଲେଖଯୋଗ୍ୟ, ୨୦୨୩ ଜାନୁୟାରୀରେ ସଂଗୃହୀତ ମୋଟ ଜିଏସ୍‌ଟି ରାଜସ୍ୱ ୧,୫୫,୯୨୨ ଲକ୍ଷ କୋଟି ରହିଥିବାବେଳେ ସେଥିମଧ୍ୟରୁ କେନ୍ଦ୍ରୀୟ ଟିକସ (ସିଜିଏସ୍‌ଟି) ୨୮,୯୬୩ କୋଟି ଟଙ୍କା ଥିଲାବେଳେ ରାଜ୍ୟ ଜିଏସ୍‌ଟି (ଏସ୍‌ଜିଏସ୍‌ଟି) ୩୬,୭୩୦ କୋଟି ଟଙ୍କା ରହିଛି। ସେହିଭଳି ଆଇଜିଏସ୍‌ଟି ବାବଦରେ ୭୯,୫୯୯ କୋଟି (ସାମଗ୍ରୀ ଆମଦାନୀରେ ୩୭,୧୧୮ କୋଟି ଟଙ୍କା ଅନ୍ତର୍ଭୁକ୍ତ ) ଏବଂ ସେସ୍ ୧୦,୬୩୦ ଟଙ୍କା କୋଟି (ସାମଗ୍ରୀ ଆମଦାନୀ ଉପରେ ୭୮୮ କୋଟି ଟଙ୍କା ସାମିଲ) ଟିକସ ଆକାରରେ ଆଦାୟ କରାଯାଇଛି। ସେହିପରି ସରକାର ସିଜିଏସ୍‌ଟିକୁ ୩୮,୫୦୭ କୋଟି ଟଙ୍କା ଏବଂ ନିୟମିତ ସମାଧାନ ଭାବେ ଆଇଜିଏସ୍‌ଟିରୁ ଏସ୍‌ଜିଏସ୍‌ଟିକୁ ୩୨,୬୨୪ କୋଟି ଟଙ୍କା ଦେବାକୁ ସ୍ଥିର କରିଛନ୍ତି ବୋଲି ଅର୍ଥ ମନ୍ତ୍ରଣାଳୟ ବିଜ୍ଞପ୍ତିରୁ ସୂଚନା ମିଳିଛି।




# ସୋନିର ନୂତନ ଉତ୍ପାଦ ଉନ୍ମୋଚିତ

**ନୂଆଦିଲ୍ଲୀ,୩୧।୧**




ଦେଶର ପ୍ରମୁଖ ତଥା ପ୍ରିମିୟର କ୍ୟାମେରା ବ୍ରାଣ୍ଡ୍ ସୋନିର ନୂତନ ଉତ୍ପାଦ 'ଏଫ୍‌ଆର୍-୭' ଉନ୍ମୋଚନ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ସିନେମା ଲାଇନରେ ସଦ୍ୟତମ ସଂଯୋଜନା ସହ ଏକ ବହୁମୁଖୀ ରିମୋଟ୍ କଣ୍ଟ୍ରୋଲ ଏବଂ ସିନେମାଟିକ୍ ଷ୍ଟୁଡିଓ, ଲାଇଭ୍ ପ୍ରଡକ୍ସନ ଏବଂ ଚଳଚ୍ଚିତ୍ର ନିର୍ମାଣ ସେଟିଂରେ ଖୋଲା ସୃଜନଶୀଳ ବୈଶିଷ୍ଟ୍ୟ ରହିଛି। ସେହିଭଳି ଏକ ଉଚ୍ଚ କାର୍ଯ୍ୟଦକ୍ଷତାପୂର୍ଣ୍ଣ ଫ୍ରେମ୍ ଫଟୋ ସେନ୍‌ସର ଏବଂ ସୋନିର ବିସ୍ତୃତ ଇ-ମାଉ ଲେନ୍ସ ରହିଛି। ଏପରିକି ଏହାର ସିନେମାଟିକ୍ ଲୁକ୍ ଏବଂ ଅପରେବିଲିଟି ମଧ୍ୟ ପ୍ରଦାନ କରେ, ଯାହା ସୋନି ଡିଜିଟାଲ ସିନେମା କ୍ୟାମେରାକୁ ଚଳଚ୍ଚିତ୍ର ନିର୍ମାଣ ଶିଳ୍ପର ସୀମାକୁ ଆଣି ଦେଇଛି ଏବଂ ବହୁମୁଖୀ ସଂଯୋଗ ଏବଂ ଦକ୍ଷ ମଲ୍ଟି କ୍ୟାମେରା ୱାର୍କ ଫ୍ଲୋ ସମର୍ଥନ ମଧ୍ୟ ପ୍ରଦାନ କରିଥାଏ। ଏ ସମ୍ପର୍କରେ ସୋନି ଇଣ୍ଡିଆର ଡିଜିଟାଲ ଇମେଜିଂ ମୁଖ୍ୟ ମୁକେଶ ଶ୍ରୀବାସ୍ତବ କହିଛନ୍ତି, ଉକ୍ତ ମଡେଲ ପ୍ରସାରଣ ଏବଂ ଲାଇଭ୍ ପ୍ରଡକ୍ସନ ଇଣ୍ଡଷ୍ଟ୍ରିରେ ବିଷୟବସ୍ତୁର ସିନେମାଟିକ୍ ଲୁକ୍ ଏବଂ ଅନୁଭବ ଦ୍ରୁତଗତିରେ ଏକ ଆବଶ୍ୟକତାରେ ପରିଣତ ହୋଇଛି। କାରଣ ଏହା ଏକ କାହାଣୀ ବାଢ଼ିବା ପାଇଁ ନୂତନ ମାର୍ଗ ଖୋଲୁଛି। ଏପରିକି ନୂତନ ଏଫ୍‌ଆର୍୭ କ୍ୟାମେରା ଉଭୟ ପିଟିଜେଡ୍ ଏବଂ ସିନେମାଟିକ୍ ବୈଶିଷ୍ଟ୍ୟ ସହ ନିଶ୍ଚିତ ଉତ୍ତର । ଏଫ୍‌ଆର୍୭ ରିଆଲିଟି ଶୋ ଯେପରିକି ପୂଜାଘର, ମନୋରଞ୍ଜନ କାର୍ଯ୍ୟକ୍ରମ, ଖେଳ, ସଙ୍ଗୀତ କାର୍ଯ୍ୟକ୍ରମ କଭର କରିବାର ଶୈଳୀକୁ ବଦଳାଇବାକୁ ଯାଉଛି।

# ନୁଭୋକୋ ପକ୍ଷରୁ ଟେକ୍ ଏକ୍ସପ୍ରେସ୍ ଉଦ୍‌ଘାଟିତ

**ନୂଆଦିଲ୍ଲୀ,୩୧।୧**





ଦେଶର ପ୍ରମୁଖ ସିମେଣ୍ଟ କମ୍ପାନୀ ନୁଭୋକୋ ଭିସ୍ତାସ୍ କର୍ପୋରେଶନ ଲିଃ ପକ୍ଷରୁ ନିକଟରେ ୫୦ଟି ଟେକ୍ ଏକ୍ସପ୍ରେସ୍ ଯାନ (ଟେକ୍ନିକାଲ ମୋବାଇଲ ଭ୍ୟାନ୍) ର ଶୁଭାରମ୍ଭ କରାଯାଇଛି। ଏପରିକି ଟେକ୍ ଏକ୍ସପ୍ରେସ ହେଉଛି ଏକ ମାଗଣା ମୂଲ୍ୟ-ଯୋଗକାରୀ ସେବା, ଯାହାକୁ ନୁଭୋକୋ କଂକ୍ରିଟ୍ ପ୍ଲେସ୍‌ମେଣ୍ଟ ସମୟରେ ନିରନ୍ତର ଓ ଉଚ୍ଚମାନର କଂକ୍ରିଟ୍ ସୁନିଶ୍ଚିତ କରିବା ପାଇଁ ବିନା କୌଣସି ଅତିରିକ୍ତ ଖର୍ଚ୍ଚରେ ପ୍ରଦାନ କରିଥାଏ। ଏହି ଯାନଗୁଡ଼ିକ ସାମଗ୍ରୀଗୁଡ଼ିକୁ ସାଇଟ୍‌ରେ ମୂଲ୍ୟାୟନ ବା ଯାଞ୍ଚ କରିବା ପାଇଁ ଆବଶ୍ୟକ ପରୀକ୍ଷଣ ସୁବିଧା ଓ ଉପକରଣ ସହ ସୁସଜ୍ଜିତ ରହିଛି ଏବଂ ଏହାକୁ କ୍ୟାପ୍ଟେନ ନୁଭୋକୋ ପରିଚାଳନା କରୁଛନ୍ତି। କ୍ୟାପ୍ଟେନ ନୁଭୋକୋ ହେଉଛନ୍ତି ଜଣେ ଯୋଗ୍ୟ ସିଭିଲ୍ ଇଞ୍ଜିନିୟର, ଯିଏ ନିର୍ମାଣ ପାଇଁ ସର୍ବୋତ୍ତମ କାର୍ଯ୍ୟ ଉପରେ ପରାମର୍ଶ ଦେଇଥାନ୍ତି। ବିଶେଷ କରି କଂକ୍ରିଟ୍ ଢଳାଯିବା ପୂର୍ବରୁ କୌଣସି ତ୍ରୁଟି ଥିଲେ ତାହାକୁ ଚିହ୍ନଟ କରିବା ଓ ଠିକ୍ କରିବା ପାଇଁ ସୁଯୋଗ ଦେବା ଲାଗି ଟେକ୍ ଏକ୍ସପ୍ରେସ୍ କିଛି ପ୍ରମୁଖ କାରକ ଯେପରିକି ସ୍ଲମ୍ପ କୋନ୍ ଟେଷ୍ଟ (ଏକ ମିଶ୍ରଣର ଗୁଣବତ୍ତା ଓ ସ୍ଥାୟିତ୍ୱକୁ ଆକଳନ କରିବା), ସିଲ୍ଟ ଟେଷ୍ଟ, ସ୍ଲାବ୍ କାଷ୍ଟିଙ୍ଗ୍ ସୁପରଭିଜନ, ରିବାଉଣ୍ଡ ହାମର୍ ଟେଷ୍ଟ ଆଦିରେ ସାହାଯ୍ୟ କରିପାରିଥାଏ। ଏହାଦ୍ୱାରା କମ୍ପାନୀର ଉଦ୍ଦେଶ୍ୟ ହେଉଛି ଦକ୍ଷ ନିର୍ମାଣ ପ୍ରକ୍ରିୟା ସୁନିଶ୍ଚିତ କରିବା ପାଇଁ ଉତ୍ତର, ପୂର୍ବ ଓ କେନ୍ଦ୍ର ଭାରତୀୟ ବଜାରଗୁଡିକରେ ଗ୍ରାହକଙ୍କୁ ଅନ୍-ସାଇଟ୍ ସେବା ପ୍ରଦାନ କରିବା।

ଏ ସମ୍ପର୍କରେ ନୁଭୋକୋର ସିମେଣ୍ଟ ବିଭାଗର ମୁଖ୍ୟ ବିକ୍ରି ଓ ବ୍ୟବସାୟ ବିକାଶ ଅଧିକାରୀ ବିନିତ୍ କୁମାର ତିୱାରୀ କହିଛନ୍ତି, ଇଣ୍ଡିଭିଜୁଆଲ ହୋମ୍ ବିଲ୍ଡର (ଆଇଏଚ୍‌ବି) ମାନେ ଆମ ବଜାରର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଅଟନ୍ତି ଏବଂ ସେମାନେ ନିର୍ମାଣ ପ୍ରକ୍ରିୟା ବେଳେ ବାରମ୍ବାର ଆନୁଷ୍ଠାନିକ ବୈଷୟିକ ସହଯୋଗରୁ ବଞ୍ଚିତ ରୁହନ୍ତି। ତେଣୁ ସେମାନେ ବାହାର ଲୋକଙ୍କ ପରାମର୍ଶ ଉପରେ ନିର୍ଭର କରିଥାନ୍ତି।

# ବଲାଙ୍ଗୀର,ନାଲ୍‌କୋରେ ଜିଓ ଟ୍ରୁ-୫ଜି

**ନୂଆଦିଲ୍ଲୀ,୩୧।୧**




ଦେଶର ପ୍ରମୁଖ ଟେଲିକମ୍ କମ୍ପାନୀ ରିଲାଏନ୍ସ ଜିଓ ପକ୍ଷରୁ ମଙ୍ଗଳବାର ଓଡ଼ିଶାର ବଲାଙ୍ଗୀର (ବଲାଙ୍ଗୀର ଟାଉନ) ଓ ଅନୁଗୋଳ (ନାଲ୍‌କୋ ଟାଉନ) ଜିଲାରେ ଟ୍ରୁ-୫ଜି ସେବାର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ସାରା ଦେଶରେ ମଧ୍ୟ ଆଉ ୩୪ଟି ସହରରେ ଜିଓ ଟ୍ରୁ-୫ଜି ସେବାର ଶୁଭାରମ୍ଭ କରାଯାଇଥିବା ରିଲାଏନ୍ସ ଜିଓ ପକ୍ଷରୁ ସୂଚନା ଦିଆଯାଇଛି। ସେହିଭଳି ବର୍ତ୍ତମାନ ସାରା ଦେଶରେ ମୋଟ ୨୨୫ଟି ସହରରେ ଜିଓ ଟ୍ରୁ-୫ଜି ସେବା ଉପଲବ୍ଧ ହେଉଥିବାବେଳେ ଓଡ଼ିଶାର ୧୨ ସହରରେ ମଧ୍ୟ ଜିଓ ଟ୍ରୁ-୫ଜି ସେବାର ଶୁଭାରମ୍ଭ କରାଯାଇଛି। ଏପରିକି ବଲାଙ୍ଗୀର ଓ ନାଲ୍‌କୋ ଟାଉନକୁ ଛାଡ଼ି ପୂର୍ବରୁ ଜିଓ ଟ୍ରୁ-୫ଜି ସେବା ଭୁବନେଶ୍ୱର, କଟକ, ରାଉରକେଲା, ବ୍ରହ୍ମପୁର, ବାଲେଶ୍ୱର, ବାରିପଦା, ଭଦ୍ରକ, ଝାରସୁଗୁଡ଼ା, ପୁରୀ ଓ ସମ୍ବଲପୁର ଭଳି ରାଜ୍ୟର ୧୦ଟି ପ୍ରମୁଖ ସହରରେ ଜିଓ ଟ୍ରୁ-୫ଜି ସେବା ଶୁଭାରମ୍ଭ ହୋଇଥିଲା। ବିଶେଷକରି ୨୨୫ ସହର ମଧ୍ୟରୁ ଅଧିକାଂଶ ସହରରେ ପ୍ରଥମ ଏବଂ ଏକମାତ୍ର ଅପରେଟର ଭାବେ ଜିଓ ପକ୍ଷରୁ ୫ଜି ସେବାର ଶୁଭାରମ୍ଭ କରାଯାଇଛି। ଆଜିଠାରୁ ବିନା କୌଣସି ଅତିରିକ୍ତ ମୂଲ୍ୟରେ ୧ ଜିବିପିଏସ୍‌ରୁ ଅଧିକ ସ୍ପିଡ୍ ପର୍ଯ୍ୟନ୍ତ ଅସୀମିତ ଡାଟା ଅନୁଭୂତି ହାସଲ କରିବା ଲାଗି ଏହି ସହରଗୁଡ଼ିକରେ ଜିଓ ଗ୍ରାହକମାନଙ୍କୁ ଜିଓ ୱେଲ୍‌କମ୍ ଅଫରରେ ଆମନ୍ତ୍ରଣ କରାଯିବ। ଏ ସମ୍ପର୍କରେ ଜିଓର ପ୍ରବକ୍ତା କହିଛନ୍ତି, କମ୍ପାନୀ ଆଉ ୩୪ଟି ସହରରେ ଜିଓ ଟ୍ରୁ-୫ଜି ସେବାର ଶୁଭାରମ୍ଭ କରିଥିବାରୁ ଆମେ ଅତ୍ୟନ୍ତ ଉତ୍ସାହିତ। ଏପରିକି ଦେଶର ମୋଟ ୨୨୫ଟି ସହରରେ ବର୍ତ୍ତମାନ ଏହି ସେବା ପହଞ୍ଚିପାରିଛି।

# ଆଜି ସାମ୍‌ସଙ୍ଗ୍‌ର ନୂଆ ଏସ୍ ସିରିଜର ଶୁଭାରମ୍ଭ

**ନୂଆଦିଲ୍ଲୀ,୩୧।୧**

ଦେଶର ପ୍ରମୁଖ ସ୍ମାର୍ଟଫୋନ ବ୍ରାଣ୍ଡ୍ ସାମ୍‌ସଙ୍ଗ୍ ତା'ର ନୂଆ ଏସ୍ ସିରିଜର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରିବ ବୋଲି ସୂଚନା ମିଳିଛି। ଏପରିକି ଚଳିତ ବର୍ଷ ଫେବୃୟାରୀ ୧ରେ ସାମ୍‌ସଙ୍ଗ୍ ତା'ର ନୂଆ ଗ୍ୟାଲାକ୍ସି ଏସ୍ ସିରିଜର ଶୁଭାରମ୍ଭ କରିବ ବୋଲି କୁହାଯାଉଛି। ଏ ସମ୍ପର୍କରେ ସାମ୍‌ସଙ୍ଗ୍ ଅଧ୍ୟକ୍ଷ ତଥା ଏମ୍‌ଏକ୍ସ ବିଜ୍‌ନେସ୍ ମୁଖ୍ୟ ଟିଏମ୍ ରୋ କହିଛନ୍ତି, ଚଳିତବର୍ଷ ଗ୍ୟାଲାକ୍ସି ଏସ୍ ସିରିଜ ଆମର ମୌଳିକ ଆଧାରକୁ ଦ୍ୱିଗୁଣିତ କରିଛି। ଏପରିକି ଆମର ଅଭିନବତାର ମାନ ବୃଦ୍ଧି କରାଇବାରେ ଏହା ବେଶ୍ ସହାୟକ ହୋଇଛି। ସେଥିପାଇଁ ଆମର ପ୍ରୋଗ୍ରେଡ୍ କ୍ୟାମେରା ସିଷ୍ଟମ ଅଧିକ ସ୍ମାର୍ଟ ହେବାରେ ଲାଗିଛି। ବିଶେଷକରି ଆମର ଗ୍ୟାଲାକ୍ସି ସ୍ମାର୍ଟଫୋନ ଯେକୌଣସି ଆଲୋକରେ ସର୍ବୋତ୍ତମ ଫଟୋ ଏବଂ ଭିଡିଓ ପ୍ରଦାନ କରୁଛି। ହାର୍ଡୱେର ଏବଂ ସଫ୍ଟୱେର ଅପ୍ଟିମାଇଜେଶନ ସହ ସାମ୍‌ସଙ୍ଗ୍‌ର ଓପନ ପାର୍ଟନେରଶିପ ଫିଲୋସଫିରୁ ସୃଷ୍ଟି ଆମର ନୂଆ ଚିପ୍‌ସେଟ ସବୁଠାରୁ ଦ୍ରୁତ ଓ ଶକ୍ତିଶାଳୀ ଗ୍ୟାଲାକ୍ସି କାର୍ଯ୍ୟଦକ୍ଷତାକୁ ସକ୍ଷମ କରିଥାଏ । ସେହିଭଳି ଆମର ଇକୋସିଷ୍ଟମ ସଂଯୋଗ ମଧ୍ୟ ପୂର୍ବ ଅପେକ୍ଷା ସହଜ ଓ ନିରବଚ୍ଛିନ୍ନ ହୋଇଛି । ଏପରିକି ଏହାର ଉପଭୋକ୍ତାମାନେ ସାମ୍‌ସଙ୍ଗ୍.କମ,ସାମ୍‌ସଙ୍ଗ୍ ଏକ୍ସକ୍ଲୁସିଭ ଷ୍ଟୋର, ଆମାଜନ.ଇନ୍ ଏବଂ ଦେଶର ଅଗ୍ରଣୀ ରିଟେଲ ଆଉଟଲେଟ୍‌ରେ ୧୯୯୯ ଟଙ୍କାର ଏକ ଟୋକନ ରାଶି ପେମେଣ୍ଟ କରି ଫ୍ଲାଗ୍‌ଶିପ ଗ୍ୟାଲାକ୍ସି ଏସ୍ ସିରିଜ ପାଇଁ ପ୍ରି-ବୁକ୍ କରିପାରିବେ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

# ଏସ୍‌ଏଲ୍‌ଏଲ୍ ମାଧ୍ୟମରେ ୨୫୦ ମିଲିୟନ ଡଲାର ସଂଗ୍ରହ



**ନୂଆଦିଲ୍ଲୀ,୩୧।୧**

ଦେଶର ସର୍ବବୃହତ୍ ଆଲୁମିନିୟମ ଉତ୍ପାଦନକାରୀ କମ୍ପାନୀ ବେଦାନ୍ତ ଆଲୁମିନିୟମ ନିକଟରେ ଇଣ୍ଟରନ୍ୟାଶନାଲ ବ୍ୟାଙ୍କରୁ ସଷ୍ଟେନେବିଲିଟି ଲିଙ୍କ୍‌ଡ ଲୋନ୍ (ଏସ୍‌ଏଲ୍‌ଏଲ୍) ମାଧ୍ୟମରେ ୨୫୦ମିଲିୟନ ଡଲାର ସଂଗ୍ରହ କରିଛି। ବିଶେଷକରି କମ୍ପାନୀ ତା'ର କ୍ୟାପେକ୍ସ ପଦକ୍ଷେପକୁ ଆର୍ଥିକ ସହାୟତା ଦେବା ତଥା କାର୍ବନ ନିର୍ଗମନ ହ୍ରାସ କରିବା ପାଇଁ ଉକ୍ତ ପାଣ୍ଠି ସଂଗ୍ରହ କରିଥିବା ଜଣାପଡ଼ିଛି। ଏପରିକି ଡିକାର୍ବୋନାଇଜେଶନ ଏବଂ ନିରାପତ୍ତା ପାଇଁ ନିର୍ଦ୍ଦିଷ୍ଟ କାର୍ଯ୍ୟଦକ୍ଷତା ପାରାମିଟର ଆଧାରରେ ଏହି ଋଣଗୁଡ଼ିକ ପ୍ରଦାନ କରାଯାଇଥିଲା, ଯାହା କମ୍ପାନୀ କ୍ୟାପିଟାଲ ବ୍ୟୟ ଆଡ଼କୁ ଉକ୍ତ ପାଣ୍ଠି ନିୟୋଜନ କରିବାକୁ ଲକ୍ଷ୍ୟ ରଖିଛି। ସେହିଭଳି ଏହା ଉଚ୍ଚସ୍ତରୀୟ ପଛୁଆ ଆଲୁମିନିୟମ୍ ଉତ୍ପାଦଗୁଡ଼ିକୁ ଏକୀକରଣ ଏବଂ ମୂଲ୍ୟଯୁକ୍ତ ଉତ୍ପାଦନ ସହ କମ୍ପାନୀର ଅଭିବୃଦ୍ଧି ଯାତ୍ରାକୁ ମଧ୍ୟ ସହାୟତା କରିବ। ଏପରିକି ଋଣଦାତାମାନଙ୍କ ମଧ୍ୟରେ ମଧ୍ୟ ପୂର୍ବ ଏବଂ ଦୂର ପୂର୍ବର କେତେକ ବୃହତ୍ ଅନ୍ତର୍ଜାତୀୟ ବ୍ୟାଙ୍କ, ଯଥା ମାଶ୍ରେକ୍ ବ୍ୟାଙ୍କ, ଫାଷ୍ଟ ଆବୁଧାବି ବ୍ୟାଙ୍କ, କାତାର ନ୍ୟାଶନାଲ ବ୍ୟାଙ୍କ କ୍ୟୁପିଏସ୍‌ସି, ସିଟିବିସି ବ୍ୟାଙ୍କ ଭଳି ଆର୍ଥିକ ସଂସ୍ଥାଗୁଡିକ ଅନ୍ତର୍ଭୁକ୍ତ ରହିଛନ୍ତି। ଉକ୍ତ ଋଣ ମାଧ୍ୟମରେ ବେଦାନ୍ତ ଗ୍ରୁପ୍ ସହ ନୂତନ ସମ୍ପର୍କ ମଧ୍ୟ ଉପରୋକ୍ତ ବ୍ୟାଙ୍କଗୁଡ଼ିକ ଆରମ୍ଭ କରିଛନ୍ତି। ଏହା ହେଉଛି ବେଦାନ୍ତ ଗ୍ରୁପ୍‌ର ପ୍ରଥମ ସ୍ଥିରତା ସଂଯୁକ୍ତ ଋଣ ଏବଂ ସବୁଜ ଅଭିବୃଦ୍ଧିରେ ବିନିଯୋଗ କରିବାକୁ କମ୍ପାନୀ ପକ୍ଷରୁ ଏହା ସ୍ଥିର କରାଯାଇଛି। କମ୍ପାନିର କାର୍ଯ୍ୟକଳାପକୁ ଡିକାର୍ବୋନାଇଜ୍ କରିବାକୁ ଏକ ସକାରାତ୍ମକ ଦୃଢ଼ୀକରଣ ଭାବେ ଏହାକୁ ସଂରକ୍ଷଣ କରାଯାଇଛି। ଯେପରିକି ବେଦାନ୍ତ ଆଲୁମିନିୟମ ଏହାର ଗ୍ରୀନ୍ ହାଉସ୍ ଗ୍ୟାସ୍ (ଜିଏଚ୍‌ଜି) ନିର୍ଗମନ ତୀବ୍ରତାକୁ ଆର୍ଥିକ ବର୍ଷ ୨୦୨୨ ରେ ୨୦୧୨ ବେସ୍‌ଲାଇନଠାରୁ ୨୪% ହ୍ରାସ କରିଛି । ଏହା ମଧ୍ୟ ପୂର୍ବ ଆର୍ଥିକ ବର୍ଷରେ ୩ ବିଲିଅନ ୟୁନିଟ୍‌ରେ ନବୀକରଣ ଯୋଗ୍ୟ ଶକ୍ତିର ଭାରତର ସର୍ବବୃହତ୍ ଗ୍ରାହକ ଥିଲା, ଯାହାକି ବ୍ରାଣ୍ଡେଡ୍ 'ରେଷ୍ଟୋରା' ଦ୍ୱାରା କମ୍ପାନୀ ଭାରତର ପ୍ରଥମ ନିମ୍ନ କାର୍ବନ 'ସବୁଜ' ଆଲୁମିନିୟମ ଉତ୍ପାଦନ ପାଇଁ ବ୍ୟବହୃତ ହୋଇଥିଲା। ଏ ସମ୍ପର୍କରେ ବେଦାନ୍ତ ଲିମିଟେଡ୍‌ର ସିଇଓ (ଆଲୁମିନିୟମ ବ୍ୟବସାୟ) ରାହୁଲ ଶର୍ମା କହିଛନ୍ତି, ଆଲୁମିନିୟମ ଭବିଷ୍ୟତରେ ସ୍ୱଳ୍ପ କାର୍ବନ ପାଇଁ ଅପରିହାର୍ଯ୍ୟ ହେବ, ବୈଦ୍ୟୁତିକ ଯାନଠାରୁ ଆରମ୍ଭ କରି ଅକ୍ଷୟ ଶକ୍ତି ପର୍ଯ୍ୟନ୍ତ ଅନେକ ଶିଳ୍ପରେ ଗୁରୁତ୍ୱପୂର୍ଣ୍ଣ ଭାବେ ଏହାର ପ୍ରୟୋଗ ହେବ। ଲୋକଙ୍କ ନିରାପତ୍ତା, ଆମର ମୂଲ୍ୟ-ଶୃଙ୍ଖଳାର ଡିକାର୍ବୋନାଇଜେଶନ ଏବଂ ଜଳର ସକାରାତ୍ମକ କାର୍ଯ୍ୟ ଉପରେ ତୀକ୍ଷ୍ଣ ଧ୍ୟାନଦେଇ ସ୍ଥିରତାର ମୂଳଦୁଆ ଉପରେ ଆମର ଅଭିବୃଦ୍ଧି ଯୋଜନା ଗଠନକରିବାକୁଆମେ ଇଚ୍ଛା କରୁଛୁ।


## ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ସଂ.20-SBP-TRD-OT-2022-23, ତା.25.01.2023ରିଖ

କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳର ଗୋଡ଼ଭଗା ଟ୍ରାକ୍ସନ ସବ୍‌ଷ୍ଟେସନ (TSS) ଏବଂ ଦେଓଗାଁ ରୋଡ୍ ଟ୍ରାକ୍ସନ ସବ୍‌ଷ୍ଟେସନ (TSS)(ବିଦ୍ୟୁତ୍ ଟ୍ରାନ୍ସଫର୍ମର, CBs ଏବଂ BMs ର ଯୋଗାଣ ବ୍ୟତୀତ)ଠାରେ ଦ୍ୱିତୀୟ bay ଉପକରଣଗୁଡ଼ିକର ବ୍ୟବସ୍ଥା ଦ୍ୱାରା ଟ୍ରାକ୍ସନ ବିତରଣ ପ୍ରଣାଳୀର ବୃଦ୍ଧି ।

ଆନୁମାନିକ ମୂଲ୍ୟ (ଟଙ୍କାରେ) : 1,92,14,316.96, EMD (ଟଙ୍କାରେ) : 2,46,100/-, ଶେଷ ହେବା ଅବଧି : 08 ମାସ ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.16.02.2023 ରିଖ 1530 ଘଣ୍ଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଟେଣ୍ଡରଦାତା/ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ । ନିର୍ଦ୍ଦେଶାବଳୀ ଅନୁଯାୟୀ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜାତ ନିଶ୍ଚିତ ଭାବେ ଅପଲୋଡ୍ ହେବା ଆବଶ୍ୟକ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର

PR-954/N/22-23



## TPWODL
**TP WESTERN ODISHA DISTRIBUTION LIMITED**
(A Tata Power & Odisha Govt. Joint venture)
Corporate Office : Burla, Dist.-Sambalpur (Odisha)-768017

**NOTICE INVITING TENDER**

Tender Notice No. TPWODL/SD/O/SER/ 140 Date : 31.01.2023

TP Western Odisha Distribution Limited, invites tender quotations (in 2part bidding) from eligible vendors for the following package :

**Rate Contract for Civil work at District Medical Sonepur at TPWODL.**

Interested bidders to submit Tender Participation Fee and Authorization Letter through email on or before 7th Feb. 2023, 15:00Hrs, after which link from e-Tender system shall be shared.

For detailed tender documents of the above-mentioned tender, please visit Tender section on website **www.tpwesternodisha.com.** Further details for participating in tender is given in the tender document.

All future correspondence regarding the tender, bid submission, date extension etc. will happen with participating bidders only through E-Tender system.

Sd /- **Chief-Contracts and Stores**



## OMBADC
**ODISHA MINERAL BEARING AREAS DEVELOPMENT CORPORATION**
(A SPV of Government of Odisha)
CIN - U75100OR2014NPL018478
E-mail: ombadc@gmail.com, Phone No.: (0674) 2300488
Regd. Off.: Aranya Bhawan, GD-2/12
Chandrasekharpur, Bhubaneswar - 23, Odisha
No. 132/OMBADC-09/2019
Dated, Bhubaneswar the 25th January, 2023

**INVITATION NOTICE FOR SELECTION OF COMPANY SECRETARY IN OMBADC**

**APPLICATION FOR SELECTION OF COMPANY SECRETARY IN OMBADC**

Sealed application in plain paper with following information is solicited from qualified Company Secretaries for **Engagement as Company Secretary in OMBADC on Contractual Basis**. The educational qualifications, post qualifications experience, period of engagement, remuneration and selection procedure and other terms and conditions can be downloaded from Govt. Website **(www.odisha.gov.in)** or can be availed from the Office of OMBADC.

1. Name of the Applicant :
2. Date of Birth :
3. Educational Qualification :
4. Work Experience :

Address of Two References :
1.
2.

**Date** **Signature**

Enclosed a copy of credentials with application. The last date of submission will be on or before 15.02.2023.

**Sd./- Chief Executive Officer**



## ବିଜ୍ଞାପନ
**ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ, ସୁନ୍ଦରଗଡ଼**

ଏତଦ୍ୱାରା ସୁନ୍ଦରଗଡ଼ ତଥା ଆଖପାଖ ଅଞ୍ଚଳର ଜନସାଧାରଣ ଏବଂ କୃଷକ ଭାଇ ଭଉଣୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଆସନ୍ତା ଫେବୃୟାରୀ ତା07.02.2023ରୁ 10.02.2023 ରିଖ ପର୍ଯ୍ୟନ୍ତ ସ୍ଥାନୀୟ ନାରୀ କଲ୍ୟାଣ କେନ୍ଦ୍ର, ସୁନ୍ଦରଗଡ଼ରେ ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳାର ଆୟୋଜନ, କୃଷି ଓ କୃଷକ ସଶକ୍ତୀକରଣ ବିଭାଗ, ଓଡ଼ିଶା ସରକାରଙ୍କ ଆନୁକୂଲ୍ୟରେ କୃଷି ବିଭାଗ, ସୁନ୍ଦରଗଡ଼ ତରଫରୁ ଅନୁଷ୍ଠିତ ହେବ। ଏହି ମେଳାରେ ଉନ୍ନତ କୃଷି ଯନ୍ତ୍ରପାତିର ପ୍ରଦର୍ଶନ ଓ ବିକ୍ରୟ, ବିଭିନ୍ନ କୃଷି ଯନ୍ତ୍ରପାତି ପାଇଁ ସରକାରୀ ଆର୍ଥିକ ସହାୟତାର ସଚେତନତା, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ନିମନ୍ତେ ବିଶେଷ ରିହାତି ଏବଂ ବିକ୍ରୟ ବ୍ୟବସ୍ଥା, ବ୍ୟାଙ୍କ ସହାୟତା କେନ୍ଦ୍ର ମାଧ୍ୟମରେ କୃଷି ଯନ୍ତ୍ରପାତି ପାଇଁ ଋଣର ସୁଯୋଗ, କୃଷି ଓ ଆନୁଷଙ୍ଗିକ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଯୋଜନାଗୁଡ଼ିକର ପ୍ରଚାର ଓ ପ୍ରସାର ନିମନ୍ତେ ଏବଂ ନିର୍ଦ୍ଧାରିତ ସରକାରୀ ରିହାତିରେ କୃଷି ଯନ୍ତ୍ରପାତି କ୍ରୟ ନିମନ୍ତେ ଅଗ୍ରିମ ତତ୍କାଳ ବୁକିଂ ବ୍ୟବସ୍ଥା ଅଛି। ତେଣୁ ସୁନ୍ଦରଗଡ଼ ଜିଲ୍ଲାର ସମସ୍ତ ଜନସାଧାରଣ ଏବଂ କୃଷକ ଭାଇ ଭଉଣୀମାନଙ୍କୁ ଅନୁରୋଧ ଏହି ମେଳାରେ ବହୁ ସଂଖ୍ୟାରେ ଯୋଗଦାନ କରି କାର୍ଯ୍ୟକ୍ରମକୁ ସଫଳ କରିବା ହେବେ।

**ସ୍ୱା./- ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ**
**ସୁନ୍ଦରଗଡ଼**



## ଜବାହର ନବୋଦୟ ବିଦ୍ୟାଳୟ, ଚମ୍ପତିମୁଣ୍ଡା, ଜିଲ୍ଲା: ଅନୁଗୁଳ
**ଷଷ୍ଠ ଶ୍ରେଣୀ ପାଇଁ ପ୍ରବେଶିକା ପରୀକ୍ଷା ନିମନ୍ତେ ବିଜ୍ଞାପନ**

୨୦୨୩-୨୪ ଶିକ୍ଷାବର୍ଷରେ ଷଷ୍ଠ ଶ୍ରେଣୀରେ ନାମଲେଖା ପାଇଁ ପ୍ରବେଶିକା ପରୀକ୍ଷା ନିମନ୍ତେ ଆବେଦନ କରିବାର ଶେଷ ତାରିଖ ୩୧।୦୧।୨୦୨୩ ଥିଲା, ତାହା ଏବେ ଆବେଦନ କରିବାର ଶେଷ ତାରିଖ ୦୮।୦୨।୨୦୨୩କୁ ଘୁଞ୍ଚାଇ ଦିଆଯାଇଛି।

ଯୋଗାଯୋଗ କରିବାର ଫୋନ ନମ୍ବର ହେଲା:
ଶ୍ରୀମତୀ ଆରତୀ ପଟ୍ଟନାୟକ – ୭୮୭୩୮୩୦୩୭୪
ଶ୍ରୀ ହିମାଂଶୁ ଶେଖର ବେହେରା – ୯୮୬୧୮୭୯୩୫୨
ଶ୍ରୀ ବିଭୂତି ରଞ୍ଜନ ମିଶ୍ର – ୯୪୩୭୧୧୯୪୭୪

**ପ୍ରାଚାର୍ଯ୍ୟ**
**ଜ.ନ.ବି., ଅନୁଗୁଳ**



## OFFICE OF THE REGULATED MARKET COMMITTEE, KUCHINDA
At: Kundaposi, P.O.: Kuchinda, Near Fire Station,
Infront of Forest Park, Sambalpur, PIN - 768222
Telephone No.: (06642) 221066
Email ID: rmc.kuchinda@gmail.com
Letter No. 643 Date: 27.01.2023
RMC/MKTY-2022-23

**EXPRESSION OF INTEREST (EOI)**

**Subject:** Empanelment of Exporters/Traders to promote sale of Dry Red Chilly produced in the Kuchinda Sub-Division in Domestic or International Market.

The Sub-Collector-cum-Chairman, RMC, Kuchinda on behalf of the RMC, Kuchinda invites sealed application from reputed agencies/companies to submit proposal for Empanelment of Exporters/Traders to promote sale of Dry Red Chilly produced in the Kuchinda Sub-Division in Domestic or International Market.

The detail can be seen from the Sambalpur District website: **www.sambalpur.nic.in**.

**Scope of Work:**

The Exporter/Trader is required to carry out all necessary works mentioned in the Terms of Reference (ToR) towards Empanelment of exporters/traders to promote sale of Dry Red Chilly produced in the Kuchinda Sub-Division in Domestic or International Market.

An amount of **Rs.5000/- (Rupees Five Thousand)** only (Non-refundable) towards the cost of the EOI document shall have to be enclosed in the shape of a "Demand Draft" drawn on any Nationalized Bank payable in favour of Secretary, Regulated Market Committee, Kuchinda.

The proposal should be submitted to the Secretary, RMC, Kuchinda through Speed/Regd. Post or drop in the drop box available on the office premises by 3.00 P.M. till 07.02.2023.

The proposal of Expression of Interest for Empanelment of exporters/traders to promote sale of Dry Red Chilly produced in the Kuchinda Sub-Division in Domestic or International Market will be opened on Dt.08.02.2023 at 3.30 P.M., if possible, in the presence of those bidders who chose to attend.

The Proposal shall be evaluated jointly by the Committee of Sub-Collector, Kuchinda, RMC Secretary, Kuchinda, ADH, Kuchinda and among the feasible proposal, the proposal satisfying technical parameters and other conditions of EOI shall be empanelled.

The Exporter/Traders shall be solely responsible for any cost they may incur for a site visit, transport, faxes, postage, telephones etc. in the process of submission of the proposal.

The RMC, Kuchinda reserves the right at its absolute discretion to accept or reject any of the proposals without assigning any reason/reasons.

Should they require any further information they may contact the Secretary, RMC, Kuchinda.

**Sd./- Sub-Collector-cum-Chairman**
**RMC, Kuchinda**

## ସଂକ୍ଷେପରେ

### ଚାଷୀ, ଅବସରପ୍ରାପ୍ତ ସେନା କର୍ମଚାରୀ ସମ୍ମାନିତ

ବ୍ରହ୍ମବରଦା,୩୧।୧(ଡି.ଏନ.ଏ.): ଯାଜପୁର ବ୍ଲକ ଝାଲପଡ଼ା ପଞ୍ଚାୟତ ସାନବାଗସାହି ଗ୍ରାମର ରବୀନ୍ଦ୍ର କ୍ଲବ୍‌ଠାରେ ସାଧାରଣତନ୍ତ୍ର ଦିବସ ପାଳନ ସହ ବିଭିନ୍ନ ପ୍ରତିଯୋଗିତା ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦାମୋଦର ସାହୁ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ପରେ ଝାଲପଡ଼ା ପଞ୍ଚାୟତର ୧୦୪ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କୁ ନେଇ ରଙ୍ଗୋଲି, ଶଙ୍ଖ ଓ ହୁଳହୁଳି ପ୍ରତିଯୋଗିତା ଆୟୋଜନ କରାଯାଇଥିବା ବେଳେ ନିକଟସ୍ଥ ଅଞ୍ଚଳର ୧୫ଟି ସରକାରୀ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ଦେଶାତ୍ମବୋଧକ ସଙ୍ଗୀତ, ନୃତ୍ୟ ଓ ବକ୍ତୃତା ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ସନ୍ଧ୍ୟାରେ କ୍ଲବ୍ ପରିସରରେ 'ହିନ୍ଦୁସ୍ଥାନକି ନାରୀ, ସବ୍ ପର ଭାରୀ' ନାମକ ଶୀର୍ଷକ ଏକ ସଭା ଆୟୋଜନ କରାଯାଇଥିଲା। କ୍ଲବ ସଭ୍ୟ ବିଷ୍ଣୁ ଚରଣ ପାତ୍ରଙ୍କ ସଭାପତିତ୍ୱରେ ସାମାଜିକ କର୍ମୀ କର୍ଣ୍ଣାଟକେଶରୀ ଦାସ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବା ବେଳେ ବରୀ ବିଧାୟିକା ସୁନନ୍ଦା ଦାସ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସରପଞ୍ଚ ଭାରତୀ ମଲ୍ଲିକ, ସମିତିସଭ୍ୟ ନିର୍ମଳ ସାମଲ, ବ୍ରହ୍ମବରଦା ଡିଗ୍ରୀ ମହାବିଦ୍ୟାଳୟର ଶିକ୍ଷା ବିଭାଗର ଅଧାପକ ସୌଭାଗ୍ୟ ସାହୁ, ସାମାଜିକ କର୍ମୀ ପ୍ରମୋଦ ନାୟକ, ସିଆରସିସି ପ୍ରଶାନ୍ତ ପାଢ଼ୀ ଓ କ୍ଲବ ପ୍ରତିଷ୍ଠାତା ଶିଶିର ପାଢ଼ୀ ଯୋଗଦେଇ ଆକାଶ ବାହିନୀର ଅବସରପ୍ରାପ୍ତ ସୈନିକ ହିମାଂଶୁ ନାୟକ, ସ୍ଥଳ ବାହିନୀର ଅବସରପ୍ରାପ୍ତ ସୈନିକ ଜତିନ କୁମାର ପତି, ଅବସରପ୍ରାପ୍ତ ଶିକ୍ଷକ ହରେକୃଷ୍ଣ ଜେନା ଓ ସାନବାଗସାହି ଅଞ୍ଚଳର ସଫଳ ଚାଷୀ ଭାବେ ପରିଚିତ ଚିନ୍ମୟ କୁମାର ନାୟକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କ ସମେତ କୃତୀ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କୁ ପୁରସ୍କୃତ କରାଯାଇଥିଲା। ସମ୍ପାଦକ ବିବେକାନ୍ଦ ଜେନାଙ୍କ ସମେତ କ୍ଲବର ସମସ୍ତସଭ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ କ୍ଲବ ସଭାପତି ପ୍ରମୋଦ ସାହୁ ଧନ୍ୟବାଦ ଦେଇଥିଲେ।

# ଆଜିଠୁ ବ୍ୟାସସରୋବର ମହୋତ୍ସବ

- ୧୧ଦିନ ଧରି ଦୁଲୁକିବ ମଞ୍ଚ
- ମହୋତ୍ସବ ସ୍ଥଳରେ ଖୋଲିବ ୧୫୦ ଷ୍ଟଲ
- ଏନ୍‌ଜିଟି ଛାଟ ଯୋଗୁ ବ୍ୟକ୍ତିଗତ ଜମିରେ ଆୟୋଜନ


ବ୍ୟାସସରୋବର ମହୋତ୍ସବ ପାଇଁ ମଞ୍ଚ ପ୍ରସ୍ତୁତ।


ମହୋତ୍ସବ ସ୍ଥଳରେ ଖୋଲିଥିବା ଷ୍ଟଲ।

ଯାଜପୁର ଅଫିସ,୩୧।୧ : ଯାଜପୁର ଜିଲା ବ୍ୟାସନଗର ପୌର ପରିଷଦରେ ରହିଛି ମହର୍ଷି ବ୍ୟାସଦେବ ମହାମୁନିଙ୍କ ଐତିହ୍ୟପୀଠ ବ୍ୟାସସରୋବର। ମହାମୁନି ବେଦବ୍ୟାସ ଏହି ସ୍ଥାନରେ ବସି ମହାକାବ୍ୟ ମହାଭାରତ ରଚନା କରିଥିଲେ ବୋଲି କିମ୍ବଦନ୍ତୀ ରହିଛି। ଲୋକମୁଖରେ ପ୍ରଚଳିତ ରହିଛି, ୧୮ ଦିନର ମହାଭାରତ ଯୁଦ୍ଧର ମୂକସାକ୍ଷୀ ଏହି ବ୍ୟାସସରୋବର ଅଞ୍ଚଳରେ ପାଣ୍ଡବଭ୍ରାତା ଭୀମଙ୍କ ଗଦାଘାତରେ କୁରୁରାଜ ଦୂର୍ଯ୍ୟୋଧନଙ୍କ ଜାନୁଭଙ୍ଗ ହୋଇଥିଲା। ଏଠାରେ ରହିଛି ପ୍ରାଚୀନ ଗୁପ୍ତଗଙ୍ଗା। ବହୁ ପୁରାତନ କାଳରୁ ଭୌମ ଏକାଦଶୀ ତିଥିରେ ଏହି ପାବନ କ୍ଷେତ୍ରରେ ବ୍ୟାସସରୋବର ମେଳା ଅନୁଷ୍ଠିତ ହୋଇ ଆସୁଛି। ଏହି କ୍ରମରେ ବୁଧବାରଠାରୁ ଏହି ମେଳା ଆରମ୍ଭ ହେବ । ନ୍ୟାଶନାଲ ଗ୍ରୀନ ଟ୍ରିବ୍ୟୁନାଲ(ଏନ୍‌ଜିଟି) ଛାଟ ଯୋଗୁ ଏଥର ସ୍ଥାୟୀ ଜାଗାଠାରୁ ପ୍ରାୟ ୫୦୦ ମିଟର ଆଗକୁ ଏକ ବ୍ୟକ୍ତିଗତ ଜମିରେ ମେଳାର ଆୟୋଜନ ହେଉଛି। ଫେବୃୟାରୀ ୧ ରୁ ୧୧ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବହୁ ବରିଷ୍ଠ ରାଜନେତା, ପ୍ରଶାସକ ଓ ସୁନାମଧନ୍ୟ ବ୍ୟକ୍ତି ମେଳାରେ ଅତିଥି ଭାବେ ଯୋଗଦେବେ ବୋଲି ସ୍ୱୀକୃତି ପ୍ରଦାନ କରିଛନ୍ତି। ପ୍ରତି ସନ୍ଧ୍ୟାରେ ବଲିଉଡ, ଓଲିଉଡ ଏବଂ ସ୍ଥାନୀୟ କଳାକାରମାନଙ୍କୁ ନେଇ ମଞ୍ଚ ଦୁଲୁକିବ। ଯେଉଁଥିରେ ବଲିଉଡ କଣ୍ଠଶିଳ୍ପୀ ହେମନ୍ତ ବ୍ରିଜବାସୀଙ୍କ ସମେତ ଅଭିଷେକ ସିହ୍ନା, ଅରିନ୍ଦମ ଚକ୍ରବର୍ତ୍ତୀ, ତାରିକ ଅଜିଜ, ସର୍ମିଷ୍ଠା ସରକାର, ସତ୍ୟଜିତ ପ୍ରଧାନ, ଜେସିକା, ସୌମ୍ୟଜିତ, ଭାଗ୍ୟଶ୍ରୀ, ସୋନମ, ସ୍ମୃତି ଭଳି କଳାକାରଙ୍କୁ ଦେଖିବାକୁ ମିଳିବ। ଏହାସହ ମେଲୋଡି ଓ ଟ୍ରାକ୍ ଗ୍ରୁପର ଉପସ୍ଥିତି ସରୋବରର ସାଂସ୍କୃତିକ କାର୍ଯ୍ୟକ୍ରମକୁ ଦ୍ୱିଗୁଣିତ କରିବ। ମେଳା ପାଇଁ ୧୫୦ରୁ ଅଧିକ ଷ୍ଟଲ ପ୍ରସ୍ତୁତ ଥିବାବେଳେ ହସ୍ତତନ୍ତ, ହସ୍ତକଳା, ହସ୍ତଶିଳ୍ପର ବଜାର ଲାଗିବ। ଘରକରଣା ସାମଗ୍ରୀଠାରୁ ପାରମ୍ପରିକ ବସ୍ତ୍ରର ସମ୍ଭାର ବିକ୍ରିର ବ୍ୟବସ୍ଥା ହୋଇଛି । ପୋଲିସର କଡା ସୁରକ୍ଷା ବ୍ୟବସ୍ଥା ସହିତ ଟ୍ରାଫିକ ନିୟନ୍ତ୍ରଣର ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ପୌର ପରିଷଦର ଅଧ୍ୟକ୍ଷା ସଙ୍ଗୀତା ପିଙ୍ଗୁଆ ସୂଚନା ପ୍ରଦାନ କରିଛନ୍ତି। ସେ କହିଛନ୍ତି, ଚାରିଚକିଆ ଓ ଦୁଇଚକିଆ ଯାନର ପାର୍କିଂ ସୁବିଧା ସହିତ ସରୋବର ଅଞ୍ଚଳକୁ ପଥ ପ୍ରସ୍ତୁତ ସରିଛି। ବୁଧବାର ସକାଳ ୭ଟା ବେଳେ ବ୍ୟାସନଗର ରାଜୀବ ଗାନ୍ଧୀ ଷ୍ଟାଡିୟମଠାରୁ ମାରାଥନ ଦୌଡ଼ ଆରମ୍ଭ ହୋଇ ଓ୍ୱାର ହାଉସ, ଚୋରଦା ଛକ, ଚୋରଦା ବାଇପାସ, ନହକା ବାଇପାସ, ଟାଉନହଲ, ଦଳା, ମହିଳା କଲେଜ, ନଟପଡା, ଝଟିଆସାହି, ଗୋଶାଳା ଛକ, କୋପଣ୍ଡ ଓ ମୁଣ୍ଡୋମାଳ ଛକ ଦେଇ ବ୍ୟାସସରୋବର ସ୍ଥଳରେ ପହଞ୍ଚିବ । ତେବେ ନୂତନ ମେଳା ସ୍ଥଳକୁ କଚା ରାସ୍ତା ଥିବାରୁ ଧୂଳି ଉଡ଼ି ପରିବେଶ ଆହୁରି ପ୍ରଦୂଷିତ ହେବାର ସମ୍ଭାବନା ରହିଛି। ଏଭଳିସ୍ଥିତିରେ ନିୟମିତ ଭାବେ ପାଣି ସିଞ୍ଚନ କରା ନ ଗଲେ ପରିସ୍ଥିତି ଭୟାବହ ହୋଇପାରେ ବୋଲି ମତପ୍ରକାଶ ପାଇଛି। ସୂଚନାଯୋଗ୍ୟ, ସରୋବର ପୀଠର ବିକାଶ ଓ ସୌନ୍ଦର୍ଯ୍ୟକରଣ ପାଇଁ ଡିଏମ୍‌ଏଫ୍(ଜିଲା ଖଣିଜ ପ୍ରତିଷ୍ଠାନ) ପାଣ୍ଠିରୁ ୬୪ କୋଟି ଟଙ୍କା ମଞ୍ଜୁର ହୋଇଛି। ତେବେ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଜଙ୍ଗଲ ଜମିରେ ହେଉଥିବା ଅଭିଯୋଗ କରି ଏହି ପ୍ରକଳ୍ପ ଏବେ ଏନ୍‌ଜିଟି ଫାଶରେ ପଡିଛି। ତେଣୁ କରୋନା ମହାମାରୀ ପରେ ୨ ବର୍ଷ ଅନ୍ତରରେ ବ୍ୟାସସରୋବର ମେଳାର ଆୟୋଜନକୁ ନେଇ ଆଶଙ୍କା ପ୍ରକାଶ ପାଇଥିଲା। ଏହାପରେ ସ୍ଥାନୀୟ ଅଞ୍ଚଳବାସୀ ଆନ୍ଦୋଳନ କରିବା ସହ ବ୍ୟାସସରୋବର ମହୋତ୍ସବ ନ ହେଲେ ବିଜେଡିରୁ ଇସ୍ତଫା ଦେବେ ବୋଲି କାଉନସିଲର ପାର୍ଥସାରଥି ନାୟକ ଚେତାବନୀ ଦେଇଥିଲେ। ଏହାପରେ ସମ୍ପଦ କେନ୍ଦ୍ର ସମ୍ମୁଖରେ ଥିବା ଏକ ବ୍ୟକ୍ତିଗତ ଜମିରେ ମହୋତ୍ସବ ଆୟୋଜନ ହେଉଛି।

## ବ୍ୟବଚ୍ଛେଦ ରିପୋର୍ଟରେ ଆତ୍ମହତ୍ୟା

**ଈଶ୍ୱର ସେଠୀ ହାଜତ ମୃତ୍ୟୁ ମାମଲା**

ଚଣ୍ଡିଖୋଲ,୩୧।୧(ଡି.ଏନ.ଏ.): ଯାଜପୁର ଜିଲା ବଡ଼ଚଣା ଥାନା ଅଧୀନ ଧାନମଣ୍ଡଳ ଫାଣ୍ଡି ହାଜତରେ ଗତ ୪ ତାରିଖରେ ମୃତ୍ୟୁ ହୋଇଥିବା ଈଶ୍ୱର ସେଠୀ(୨୪)ଙ୍କ ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଅସିଛି। ଏଥିରେ ଈଶ୍ୱର ଆତ୍ମହତ୍ୟା କରିଥିବା ଉଲ୍ଲେଖ ରହିଛି ବୋଲି ତଦନ୍ତ ଅଧିକାରୀ ଡିଏସ୍‌ପି ପ୍ରମୋଦ କୁମାର ମଲ୍ଲିକ ସୂଚନା ଦେଇଛନ୍ତି। ତେବେ ଏହି ରିପୋର୍ଟରେ ସତ୍ୟତା ନେଇ ଦଳିତ ନେତା ତଥା ଆମ୍ବେଡକର ଲୋହିଆ ବିଚାର ମଞ୍ଚ ସଭାପତି ମନୋରଞ୍ଜନ ଜେନା ପ୍ରଶ୍ନ ଉଠାଇଛନ୍ତି। ସେ ସୂଚନା ଅଧିକାର ଆଇନ ବଳରେ ରାଜ୍ୟ ସରକାରଙ୍କ ଗୃହ ବିଭାଗକୁ ମୃତ୍ୟୁର ତଦନ୍ତଠାରୁ ଆରମ୍ଭ କରି ବ୍ୟବଚ୍ଛେଦ ରିପୋର୍ଟ ଓ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ତଥ୍ୟ ମାଗିଛନ୍ତି।

ଏକ ପ୍ରେମ ଜନିତ ବ୍ୟାପାରରେ ଜାନୁୟାରୀ ୩ ତାରିଖ ରାତିରେ କଟକ ଜିଲା ମାହାଙ୍ଗା ଥାନା ସିନ୍ଧୁପୁର ଗ୍ରାମର ଈଶ୍ୱରଙ୍କୁ ମାହାଙ୍ଗା ପୋଲିସ ସହାୟତାରେ ବଡ଼ଚଣା ଥାନା ପୋଲିସ ଉଠାଇ ଆଣିଥିଲା। ପ୍ରଥମେ ତାଙ୍କୁ ଥାନାରେ ରଖିଥିବା ବେଳେ ୪ ତାରିଖ ସକାଳେ ଧାନମଣ୍ଡଳ ଫାଣ୍ଡିକୁ ନିଆଯାଇଥିଲା। ସେଠାରେ ତାଙ୍କୁ ହାଜତରେ ରଖା ଯାଇଥିବାବେଳେ ସନ୍ଧ୍ୟାରେ ସେ ଆତ୍ମହତ୍ୟା ଉଦ୍ୟମ କରିଥିବା ପୋଲିସ କହି ତାଙ୍କୁ ପ୍ରଥମେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲା। ସେଠାରେ ଈଶ୍ୱରଙ୍କ ମୃତ୍ୟୁ ହୋଇଥିବା ପୋଲିସ ସୂଚନା ଦେଇଥିଲା। ଏନେଇ ଈଶ୍ୱରଙ୍କ ବାପା ପଦନ ସେଠୀ ୫ ତାରିଖରେ ବଡ଼ଚଣା ଥାନାରେ ହତ୍ୟା ଅଭିଯୋଗ କରିଥିଲେ। ପୋଲିସ ପୁଅକୁ ପିଟି ହତ୍ୟା କରିଥିବା ସେ ଅଭିଯୋଗରେ ଉଲ୍ଲେଖ କରିଥିଲେ। ତାଙ୍କ ଅଭିଯୋଗ ଆଧାରରେ ନଂ.୭/୨୩ରେ ବଡ଼ଚଣା ଥାନାରେ ଥାନା ଅଧିକାରୀଙ୍କ ସମେତ ୧୨ ପୋଲିସ କର୍ମଚାରୀଙ୍କ ନାମରେ ମାମଲା ରୁଜୁ ହୋଇଥିଲା। ପରେ ଥାନା ଅଧିକାରୀ ସୁଶୀଲ କୁମାର ନାୟକଙ୍କୁ ପୋଲିସ ମୁଖ୍ୟାଳୟକୁ ବଦଳି କରାଯାଇଥିଲା। ଏହାପରେ ସେଣ୍ଟ୍ରି ଦାୟିତ୍ୱରେ ଥିବା କନଷ୍ଟେବଲଙ୍କୁ ନିଲମ୍ବନ କରାଯାଇଥିଲା। ମାତ୍ର ଆଖି ଦୃଷ୍ଟିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରାଯିବା ନେଇ ଦଳିତ ମହାସଂଘ ପକ୍ଷରୁ ଯାଜପୁର ଏସପିଙ୍କୁ ଅଭିଯୋଗ କରାଯାଇଥିଲା। ଏବେ ଦେଖିବାକୁ ଅପେକ୍ଷା ଦଳିତ ସଙ୍ଗଠନ କେଉଁ କାର୍ଯ୍ୟ ହାତକୁ ନେଉଛି।

## ରୂପାନ୍ତରଣ ବିଦ୍ୟାଳୟରେ ଜିଲାସ୍ତରୀୟ ଅଧିକାରୀ


ଅଧିକାରୀମାନେ ଏକ ବିଦ୍ୟାଳୟରେ ଯାଞ୍ଚ କରୁଛନ୍ତି।

ରସୁଲପୁର,୩୧।୧(ଡି.ଏନ.ଏ.): ରସୁଲପୁର ବ୍ଲକ ଅଧୀନରେ ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟରେ ରୂପାନ୍ତରଣ ହୋଇଥିବା ୨୪ ବିଦ୍ୟାଳୟର ସ୍ଥିତି ତଦାରଖ କରିଛନ୍ତି ଜିଲାସ୍ତରୀୟ ଅଧିକାରୀ। ଯାଜପୁର ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋରଙ୍କ ନିର୍ଦ୍ଦେଶକ୍ରମେ ଅଧିକାରୀମାନେ ବ୍ଲକ ଅଧୀନ ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ରୂପାନ୍ତରୀକରଣ ବିଦ୍ୟାଳୟଗୁଡ଼ିକରେ ଉନ୍ନତମାନର ଶିକ୍ଷା ପ୍ରଦାନ ପାଇଁ ଭିତ୍ତିଭୂମିର ବିକାଶ କରାଯାଇଛି। ସ୍ମାର୍ଟ କ୍ଲାସ-୧ ଓ ୨, ଇ-ଲାଇବ୍ରେରି, ବିଜ୍ଞାନ ପରୀକ୍ଷାଗାର, ଶୌଚାଳୟ, କମ୍ପ୍ୟୁଟର ଲାବ୍ରାଟୋରି ଆଦିର ଉପଯୁକ୍ତ ବ୍ୟବହାର ଓ ବିଦ୍ୟାର୍ଥୀଙ୍କ ଉପରେ ତା'ର ପ୍ରଭାବକୁ ପରଖିବା ସହ ଉକ୍ତ ବିଦ୍ୟାଳୟରେ ଆଉ କ'ଣ ସମସ୍ୟା ରହିଛି ସେ ସବୁକୁ ଅନୁଧ୍ୟାନ କରିଛନ୍ତି ପରିଦର୍ଶନକାରୀ ଦଳର ଅଧିକାରୀ ଓ ସଦସ୍ୟ। ଜିଲାର ବିଭିନ୍ନ ଲାଇନ ଡିପାର୍ଟମେଣ୍ଟର ଅଧିକାରୀମାନେ ସ୍ଥିତି ପରଖିବା ବେଳେ ଅନେକ ତ୍ରୁଟି ବିଚ୍ୟୁତ ନଜରକୁ ଆସିଥିଲା। କେତେକ ବିଦ୍ୟାଳୟ ଲୋକାର୍ପଣ ହୋଇସାରି ଥିଲେ ବି ତା'ର ନିର୍ମାଣ କାର୍ଯ୍ୟ ଶେଷ ହୋଇ ନ ଥିବା ଦେଖି ଅଧିକାରୀମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଆଉ କେତେକ ବିଦ୍ୟାଳୟରେ ଆବଶ୍ୟକ ଭିତ୍ତିଭୂମି ସମ୍ପର୍କରେ ଚିଠା ପ୍ରସ୍ତୁତ କରିଛନ୍ତି। ଭିତ୍ତିଭୂମି ବ୍ୟବହାର ଓ ଆବଶ୍ୟକତା ସମ୍ପର୍କରେ ପରିଦର୍ଶନକାରୀ ଦଳ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ସହ ଆଲୋଚନା କରି ତଥ୍ୟ ସଂଗ୍ରହ କରିଥିଲେ। ତଦାରଖକାରୀ ଦଳର ମୁଖ୍ୟ ଅଧିକାରୀଙ୍କ ଦ୍ୱାରା ବିଭିନ୍ନ ବିଦ୍ୟାଳୟରୁ ସଂଗୃହୀତ ତଥ୍ୟକୁ ଏକ ରିପୋର୍ଟ ଜରିଆରେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀଙ୍କୁ ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି।

## ବାଳିକା ଆତ୍ମରକ୍ଷା ଶିବିର ଉଦ୍‌ଯାପିତ

ଯାଜପୁର ରୋଡ,୩୧।୧(ଡି.ଏନ.ଏ.) ବ୍ୟାସନଗରସ୍ଥିତ ଇନ୍ଦିରା ଗାନ୍ଧୀ ମହିଳା କନିଷ୍ଠ ମହାବିଦ୍ୟାଳୟରେ ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଶିବିର ସଂଯୋଜକ ଅଧ୍ୟାପକ ଚିତ୍ତରଞ୍ଜନ ବଳଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ଜୁନିୟର ମହାବିଦ୍ୟାଳୟର ବିଜ୍ଞାନ ଓ କଳାରୁ ୩୮୦ ଏବଂ ଧନ୍ଦାମୂଳକ ଶିକ୍ଷାରୁ ୨୮ଜଣଙ୍କୁ ମିଶାଇ ମୋଟ ୪୦୮ ଛାତ୍ରୀ ପ୍ରଶିକ୍ଷଣ ପାଇଁ ସାମିଲ ହୋଇଥିଲେ। ସୁନିତା ଦାସ, ମମତାମୟୀ ଦାଶ, ଗୀତା ତରାଇ ଓ ସରସ୍ୱତୀ ପତି ପ୍ରମୁଖ ପ୍ରଶିକ୍ଷଣ ଦେଇଥିଲେ । ଶିବିରର ଉଦ୍‌ଯାପନୀ ସଭା ମହାବିଦ୍ୟାଳୟର ଅଧ୍ୟକ୍ଷା ପଙ୍କଜିନୀ ପାଣିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ମୁଖ୍ୟଅତିଥିଭାବେ ଯାଜପୁର ବିରଜା ମହିଳା କନିଷ୍ଠ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଅଖିଳରଞ୍ଜନ ପାଢୀ, ସମ୍ମାନିତ ଅତିଥିଭାବେ ଯାଜପୁରରୋଡ ଏସଡିପିଓ ସଞ୍ଜୟ ପଟ୍ଟନାୟକ ଓ ଆଇଜିଏମ ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ରତ୍ନାକର ଜେନା ପ୍ରମୁଖ ଯୋଗଦେଇ ବାଳିକାମାନେ ବିଭିନ୍ନ ସମୟରେ ସମ୍ମୁଖିନ ହେଉଥିବା ବିପଦକୁ କିପରି ପ୍ରତିହତ କରିପାରିବେ ସେ ନେଇ ଉପାଦେୟ ବକ୍ତବ୍ୟ ପ୍ରଦାନ କରିଥିଲେ। ସଭାକୁ ଶିବିର ସଂଯୋଜକ ଅଧ୍ୟାପକ ବଳ ସଂଚାଳନା କରିଥିଲା ବେଳେ ଅଧ୍ୟାପକ ସୁବାସ ଚନ୍ଦ୍ର ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଶିକ୍ଷଣ ନେଇଥିବା ୪୦୮ପ୍ରଶିକ୍ଷାର୍ଥୀଙ୍କୁ ଅତିଥିଙ୍କ ଦ୍ୱାରା ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ଅଧ୍ୟାପିକା ଲଳିତା ସାହୁ, ଅଧ୍ୟାପକ ଜ୍ୟୋତିପ୍ରକାଶ ରାଉତ, ଗୋବର୍ଦ୍ଧନ ନାୟକ, ହୃଷିକେଶ ତ୍ରିପାଠୀ, ହିରଣ୍ମୟୀ ମିଶ୍ର, ମାନସୀ ବେହେରା, ଅଧ୍ୟାପିକା ଦେବଜାନୀ ଦାସ, ରାଜଲକ୍ଷ୍ମୀ ଦାସ, ଅନିମା ପ୍ରଧାନ ପ୍ରମୁଖ ଯୋଗଦେଇ ଯୋଗ ଦେଇଥିଲେ। ଅଧ୍ୟାପକ ଜ୍ୟୋତିପ୍ରକାଶ ରାଉତ ଧନ୍ୟବାଦ ଦେଇଥିଲେ।

## ଏଣ୍ଡରପଦା କ୍ରିକେଟ: ଚମ୍ପାପୁର ଚାମ୍ପିୟନ


ଟୁର୍ନାମେଣ୍ଟ ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥି।

ଛତିଆ,୩୧।୧(ଡି.ଏନ.ଏ.): ବଡ଼ଚଣା ବ୍ଲକ ଅନ୍ତର୍ଗତ ଶାଳପଡ଼ା ପଞ୍ଚାୟତ ଏଣ୍ଡରପଦା ଗ୍ରାମର ଖେଳ ପଡ଼ିଆଠାରେ ମା' ବଡ଼ଶାଳ ବନଦୁର୍ଗା କ୍ରିକେଟ କ୍ଲବ ଏଣ୍ଡରପଦା ତରଫରୁ ଆୟୋଜିତ ୨୫ତମ ବାର୍ଷିକ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ଚମ୍ପାପୁର କ୍ରିକେଟ କ୍ଲବ ବରୁଣିଆ କ୍ରିକେଟ କ୍ଲବକୁ ୧ ରନରେ ପରାସ୍ତ କରି ଚାମ୍ପିୟନ ହୋଇଛି। ଚମ୍ପାପୁର ପ୍ରଥମେ ଟସ ଜିତି ନିର୍ଦ୍ଧାରିତ ୧୬ ଓଭରରେ ୮ ଉଇକଟ ହରାଇ ୧୨୩ ରନ ସଂଗ୍ରହ କରିଥିଲା। ବରୁଣିଆ ୧୬ ଓଭର ବ୍ୟାଟିଂ କରି ୯ ଉଇକେଟ ହରାଇ ୧୨୨ ରନ ସଂଗ୍ରହ କରି ରନର୍ସ ଅପ୍ ହୋଇଥିଲା। ଖେଳକୁ ଅମ୍ପାୟାର ଭାବେ ସରୋଜ ବାରିକ ଓ ଅଜୟ ସାହୁ ପରିଚାଳନା କରିଥିଲେ। କାହ୍ନୁଚରଣ ବେହେରା, ଆକାଶ ସାହୁ, ରିଙ୍କୁ ସାହୁ, ରାଜା ସେଠୀ ଓ ମୁନା ସାହୁ ସ୍କୋରର ଏବଂ ଶୁଶାନ୍ତ ସ୍ୱାଇଁ, ଚନ୍ଦନ ସାହୁ, ଆକାଶ ସାହୁ ଓ ଜୀତନ ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ। କ୍ଲବ୍ ସଭାପତି ଖଗେଶ୍ୱର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ବଡ଼ଚଣା ଭାଜପା ନେତା ଅମର ନାୟକ, ସମ୍ମାନିତ ଅତିଥି ଭାବେ ଶାଳପଡ଼ା ସରପଞ୍ଚଙ୍କ ପ୍ରତିନିଧି ମହେନ୍ଦ୍ର କୁମାର ରାଉତ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। କ୍ଲବ ତରଫରୁ ମ୍ୟାନେଜର ଅମୂଲ୍ୟ ଗୋଛାୟତଙ୍କ ସହ ସମସ୍ତ କର୍ମକର୍ତ୍ତା ଖେଳ ପରିଚାଳନାରେ ସହଯୋଗ କରିଥିଲେ। ସାମାଜିକ କର୍ମୀ ତରଣୀସେନ ସାହୁ ଧନ୍ୟବାଦ ଦେଇଥିଲେ।

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଟପ୍ପରଙ୍କୁ ସମ୍ବର୍ଦ୍ଧନା


କୃତୀ ଛାତ୍ରୀଙ୍କୁ ଅତିଥି ସମ୍ବର୍ଦ୍ଧିତ କରୁଛନ୍ତି।

ରସୁଲପୁର,୩୧।୧(ଡି.ଏନ.ଏ.): ଛୋଟବେଳୁ ବାପାଙ୍କୁ ଦେଖିନାହାନ୍ତି। ମା' ତାଙ୍କ ପାଇଁ ସବୁକିଛି। ସେ ତାଙ୍କୁ ଉଭୟ ମାତାପିତାଙ୍କ ସ୍ନେହ ଦେଇ ଆସୁଛନ୍ତି। ମା'ଙ୍କ ଅକ୍ଳାନ୍ତ ପରିଶ୍ରମର ଫଳ ତାଙ୍କୁ ସଫଳ କରାଇଛି। ଆହୁରି ଆଗକୁ ଯିବାକୁ ଇଚ୍ଛା ରହିଛି। ମାତ୍ର ଅର୍ଥ ବାଧକ ସାଜୁଛି। ହେଲେ ପ୍ରତିକୂଳ ପରିସ୍ଥିତିରେ ଆଗକୁ ବଢିବାର ଏକ ନିଆରା ଅନୁଭୂତି ତାଙ୍କୁ ଆଗକୁ ବଢ଼ିବାକୁ ପ୍ରେରଣା ଯୋଗାଉଛି। ରସୁଲପୁର ବ୍ଲକ ବ୍ରହ୍ମବରଦାସ୍ଥିତ ବାଳିକା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ ଅବସରରେ ସମ୍ବର୍ଦ୍ଧିତ ହେବା ଅବସରରେ ବ୍ରହ୍ମପୁର ବିଶ୍ୱ ବିଦ୍ୟାଳୟର ଭାଷା ସାହିତ୍ୟରେ ଟପ୍ପର ହୋଇଥିବା ଛାତ୍ରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ପାଢ଼ୀ ବକ୍ତବ୍ୟ ଛଳରେ ଏକଥା ପ୍ରକାଶ କରିଛନ୍ତି। ଏଠାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଆଶୁତୋଷ ବଳ ପୌରୋହିତ୍ୟ କରିଥିବା ବେଳେ ମୁଖ୍ୟଅତିଥି ଭାବେ ବରୀ ବିଧାୟିକା ସୁନନ୍ଦା ଦାସ, ସମ୍ମାନିତ ଅତିଥି ଜିଲାପରିଷଦ ସଦସ୍ୟା ଭାରତୀ ବିଶ୍ୱାଳ, ସ୍ଥାନୀୟ ସରପଞ୍ଚ ମମତା ଶୁଭଦର୍ଶନୀ ଦେଓ, ସମିତିସଭ୍ୟା ରୁକ୍ସାନା ପରିୱିନ୍, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଜୁଲୁଫୁକାରଅଲ୍ଲୀ ଖାନ୍, ଯୁବନେତା ରାକେଶ ଦେଓ ପ୍ରମୁଖ ଯୋଗଦେଇ ଛାତ୍ରୀ ପାଢ଼ୀଙ୍କୁ ଉପଢ଼ୌକନ ଓ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ।

ଏଥିସହ ତାଙ୍କ ମା' ନିର୍ମଳା ପାଢ଼ୀଙ୍କୁ ମଧ ସମ୍ମାନିତ କରାଯାଇଥିଲା। ଛାତ୍ରୀ ପ୍ରିୟଙ୍କା ବାର୍ଷିକୋତ୍ସବର ମୁଖ୍ୟ ଆକର୍ଷଣ ସାଜିଥିଲେ। ସେ ଗୀତ ଗାଇବା ସହ ଶାୟରୀ ଆବୃତ୍ତି କରିଥିଲେ। ପରେ ତାଙ୍କ ସଫଳତା ପଛର କାହାଣୀ ଶୁଣାଇଲେ। ପ୍ରିୟଙ୍କାଙ୍କ ପାଠପଢା କ୍ଷେତ୍ରରେ ବିଧାୟିକା ସହାୟତାର ହାତ ବଢାଇବେ ବୋଲି ପ୍ରକାଶ କରିଛନ୍ତି। ବରୀ ବିଜେଡି ସଂଯୋଜକ ଦେବେନ୍ଦ୍ର ଦାସ ପ୍ରିୟଙ୍କା ଓ ତାଙ୍କ ମା' ନିର୍ମଳାଙ୍କ ସହ ଆଲୋଚନା କରି ସେମାନଙ୍କ ସମସ୍ୟା ସମ୍ପର୍କରେ ବୁଝିଥିଲେ। ପ୍ରିୟଙ୍କା ଘର ଏହି ବ୍ଲକ ଅନ୍ତର୍ଗତ ମୁଗୁପାଳ ପଞ୍ଚାୟତରେ। ସେ ଜନ୍ମ ହେବାର ୧ ମାସ ୮ଦିନରେ ତାଙ୍କ ବାପା ଏକ ଦୁର୍ଘଟଣାରେ ପ୍ରାଣ ହରାଇ ଥିଲେ। ସେବେଠାରୁ ମା' ତାଙ୍କୁ ସାଙ୍ଗରେ ଧରି ମାମୁଘର (ଏହି ବ୍ଲକର ଖଣ୍ଡିତର ଗ୍ରାମ)କୁ ପଳାଇ ଆସିଥିଲେ। ପ୍ରିୟଙ୍କା ମାମୁଘରେ ରହି ପାଠ ପଢୁଛନ୍ତି।

## ଓଏମ୍‌ସି ପକ୍ଷରୁ ଗ୍ରାମସଭା, ମିଳିଲା ଜନ ସମର୍ଥନ



ଗ୍ରାମ ସଭାରେ ଯୋଗ ଦେଇଥିବା ଅଧିକାରୀ ଓ ଅନ୍ୟମାନେ।

କାଳିଆପାଣି,୩୧।୧(ଡି.ଏନ.ଏ.): ସୁକିନ୍ଦା ବ୍ଲକ ଅନ୍ତର୍ଗତ କାଳିଆପାଣି ଖଣି ଅଞ୍ଚଳରେ ଓଡ଼ିଶା ଖଣି ନିଗମ(ଓଏମ୍‌ସି) ପକ୍ଷରୁ ଆଉ ୩ଟି ଖଣି ଖୋଲିବାକୁ ଯୋଜନା ରହିଛି। ଏଥିପାଇଁ ଖଣି ସଂଲଗ୍ନ ଗ୍ରାମବାସୀଙ୍କୁ ନେଇ ମଙ୍ଗଳବାର ଏକ ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ସୁକିନ୍ଦା ଖଣି ଅଞ୍ଚଳର ଅଧିକାଂଶ ସ୍ଥାନ ଜଙ୍ଗଲ କିସମ ହୋଇଥିବାରୁ ଅଞ୍ଚଳର ବିକାଶ କ୍ଷେତ୍ରରେ ବାଧା ସୃଷ୍ଟି ହେଉଛି। ଅଧିକାଂଶ ପ୍ରକଳ୍ପ ଏହି କାରଣରୁ ବନ୍ଦ ହୋଇପଡ଼ିଛି। ତେଣୁ ଜଙ୍ଗଲ ଜମିକୁ ଅଣଜଙ୍ଗଲରେ ପରିଣତ ପାଇଁ କାଳିଆପାଣି, କଂସ, ଚିଙ୍ଗୁଡ଼ି ପାଳ, ରାଁସୋଳ ପଞ୍ଚାୟତର ଜନସାଧାରଣଙ୍କୁ ନେଇ ଏହି ଗ୍ରାମସଭା ଅନୁଷ୍ଠିତ ହୋଇଥିଲା।

ଏଥିରେ ଖଣି ପ୍ରଭାବିତ ଗ୍ରାମର ଯୁବତୀଯୁବକଙ୍କୁ ସ୍ଥାୟୀ ନିଯୁକ୍ତି, ଖଣି ନିଗମର କେନ୍ଦ୍ରୀୟ ଚିକିତ୍ସାଳୟରେ ବିଶେଷଜ୍ଞ ଡାକ୍ତର ନିଯୁକ୍ତି ଦେଇ ୨୪ଘଣ୍ଟା ସେବା ଯୋଗାଇବା, ନିଗମ ଆଦର୍ଶ ବିଦ୍ୟାଳୟରେ ସ୍ଥାନୀୟ ଅଞ୍ଚଳର ଛାତ୍ରୀଛାତ୍ରଙ୍କୁ ଅଗ୍ରାଧିକାର, ସ୍କୁଲ୍ ଛାତ୍ରୀଛାତ୍ରଙ୍କ ଯିବା ଆସିବା ପାଇଁ ବସ, ପାନୀୟ ଜଳ ଯୋଗାଣ ଆଦି ଦାବି ରଖି ବିଭିନ୍ନ ଗ୍ରାମରୁ ଆସିଥିବା ଶତାଧିକ ପୁରୁଷ ମହିଳା ପଲ୍ଲିସଭାରେ ଖଣି ନିଗମକୁ ସମର୍ଥନ କରିଥିଲେ। ଖଣି ନିଗମ କଲୋନୀ ପରିସରରେ ଥିବା ଖେଳ ପଡ଼ିଆରେ ଅନୁଷ୍ଠିତ ଗ୍ରାମସଭାରେ କାଳିଆପାଣି ସରପଞ୍ଚ ବିକାଶ ପାତ୍ର, ଚିଙ୍ଗୁଡିପାଳ ସରପଞ୍ଚ ଅଞ୍ଜଳି ଦେହୁରି, କଂସ ସରପଞ୍ଚ ରାଜାରାଣୀ ଦେହୁରି, ରାଂସୋଳ ସରପଞ୍ଚ କନକ ଲତା ସର୍ଦ୍ଦାର ଅଧ୍ୟକ୍ଷତା କରିଥିଲେ। ବ୍ଲକ ପ୍ରଶାସନ ପକ୍ଷରୁ ଡବ୍ଲ୍ୟୁଇଓ ଦୀପା ବାଳା, ଆର୍‌ଆଇ ଦିଲ୍ଲୀପ ସର୍ଦ୍ଦାର, ବନବିଭାଗ ପକ୍ଷରୁ ଇସ୍ପିକାର ନାୟକ, ଭିଏଲଡବ୍ଲ୍ୟୁ ଗୌର ହରି ବେହେରା ପ୍ରମୁଖ ଉପସ୍ଥିତ ଥିଲେ। କାଳିଆପାଣି ଥାନା ପକ୍ଷରୁ ଏକ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିବା ବେଳେ କଳିଙ୍ଗନଗର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସିଲଭରିୟ ଟପୋ ପ୍ରତ୍ୟକ୍ଷ ଭାବେ ଉପସ୍ଥିତ ରହିଥିଲେ।

### ଜଙ୍ଗଲ ଜମିର କିସମ ପରିବର୍ତ୍ତନ ହେବ

ଖଣି ନିଗମ ପକ୍ଷରୁ କାଳିଆପାଣିଠାରେ ହେବାକୁ ଥିବା ଦକ୍ଷତା ବିକାଶ କେନ୍ଦ୍ର ସହ କଅଁସ, କାଳିଆପାଣି, ଚିଙ୍ଗୁଡିପାଳ, ରାଁସୋଳ ପଞ୍ଚାୟତର ବିଭିନ୍ନ ମୌଜାରେ ଥିବା ବନ୍ଦଖଣିର ଜମି କିସମ ପରିବର୍ତ୍ତନ କରାଯିବ। ଏଥିରେ କାଳିଆପାଣି ଖଣି ପାଇଁ ୧୫୨.୧୯୯ ଏକର, ପିଏଲ-୧ ପାଇଁ ରାଁସୋଳର ୪୧.୪୫୦ ଏକର, ମହୁଲଖାଲର ୯୮.୨୨ ଏକର, କଲରଙ୍ଗୀ ଗ୍ରାମର ୪୫୨.୬୦ ଏକର, ଫରେଷ୍ଟ ଜମି ୯୩.୬୦ ଏକର ଓ ପିଏଲ୍ ୨ ବ୍ଲକ ପାଇଁ କାଳିଆପାଣି ଗ୍ରାମର ୩୮୫.୮୭୦ ଏକର, ଚିଙ୍ଗୁଡିପାଳର ୪୦୨.୯୦୫ ଏକର, ଗୁରୁଜଙ୍ଗ ଗ୍ରାମର ୧୫୭.୮୬୫ ଏକର, ଗୁରୁଜଙ୍ଗ ପାଳର ୧୦୦.୫୮୬ ଏକର, କଲରଙ୍ଗୀର ୧୫୫ .୯୧୨ ଏକର ଏବଂ ଓସ୍ତପାଳ ଗ୍ରାମର ୩.୧୯୫ ଏକର ଜମି କିସମ ପରିବର୍ତ୍ତନ ପାଇଁ ଏହି ଗ୍ରାମସଭା ଅନୁଷ୍ଠିତ ହୋଇଥିଲା।

# ୧୮ ଦିନ ହେବ ମଣ୍ଡିରେ ପଡ଼ିଛି ଧାନ: ଚିନ୍ତାରେ ଚାଷୀ

■ ମିଲରଙ୍କ ଦେଖା ନାହିଁ
■ ଟୋକନ ରଦ୍ଦ ହେବା ଚାଷୀଙ୍କ ଭୟ

**ବାଲିକୁଦା,୩୧।୧(ସ୍ୱ.ପ୍ର.)**

ଜଗତ୍‌ସିଂହପୁର ଜିଲା ବାଲିକୁଦା ବ୍ଲକ ଅନନ୍ତପୁର ସେବା ସମବାୟ ସମିତି ପକ୍ଷରୁ ଖୋଲାଯାଇଥିବା ମଣ୍ଡିରେ ଜାନୁୟାରୀ ୧୩ ତାରିଖରୁ ଚାଷୀମାନେ ଧାନ ବସ୍ତା ରଖି ଜଗି ରହିଛନ୍ତି। ଇତିମଧ୍ୟରେ ୧୮ ଦିନ ବିତିଯାଇଥିଲେ ମଧ୍ୟ ମିଲରଙ୍କ ଦେଖା ମିଳୁନାହିଁ। ଏନେଇ ଚାଷୀଙ୍କ ଚିନ୍ତା ବଢ଼ିଯାଇଛି। ଏଭଳି ସମସ୍ୟା ଲାଗି ରହିଲେ ଆଗକୁ ଟୋକନ ରଦ୍ଦ ହେବାର ଆଶଙ୍କା ରହିଛି ବୋଲି ସେମାନେ ଆଶଙ୍କାବ୍ୟକ୍ତ କରିଛନ୍ତି। ଏନେଇ ଉଚ୍ଚକର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେବାକୁ ଚାଷୀମାନେ ଦାବି କରିଛନ୍ତି ।

ପ୍ରକାଶ ଯେ, ଚଳିତ ବର୍ଷ ଅନନ୍ତପୁର ସେବା ସମବାୟ ସମିତି ମାଧ୍ୟମରେ ଧାନ ବିକ୍ରି କରିବା ପାଇଁ ୪୪୭ ଜଣ ଚାଷୀ ନାମ ପଞ୍ଜୀକରଣ କରିଥିଲେ । ଏହି ମଣ୍ଡିରେ ପ୍ରାୟ ୧୪ ହଜାର କୁଇଣ୍ଟାଲ ଧାନ ସଂଗ୍ରହ କରାଯିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ୨ ହଜାର କୁଇଣ୍ଟାଲ ଧାନ କିଣିବାକୁ ସରକାର ମଣ୍ଡିକୁ ଅନୁମତି ଦେଇଛନ୍ତି । ମାତ୍ର ଏପର୍ଯ୍ୟନ୍ତ କେବଳ ଗୋଟିଏ ଗାଡି ଦ୍ୱାରା ୨୩୩.୮୭ କୁଇଣ୍ଟାଲ ଧାନ ସଂଗ୍ରହ କରାଯାଇଛି । ଅପରପକ୍ଷେ ମଣ୍ଡିରେ ପ୍ରାୟ ୧ ହଜାର କୁଇଣ୍ଟାଲରୁ ଅଧିକ ଧାନବସ୍ତା ପଡ଼ି ରହିଛି। ଚାଷୀମାନେ ଶୀତ କାକରରେ ଧାନ ଜଗି ରହିବା ସହ ଅନ୍ୟ କିଛି କାମ କରିପାରୁନାହାନ୍ତି। ଚଳିତ ବର୍ଷ ଅନନ୍ତପୁର ସେବା ସମବାୟ ସମିତି ପକ୍ଷରୁ ମଣ୍ଡିରୁ ଧାନ ଉଠାଇବା ୪ ମିଲରଙ୍କୁ ଅନୁମତି ମିଳିଛି। ସେଗୁଡ଼ିକ ହେଲା ଏମ୍‌ଏସ୍ ସାରଦା ଇଣ୍ଡଷ୍ଟ୍ରି, ଚୌଧୁରୀ ରାଇସ ଆଣ୍ଡ ଚୁଡା ଇଣ୍ଡଷ୍ଟ୍ରି, ନାରାୟଣ ରାଇସ ମିଲ ଓ ସୁମିତ୍ରା ଆଗ୍ରୋ। ସେମାନଙ୍କ ମଧ୍ୟରୁ କେବଳ ଚୌଧୁରୀ ଇଣ୍ଡଷ୍ଟ୍ରି ଗୋଟିଏ ଗାଡ଼ିରେ ଧାନ ନେଇଥିବା ବେଳେ ଅନ୍ୟ କୌଣସି ମିଲରଙ୍କ ଦେଖାନାହିଁ।

ସରକାରଙ୍କ ନିୟମ ଅନୁସାରେ ମଣ୍ଡିରେ ଧାନ ବିକ୍ରି ପାଇଁ ଚାଷୀଙ୍କୁ ମିଳିଥିବା ଟୋକନ ଅବଧି ମାତ ୧ ମାସ । ଚାଷୀ ଯେଉଁ ତାରିଖରେ ଧାନ ବିକ୍ରି କରିବା ପାଇଁ ଟୋକନ ପାଇଥିବେ ତାର ୧ ମାସ ଭିତରେ ଧାନ ବିକ୍ରି କରି ପାରିବ । ନ ହେଲେ ସେମାନଙ୍କ ଟୋକନ ରଦ୍ଦ ହୋଇଯିବ । ସେହି ଦୃଷ୍ଟିରୁ ଆଉ ୧୩ ଦିନ ପର୍ଯ୍ୟନ୍ତ ମଣ୍ଡି ଠିକ୍ ଭାବେ ନ ଚାଲିଲେ ଚାଷୀଙ୍କ ଟୋକନ ରଦ୍ଦ ହେବା ଆଶଙ୍କା ରହିଛି।

ଏ ସମ୍ପର୍କରେ ଅନନ୍ତପୁର ସେବା ସମବାୟ ସମିତିର ସମ୍ପାଦକ ଜୟନ୍ତ ହାତୀ କହିଛନ୍ତି, ଏହି ମଣ୍ଡିରୁ ଧାନ ଉଠାଇବା ପାଇଁ ଅନୁମତି ପାଇଥିବା ମିଲରମାନଙ୍କ ସହ ପ୍ରତ୍ୟେକ ଦିନ ଯୋଗାଯୋଗ କରାଯିବା ସହ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯାଇଛି। ତେବେ ମିଲର ନ ଆସିବା ପର୍ଯ୍ୟନ୍ତ ସମିତି ପକ୍ଷରୁ କିଛି କରାଯାଇପାରିବ ନାହିଁ ବୋଲି ଜୟନ୍ତ କହିଛନ୍ତି। ଏସମ୍ପର୍କରେ ମିଲର ଏମଏସ ସାରଦା, ଚୌଧୁରୀ ଓ ସୁମିତ୍ରା ଆଗ୍ରୋଙ୍କ ମାଲିକଙ୍କୁ ପଚାରିବାରୁ ଗାଡି ସମସ୍ୟା ପାଇଁ ଧାନ ଉଠାଇବାରେ ବିଳମ୍ବ ହେଉଛି। ବୁଧବାର ଗାଡି ପଠାଯାଇ ଧାନ ଉଠାଯିବ ବୋଲି ସେମାନେ କହିଛନ୍ତି। ଖାଲି ଅନନ୍ତପୁର ନୁହେଁ ବାଲିକୁଦା, ନହରଣା, ବରମୁଣ୍ଡଳି, କାଞ୍ଚିଆକଣ, ଦୁଆ, ରାହାଣ, ଅପଣ୍ଡରା ଆଦି ଅଧିକାଂଶ ମଣ୍ଡି ମଧ୍ୟରେ ସମାନ ଅବସ୍ଥା ଦେଖିବାକୁ ମିଳିଛି। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।


ମଣ୍ଡିରେ ପଡି ରହିଥିବା ଧାନ ବସ୍ତା ସମ୍ମୁଖରେ ଉପସ୍ଥିତ ଚାଷୀ।

## ସଂକ୍ଷେପରେ

### ୨ ବାଇକ୍ ଧକ୍କା, ୩ ଗୁରୁତର

**ରଘୁନାଥପୁର, ୩୧।୧(ଡି.ଏନ.ଏ.):** ରଘୁନାଥପୁର ଥାନା ଅନ୍ତର୍ଗତ କଟକ-ପାରାଦୀପ ରାସ୍ତାର କୁର୍ତ୍ତାଙ୍ଗ ମହିଳା କଲେଜ ନିକଟରେ ଏକ ଘରୋଇ ବସ୍ ୨ଟି ବାଇକ୍‌କୁ ଧକ୍କା ଦେଇ ଚାଲିଯାଇଥିଲା। ଘଟଣା ସ୍ଥଳରେ ଜଣେ ଛାତ୍ରୀଙ୍କ ସହ ୨ ଜଣ ଯୁବକ ଗୁରୁତର ହୋଇପଡିବା ସହ ଅନ୍ୟ ଜଣେ ଛାତ୍ରୀ ତଳେ ପଡି ଆହତ ହୋଇଥିଲେ। ବୁଲେଟରେ ଯାଉଥିବା ୨ ବ୍ୟକ୍ତି ହେଲେ ନିକଟସ୍ଥ ପାଟେଣିଗାଁର ଅର୍ଣ୍ଣଦା ପ୍ରସାଦ ନାୟକ ଓ ଅନ୍ୟ ଜଣେ ହେଲେ ବର୍ତ୍ତୀ ଗାଁର ସୁଦାମ ଚରଣ ସେଠୀ। ଉଭୟଙ୍କ ଛାତି ଓ ଗୋଡାହାତ ଭାଙ୍ଗି ଗୁରୁତର ହୋଇପଡିଥିଲେ। ସେହିପରି ନିକଟସ୍ଥ ଚିକିଣିଆ ଗାଁରୁ ରଘୁନାଥପୁରସ୍ଥିତ ସ୍କୁଲକୁ ବାପା ବିକ୍ରମ ନାୟକଙ୍କ ସହ ସ୍କୁଟିରେ ଯାଉଥିବା ସିମରନ ତଳେ ପଡି ଗୁରୁତର ହୋଇପଡିଥିବାବେଳେ ଅନ୍ୟ ଜଣେ ସିମରନ ପ୍ରିୟଦର୍ଶିନୀ ମହାପାତ୍ର ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ଉଦ୍ୟମରେ ସମସ୍ତଙ୍କୁ ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିଆଯାଇଥିଲା। ପରେ ଡାକ୍ତର ସେମାନଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରିଥିଲେ। ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। କିଛି ସମୟ ପାଇଁ ରାସ୍ତାର ଉଭୟ ପାର୍ଶ୍ୱରେ ଗାଡି ମଟର ଜାମ ହୋଇଯାଇଥିଲା। ଏସ୍‌ଆଇ ଅନୀଲ କୁମାର ସାହୁ ପହଞ୍ଚି ସ୍ଥିତିକୁ ସୁଧାରିବା ସହ ଦୁର୍ଘଟଣା ଗ୍ରସ୍ତ ବାଇକ୍‌କୁ ଜବତ କରିଥିଲେ। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ, ସକାଳୁ ଏକ ଘରୋଇ ବସ୍ କଟକ ଅଭିମୁଖେ ଯାଉଥିଲା। ବର୍ତ୍ତୀ ଛକରୁ ଏକ ବୁଲେଟରେ ଆସୁଥିବା ୨ ଜଣ ବ୍ୟକ୍ତିଙ୍କୁ ପ୍ରଥମେ ଧକ୍କା ଦେଇଥିଲା। ପରେ ବସ୍‌ର ବାମପାର୍ଶ୍ୱରେ ଏକ ସ୍କୁଟିରେ ଯାଉଥିବା ୩ ଜଣଙ୍କୁ ଧକ୍କା ଦେଇଥିଲା। ଏ ସମ୍ପର୍କରେ ଅର୍ଣ୍ଣଦାଙ୍କ ସ୍ତ୍ରୀ ଲତିକା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୨୮/୨୩ରେ ମାମଲା ରୁଜୁ କରିବା ସହ ତଦନ୍ତ ଜାରି ରଖିଥିବା ଆଇଆଇସି ସୁଶାନ୍ତ କୁମାର ସେଠୀ ପ୍ରକାଶ କରିଛନ୍ତି।

### ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ

**ଭୁବନେଶ୍ୱର,୩୧।୧:** ବାପୁଜୀ ସ୍ମାରକୀ ଉଚ୍ଚବିଦ୍ୟାଳୟର ୧୯୮୧ ମାଟ୍ରିକ ବ୍ୟାଚ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ପାରାଦୀପ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ପ୍ରକାର ମନୋରଞ୍ଜନ କାର୍ଯ୍ୟକ୍ରମ କରିଯାଇଥିଲା। ସେମାନେ ସମୁଦ୍ରରେ ବୋଟିଂ କରିବା ସହ ସମୁଦ୍ରକୂଳରେ ବୁଲି ବିଭିନ୍ନ ଦର୍ଶନୀୟ ସ୍ଥାନ ଓ ଦେବାଦେବୀ ଦର୍ଶନ କରିଥିଲେ।

## ଧାନମଣ୍ଡି ଗାଡ଼ିକୁ ବଟି ଦାବି: ଥାନାରେ ମାମଲା

**ବାଲିକୁଦା,୩୧।୧(ସ୍ୱ.ପ୍ର.)**

ବନ୍ଦର ମେରାଇନ ଥାନା ଅଧୀନରେ ନହରଣା ବସ ଷ୍ଟାଣ୍ଡ ନିକଟରେ ଏକ ଧାନ ବୋଝେଇ ଟ୍ରକକୁ ଅଟକାଇ ୨୦ ହଜାର ଟଙ୍କା ବଟି ମାଗିବା ଅଭିଯୋଗ ହୋଇଛି। ଏନେଇ ନହରଣା ସେବାସମବାୟ ସମିତିର ସମ୍ପାଦକ ବିହାରୀ ବିଶ୍ୱାଳ ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା (ନଂ. ୮/୨୩) ରୁଜୁ କରିଛି। ଅଭିଯୋଗ ଅନୁଯାୟୀ, ୨୮ ତାରିଖ ରାତିରେ ନହରଣା ସେବା ସମବାୟ ସମିତି ମଣ୍ଡିରୁ ଦୁଇଟି ଗାଡି ଧାନ ଲୋଡ କରି ବାହାରିବା ସମୟରେ ସେହି ଅଞ୍ଚଳର ୨ ଜଣ ଯୁବକ ପୀତବାସ ପରିଡା ଓ ରିଙ୍କୁ ରାଉତ ଗାଡି ଡ୍ରାଇଭରକୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ୨୦ ହଜାର ଟଙ୍କା ବଟି ମାଗିଥିଲେ । ଟଙ୍କା ନ ଦେଇ ଗଲେ ହାତ ଗୋଡ଼ ବାଡେଇ ଭାଙ୍ଗି ଦେବାକୁ ଧମକ ଦେଇଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଛି। ଏହି ମାମଲାର ତଦନ୍ତ ମେରାଇନ ଥାନା ସବ୍‌ଇନ୍ସପେକ୍ଟର ଅନିରୁଦ୍ଧ ରାଉତ କରୁଛନ୍ତି।

# ଗହମ ବୋଝେଇ ଟ୍ରକ୍ ଓଲଟିଲା: ଛାତ୍ରୀ ରକ୍ଷା ପାଇଗଲେ

**ଜଗତ୍‌ସିଂହପୁର ଅଫିସ, ୩୧।୧**

ମଙ୍ଗଳବାର ସକାଳ ପ୍ରାୟ ସାଢେ ୬ଟାରେ କଟକ-ଜଗତ୍‌ସିଂହପୁର ମୁଖ୍ୟ ରାସ୍ତାର ଚାନ୍ଦଗଡ଼ ଛକ ନିକଟରେ ଏକ ଗହମ ବୋଝେଇ ଟ୍ରକ୍ (ଓଆର୍ ୦୫ ଡବ୍ଲ୍ୟୁ ୬୨୫୫) ସାଇକେଲରେ ଯାଉଥିବା ଜଣେ ଯୁକ୍ତ ୩ ଛାତ୍ରୀଙ୍କ ପଛପଟୁ ଧକ୍କା ଦେଇ ଓଲଟି ପଡିଥିଲା। ସୌଭାଗ୍ୟ ବଶତଃ ଛାତ୍ରୀ ଜଣକ ତଳେ ପଡି ଆହତ ହୋଇଥିଲେ। ଛାତ୍ରୀଙ୍କ ସାଇକେଲଟି କ୍ଷତିଗ୍ରସ୍ତ ହୋଇଥିଲା। ଟ୍ରକଟି ରାସ୍ତା ପାର୍ଶ୍ୱରେ ତଳକୁ ଓଲଟିବା ପୂର୍ବରୁ ଚାଳକ ଡେଇଁ ପଳାଇ ଯାଇଥିବା କେତେଜଣ ପ୍ରତ୍ୟକ୍ଷଦର୍ଶୀ ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ଛାତ୍ରୀଙ୍କ ପିତା ଦୋଳଗୋବିନ୍ଦ ମୁଦୁଲି କହିଛନ୍ତି, ତାଙ୍କ ଝିଅ ଅନ୍ୟ ଦିନ ଭଳି ସକାଳ ୬ଟା୪୫ମିନିଟ୍‌ରେ ସାଇକେଲରେ ଜଗତ୍‌ସିଂହପୁର ଅଭିମୁଖେ କୋଚିଂ ସେଣ୍ଟର ଯାଉଥିଲେ। ଚାନ୍ଦଗଡ଼ ଛକ ନିକଟରେ ସମାନ ଦିଗରେ ପଛପଟୁ ଆସୁଥିବା ଗହମ ବୋଝେଇ ଟ୍ରକ୍‌ଟି ଝିଅ ସାଇକେଲ ପଛପଟୁ ପିଟି ରାସ୍ତା ବାମପାର୍ଶ୍ୱ ଏକ ବିଦ୍ୟୁତ୍ ଖୁଣ୍ଟରେ ଧକ୍କା ହୋଇ ଓଲଟି ପଡିଥିଲା। ଝିଅ ତଳେ ପଡିଯିବାରୁ ବାମ ପାର୍ଶ୍ୱ ଆଘାତ ପ୍ରାପ୍ତ ହୋଇଛି। ତେବେ ଝିଅର ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟ ନିଆଯାଇଥିଲା। ଏ ସମ୍ପର୍କରେ ଅଭିଜିତ ମହାନ୍ତି କହିଛନ୍ତି, ଟ୍ରକ ଚାଳକ ମଦ୍ୟପାନ କରି ବେପରୁଆ ଗାଡି ଚଳାଇଥିବା ସନ୍ଦେହ କରାଯାଉଛି। ରାସ୍ତା ପାର୍ଶ୍ୱରେ ବିଦ୍ୟୁତ୍ ଖୁଣ୍ଟଗୁଡିକ ଯେଉଁଭଳି ରହିଛି ତାହା ଅନେକ ସମୟରେ ସମସ୍ୟା ସୃଷ୍ଟି କରୁଛି। ତେବେ ଦୁର୍ଘଟଣା ପରେ ସଙ୍ଗେ ସଙ୍ଗେ ଜଗତ୍‌ସିଂହପୁର ଥାନାକୁ ଖବର ଦିଆଯାଇଥିଲା। ପୋଲିସ ପହଞ୍ଚି ଗହମ ସୁରକ୍ଷିତ ରଖିବା ପାଇଁ ପଦକ୍ଷେପ ନେବା ସହ ଟ୍ରକ ମାଲିକଙ୍କୁ ଡାକିଥିବା ଜଣାଯାଇଛି। ସୂଚନାଯୋଗ୍ୟ, କଟକରୁ ଗହମ ବୋଝେଇ ଟ୍ରକ୍‌ଟି ଜଗତ୍‌ସିଂହପୁର ଏଫ୍‌ସିଆଇ ଗୋଦାମକୁ ଯାଉଥିଲା।



## ତ୍ର୍ୟମ୍ବକେଶ୍ୱର ବିଗ୍ରହ ପ୍ରତିଷ୍ଠା ଉତ୍ସବ

**କୁଜଙ୍ଗ,୩୧।୧(ଡି.ଏନ୍.ଏ.)**

କୁଜଙ୍ଗ ତପବନ ଆଦର୍ଶ ଶିଶୁ ବିଦ୍ୟାମନ୍ଦିର ପରିସରସ୍ଥିତ ତ୍ର୍ୟମ୍ବକେଶ୍ୱର ମନ୍ଦିର ପୀଠରେ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସିଦ୍ଧେଶ୍ୱର ସିଦ୍ଧ ଗୋରେଖନାଥ ଏବଂ ସିଦ୍ଧ ସ୍ୱାମୀ ହର ଦାସଙ୍କ ବିଗ୍ରହରେ ପ୍ରାଣ ପ୍ରତିଷ୍ଠା କରାଯାଇଛି। ଏନେଇ ୨ ଦିନ ଧରି ଅଧ୍ୟାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜଗତ୍‌ସିଂହପୁର ସିଦ୍ଧ ପରିବାରର ସଭାପତି ନିରଞ୍ଜନ ପଣ୍ଡା, ଉପସଭାପତି ଯଦୁନାଥ ଜେନା, ସାଧାରଣ ସମ୍ପାଦକ ସିଦ୍ଧ ଭୋଳାନାଥ ଦାସ, କାର୍ଯ୍ୟକାରୀ ସମ୍ପାଦକ ସିଦ୍ଧ ଜ୍ୟୋତିର୍ବିଦ ଡ. ନିରଞ୍ଜନ ରାଉତ, ସଙ୍ଗଠନର ସମ୍ପାଦକ ସିଦ୍ଧ ସୁରେନ୍ଦ୍ର ଦାସ, ସିଦ୍ଧ ପୁରୋହିତ ବୈରାଗୀ ଚରଣ ସାହୁ, କଳ୍ପତରୁ ସାହୁ, ଧନେଶ୍ୱର ଦାସ, ଅମର କୁମାର ରାଉତ, ମହେଶ୍ୱର ମହାନ୍ତି, ଗୁରୁ ଚରଣ ମହାନ୍ତି, ବିଭୁତି ବେହେରା, ଶରତ କୁମାର ସ୍ୱାଇଁ ଏବଂ ସିଦ୍ଧ ପରିବାରର ବହୁ ସଦସ୍ୟ ଯୋଗଦେଇଥିଲେ।

# ଆଜି ଶିବଜ୍ୟୋତି ଦର୍ଶନ ଭବନ ଉଦ୍‌ଘାଟନ

**ରାଜନଗର, ୩୧।୧(ଡି.ଏନ.ଏ.)**

ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ପକ୍ଷରୁ ରାଜନଗରଠାରେ ଭବ୍ୟ ଶିବଜ୍ୟୋତି ଦର୍ଶନ ଭବନ ନିର୍ମାଣ କରାଯାଇଛି। ଫେବୃୟାରୀ ୧ରେ ଏହି ଶିବଜ୍ୟୋତି ଦର୍ଶନ ଭବନର ଶୁଭ ଉଦ୍‌ଘାଟନ କରାଯିବ। ଏଥିସହ ଓଡ଼ିଶାରେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ପ୍ରତିଷ୍ଠାର ୫୦ ବର୍ଷ ପୂର୍ତ୍ତି ଅବସରରେ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ କରାଯିବ। ଏ ନେଇ ସୋମବାର ରାଜନଗରସ୍ଥିତ ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ପରିସରରେ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ରାଜନଗରର ସଞ୍ଚାଳିକା ବ୍ରହ୍ମକୁମାରୀ ନିର୍ମଳା ଭଉଣୀ, ପଟ୍ଟାମୁଣ୍ଡାଇର ସଞ୍ଚାଳିକା ବ୍ରହ୍ମକୁମାରୀ ଶଶି ଭଉଣୀ ଏବଂ ବ୍ରହ୍ମକୁମାର ସର୍ବେଶ୍ୱର ଭାଇ ଯୋଗଦେଇ ୫୦ ବର୍ଷ ପୂର୍ତ୍ତି ଉତ୍ସବରେ ରାଜନଗରଠାରେ ଶିବଜ୍ୟୋତି ଦର୍ଶନ ଭବନର ଉଦ୍‌ଘାଟନ କରାଯିବ। ୧ତାରିଖରେ ଏନେଇ ଶୋଭାଯାତ୍ରା କରାଯିବ। ପରେ ଦାନ୍ତରେ ବସ୍ ଟାଣି ଗିନିଜ ବୁକ୍ ଅଫ୍ ରେକର୍ଡରେ ସ୍ଥାନ ପାଇଥିବା ବ୍ରହ୍ମ କୁମାର ମ୍ୟାଜିକ୍ ଶୋ ପ୍ରଦର୍ଶନ କରିବେ। ପୂର୍ବାହ୍ନ ୧୦ ରୁ ସାଢେ ୧୦ଟା ମଧ୍ୟରେ ପତାକା ଉତ୍ତୋଳନ, ପୂର୍ବାହ୍ନ ୧୧ଟାରୁ ଉଦ୍‌ଘାଟନୀ କାର୍ଯ୍ୟକ୍ରମର ସଭା ଅନୁଷ୍ଠିତ ହେବ। ଏହି ଉତ୍ସବରେ କଟକ ଜୋନର ରାଜଯୋଗିନୀ ବ୍ରହ୍ମାକୁମାରୀ କମଳେଶ ଦିଦିଜୀ, କଟକ ସହ ସଞ୍ଚାଳିକା ରାଜଯୋଗିନୀ ବ୍ରହ୍ମାକୁମାରୀ ସୁଲୋଚନା ଭଉଣୀ, ମୁଖ୍ୟଅତିଥି ଭାବେ ରାଜନଗର ବିଧାୟକ ଧ୍ରୁବ ସାହୁ, ସମ୍ମାନିତ ଅତିଥି ଭାବେ ଓଡ଼ିଶା ଲୋକାୟୁକ୍ତର ସଦସ୍ୟ ଦେବବ୍ରତ ସ୍ୱାଇଁ, ରାଜ୍ୟ ମିଡିଆ ସଂଯୋଜକ ରାଜଯୋଗୀ ବ୍ରହ୍ମାକୁମାର ନାଥ ମଲ, ବ୍ରହ୍ମକୁମାର ମୋହନ, ବ୍ରହ୍ମକୁମାର ଅରୁଣ ଭାଇ ପ୍ରମୁଖ ଯୋଗଦେବେ ବୋଲି ସୂଚନା ଦିଆଯାଇଛି।

# ସରକାରୀ ଅର୍ଥ ଆତ୍ମସାତ୍ ଅଭିଯୋଗ: ମହିଳାଙ୍କ ଧାରଣା

**ବାଲିକୁଦା,୩୧।୧(ସ୍ୱ.ପ୍ର.):** ବାଲିକୁଦା ବ୍ଲକ ଅନ୍ତର୍ଗତ ମାଛଗାଁ ପଞ୍ଚାୟତର ବଡ ଅସିଲୋ ଗ୍ରାମର ବିଭିନ୍ନ ସରକାରୀ ଅର୍ଥକୁ ଆତ୍ମସାତ କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ଗ୍ରାମର ମହିଳାମାନେ ମଙ୍ଗଳବାର ଗ୍ରାମ ରାସ୍ତାରେ ଧାରଣା ଦେଇଥିଲେ । ଧାରଣା ଦେବା ପୂର୍ବରୁ ମହିଳାମାନେ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିଲେ । ସେମାନଙ୍କ ଅଭିଯୋଗ ଅନୁଯାୟୀ, ଏହି ଗ୍ରାମର ଜଣେ ବ୍ୟକ୍ତି ଜିଲା ଯୋଜନା କମିଟି ଅର୍ଥ, ପଞ୍ଚାୟତ ସମିତି ଅଂଶ ଅର୍ଥରେ ପ୍ରକଳ୍ପ କରିବା ନାମରେ ଚଞ୍ଚକତା କରି ନିଜ ଜାଗାରେ ବ୍ୟୟ କରିବା ସହ ଲକ୍ଷାଧିକ ଟଙ୍କା ଆତ୍ମସାତ କରିଛନ୍ତି। ଗ୍ରାମର ତ୍ରିନାଥ ମଣ୍ଡପ, ଏସ୍‌ଏଚ୍‌ଜି ବିଲ୍ଡିଂର ଚତୁଃପାର୍ଶ୍ୱରେ ପାଚେରି ପାଇଁ ୨ ଲକ୍ଷ ଓ ଗ୍ରାମର ଢଳେଇ ରାସ୍ତା ପାଇଁ ୧ ଲକ୍ଷ ଟଙ୍କା ପଞ୍ଚାୟତ ସମିତି ଅଂଶ ପକ୍ଷରୁ ଅନୁଦାନରେ ଆଣି ନିମ୍ନମାନର କାମ କରିଛନ୍ତି ବୋଲି ଅଭିଯୋଗ କରି ମହିଳାମାନେ ଅଭିଯୋଗରେ ଦର୍ଶାଇଥିଲେ। ଖବରପାଇ କନିଷ୍ଠଯନ୍ତ୍ରୀ ଯୋଗମାୟା ଲେଙ୍କା ଘଟଣାସ୍ଥଳରେ ପହଞ୍ଚି ମହିଳାମାନଙ୍କୁ ବୁଝାଶୁଝା କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଛି । ଏଥିସହ ଉକ୍ତ ରାସ୍ତା କାମ ବନ୍ଦ ରହିଛି। ସରପଞ୍ଚ ଓ ଗ୍ରାମବାସୀ ମିଶି ଏନେଇ ନିଷ୍ପତ୍ତି ନେଲା ପରେ ପୁନର୍ବାର ରାସ୍ତା କାମ ହେବ ବୋଲି ଯନ୍ତ୍ରୀ ସୂଚନା ଦେଇଛନ୍ତି ।


ଗ୍ରାମ ରାସ୍ତାରେ ମହିଳାମାନେ ଧାରଣା ଦେଇଛନ୍ତି।

# ଫାଇନାଲରେ ରାଇଜିଂ, ଜୁଭେନାଇଲ ଟିମ୍

**ସଂଗ୍ରାମ କେଶରୀ ଦାଶ ସ୍ମାରକୀ କ୍ରିକେଟ**

**ଏରସମା,୩୧।୧(ସ୍ୱ.ପ୍ର.)**

ଏରସମା ବ୍ଲକ ମୁଖ୍ୟାଳୟସ୍ଥିତ ଆଞ୍ଚଳିକ ଯୁବ ପରିଷଦ ପକ୍ଷରୁ ଚାଲିଥିବା ସଂଗ୍ରାମ କେଶରୀ ଦାଶ କ୍ରିକେଟ ଟୁର୍ନାମେଣ୍ଟର ୨ ସେମିଫାଇନାଲ ମ୍ୟାଚ ସୋମବାର ଓ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ରାଇଜିଂ ଷ୍ଟୁଡେଣ୍ଟ କ୍ରିକେଟ କ୍ଲବ କଟକ ଓ ଜାଗୃତି କ୍ରିକେଟ ଏକାଡେମୀ ଭୁବନେଶ୍ୱର ମଧ୍ୟରେ ମ୍ୟାଚ ଖେଳାଯାଇଥିଲା। ରାଇଜିଂ ଦଳ ଟସ ଜିତି ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ବିନିମୟରେ ୧୭୪ ରନ ସଂଗ୍ରହ କରିଥିଲା। ଜବାବରେ ଜାଗୃତି ଦଳ ୧୬ ଓଭରରେ ସମସ୍ତ ଉଇକେଟ ହରାଇ ୧୨୩ ରନ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା। ଫଳରେ ରାଇଜିଂ ଟିମ୍ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ସୋମବାର ନିମପୁର କ୍ରିକେଟ କ୍ଲବ କଟକ ଓ ଜୁଭେନାଇଲ କ୍ରିକେଟ କ୍ଲବ କଟକ ମଧ୍ୟରେ ପ୍ରଥମ ସେମିଫାଇନାଲ ଖେଳାଯାଇଥିଲା। ନିମପୁର ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୧୬୨ ରନ ସଂଗ୍ରହ କରିଥିଲା। ଜବାବରେ ଜୁଭେନାଇଲ ୧୮ ଓଭରରେ ୫ ଉଇକେଟ ହରାଇ ୧୬୪ ରନ ସଂଗ୍ରହ କରି ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ସମରେଶ ମୁଦୁଲି ଓ ସୁବ୍ରତ କୁମାର ବରାଳ ଅମ୍ପାୟର ଭାବେ ଉଭୟ ମ୍ୟାଚକୁ ପରିଚାଳନା କରିଥିଲେ।

# ବିନା ସୂଚନା ଫଳକରେ ୫ କୋଟି ଟଙ୍କାର ରାସ୍ତା କାମ

**ନାଉଗାଁ,୩୧।୧(ସ୍ୱ.ପ୍ର.)**

ନାଉଗାଁ ବ୍ଲକ ଛକଠାରୁ ବାଲିକୁଦାକୁ ସଂଯୋଗ କରୁଥିବା ରାସ୍ତାର ପୁନଃ ସମ୍ପ୍ରସାରଣ ଓ ନିର୍ମାଣ କାମ ଚାଲୁ ରହିଛି। ଏହି ରାସ୍ତା କାମ ପାଇଁ ୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ବରାଦ କରାଯାଉଛି। କିନ୍ତୁ ନିର୍ମିତ ରାସ୍ତା ଠିକ୍ ଭାବେ କାମ କରାଯାଉ ନ ଥିବା ବେଳେ ରାସ୍ତାର ସ୍ଥାୟିତ୍ୱ ନେଇ ଅଞ୍ଚଳବାସୀ ପ୍ରଶ୍ନ ଉଠାଇଛନ୍ତି। ରାସ୍ତା କାମ ଚାଲିଥିବା ବେଳେ ସୂଚନା ଫଳକ ଦେଖିବାକୁ ମିଳୁନାହିଁ। ଏହି ରାସ୍ତାଟି ପୂର୍ତ୍ତ ବିଭାଗ ଅଧୀନରେ ରହିଛି। ରାସ୍ତା ନିର୍ମାଣ ସମୟରେ ବିଭାଗର କୌଣସି ଯନ୍ତ୍ରୀ ରହୁ ନ ଥିବାରୁ ଠିକାଦାର ମନଇଚ୍ଛା କାମ କରୁଥିବା ଲୋକେ ଅଭିଯୋଗ କରିଛନ୍ତି।

ରାସ୍ତା କାମ ପୂର୍ବରୁ ରାସ୍ତାର ଦୈର୍ଘ୍ୟ ଓ ପ୍ରସ୍ଥ କେତେ ରହିବ, ରାସ୍ତାରେ କେତେଗୋଟି କଲଭର୍ଟ ନିର୍ମାଣ କରାଯିବ, ରାସ୍ତା ନିର୍ମାଣରେ ବ୍ୟବହୃତ ସାମଗ୍ରୀର ଭାଗ ମାପ କେତେ ରହିବ ସବୁ ତଥ୍ୟ ପ୍ରଦାନ କରାଯିବା ସହ କେତେ ଅର୍ଥ ବ୍ୟୟ ହେବ ସେ ବିଷୟରେ ଜନସାଧାରଣଙ୍କୁ ଅବଗତ କରାଇବାକୁ ସୂଚନା ଫଳକରେ ତଥ୍ୟ ପ୍ରଦର୍ଶିତ କରାଯିବା କଥା। କିନ୍ତୁ କୌଣସି ସ୍ଥାନରେ ସୂଚନା ଫଳକ ନ ଥିବା ଦେଖାଯାଇଛି। ସେହିପରି ପୂର୍ବରୁ ଏହି ରାସ୍ତାରେ କରାଯାଇଥିବା ସମ୍ପ୍ରସାରଣକୁ ଖୋଳାଯାଇ ସେଥିରେ ଡଷ୍ଟ ଓ ମେଟାଲ ପକାଯାଇ ନୂତନ କଂକ୍ରିଟ କରାଯାଉଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ରାସ୍ତାରେ ବ୍ୟବହୃତ ହେଉଥିବା ଡଷ୍ଟ, ଗୋଡିଓ ମେଟାଲ ଆବଶ୍ୟକ ଭାଗ ଅନୁସାରେ ମିଶାଯିବ। ଉକ୍ତ ମିଶ୍ରଣକୁ ଅଣାଯାଇ ରାସ୍ତାରେ ପକାଯିବାର ନିୟମ ରହିଛି। କିନ୍ତୁ ରାସ୍ତା କାମ କରୁଥିବା ଠିକାଦାର ରାସ୍ତା ପାର୍ଶ୍ୱରେ ଡଷ୍ଟ, ଗୋଡି ଓ ମେଟାଲ ସହ ବାଲି ଭାଗ ଅଧିକ ଦେଇ ମିଶ୍ରଣ କରୁଥିବା ଅଭିଯୋଗ ହେଉଛି। ବାଲି ଭାଗ ଅଧିକ ଦିଆଯାଉ ଥିବାରୁ ରାସ୍ତାର ସ୍ଥାୟିତ୍ୱ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେହିପରି ରାସ୍ତା ପାର୍ଶ୍ୱରେ ଥିବା ଜମିରୁ ଜଳ ନିଷ୍କାସନ ପାଇଁ ବିଭିନ୍ନ ସ୍ଥାନରେ କଲଭର୍ଟ ନିର୍ମାଣ କରାଯାଉଛି। ଉକ୍ତ କଲଭର୍ଟ ନିର୍ମାଣରେ ନିମ୍ନମାନର ସାମଗ୍ରୀ ବ୍ୟବହାର କରାଯାଉଥିବାରୁ ଏହାର ସ୍ଥାୟିତ୍ୱକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହା ବାଲିକୁଦା ଓ ନାଉଗାଁ ବ୍ଲକର ମୁଖ୍ୟସଂଯୋଗକାରୀ ରାସ୍ତା ଅଟେ। ଏହି ରାସ୍ତା ଦେଇ ଯାତ୍ରୀବାହୀ, ମାଲବାହୀ ଯାନବାହାନ ଯିବା ଆସିବା କରିଥାଏ। ଏ ସମ୍ପର୍କରେ ଯନ୍ତ୍ରୀ ବଳରାମ ସ୍ୱାଇଁଙ୍କୁ ପଚାରିବାରେ ଠିକାଦାରଙ୍କୁ ସୂଚନା ଫଳକ ଲଗାଇବାକୁ କୁହାଯାଇଛି। ରାସ୍ତା ପାଇଁ ହେଉଥିବା କଂକ୍ରିଟରେ ବାଲି ଭାଗ ଅଧିକ ଦିଆଯାଉନାହିଁ ବୋଲି ସେ କହିଛନ୍ତି।


ନାଉଗାଁ ବ୍ଲକ ଛକଠାରୁ ବାଲିକୁଦାକୁ ସଂଯୋଗ କରୁଥିବା ରାସ୍ତା।

# ୨ ରାଜନୈତିକ ଦଳର ଧାରଣା ପୂର୍ବରୁ ୧୪୪ ଧାରା ଲାଗୁ

**ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ଆଗୁଆ ପଦକ୍ଷେପ**

**ନାଉଗାଁ,୩୧।୧(ସ୍ୱ.ପ୍ର.)**

ନାଉଗାଁ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ୨ ରାଜନୈତିକ ଦଳର କର୍ମୀ ଭିନ୍ନ ଭିନ୍ନ ସମସ୍ୟାକୁ ନେଇ ମଙ୍ଗଳବାର ଧାରଣା ଓ ଅନଶନ କରିବାକୁ ଲିଖିତ ଭାବେ ଜଣାଇଥିଲେ। ଏହି ସମୟରେ ଆଇନ ଶୃଙ୍ଖଳା ପରିସ୍ଥିତି ଉପୁଜିବାର ଆଶଙ୍କା କରି ତହସିଲ ପ୍ରଶାସନ ପକ୍ଷରୁ କାର୍ଯ୍ୟାଳୟର ୨୦୦ ମିଟର ପରିଧି ମଧ୍ୟରେ ୧୪୪ ଧାରା ଜାରି କରାଯାଇଥିଲା। ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଏହା ବଳବତ୍ତର ରହିବ ବୋଲି ଏନେଇ ଜାରି ନୋଟିସରେ ଉଲ୍ଲେଖ କରାଯାଇଥିଲା। ଫଳରେ ଉଭୟ ରାଜନୈତିକ ଦଳ ପକ୍ଷରୁ ଧାରଣା ଦିଆଯାଇ ନଥିବା ଜଣାପଡିଛି।

ସୂଚନାଯୋଗ୍ୟ, ଜାମୁଗାଁ ଉପସ୍ୱାସ୍ଥ୍ୟ କେନ୍ଦ୍ର ନିର୍ମାଣ ପାଇଁ ପୂର୍ବରୁ ଖାତା ନଂ. ୧୪୬୫ ଓ ପ୍ଲଟ ନଂ. ୩୫୩୨ରେ ସ୍ଥାନ ଚିହ୍ନଟ କରାଯାଇଥିଲା। ପୂର୍ବରୁ ଏହି ସ୍ଥାନରେ ପୁରୁଣା ଜାମୁଗାଁ ଉପସ୍ୱାସ୍ଥ୍ୟ କେନ୍ଦ୍ର ରହିଛି। ଏନେଇ ତହସିଲ ପକ୍ଷରୁ ଉକ୍ତ ପ୍ଲଟରେ ଥିବା ଗଛଗୁଡିକୁ କାଟିବା ପାଇଁ ଉଦ୍ୟମ କରାଯାଇଥିଲା। ମାତ୍ର ସ୍ଥାନୀୟ ସରପଞ୍ଚ ଶୁଭ୍ରସ୍ମିତି ପରିଡା ଏହାକୁ ବିରୋଧ କରିବା ସହ ସ୍ଥାନ ପରିବର୍ତ୍ତନ ପାଇଁ ଜଗତସିଂହପୁର ଜିଲା ଗ୍ରାମ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଡା.ରୁଦ୍ର ନାରାୟଣ ଦାଶଙ୍କୁ ଲିଖିତ ଜଣାଇଥିଲେ। ସେ ଅଭିଯୋଗରେ ଦର୍ଶାଇଥିଲେ ଯେ, ଜାମୁଗାଁର ପୁରୁଣା ସ୍ୱାସ୍ଥ୍ୟ କେନ୍ଦ୍ର ଥିବା ସ୍ଥାନଟି ଜନ ଗହଳିପୂର୍ଣ୍ଣ ଅଞ୍ଚଳରେ ରହିଛି। ସେଠାରେ ନୂତନ ଉପସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ କରାଗଲେ ଆମ୍ବୁଲାନ୍ସ ଯାତାୟତ ସମୟରେ ଅସୁବିଧା ହେବ। ସେହିପରି ଉକ୍ତ ପ୍ଲଟରେ ଥିବା ବଡ ଗଛ ଗୁଡିକୁ କାଟିବା ଦ୍ୱାରା ଗାଁ ପରିବେଶ ନଷ୍ଟ ହେବ। ତେଣୁ ଗ୍ରାମରେ ଥିବା ଖାତା ନଂ. ୧୪୬୫ ପ୍ଲଟ ନଂ. ୩୫୯୮ ରେ ଏହି ଉପସ୍ୱାସ୍ଥ୍ୟ କେନ୍ଦ୍ର ନିର୍ମାଣ କରିବାକୁ ସେ ଦାବି କରିଥିଲେ। ଅଭିଯୋଗକୁ ଭିତି କରି ନୂତନ ସ୍ଥାନରେ ଉପକେନ୍ଦ୍ର ନିର୍ମାଣ ପାଇଁ ପ୍ରଶାସନିକ ସ୍ତରରେ ନିଷ୍ପତ୍ତି ହୋଇଥିଲା। ତେବେ ନୂତନ ସ୍ଥାନରେ ଉପସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣକୁ ପୂର୍ବତନ ସରପଞ୍ଚ ତଥା ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରତାପ ମିଶ୍ର ବିରୋଧ କରିଥିଲେ। ପୂର୍ବ ନିର୍ଦ୍ଧାରିତ ସ୍ଥାନରେ କେନ୍ଦ୍ର ନିର୍ମାଣ ପାଇଁ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦେବେ ବୋଲି ୧୯ ଜାନୁୟାରୀ ୨୦୨୩ରେ ଲିଖିତ ଭାବେ ଜଣାଇଥିଲେ।

ସେହିପରି ଜାମୁଗାଁ ପଞ୍ଚାୟତରେ ସରକାରୀ ଜାଗାକୁ ଜବରଦଖଲ କରି ରଖାଯାଇଥିବା ଅଭିଯୋଗ କରି ଏହି ପଞ୍ଚାୟତ ଅନ୍ତର୍ଗତ ନନ୍ଦିଗ୍ରାମର ବିଜେଡି କର୍ମୀ ଦିଲୀପ ପାତ୍ରୀ ମଙ୍ଗଳବାର ଅନଶନରେ କରିବେ ବୋଲି ୨୭ ଜାନୁୟାରୀ ୨୦୨୩ରେ ଲିଖିତ ଭାବେ ଜଣାଇଥିଲେ। ୨ ଭିନ୍ନ ରାଜନୈତିକ ଦଳ ପକ୍ଷରୁ ଗୋଟିଏ ଦିନରେ ଧାରଣା ଓ ଅନଶନ ଡାକରା ଦିଆଯାଇଥିବାରୁ ତହସିଲ କାର୍ଯ୍ୟରେ ବାଧା ଉପୁଜିବା ଆଶଙ୍କା ରଖି ୧୪୪ ଧାରା ଲଗାଯାଇଛି ବୋଲି ତହସିଲଦାର ଜେ. କଳ୍ପନା ପ୍ରକାଶ କରିଛନ୍ତି।


ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ପୋଲିସ କର୍ମଚାରୀ ଜଗିରହିଛନ୍ତି।

## ସଂକ୍ଷେପରେ

### ମନ୍ଦିର ହୁଣ୍ଡି ନେଇଗଲେ ଦୁର୍ବୃତ୍ତ

ଭଞ୍ଜନଗର,୩୧।୧(ଡି.ଏନ.ଏ):ଭଞ୍ଜନଗର ଥାନା ଡୁଡୁଆରେ ଥିବା ଶିବମନ୍ଦିର ହୁଣ୍ଡିକୁ ରବିବାର ରାତିରେ କେହି ଦୁର୍ବୃତ୍ତ ନେଇ ଯାଇଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ଖାଲି ହୁଣ୍ଡିଟିକୁ ସୋମବାର ସକାଳେ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଖେଳ ପଡିଆରୁ ଜବତ କରି ତଦନ୍ତ ଚଳାଇଛି। ଡୁଡୁଆ ଶିବମନ୍ଦିରରେ ଗତ ୨ମାସ ହେବ ହୁଣ୍ଡି ରଖାଯାଇଥିଲା। ଦୁର୍ବୃତ୍ତମାନେ ମନ୍ଦିର ମୁଖ୍ୟ ଫାଟକ ତାଲା ଭାଙ୍ଗି ତାହାକୁ ଲୁଟି ନେଇଥିଲେ। ସକାଳେ ପୂଜକ ଆସିବା ପରେ ଘଟଣା ସମ୍ପର୍କରେ ଜଣାପଡ଼ିଥିଲା ବୋଲି ସଭାପତି ସଚି ପ୍ରଧାନ ସୂଚନା ଦେଇଛନ୍ତି।

### ତାଲୁକା ଆଇନ ସେବା ସଚେତନତା

ସୋରିଡା,୩୧।୧(ଡି.ଏନ୍.ଏ.)-ସୋରଡ଼ା ତାଲୁକା ଆଇନ ସେବା ପରିଷଦ ତରଫରୁ ମଙ୍ଗଳବାର କୋର୍ଟ ପରିସରରେ ଆଇନଜୀବୀ ପ୍ରଭାତ କୁମାର ପାଢୀଙ୍କ ସଂଯୋଜନାରେ ନାଗରିକମାନଙ୍କ ସାମ୍ବିଧାନିକ ଅଧିକାର ଓ କର୍ତ୍ତବ୍ୟ ଉପରେ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଶ୍ରେଣୀ ବିଚାରପତି ସନ୍ଦିପ କୁମାର ମହାନ୍ତିଙ୍କ ଅଧକ୍ଷତାରେ ଆୟୋଜିତ ସଚେତନ ଶିବିରରେ ଆଇଆଇସି ରମେଶ କୁମାର ପ୍ରଧାନ, ଆଇଆଇସି ସୁରଜ ଝଙ୍କାର ବରିଷ୍ଠ ଆଇନଜୀବୀ ଗଣେଶ ପାଣିଗ୍ରାହୀ, ଅରୁଣ କୁମାର ଦାସ, ଅଧାପକ ଶୟଦ ଆଜମି ମଞ୍ଚାସୀନ ଥିଲେ। ସମସ୍ତ ଜନସାଧାରଣ ନିଜର ସାମ୍ବିଧାନିକ ଅଧିକାରକୁ ଜାଣିବା ଓ ତାହାକୁ ଅନୁପାଳନ କରିବା ସହ ଦାୟିତ୍ୱ ନିର୍ବାହ କରିବା ଉପରେ ସଚେତନ କରଯାଇଥିଲା। ଏଥିରେ ଅଞ୍ଚଳର ଋଷିକୁଲ୍ୟା ସ୍ନାତକ ମହାବିଦ୍ୟାଳୟ ଛାତ୍ରୀଛାତ୍ର, କ୍ରିକେଟ କ୍ଲବ ସଦସ୍ୟ, ଯୁବ ଗୋଷ୍ଠୀ ଯୋଗ ଦେଇଥିଲେ। ଆଇନଜୀବୀମାନେ ବିଭିନ୍ନ ଅଧିକାର ଉପରେ କହିଥିଲେ।

### ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ବିୟୋଗରେ ଶୋକସଭା

ଆସିକା, ୩୧।୧(ଡି.ଏନ.ଏ.)-ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ ଦାସଙ୍କ ଅକାଳ ବିୟୋଗରେ ଗଭୀର ଶୋକ ପ୍ରକାଶ କରି ମଙ୍ଗଳବାର ସନ୍ଧ୍ୟାରେ ଆସିକା ବିଧାନସଭା ନିର୍ବାଚନ ମଣ୍ଡଳି ବିଜେଡି ପକ୍ଷରୁ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। କଳିଙ୍ଗା ରୋଡସ୍ଥିତ ବିଜେଡି କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଏହି ଶୋକସଭାରେ ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ, ଗଞ୍ଜାମ ଜୋନ ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ, ଯୁବନେତା ଭଗବାନ ସାହୁ, ଶିବ ନାହାକ, ସତ୍ୟନାରାୟଣ ସ୍ୱାଇଁ, ଦିଲ୍ଲୀପ ପାଣିଗ୍ରାହୀ, ଅନିଲ କୁମାର ନାୟକ, ସୂର୍ଯ୍ୟକାନ୍ତ ପରିଡା, ଅଭିମନ୍ୟୁ ନାହାକ, ରାଜେଶ ପଟ୍ଟନାୟକ, ବିଦ୍ୟାନ୍ତ ଚର୍ଚ୍ଚିଙ୍କ ସମେତ ବହୁ ଦଳୀୟ କର୍ମୀ ଯୋଗଦେଇଥିଲେ। ସ୍ୱର୍ଗତ ଦାସଙ୍କ ଦଳିୟ ସାଙ୍ଗଠନିକ ଦକ୍ଷତା ଓ ଦଳପ୍ରତି ତାଙ୍କର ସଂକଳ୍ପବଦ୍ଧ ପ୍ରୟାସ ସମ୍ପର୍କରେ ସ୍ମୃତି ଚାରଣ କରିଥିଲେ।

### ଧର୍ମ ପରାୟଣ ବ୍ୟକ୍ତିଙ୍କ ପରଲୋକ

ଜି.ଉଦୟଗିରି,୩୧।୧-ସ୍ଥାନୀୟ ବରାଳିନୀ ସାହିର ଧର୍ମ ପରାୟଣ ବ୍ୟକ୍ତି ଅରୁଣ ନାୟକଙ୍କ ସୋମବାର ପରଲୋକ ହୋଇଯାଇଛି। କିଛି ଦିନ ପୂର୍ବରୁ ଅରୁଣ ସକାଳେ ଗାଧୋଇବାକୁ ଯାଉଥିବା ବେଳେ କୌଣସି କାରଣବଶତଃ ରାସ୍ତା କଡ ଡ୍ରେନରେ ପଡିଯାଇ ଗୁରୁତର ହୋଇଥିବା ବେଳେ ପ୍ରଥମେ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଜଟିଳ ହେବାରୁ ଭୁବନେଶ୍ୱରକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ଆଇସିୟୁରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ସୋମବାର ମତ୍ୟୁ ହୋଇଥିବା ଜଣାପଡିଛି। ସେ ଜଣେ ପରୋପକାରୀ, ମେଳାପି, ଧର୍ମପରାୟଣ ବ୍ୟକ୍ତି ଥିଲେ।

# ଗଉଡ଼ବାଟା, କିଲୁସୁଗାବାସୀଙ୍କୁ ମିଳୁନି ମୌଳିକ ସୁବିଧା

**ଫୁଲବାଣୀ ଅଫିସ/ଟିକାବାଲି, ୩୧।୧**

ଗ୍ରାମାଞ୍ଚଳର ଲୋକେ ଯେପରି ସମସ୍ତ ସୁବିଧା ପାଇପାରିବେ ସେଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବହୁ ଯୋଜନା କରାଯାଉଛି । ପ୍ରକୃତରେ ଯୋଜନାର ରୂପାୟନ ଠିକ୍ ଭାବେ ହେଉନାହିଁ । କାଗଜ କଲମରେ ବିକାଶ ଚାଲିଛି। ବାସ୍ତବରେ ଏବେ ବି ଲୋକଙ୍କୁ ସର୍ବନିମ୍ନ ମୌଳିକ ସୁବିଧା ମିଳୁନାହିଁ । ରାସ୍ତା, ପାନୀୟ ଜଳ ସେମାନଙ୍କ ପାଇଁ ସାତ ସପନା କନ୍ଧମାଳ ଜିଲା ଟିକାବାଲି ବ୍ଲକ କଇଁଝର ପଞ୍ଚାୟତ ୧୩ ନଂ ୱାର୍ଡରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ।


ଗ୍ରାମ ରାସ୍ତା ଦୂରାବସ୍ଥା ।

କଇଁଝର ପଞ୍ଚାୟତ ୧୩ନଂ. ୱର୍ଡରେ ରହିଛି ଗଉଡବାଟା ଏବଂ କିଲୁସୁଗା ସାହି । ଏଠାରେ ୩୦ରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଛନ୍ତି। ୨୦୧୦ରେ ଗଉଡବେଟାରୁ କିରିସୁଗା ପର୍ଯ୍ୟନ୍ତ ମାଟି ରାସ୍ତା ହୋଇଥିଲା । ସେବେଠାରୁ ଆଉ ରାସ୍ତା କାମ ହୋଇନାହିଁ । ଫଳରେ ଯାତାୟତ ପାଇଁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ଷା ଦିନେ ସମସ୍ୟା ଆହୁରି ବଢ଼ିଯାଉଛି। ରାସ୍ତା ପାଇଁ ଗ୍ରାମବାସୀ ବାରମ୍ବାର ଅଭିଯୋଗ କରି ଆସୁଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନାହାନ୍ତି। ସେହିପରି ଗ୍ରାମରେ ପାନୀୟ ଜଳର ଉତ୍କଟ ସମସ୍ୟା ଲାଗି ରହିଛି। କିରିସୁଗାରେ ପାଣିର ଉତ୍କଟ ସମସ୍ୟା । ଗାଁଠୁ ଦୂରରେ ଥିବା ବିଲ ମଝିର ଚୁଆରୁ ଲୋକେ ପାଣି ସଂଗ୍ରହ କରି ବ୍ୟବହାର କରୁଛନ୍ତି। ରାସ୍ତା ପାଇଁ ବାରମ୍ବାର ଅଭିଯୋଗ କରି ଆସୁଥିଲେ ମଧ୍ୟ ପ୍ରଶାସନ କି ନିର୍ବାଚିତ ପ୍ରତିନିଧି କେହି ଶୁଣୁନାହାନ୍ତି। ଭୋଟ ବେଳେ ସବୁ ସମସ୍ୟା ସମାଧାନ ହେବ ବୋଲି ପ୍ରତିଶ୍ରୁତି ଦିଆଯାଉଛି । ଭୋଟ ସରିଲା ପରେ କେହି ପଚାରୁ ନାହାନ୍ତି। ରାସ୍ତା ନ ଥିବାରୁ ଗାଁକୁ ଆମ୍ବୁଲାନ୍ସ ଆସି ପାରୁନାହିଁ । ଗର୍ଭବତୀ, ଗୁରୁତର ରୋଗୀଙ୍କୁ ମେଡିକାଲ ନେବାରେ ବହୁ ଅସୁବିଧା ହେଉଛି। ପାନୀୟ ଜଳର ଘୋର ସମସ୍ୟା । ନଳକୂପ ନାହିଁ। ଚୁଆ ପାଣି ଆଣି ରୋଷେଇ କରିବା ସହ ତାକୁ ପିଇବାକୁ ବାଧ୍ୟ ହେଉଛୁ ବୋଲି ଗ୍ରାମର ସମୀର କହଁରଙ୍କ ସମେତ ଅନ୍ୟମାନେ ପ୍ରକାଶ କରଛନ୍ତି।

## ଜମି, ଘରବାରି ପଟ୍ଟା ପାଇଁ ସର୍ଭେ ଆରମ୍ଭ

**ଶେରଗଡ଼, ୩୧।୧(ଡି.ଏନ.ଏ.):**
ଶେରଗଡ଼ ବ୍ଲକ କରଡ଼ାକଣା ପଞ୍ଚାୟତର ନିପଟ ଆଦିବାସୀ ଗ୍ରାମ ହେଉଛି ବାଦୁଆପଲି। ଏହି ଗ୍ରାମ ବ୍ୟତୀତ ଆହୁରି ୫ଟିଗ୍ରାମ ରହିଛି। ସେଗୁଡ଼ିକ ହେଲା ଖୋଲ, ଜାମ ଯୋହଲା, ରଡେଇସ, ଅରଖପଦା। ବହୁ କାଳରୁ ଗ୍ରାମର ଲୋକମାନେ ବାସ କରୁଥିଲେ ମଧ୍ୟ ସେମାନଙ୍କ ଘର ପଟ୍ଟା ବା ଜମି ପଟ୍ଟା ମିଳିନାହିଁ। କେହି ଚେଷ୍ଟା ମଧ୍ୟ କରୁ ନଥିଲେ। ବାରମ୍ବାର ଅଭିଯୋଗ କଲେ ମଧ୍ୟ ସରକାରଙ୍କ ପକ୍ଷରୁ ପଟ୍ଟା ପ୍ରଦାନ କରାଯାଇ ନାହିଁ। ସାମାଜିକ କର୍ମୀ ଜୁନେସ ମଣ୍ଡଳ ଏବଂ କିଛି ବଦାନ୍ୟ ବ୍ୟକ୍ତିଙ୍କ ସହଯୋଗରେ ଶେରଗଡ଼ ବନ ବିଭାଗକୁ ଯୋଗାଯୋଗ କରାଯାଇଥିଲା। ସେହି ଅନୁରୋଧକୁ ରକ୍ଷାକରି ବନ ବିଭାଗର ଏକ ଟିମ ବାଦୁଆପଲି ଗ୍ରାମରୁ ଘର ଓ ଜମି ମପାମପି କରିବା ସହ ଚିହ୍ନଟ ପ୍ରକ୍ରିୟା ଆରମ୍ଭ କରିଛନ୍ତି।

## ହରଭଙ୍ଗୀରେ ସେତୁ ନିର୍ମାଣ ହେଲେ ୪ ଗ୍ରାମବାସୀ ଉପକୃତ ହେବେ

**ଆର.ଉଦୟଗିରି,୩୧।୧(ଡି.ଏନ.ଏ.)**

ଗଜପତି ଜିଲା ମୋହନା ମୁଖ୍ୟବଜାର ଦେଇ ଯାଇଥିବା ଧନପଙ୍କା ରାସ୍ତା ହରଭଙ୍ଗୀ ନଦୀ ଉପରେ ସେତୁ ନିର୍ମାଣ କାର୍ଯ୍ୟ ଦ୍ରୁତଗତିରେ ଚାଲୁ ରହିଛି। ଏହି ସେତୁ ଗତ ବର୍ଷ ଗ୍ରାମ୍ୟ ଉନ୍ନୟନ ବିଭାଗ ମୋହନା ଦ୍ୱାରା ନିର୍ମାଣ ଚାଲିଛି। ଏହା ଶେଷ ହେଲେ ୪ଟି ଗ୍ରାମର ୫ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ଉପକୃତ ହେବେ। ଲୋକ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ବର୍ଷା ଦିନ ଆସିଲେ ଲୋକ ବଜାରକୁ ଆସିପାରୁନଥିଲେ। ଭୋକ ଉପବାସରେ ରହିବାକୁ ପଡୁଥିଲା। ଏହି ସେତୁ ନିର୍ମାଣ ହେଲେ ଅଞ୍ଚଳବାସୀ ଆଉ ଅସୁବିଧାରେ ରହିବେ ନାହିଁ। ଏହି ସେତୁ ରାଜ୍ୟ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ବିଜୁ ସେତୁ ଯୋଜନା ମାଧ୍ୟମରେ ୩ କୋଟି ୬ ଲକ୍ଷ ୪୬ହଜାର ଟଙ୍କା ଅଟକଳରେ ନିର୍ମାଣ ଚାଲିଛି। ଏହି ସେତୁ ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ନିର୍ମାଣ କାର୍ଯ୍ୟ ସମ୍ପାଦନ ହେବ ବୋଲି ବିଭାଗୀୟ ଅଧିକାରୀ କହିଛନ୍ତି। ଏହି ସେତୁର ପ୍ରଶସ୍ତ ୮ ମିଟରରୁ ଊର୍ଦ୍ଧ୍ୱ ହୋଇଥିବା ବେଳେ ଦୈର୍ଘ୍ୟ ୪୦ମିଟରରୁ ଅଧିକ ଥିବା ଦେଖିବାକୁ ମିଳିଛି। ସ୍ଥାନୀୟ ନିର୍ବାହୀ ଯନ୍ତ୍ରୀ ଇଂ. ଉମାଶଙ୍କର ମଲ୍ଲିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ. ସୋଶଭୋନ ସାହୁ ଏବଂ କନିଷ୍ଠ ଯନ୍ତ୍ରୀ ଇଂ. ସୁଧୀର କୁମାର ପାଢୀ ନିର୍ମାଣ କାର୍ଯ୍ୟ ତଦାରଖ କରୁଥିବା ପ୍ରକାଶ। ଏହି କାର୍ଯ୍ୟକୁ ସ୍ୱତନ୍ତ୍ର ଶ୍ରେଣୀ ଠିକାଦାର ଶ୍ରୀନିବାସ ମହାପାତ୍ର ସମ୍ପାଦନ କରୁଥିବା ସହ ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ ଚାଲୁରହିଥିବା ଦେଖିବାକୁ ମିଳିଛି।

## ଶେରଗଡ଼କୁ ଏନ୍ଏଏସି ମାନ୍ୟତା ପ୍ରଦାନ ଦାବି

**ଶେରଗଡ଼, ୩୧।୧(ଡି.ଏନ୍.ଏ.):**
ଶେରଗଡ଼ ଗ୍ରାମରେ ଜନସଂଖ୍ୟା ବଢି ୧୦ହଜାର ଟପିଲାଣି। ଏଠାରେ ଛୋଟ ବଡ଼ ମିଶି ୨୦ରୁ ଅଧିକ ସାହି ରହିଛି। ସେ ମଧ୍ୟରେ ବଡ଼ଦାଣ୍ଡ ସାହି, କେଉଟ ସାହି, ସାମନ୍ତ ସାହି, ହରିଜନ ସାହି, ନଦୀ ତଟ ଶୀତଳା ମନ୍ଦିର ସାହି, ଖଣ୍ଡିଆ ସାହି, ଚଣ୍ଡସାହି, ନଦୀ ସାହି, ପାଢ଼ୀ ସାହି, ଧୋବା ସାହି, ହରିଜନ ସାହି, ନଦୀହୁଡା ସାହି, ରାମଚଣ୍ଡୀ ସାହି, ଗୌଡ଼ ସାହି, ବାଲିସାହି, ରମୁଣି ସାହି, ଖଣ୍ଡିଆ ସାହି, ଶ୍ରୀରାମ ନଗର ସାହି, ବାଇପାସ, ହାଟବନ୍ଦ ସାହି, ହରିଜନ ସାହି। ପ୍ରତି ସାହିରେ ପ୍ରାୟ ୧୦୦ରୁ ୨୦୦ ପରିବାର ରହୁଛନ୍ତି। ପଞ୍ଚାୟତ ଯୋଗୁଁ ଆଖିଦୃଶିଆ ଅର୍ଥ ଆସିପାରୁନାହିଁ। ଏନ୍ଏସିର ମାନ୍ୟତା ନେଇ କେବଳ କାଗଜପତ୍ର ସହରାଞ୍ଚଳ ମିଶନକୁ ଯାଉଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉନାହିଁ। ୨୦୧୧ ଜନଗଣନା ଅନୁଯାୟୀ ଶେରଗଡ଼ର ଜନସଂଖ୍ୟା ୧୦ହଜାର ଟପିଥିବା ବେଳେ ଏବେ ତାହା ୧୫ ହଜାରକୁ ଟପି ସାରିଥିବ। ତେଣୁ ଶେରଗଡ଼କୁ ତୁରନ୍ତ ଏନ୍ଏସି ମାନ୍ୟତା ପ୍ରଦାନ କରିବାକୁ ସାଧାରଣରେ ଦାବି ହେଉଛି।

## ପାରଳା ଓଡ଼ିଶୀ ନୃତ୍ୟ ଦଳଙ୍କ ମାଲେସିଆ ଯାତ୍ରା

**ପାରଳାଖେମୁଣ୍ଡି, ୩୧।୧(ଡି.ଏନ୍.ଏ):**

ଗଜପତି ଜିଲା ପାରଳାଖେମୁଣ୍ଡିର ଅଗ୍ରଣୀ ନୃତ୍ୟ ସଂଗଠନ ଶ୍ରୀଜଗନ୍ନାଥ ଓଡ଼ିଶୀ କଳାକେନ୍ଦ୍ରର ଏକ ୧୪ ଜଣିଆ ଦଳ ମାଲେସିଆ ଗସ୍ତ କରିଛନ୍ତି। ସେଠାରେ ଆସନ୍ତା ୪ ତାରିଖରେ ମାଲେସିଆର କୁଆଲାଲମ୍ପୁର ସଦାନନ୍ଦ ପ୍ରେକ୍ଷାଳୟଠାରେ ହେବାକୁ ଥିବା ଗ୍ଲୋବାଲ ଫେଷ୍ଟିଭାଲ ମଞ୍ଚରେ ଓଡ଼ିଶୀ ନୃତ୍ୟ ପରିବେଷଣ କରିବେ। ଏହି କାର୍ଯ୍ୟକ୍ରମରେ ଭାରତ ତଥା ଅନ୍ୟାନ୍ୟ ଦେଶରୁ ବିଭିନ୍ନ ସାଂସ୍କୃତିକ ଦଳ ଯୋଗଦେଉଥିବା ବେଳେ ଓଡ଼ିଶାରୁ କେବଳ ଏକମାତ୍ର ସାଂସ୍କୃତିକ ଦଳ ଭାବେ ଏହି ଅନୁଷ୍ଠାନ ଯୋଗଦେବେ। ଓଡ଼ିଶାର ବିଶିଷ୍ଟ ଓଡିଶୀ ନୃତ୍ୟଗୁରୁ ଡ. ଗଜେନ୍ଦ୍ର ପଣ୍ଡା ଓ ଅନୁଷ୍ଠାନର ଗୁରୁ ଡି. ପ୍ରିୟଙ୍କାଙ୍କ ନିର୍ଦ୍ଦେଶନାରେ କଳାକାରମାନେ ନୃତ୍ୟ ପ୍ରଦର୍ଶନ କରିବେ। ଏଣୁ ଅନୁଷ୍ଠାନର ସଭାପତି ବିଚିତ୍ରାନନ୍ଦ ବେବର୍ତ୍ତା, ମୁଖ୍ୟ ଉପଦେଷ୍ଟା ଆଦର୍ଶ ଦାସ, ସଦସ୍ୟ ବାଳକୃଷ୍ଣ ପାଣିଗ୍ରାହୀଙ୍କ ସମେତ ପାରଳାର କଳାପ୍ରେମୀମାନେ ଶୁଭେଚ୍ଛା ଜଣାଇଛନ୍ତି ।

### ଆବାସ ଯୋଜନା ନେଇ ମହିଳାଙ୍କ ଧାରଣା ଘଟଣା

## ଘର ବୁଲି ତଦନ୍ତକଲେ ବିଡିଓ

**ଶେରଗଡ଼, ୩୧।୧(ଡି.ଏନ୍.ଏ):**

ଶେରଗଡ଼ ବ୍ଲକ ଖିରିଡ଼ା ପଞ୍ଚାୟତର ୫୦ରୁ ଅଧିକ ମହିଳା ଆବାସ ଯୋଜନାରେ ଘର ଯୋଗାଇବା ପାଇଁ ସୋମବାର ଦିନତମାମ ଆନ୍ଦୋଳନରେ ବସିଥିଲେ। ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନ ନେବା ଯୋଗୁଁ ନିଜ ଆନ୍ଦୋଳନକୁ ରାତିତମାମ ଜାରି ରଖିବାକୁ ନିଷ୍ପତ୍ତି କରି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଭାତ ଡାଲମା କରି ଖାଇଥିଲେ। ପ୍ରାୟ ୧୧ଟା ବେଳେ ବିଡିଓ ଶିବାଶିଷ ବରାଳ ପହଞ୍ଚି ସକାଳୁ ଘର ଘର ବୁଲି ତଦନ୍ତ କରିବି ବୋଲି କହିବା ପରେ ମହିଳାମାନେ ଆନ୍ଦୋଳନରୁ ଓହରିଥିଲେ। ମଙ୍ଗଳବାର ସକାଳେ ବିଡିଓ ବରାଳ,ସହକାରୀ ନିର୍ବାହୀ ଯନ୍ତ୍ରୀ କେଦାରନାଥ ପଣ୍ଡା, ଜିପିଓ ଦାୟିତ୍ୱରେ ଥିବା ରବି କୁମାର, ଥାନା ଅଧିକାରୀ ମନୋଜ କୁମାର ପ୍ରଧାନ, ଯୁବ ବିଜେଡି ସଭାପତି ସନ୍ତୋଷ କୁମାର ପଟ୍ଟନାୟକ, ଗ୍ରାମ ସେବକ, ଗ୍ରାମ ରୋଜଗାର ସେବକଙ୍କ ସହିତ ଖିରିଡା


ବିଡିଓ ଘରକୁ ଘର ବୁଲି ତଦନ୍ତ କରୁଛନ୍ତି ।

ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ପୂର୍ବରୁ ମୋଟ ୯୯ଟି ଘର ଆସିଥିବା ବେଳେ ୪୯ଜଣ ଘର ପାଇବା ପାଇଁ ଯୋଗ୍ୟ ବୋଲି ଚୟନ କରାଯାଇଥିଲା। ବଳକା ୫୦ ଘର ପାଇବାରୁ ବଞ୍ଚିତ ହେବା ପରେ ଆନ୍ଦୋଳନକୁ ଓହ୍ଲାଇଥିଲେ। ସେହି ୫୦ଘରକୁ ଉକ୍ତ ଟିମ ମଙ୍ଗଳବାର ପରିଦର୍ଶନ କରିଥିଲେ। ସରକାରଙ୍କ ଗାଇଡ୍‌ଲାଇନ ଅନୁସାରେ ପ୍ରତି ଘର ଘର ବୁଲି ଟିମ ତଦନ୍ତ କରିବା ସହିତ ଯେଉଁମାନେ ଯୋଗ୍ୟ ସେମାନେ ଘର ପାଇବେ ବୋଲି କହିଛନ୍ତି ବିଡିଓ।

## ନାବାଳିକାଙ୍କ ଆତ୍ମହତ୍ୟା

**ଜି.ଉଦୟଗିରି,୩୧।୧(ଡି.ଏନ୍.ଏ.)**

ଜି.ଉଦୟଗିରି ଥାନା କଳିଙ୍ଗା ପଞ୍ଚାୟତ ଅଞ୍ଚଳର ଜଣେ ନାବାଳିକା ନିଜ ବଡ଼ ଭଉଣୀଙ୍କ ଘରେ ସୋମବାର ରାତିରେ ଆତ୍ମହତ୍ୟା କରିଛନ୍ତି। ସକାଳେ ସମସ୍ତେ ଉଠି ଦେଖିଲେ ଯେ ଝିଅ ବେକରେ ଚୁନୁରି ଲଗାଇ ଆତ୍ମହତ୍ୟା କରିଛି। ବଡ଼ ଭଉଣୀ ନିଜ ବାପା ମା'ଙ୍କୁ ଜଣାଇ ଡାକିବା ପରେ ସମସ୍ତ ଗ୍ରାମବାସୀ ମଧ୍ୟ ଜାଣିଥିଲେ। ନାବାଳିକା ଜଣକ ଯୁକ୍ତ ୨ ଛାତ୍ରୀ ଥିଲେ। ନାବାଳିକା ବାପାଙ୍କ ଏତଲା ଅନୁଯାୟୀ ଜି.ଉଦୟଗିରି ପୋଲିସ ଅପମୃତ୍ୟୁ କେଶ ନମ୍ବର ୪/୨୩ ରୁଜୁ କରି ତଦନ୍ତ ଚଳାଇଛି। ଆତ୍ମହତ୍ୟାର କାରଣ ଜଣାପଡିନାହିଁ। ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ବୋଲି ଜି.ଉଦୟଗିରି ପୋଲିସ କହିଛି।

## ଦାଉ ସାଜିଛି ଟାଟା ପାୱାର, ସରକାରୀ କାର୍ଯ୍ୟ ବାଧାପ୍ରାପ୍ତ


ଟିପିଏସଓଡିଏଲ କାର୍ଯ୍ୟାଳୟ ।

**ପୁରୁଷୋତ୍ତମପୁର,୩୧।୧(ଡି.ଏନ.ଏ.)**

ପୁରୁଷୋତ୍ତମପୁର ସହରବାସୀଙ୍କୁ ଟାଟା ପାୱାର (ଟିପିଏସଓଡିଏଲ) ଦାଉ ସାଜିଛି। ବିଦ୍ୟୁତ୍ ବଣ୍ଟନ ଦାୟିତ୍ୱ ସାଉଥ୍‌କୋଠାରୁ ଟାଟା ପାୱାର ଗତ ଜାନୁଆରୀ ୨୦୨୧ ଠାରୁ ନେଇଛି। ଏହି ଦାୟିତ୍ୟ ଟାଟା ନେବା ପରଠାରୁ ଏଠାରେ ବାରମ୍ବାର ବିଦ୍ୟୁତ୍ ବିଭ୍ରାଟ ଲାଗି ରହିଛି। ଅଘୋଷିତ ଭାବରେ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ୍ କଟାଯାଉଛି। ଏପରିକି ମରାମତି ଆଳରେ ବିଭିନ୍ନ ସମୟରେ ଦିନତମାମ ବିଦ୍ୟୁତ୍ କଟାଯାଉଛି। ଯାହା ଦ୍ୱାରା ଏଠାରେ ଥିବା ବିଭିନ୍ନ ସରକାରୀ, ବେସରକାରୀ କାର୍ଯ୍ୟାଳୟ ଗୁଡ଼ିକରେ କାର୍ଯ୍ୟମାନ ସମ୍ପୂର୍ଣ୍ଣ ରୂପେ ଠପ ହୋଇଯାଇଛି। ଏଥିସହ ମୋବାଇଲ ସେବା, ଟେଲିଫୋନ୍ ଓ ଇଣ୍ଟରନେଟ୍ ସେବା ସମ୍ପୂର୍ଣ୍ଣ ରୁପେ ଅଚଳ ହୋଇପଡିବାରୁ ବ୍ୟବସାୟୀକ କାର୍ଯ୍ୟରେ ମଧ୍ୟ ବାଧା ଉପୁଜୁଛି। ଗ୍ରାହକଙ୍କଠାରୁ ଠିକ୍ ସମୟରେ ବିଲ ନେଉଥିବା ବେଳେ ଠିକଭାବରେ ବିଦ୍ୟୁତ୍ ନ ଯୋଗାଇ ଟାଟା ପାୱାର ଲୋକଙ୍କୁ ଶୋଷଣ କରୁଥିବାର ଅଭିଯୋଗ ହୋଇଛି। ଲୋକେ ବିଦ୍ୟୁତ ବିଲ ପ୍ରଦାନ ସମୟରେ ଏନେଇ ପ୍ରତିବାଦ କଲେ କର୍ମଚାରୀମାନେ ପୋଲିସରେ କେସ୍ କରି ଜେଲ ପଠାଇ ଦେବାର ଧମକ ମଧ୍ୟ ଦିଆଯାଉଥିବା ଅଭିଯୋଗ ହୋଇଛି। ପାଲିସ ଭୟରେ ଲୋକେ ମୁହଁ ଖୋଲି ପାରୁନଥିବା ବେଳେ ବିଦ୍ୟୁତ ବିଭ୍ରାଟକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷର ନିଆ ଜୁହୁଳିବାରେ ଲାଗିଛି। ଏହାକୁ ନେଇ କେତେବେଳେ କେଉଁ ସମୟରେ ବି ଉଗ୍ରରୂପ ଧାରଣ କରିବ ତାହାର ଆଶଙ୍କା ଦେଖାଦେଇଛି। ଏଣୁ ସରକାର, ପ୍ରଶାସନ ଓ ଟାଟା ପାୱାର ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ପଦକ୍ଷେପ ନେବା ଲାଗି ଦାବି ହୋଇଛି।

## ଅଭିଭାବକ-ଶିକ୍ଷକ ସମ୍ମିଳନୀ

**ବଲସକୁମ୍ପା,୩୧।୧**

ଖଜୁରିପଡ଼ା ସ୍ଥିତ ଆମ୍ବେଦକର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଶ୍ରେଣୀଗୃହରେ ଅଭିଭାବକ ଏବଂ ଶିକ୍ଷକ ଛାତ୍ରଛାତ୍ରୀ ମାନଙ୍କୁ ନେଇ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡାକ୍ତର ପ୍ରଶାନ୍ତ କୁମାର କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆଲୋଚନାରେ ଡାକ୍ତର କର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ ଶିକ୍ଷାର ବିକାଶ ପାଇଁ ଅଭିଭାବକ ମାନଙ୍କ ସହଯୋଗ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଜିଲା ପ୍ରକଳ୍ପ ସଂଯୋଜକ କାର୍ଯ୍ୟାଳୟରୁ ଶେଖର ବେହେରା ଏବଂ ଆମ୍ବେଦକର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମସ୍ତ ଅଧ୍ୟାପକ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଆମ ପୋଲିସ ସମିତି ବୈଠକ

**ଭଞ୍ଜନଗର,୩୧।୧(ଡି.ଏନ୍.ଏ.)**

ଭଞ୍ଜନଗର ଆମ ପୋଲିସ ସମିତିର ୭୧ତମ ବୈଠକ ମଙ୍ଗଳବାର ସ୍ଥାନୀୟ ଭେଜିପୁଟ ବଡଦାଣ୍ଡରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅନ୍ଧବିଶ୍ୱାସ, ଘରୋଇ ହିଂସା ଆଦି ବିଷୟରେ ଉପସ୍ଥିତ ଲୋକଙ୍କୁ ସଚେତନ କରାଯାଇଥିଲା। ଥାନା ଅଧିକାରୀ ଧୀରେସ ଦାସ ବୈଠକରେ ଅଧକ୍ଷତା କରିଥିଲେ। ସଭ୍ୟ ଅବସରପ୍ରାପ୍ତ କଲେଜ ଅଧକ୍ଷ କୃତିବାସ ବିଶାଳ, ଡ. ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ଶିକ୍ଷକ ନେତା ଜଗବନ୍ଧୁ ଜେନା, ଅନ୍ତର୍ଯ୍ୟାମୀ ତ୍ରିପାଠୀ, ଇନ୍ସପେକ୍ଟର ବିଦ୍ୟାଭାରତୀ ନାୟକ, ସଭ୍ୟା ଗୀତାଞ୍ଜଳି ସୁବୁଦ୍ଧି, କାଉନସିଲର ଉପେନ୍ଦ୍ର ପ୍ରଧାନ, ଲକ୍ଷ୍ମୀ ନାୟକ, ଶିକ୍ଷକ ରବି ନାରାୟଣ ମହାନ୍ତି, ଧୂର୍ବ ମହାରଣା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସମାଜରେ ଶାନ୍ତି ଶୃଙ୍ଖଳା କିଭଳି ବଜାୟ ରହିବ ସେ ନେଇ କହିଥିଲେ। ଅନ୍ୟ ଜିଲ୍ଲା ଅପେକ୍ଷା ଗଞ୍ଜାମ ଜିଲାରେ ନାରୀ ଶିକ୍ଷାରେ ବହୁତ ପଛୁଆ। ଜିଲାରେ ୫୮ ପ୍ରତିଶତ ନାରୀ



ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

ଶିକ୍ଷିତ। ତେଣୁ ନାରୀ ଶିକ୍ଷାର ଉନ୍ନତି କିଭଳି ହେବ ସେଥିପାଇଁ ସମସ୍ତେ ଦୃଷ୍ଟି ଦେବାର ଆବଶ୍ୟକତା ରହିଛି ବୋଲି ଇନିସପେକ୍ଟର ବିଦ୍ୟା ଭାରତୀ ନାୟକ କହିଥିଲେ। ଥାନା ଅଧିକାରୀ କହିଥିଲେ ଟ୍ରାଫିକ ନିୟମ ସମସ୍ତେ ମାନିବା। ଏହାଦ୍ୱାରା ଦୁର୍ଘଟଣା ହାର କମିବ । ଗ୍ରାମ କମିଟି କିମ୍ବା କୁଳ କର୍ମକର୍ତ୍ତା କୌଣସି ବ୍ୟକ୍ତିଙ୍କୁ ବାସନ୍ଦ କିମ୍ବା ଜରିମାନା ପକାଇ ପାରିବେ ନାହିଁ। ଏଥିରେ ଯଦି କୌଣସି କର୍ମକର୍ତ୍ତା ଅବହେଳା କରନ୍ତି ତେବେ ଆଇନ ଅନୁଯାୟୀ ଦୋଷୀ କର୍ମକର୍ତ୍ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ତେଣୁ ଏଥିପ୍ରତି ସମସ୍ତେ ସଚେତନ ହୋଇ ଆବଶ୍ୟକ ପଦକ୍ଷେପ ନେବାକୁ ଥାନା ଅଧିକାରୀ ଉପସ୍ଥିତ ଲୋକଙ୍କୁ ଆହ୍ୱାନ କରିଥିଲେ। ଅନୁପମ ବାନାର୍ଜୀ ସଭା ସଂଯୋଜନା କରିଥିଲେ। ବଣିକ ସଂଘ ସମ୍ପାଦକ ସୁଶାନ୍ତ ମହାପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ।

## ଡାଲିଜାତୀୟ ଫସଲ ଦେଇଛି ରୋଜଗାର

**ଦାରିଙ୍ଗବାଡ଼ି,୩୧।୧(ଡି.ଏନ୍.ଏ.)**
କନ୍ଧମାଳ ଜିଲାର ଚାରିଆଡେ ରହିଛି ପାହାଡ଼ ଜଙ୍ଗଲ। ସୁନ୍ଦର ପରିବେଶ ଭିତରେ ଏକାଧିକ ପ୍ରକାର ଚାଷ କରାଯାଇଥାଏ। ଅନୁସୂଚିତ ଜନଜାତି ଅଧ୍ୟୁଷିତ ଅଞ୍ଚଳରେ ଅନେକ ଫସଲ ଜୈବିକ ପଦ୍ଧତିରେ ଚାଷ କରାଯାଉଛି। ସେହି ମଧ୍ୟରେ ହଳଦୀ, ଅଦା, କାନ୍ଦୁଲ (ଡାଲି ଜାତୀୟ ଫସଲ ),ସୋରିଷ, ଡିଳ, କ୍ଷୁଦ୍ର ଦାନା ଶସ୍ୟ, ପନିପରିବା, ଆମ୍ବ, ଲିଚୁ, ଷ୍ଟ୍ରବେରି ଆଦି ଚାଷ କରାଯାଉଛି। ଏହା ଅଞ୍ଚଳରେ ବେଶ୍ ଭଲ ରୋଜଗାର ମଧ୍ୟ ଦେଇଛି। ଏମିତି ଏକ ଫସଲ ରହିଛି ଯାହା ପାଇଁ ପ୍ରାୟ ଏକ ବର୍ଷ ଧରି ଚାଷୀଙ୍କୁ ଅକ୍ଲାନ୍ତ ପରିଶ୍ରମ କରିବାକୁ ପଡୁଛି। ଏହି ଏକ ବର୍ଷକ ମଧ୍ୟରେ ପ୍ରାୟ ୩ ରୁ ୬ ମାସ ଧରି ସବୁଠାରୁ ଅଧିକ କଷ୍ଟ ସହିବାକୁ ପଡିଥାଏ। କାରଣ ଗଛରେ ଫୁଲ ଓ ଫଳ

**ପାହାଡ଼ ଉପରେ ବିତୁଛି ୩ ରୁ ୬ ମାସ**


ଫସଲ ଜଗିବାକୁ ଆସିଥିବା ଜଣେ ଚାଷୀ।

ଆସିବା ପରେ ଚାଷୀ କାନ୍ଦୁଲକୁ କୌଣସି ଜଙ୍ଗଲ ଜନ୍ତୁ ହେଉ କି ବୁଲା ଗୋରୁ, ଛେଳି ମାଙ୍କଡ଼ ନଷ୍ଟ କରିବା ଭୟରେ ପାହାଡ଼ ଉପରେ କରାଯାଉଥିବା ଏହି ଫସଲକୁ ଦିନ ରାତି ଜଗିରହିଥାନ୍ତି। ଏଥିପାଇଁ ଚାଷୀ ପାହାଡ଼ ଉପରେ କାଠରେ ଭାଡ଼ି ତିଆରି କରି ଜଗିରହିବା ସହ ସନ୍ଧ୍ୟା ହେଲେ ବନ୍ୟପ୍ରାଣୀଙ୍କୁ ଘଉଡ଼ାଇବା ପାଇଁ ଢୋଲ, ଟାଙ୍ଗୁ, ଘଣ୍ଟ ବଜାଇଥାନ୍ତି। ଏହି ଚାଷରେ ଚାଷୀ ନିଜ ପାଇଁ କାନ୍ଦୁଲରୁ ଡାଲି ପ୍ରସ୍ତୁତ କରିବା ସହ ବଜାରରେ ବିକ୍ରି କରି ବର୍ଷକୁ ପ୍ରାୟ ୫ ହଜାରରୁ ୧୦ ହଜାର ଟଙ୍କା ପର୍ଯ୍ୟନ୍ତ ରୋଜଗାର କରିଥାନ୍ତି। ଏହି ଚାଷ ଦାରିଙ୍ଗବାଡି ବ୍ଲକର ତିଲୋରୀ, ସିମନବାଡି, ବାଡାବାଙ୍ଗା, ପର୍ତ୍ତମାହା, ଭ୍ରମରବାଡ଼ି, ସିରକାବର୍ଗ, ସୋନପୁର ଆଦି ପଞ୍ଚାୟତରେ ଅଧିକା ଚାଷ ହୋଇଥାଏ। ଏଥିପାଇଁ ପାହାଡ଼ ଉପରେ ଲତାବୁଦାକୁ ପୋଡ଼ି ଖତ ଭାବେ ବ୍ୟବହାର କରାଯାଇଥାଏ। ପରେ ବର୍ଷାଦିନରେ କାନ୍ଦୁଲ ମଞ୍ଜିକୁ ପୋତାଯାଏ। କିଛିଦିନ ପରେ ଗଛ ଏକ ଫୁଟ ଉଚ୍ଚତା ହେବା ପରେ ଚାଷୀ ଗଛକୁ ବଞ୍ଚାଇବା ପାଇଁ ପ୍ରୟାସ କରିଥାଏ। ଏହି ଚାଷକୁ ସରକାର ପ୍ରୋତ୍ସାହନ ଦେଲେ ଆହୁରି ଅଧିକ ଚାଷ କରାଯାଇପାରିବ ବୋଲି ଚାଷୀ ସଲମାନ ଦିଗାଲ ଏବଂ କାଳିଚରଣ ଗୁଣ୍ଡରା ମାଝି କହିଛନ୍ତି।

# ଜିପିସିଙ୍କୁ ପାଉଣା ମିଳୁନି

**ଗ୍ରାମ୍ୟ ଜଳ ଜୀବନ ମିଶନ**

■ ଗ୍ରାମାଞ୍ଚଳରେ ପାନୀୟ ଜଳ ସମସ୍ୟା ଉତ୍କଟ

ଯାଜପୁର ଅଫିସ,୩୧।୧

ଜଳଜୀବନ ମିଶନ (ଗ୍ରାମ୍ୟ) ଯୋଜନାରେ ନିୟୋଜିତ ବେସରକାରୀ ସଂସ୍ଥା ସିଇଡି (ସେଣ୍ଟର ଫର୍ ଏନ୍‌ଭାଇରନମେଣ୍ଟ ଆଣ୍ଡ୍ ଡେଭଲପ୍‌ମେଣ୍ଟ) ପକ୍ଷରୁ ପାଉଣା ଦିଆଯାଉ ନ ଥିବା ନେଇ ଅଭିଯୋଗ ହୋଇଛି। ଯାଜପୁର ଜିଲାର ବଡ଼ଚଣା, ସୁକିନ୍ଦା, ଦାନଗଦି ଓ କୋରେଇ ବ୍ଲକ ପାଇଁ ସିଇଡି ପକ୍ଷରୁ ନିୟୋଜିତ ଗ୍ରାମ ପଞ୍ଚାୟତ କୋଅର୍ଡିନେଟର (ଜିପିସି)ଙ୍କୁ ଲକ୍ଷାଧିକ ଟଙ୍କା ଦିଆଯାଇନାହିଁ। ଜିପିସିମାନେ ଏନେଇ ସିଇଡି କର୍ତ୍ତୃପକ୍ଷଙ୍କ ଦ୍ୱାରସ୍ଥ ହେଉଥିଲେ ହେଁ ଆର୍‌ଡବ୍ଲ୍ୟୁଏସ୍‌ଏସ୍ (ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ) ବିଭାଗ ପକ୍ଷରୁ ଟଙ୍କା ଆସିଲେ ପାଉଣା ଦିଆଯିବ ବୋଲି କୁହାଯାଉଛି। ଏହି ମର୍ମରେ ଜିପିସିମାନେ ଚଣ୍ଡିଖୋଲ ଆର୍‌ଡବ୍ଲ୍ୟୁଏସ୍‌ଏସ୍ ସୁପରିଣ୍ଟେଣ୍ଡେଣ୍ଟଙ୍କ ଦ୍ୱାରସ୍ଥ ହେବାରୁ ସିଇଡିଙ୍କୁ ସମସ୍ତ ଅର୍ଥ ପ୍ରଦାନ କରାଯାଇଛି ବୋଲି ସୂଚନା ମିଳିଛି। ଏଭଳି ଭାବେ ଜିପିସିମାନେ ତାଙ୍କ ପ୍ରାପ୍ୟ ପାଇବାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି।

ଗ୍ରାମାଞ୍ଚଳରେ ଶୁଦ୍ଧ ପାନୀୟ ଜଳଯୋଗାଣ ଓ ପରିମଳ ବ୍ୟବସ୍ଥାକୁ ପରିଚାଳନା କରିବାକୁ ରାଜ୍ୟ ସରକାର ଆର୍‌ଡବ୍ଲ୍ୟୁଏସ୍‌ଏସ୍‌କୁ ଦାୟିତ୍ୱ ଦେଇଛନ୍ତି। ଏଥିପାଇଁ ଭିଲେଜ ୱାଟର ଆଣ୍ଡ୍ ସାନିଟେଶନ କମିଟି (ଭିଡବ୍ଲ୍ୟୁଏସ୍‌ସି) ଗଠନ ହୋଇଛି। ଏହାବାଦ୍ ଭିଲେଜ ଆକ୍ସନ ପ୍ଲାନ(ଭିଏପି) କରାଯାଇ ଗ୍ରାମାଞ୍ଚଳକୁ ଶୁଦ୍ଧ ଜଳଯୋଗାଣ କରାଯିବାର ଲକ୍ଷ୍ୟ ରହିଛି। ଏଥିପାଇଁ ଆର୍‌ଡବ୍ଲ୍ୟୁଏସ୍‌ଏସ୍ ପକ୍ଷରୁ ଏକ ବେସରକାରୀ ସଂସ୍ଥା ସିଇଡିକୁ ନିୟୋଜିତ କରାଯାଇଛି। ଏହିକ୍ରମରେ ସିଇଡି ପକ୍ଷରୁ ଜିପିସିମାନଙ୍କୁ ନିୟୋଜିତ କରି ଭିଡବ୍ଲ୍ୟୁଏସ୍‌ସି ଏବଂ ଭିଏପି କାର୍ଯ୍ୟକାରୀ କରାଯାଉଛି। ଜିପିସି ସୁଚିତ୍ରା ଗନ୍ତାୟତଙ୍କ ଅଭିଯୋଗ ଅନୁସାରେ ସିଇଡି ପକ୍ଷରୁ ସେ ବଡ଼ଚଣା ଏବଂ ସୁକିନ୍ଦା ବ୍ଲକର ୧୬୧ ଗ୍ରାମରେ ଉପରୋକ୍ତ କାର୍ଯ୍ୟକ୍ରମ ଉପରେ ତଦାରଖ ଦାୟିତ୍ୱରେ ରହିଥିଲେ। ପ୍ରତି ଗ୍ରାମକୁ ୩୨୦୦ ଟଙ୍କା ହିସାବରେ ପାଉଣା ମିଳିବ ବୋଲି ସିଇଡି ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ସେ ୧୬୫ ଗ୍ରାମର ଭିଡବ୍ଲ୍ୟୁଏସ୍‌ସି ଏବଂ ଭିଏପି କାର୍ଯ୍ୟର ସବିଶେଷ କାଗଜପତ୍ର ଦାଖଲ କରିଛନ୍ତି। ତଦନୁସାରେ ସେ ସିଇଡିଠାରୁ ୪ ଲକ୍ଷ ୫୬ ହଜାର ଟଙ୍କା ପାଇବାକୁ ଥିବାବେଳେ ମାତ୍ର ୧ ଲକ୍ଷ ୩୦ ହଜାର ଟଙ୍କା ପାଇଛନ୍ତି। ଅବଶିଷ୍ଟ ୩ ଲକ୍ଷ ୨୬ ହଜାର ଟଙ୍କା ପାଇବା ପାଇଁ ସିଇଡି ଭୁବନେଶ୍ୱର ଅଫିସକୁ ଯାଇ ଯାଇ ନୟାନ୍ତ ହୋଇ ସାରିଛନ୍ତି। ସିଇଡି କର୍ତ୍ତୃପକ୍ଷ ଡିଭିଜନ କାର୍ଯ୍ୟାଳୟରୁ ଆବଶ୍ୟକ ଅର୍ଥ ପାଇନାହୁଁ, ତାହା ମିଳିବା ପରେ ଦିଆଯିବ ବୋଲି କହୁଛନ୍ତି। ତେବେ ତାଙ୍କ ଅଧୀନରେ ଭିଲେଜ ମୋଟିଭେଟର୍ ଭାବେ କାମ କରିଥିବା ୪୦ ଜଣଙ୍କ ପ୍ରାପ୍ୟ ଦେଇ ପାରିନାହାନ୍ତି ବୋଲି ଗନ୍ତାୟତ ଅଭିଯୋଗ ଆଣିଛନ୍ତି। ଅନୁରୂପ ଭାବେ ଦାନଗଦି ଏବଂ କୋରେଇ ବ୍ଲକ ଦାୟିତ୍ୱରେ ଥିବା ଜଗବନ୍ଧୁ ସାମଲ ୭ ଲକ୍ଷ ୫୭ ହଜାର ଟଙ୍କା ପାଇବାକୁ ଥିବାବେଳେ ସେ ମାତ୍ର ୨ ଲକ୍ଷ ୧୨ ହଜାର ଟଙ୍କା ପାଇଥିବା ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷେ ଚଣ୍ଡିଖୋଲ ଆର୍‌ଡବ୍ଲ୍ୟୁଏସ୍‌ଏସ୍‌ର ସୁପରିଣ୍ଟେଣ୍ଡିଂ ଇଞ୍ଜିନିୟର ତାଙ୍କ ପତ୍ର ସଂଖ୍ୟା ୮୧/୧୨।୧।୨୦୨୩ରେ ସିଇଡିର ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ସମସ୍ତ ପ୍ରାପ୍ୟ ପ୍ରଦାନ କରାଯାଇଛି ବୋଲି ଦର୍ଶାଇଛନ୍ତି। ସେ ତାଙ୍କ ପତ୍ରରେ ଆହୁରି ଉଲ୍ଲେଖ କରିଛନ୍ତି ଯେ, ୧୦।୨।୨୦୨୨ରେ ୫,୧୫,୯୫୫ ଟଙ୍କା, ୨।୩।୨୦୨୨ରେ ୨୦,୮୦,୦୪୫ ଟଙ୍କା, ୧୮।୭।୨୦୨୨ରେ ୨୮,୩୪,୮୩୨ ଟଙ୍କା ଏବଂ ୮।୧୨।୨୦୨୨ରେ ୨୫,୦୯,୩୮୦ ଟଙ୍କା ସିଇଡିକୁ ଦିଆଯାଇଛି। ତେଣୁ ଜିପିସିମାନଙ୍କୁ ବକେୟା ଟଙ୍କା ପ୍ରଦାନ କରିବା ପାଇଁ ଉପଯୁକ୍ତ ପଦକ୍ଷେପ ନେବାକୁ ଆର୍‌ଡବ୍ଲ୍ୟୁଏସ୍‌ଏସ୍‌ର ସୁପରିଣ୍ଟେଣ୍ଡେଣ୍ଟ ସିଇଡି ନିର୍ଦ୍ଦେଶକଙ୍କୁ ଅନୁରୋଧ କରିଛନ୍ତି।

ଅପରପକ୍ଷେ ସିଇଡି ପକ୍ଷରୁ ପ୍ରକଳ୍ପ ନିର୍ଦ୍ଦେଶକ ଚଣ୍ଡିଖୋଲ ଆର୍‌ଡବ୍ଲ୍ୟୁଏସ୍‌ଏସ୍ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଦେଇଥିବା ଉତ୍ତରରେ ଜିପିସିମାନେ ଉପଯୁକ୍ତ ହାର୍ଡକପି ଦେଇ ପାରି ନ ଥିବାରୁ ସେମାନଙ୍କ ପ୍ରାପ୍ୟ ପ୍ରଦାନ କରାଯାଇ ନାହିଁ ବୋଲି ଦର୍ଶାଇଛନ୍ତି।

ତେବେ ଜଳଜୀବନ ମିଶନ କାର୍ଯ୍ୟକ୍ରମ ଉପଯୁକ୍ତ ଭାବେ କାର୍ଯ୍ୟକାରୀ ହୋଇ ପାରି ନ ଥିବାରୁ ଏବେବି ଅନେକ ଗ୍ରାମରେ ଜଳ ସମସ୍ୟା ଉତ୍କଟ ହୋଇଥିବା ଦେଖିବାକୁ ମିଳିଛି। ସରକାରୀ ଅର୍ଥର ଠିକ ବିନିଯୋଗ ହୋଇ ନ ପାରିବାରୁ ଗ୍ରାମାଞ୍ଚଳରେ ପାନୀୟ ଜଳ ସମସ୍ୟାର ସମାଧାନ ଅଧୁରା ରହିଥିବା ମତପ୍ରକାଶ ପାଇଛି।



ସହଦକୋଲି ଟ୍ୟୁବ୍ ୱେଲ୍‌ରୁ ପାଣି ସଂଗ୍ରହ।

## ସଂକ୍ଷେପରେ

### ସୁରଜକୁଣ୍ଡ ମେଳାକୁ ଶିଳ୍ପୀ ସୁଶାନ୍ତ ଦାସ ଆମନ୍ତ୍ରିତ

ବାଲିଚନ୍ଦ୍ରପୁର,୩୧।୧(ସ୍ୱ.ପ୍ର.): ଫେବୃୟାରୀ ୩ ତାରିଖରୁ ଆରମ୍ଭ ହେବାକୁ ଯାଉଛି ସୁରଜକୁଣ୍ଡ ମେଳା। ହରିୟାଣାର ଫରିଦାବାଦଠାରେ ହେବାକୁ ଥିବା ଏହି ମେଳାରେ ଭାଗନେବା ପାଇଁ ଆମନ୍ତ୍ରିତ ହୋଇଛନ୍ତି ଓଡ଼ିଶାର ଜାତୀୟ ପୁରସ୍କାରପ୍ରାପ୍ତ ପ୍ରସ୍ତର ଶିଳ୍ପୀ ସୁଶାନ୍ତ କୁମାର ଦାସ। ଉକ୍ତ ମେଳା ୧୯ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ବେଳେ ଏଥିରେ ସୁଶାନ୍ତ ତାଙ୍କ ପ୍ରସ୍ତରନିର୍ମିତ କଳାକୃତି ପ୍ରଦର୍ଶନ କରିବା ପାଇଁ ମନୋନୀତ ହୋଇଛନ୍ତି। ବଡ଼ଚଣା ବ୍ଲକ ପଲେଇ ଗ୍ରାମର ସୁଶାନ୍ତ ନିକଟରେ ରାଷ୍ଟ୍ରପତିଙ୍କ ଦ୍ୱାରା ପୁରସ୍କୃତ ହେବା ପରେ କେନ୍ଦ୍ର ସରକାରଙ୍କ ହସ୍ତଶିଳ୍ପ ବିଭାଗ ପକ୍ଷରୁ ଉନ୍ନୟନ ଆୟୁକ୍ତ ଚିଠି ମାଧ୍ୟମରେ ଦାସଙ୍କୁ ଆମନ୍ତ୍ରଣ କରିଛନ୍ତି।

### ଧର୍ମଶାଳା ମହାବିଦ୍ୟାଳୟ କର୍ମଚାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଧର୍ମଶାଳା,୩୧।୧(ଡି.ଏନ.ଏ.): ଧର୍ମଶାଳା ମହାବିଦ୍ୟାଳୟରେ ମଙ୍ଗଳବାର ଏକ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟ କର୍ମଚାରୀ ପଞ୍ଚାନନ ଦାସଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ମହାବିଦ୍ୟାଳୟ ପରିସରରେ ଅଧକ୍ଷ ତପନ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅଧାପକ ଜୟନ୍ତ ସାହୁ, ଡ. ବ୍ରଜବନ୍ଧୁ ଭଟ, ଅରବିନ୍ଦ ମହାନ୍ତି, ଡ. ଅଭିନ୍ନ ଚନ୍ଦ୍ର ଦାସ, ସୁଶାନ୍ତ ସାମଲ, ବୈଲୋଚନ ପଢ଼ିହାରୀ, ନିଗମାନନ୍ଦ ବିଶ୍ୱାଳ, ବିନୟ ସାମଲ ଓ ଅଧ୍ୟାପିକା କାନନ କୁସୁମ ଜେନା ଯୋଗଦେଇ ବିଦାୟୀ କର୍ମଚାରୀଙ୍କ କାର୍ଯ୍ୟଦକ୍ଷତା ଉପରେ ଆଲୋକପାତ କରିବା ସହ ତାଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। ସେହିପରି କର୍ମଚାରୀ ସଂଘ ତରଫରୁ ମନୋରଞ୍ଜନ ପାଣିଗ୍ରାହୀ, ସଞ୍ଜୁଲତା ମହାନ୍ତି, ବିଦ୍ୟାଧର ପାଳ, ବିପିନ ବିହାରୀ ବେହେରା ଓ ମନୋରଞ୍ଜନ ନାୟକ ପ୍ରମୁଖ ବିଦାୟୀ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

### ଆବାସରେ ୬୯୯ ଅଭିଯୋଗରୁ ୧୯୮ ଅଯୋଗ୍ୟ ଚିହ୍ନଟ

ଧର୍ମଶାଳା,୩୧।୧(ଡି.ଏନ.ଏ.): ଧର୍ମଶାଳା ବ୍ଲକ ଅଧୀନ ୪୫ ପଞ୍ଚାୟତରେ ୩୦୯୯ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରାଯାଇ ନାମ ପ୍ରକାଶିତ କରାଯାଇଥିଲା। ଏହା ଉପରେ ୬୯୯ଟି ଅଭିଯୋଗ ଆସିଥିବା ବେଳେ ବ୍ଲକ ପ୍ରଶାସନ ପକ୍ଷରୁ ୩୦ ତାରିଖ ମଧ୍ୟରେ ତଦନ୍ତ କରାଯାଇ ସେଥି ମଧ୍ୟରୁ ୧୯୮ ଜଣ ହିତାଧିକାରୀଙ୍କୁ ଅଯୋଗ୍ୟ ଚିହ୍ନଟ କରାଯାଇଛି। ଅଯୋଗ୍ୟଙ୍କ ବିରୋଧରେ ଜାନୁୟାରୀ ୧୬ରୁ ୨୪ତାରିଖ ମଧ୍ୟରେ ଅଭିଯୋଗ କରିବାକୁ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଆହ୍ୱାନ କରାଯାଇଥିଲା। ଅଯୋଗ୍ୟ ହିତାଧିକାରୀଙ୍କ ବଦଳରେ ନୂତନ ହିତାଧିକାରୀଙ୍କୁ ଚିହ୍ନଟ କରାଯିବ ବୋଲି ବିଡିଓ ସୂଚନା ଦେଇଛନ୍ତି।

### ବ୍ଲକ ପ୍ରଶାସନ ପକ୍ଷରୁ ନୀରବ ପ୍ରାର୍ଥନା

ରସୁଲପୁର,୩୧।୧(ଡି.ଏନ.ଏ.): ରସୁଲପୁର ବ୍ଲକ ପ୍ରଶାସନ ପକ୍ଷରୁ ନବ ଦାସଙ୍କ ବିୟୋଗରେ ନୀରବ କରାଯାଇଛି। ବ୍ଲକ୍ କାର୍ଯ୍ୟାଳୟଠାରେ ବିଡିଓ ଅବନିକାନ୍ତ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ ମିଶ୍ର ଯୋଗ ଦେଇଥିଲେ। ବ୍ଲକର ସମସ୍ତ ବିଭାଗ ଅଧିକାରୀ ଓ କର୍ମଚାରୀ ଶୋକବ୍ୟକ୍ତ କରିବା ସହ ତାଙ୍କ ଅମର ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

## ଯାଜପୁର ରୋଡ୍-ଧାମରା ରେଳପଥ ପାଇଁ ଦସ୍ତଖତ ଅଭିଯାନ ତ୍ୱରାନ୍ୱିତ

ଯାଜପୁର ଟାଉନ,୩୧।୧(ଡି.ଏନ.ଏ.):

ଯାଜପୁର ରୋଡ୍-ଧାମରା ରେଳପଥ ନିମନ୍ତେ ଦସ୍ତଖତ ଅଭିଯାନ ତ୍ୱରାନ୍ୱିତ ହେବା ସହ୧ଲକ୍ଷ ପୋଷ୍ଟକାର୍ଡର ପ୍ରେରଣ କାର୍ଯ୍ୟ ଅଦ୍ୟାବଧି ଚାଲୁ ରହିଛି। ୧ତାରିଖରେ ମା'ବିରଜାଙ୍କ ନିକଟରେ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ ନିମନ୍ତେ ଦୀପଦାନ ବିଭିନ୍ନ ବ୍ୟକ୍ତିବିଶେଷଙ୍କ ପକ୍ଷରୁ କରାଯିବା ନିମନ୍ତେ 'ବିରଜାକ୍ଷେତ୍ର ବିକାଶ ପରିଷଦ' ପକ୍ଷରୁ ସୂଚନା ଦିଆଯାଇଛି। ୨୦୧୩ -୧୪ ଆର୍ଥିକ ବର୍ଷରେ ରେଲ୍‌ୱେ ପକ୍ଷରୁ ଯାଜପୁର ରୋଡ୍ - ଧାମରା ଭାୟା ଯାଜପୁର, ଆରଡ଼ିକୁ ରେଳପଥ ନିର୍ମାଣ ନିମନ୍ତେ ଅର୍ଥ ମଞ୍ଜୁର କରାଯାଇ ସର୍ଭେ ଶେଷ ହୋଇଛି। ପ୍ରକଳ୍ପକୁ ପାରିତ କରିବା ପାଇଁ ପ୍ରଧାନମନ୍ତ୍ରୀ, ରାଜ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ରେଳମନ୍ତ୍ରୀ ଅଶ୍ୱିନି ବୈଷ୍ଣବ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପୂର୍ବତନ ମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ, କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହା, ଯାଜପୁର ବିଧାୟକ ଓ ରେଲ୍ ବୋର୍ଡର ଅଧିକାରୀଙ୍କୁ ଭେଟି ବିଭିନ୍ନ ସମୟରେ ସ୍ମାରକ ପତ୍ର ଦେବା ସହ ଦସ୍ତଖତ ଅଭିଯାନ, ପୋଷ୍ଟକାର୍ଡ ପ୍ରେରଣ, ବିଭିନ୍ନ ଆନ୍ଦୋଳନ ଅଦ୍ୟାବଧି ଚାଲୁ ରହିଛି। ସମସ୍ତ ଅଧିକାରୀ ଏ ପ୍ରକଳ୍ପ ପାରିତ କରାଯିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ ହେଁ ଅଦ୍ୟାବଧି ତାହା କାର୍ଯ୍ୟକାରୀ ହୋଇ ନାହିଁ। ତେଣୁ ଏଥିପ୍ରତି ରେଲୱେ ଦୃଷ୍ଟି ଦେବାକୁ ପରିଷଦ ପକ୍ଷରୁ ସଭାପତି ତପନ୍ୟ ମହାରଣ୍ୟ ଶର୍ମା, ବିଜୟ ମହରଣା, ଅଞ୍ଚଳ ଦାସଙ୍କ ସମେତ ଯାଜପୁର ଓ ଭଦ୍ରକରବାସୀ ଦାବି କରିଛନ୍ତି।

## ରାଜ୍ୟସ୍ତରୀୟ କରାଟେରେ ଯାଜପୁରର ୩ ଛାତ୍ରଙ୍କ କୃତିତ୍ୱ



କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କ ସହ ଅଫିସିଆଲ।

ଧର୍ମଶାଳା,୩୧।୧(ଡି.ଏନ.ଏ.):

ଭୁବନେଶ୍ୱରଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସିନିୟର ଓ ୨୧ ବର୍ଷରୁ କମ୍ କରାଟେ ପ୍ରତିଯୋଗିତାରେ ଯାଜପୁର ଜିଲାରୁ ୩ ପ୍ରତିଯୋଗୀ କୃତିତ୍ୱ ହାସଲ କରିଛନ୍ତି। ସେମାନଙ୍କ ମଧ୍ୟରେ ସବ୍ୟସାଚୀ ମହାପାତ୍ର ରୌପ୍ୟ, ଜନ୍ମେଜୟ ମହାପାତ୍ର ବ୍ରୋଞ୍ଜ୍ ଓ ଦୀନେଶ ସିଂ ବ୍ରୋଞ୍ଜ ପଦକ ହାସଲ କରି ଫେବୃୟାରୀରେ ଉତ୍ତରାଖଣ୍ଡଠାରେ ହେବାକୁଥିବା ଜାତୀୟସ୍ତରୀୟ କରାଟେ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ମନୋନୀତ ହୋଇଛନ୍ତି। କୃତିତ୍ୱ ହାସଲ କରିଥିବା ଏହି ପ୍ରତିଯୋଗୀଙ୍କୁ ଜିଲାର ବିଭିନ୍ନ କ୍ରୀଡ଼ା ଅନୁଷ୍ଠାନ ପକ୍ଷରୁ ସ୍ୱାଗତ କରାଯାଇଛି। ଭୁବନେଶ୍ୱରଠାରେ ଅନୁଷ୍ଠିତ ପ୍ରତିଯୋଗିତାରେ ଅଫିସିଆଲ ଭାବେ ବେଣୁଧର ମଲିକ, ସନତ ଦେଓ, ଗୋପାଳକୃଷ୍ଣ ନାୟକ ଓ କୋଚ ଭାବେ ପ୍ରଭାତ ମଲିକ ଯୋଗ ଦେଇଥିଲେ। ପ୍ରତିଯୋଗିତାରେ ୧୯ ଜିଲାରୁ ୧୫୦ ଜଣ ଭାଗ ନେଇଥିଲେ।

## ପ୍ରତିଜ୍ଞା ଦିବସ ପାଳିତ

ଚଣ୍ଡିଖୋଲ,୩୧।୧(ଡି.ଏନ.ଏ.):

ବଡ଼ଚଣାର ଏକ ପ୍ରମୁଖ ସଙ୍ଗଠନ ପକ୍ଷରୁ ମଙ୍ଗଳବାର ଶିଖରଚଣ୍ଡୀପୀଠରେ ବନ୍ଧୁମିଳନ ଅବସରରେ ପ୍ରତିଜ୍ଞା ଦିବସ ପାଳିତ ହୋଇଯାଇଛି। ଉଦୀୟମାନ ସଙ୍ଗଠନ ସଭାପତି ଅବିନାଶ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁରେନ୍ଦ୍ର ନାଥ ନାୟକ, ପ୍ରଫେସର ଅଜୟ କୁମାର ଲେଙ୍କା, ଶିକ୍ଷାବିତ ବିଜୟ ଦାସ, ସଲିଳ ରାଜନନ୍ଦନ ମହାନ୍ତି, ଅମ୍ବିକା ପ୍ରସାଦ ମିଶ୍ର, ଅନନ୍ତ ପ୍ରସାଦ ମହଲା, ଚନ୍ଦନ ନାୟକ, ଲବଙ୍ଗ ଲତା ପରିଡ଼ା, ରଶ୍ମିତା ସେଠୀ ଓ କାଦମ୍ବିନୀ ମିଶ୍ର ପ୍ରମୁଖ ଯୋଗଦେଇ ଦେଶ ଓ ଜାତିର ଉନ୍ନତି ପାଇଁ ସମସ୍ତେ ଶପଥ ନେବା ଉଚିତ। ମିଳିମିଶି ଏକ ସଙ୍ଗେ କାର୍ଯ୍ୟ କଲେ ଜନ ସାଧାରଣଙ୍କ ସମସ୍ୟା ସମାଧାନ ହୋଇ ପାରିବ ବୋଲି ବକ୍ତବ୍ୟ ରଖିଥିଲେ। ଅନୁଷ୍ଠାନର ସମ୍ପାଦକ ଅନିଲ କୁମାର ଦାସ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଏଥିରେ ଉଦୀୟମାନ ସଙ୍ଗଠନର ସମସ୍ତ ସଦସ୍ୟା ଓ ସଦସ୍ୟ ଭାଗ ନେଇଥିଲେ।

## କେଡିଏମ୍ କ୍ରିକେଟ: ବାରବାଟୀ, ରାଇଛନ୍ଦା ସେମିରେ

ଧର୍ମଶାଳା,୩୧।୧(ଡି.ଏନ.ଏ.):

ଧର୍ମଶାଳା ବ୍ଲକ ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମରେ ଚାଲିଥିବା କେଡିଏମ୍ କ୍ରିକେଟ ଟୁର୍ନାମେଣ୍ଟର ସୁପରସିକ୍ସିନେରେ ମଙ୍ଗଳବାର ବାରବାଟୀ ଓ ରାଇଛନ୍ଦା ଟିମ୍ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ପ୍ରଥମ ମ୍ୟାଚ୍ ବାରବାଟୀ ସହ କଣ୍ଟିଗଡ଼ିଆ ଓ ଦ୍ୱିତୀୟ ମ୍ୟାଚ୍ ଅରାବଳ ସହ ରାଇଛନ୍ଦା ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚ୍‌ରେ ବାରବାଟୀ ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୪ ଉଇକେଟ ହରାଇ ୧୫୯ରନ କରିଥିଲା। ଦଳ ପକ୍ଷରୁ ଶକ୍ତିପ୍ରସାଦ ଦାସ ୫୫ ଓ ସୁଦର୍ଶନ ବାରିକ ୪୧ ରନ କରିଥିଲେ। ବିପକ୍ଷ କଣ୍ଟିଗଡ଼ିଆ ଟିମ୍‌ର ଶେଖର ଦାସ ୨ ଓ ଦୀପକ ନାୟକ ୧ ଉଇକେଟ ନେଇଥିଲେ। ଜବାବରେ କଣ୍ଟିଗଡ଼ିଆ ଟିମ୍ ବ୍ୟାଟିଂ କରି୧୩.୫ ଓଭରରେ ସମସ୍ତ ଉଇକେଟ ହରାଇ ୯୪ ରନ କରି ପରାସ୍ତ ହୋଇଥିଲା। ଦଳ ପକ୍ଷରୁ ଅରବିନ୍ଦ ବିଶ୍ୱାଳ ଓ ରତିକାନ୍ତ ସ୍ୱାଇଁ ୨୨ ଲେଖାଏ ରନ କରିଥିଲେ। ବିପକ୍ଷ ବାରବାଟୀ ଟିମ୍‌ର ଶିବାନନ୍ଦ ଦାସ ୩ ଓ ରଶ୍ମିରଞ୍ଜନ ଦାଶ ୨ ଉଇକେଟ ନେଇଥିଲେ।

ଦ୍ୱିତୀୟ ମ୍ୟାଚ୍‌ରେ ଅରାବଳ ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରୁ ୧୨.୪ ଓଭରରେ ସମସ୍ତ ଉଇକେଟ ହରାଇ ୫୩ ରନ କରିଥିଲା। ସୁବ୍ରତ ପାଲ ୧୭ ରନ କରିଥିଲେ। ବିପକ୍ଷ ଦଳର ରତ୍ନାକର ପ୍ରଧାନ ଓ ଆକାଶ ସାହୁ ୩ଟି ଲେଖାଏ ଉଇକେଟ ନେଇଥିଲେ। ରାଇଛନ୍ଦା ଟିମ୍ ବ୍ୟାଟିଂ କରି ୫.୨ ଓଭରରେ ୧ ଉଇକେଟ ହରାଇ ୫୬ ରନ କରି ବିଜୟୀ ହୋଇଥିଲା। ରତ୍ନାକର ପ୍ରଧାନ ୩୨ ଓ ବାସୁଦେବ ସାହୁ ୧୩ ରନ କରିଥିଲେ। ବିପକ୍ଷ ଅରାବଳ ଟିମର ଚନ୍ଦନ ଜେନା ୧ ଉଇକେଟ ନେଇଥିଲେ। ଖେଳକୁ ଇନ୍ତେକାବ ଆଲମ, ସିଦ୍ଧାର୍ଥ ମହାନ୍ତି, ନିକୁଞ୍ଜ ବେହେରା ଓ ଅବିନାଶ ସାମଲ ପରିଚାଳନା କରିଥିଲେ।

## ପୂର୍ବତନ ସରପଞ୍ଚଙ୍କ ସ୍ମୃତିସଭା

ରସୁଲପୁର,୩୧।୧(ଡି.ଏନ.ଏ.):

ରସୁଲପୁର ବ୍ଲକ ଅଧୀନ ରାଉତରାପୁର ପୂର୍ବତନ ସରପଞ୍ଚ କୁଳମଣି ସାହୁଙ୍କ ଏକାଦଶାହ ଉପଲକ୍ଷେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ରାଜନେତା କାହ୍ନୁଚରଣ ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବରୀ ବିଧାୟିକା ସୁନନ୍ଦା ଦାସ ଯୋଗଦେଇ କୁଳମଣି ଜଣେ ଉତ୍ତମ ମଣିଷ ଥିଲେ। ସେ ୧୯୯୨ରେ ପଞ୍ଚାୟତର ପ୍ରଥମ ସରପଞ୍ଚ ଭାବରେ ନିର୍ବାଚିତ ହୋଇଥିଲେ। ତୃଣମୂଳସ୍ତରର ରାଜନୀତିରେ ତାଙ୍କର ଲୋକପ୍ରିୟତା ଯୋଗୁ ତାଙ୍କ ପରିବାରକୁ ପଞ୍ଚାୟତବାସୀ ୩ଥର ପଞ୍ଚାୟତରୁ ନିର୍ବାଚିତ କରି ସାରିଲେଣି ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ବରୀ ବଜେଡିର ମାର୍ଗଦର୍ଶକ ଦେବେନ୍ଦ୍ର ଦାସ, ଜିଲାପରିଷଦ ସଦସ୍ୟା ଭାରତୀ ବିଶ୍ୱାଳ, ସ୍ୱର୍ଗତ ସାହୁଙ୍କ ବୋହୂ ତଥା ସରପଞ୍ଚ ସ୍ୱର୍ଣ୍ଣଲତା ସାହୁ, ପୂର୍ବତନ ସରପଞ୍ଚ ରବୀନ୍ଦ୍ର ସାହୁ, ସୁଶାନ୍ତ କୁମାର ବେହେରା, ପୂର୍ବତନ ଜିଲା ପରିଷଦ ସଦସ୍ୟ ଚତୁର୍ଭୁଜ ଦ୍ୱିବେଦୀ, ପୂର୍ବତନ ଶିକ୍ଷକ ମାଗୁଣି ଚରଣ ପୃଷ୍ଟି, କୁଳମଣି ପୃଷ୍ଟି, ଯୁବନେତା ରାକେଶ ଦେଓ, ଅରୁଣ କୁମାର ସାହୁ ପ୍ରମୁଖ ଯୋଗଦେଇ ସାହୁଙ୍କ ଗୁଣାବଳି ସମ୍ପର୍କରେ ବକ୍ତବ୍ୟ ରଖିଥିଲେ।



ପୂର୍ବତନ ସରପଞ୍ଚ କୁଳମଣି ସାହୁଙ୍କ ସ୍ମୃତିସଭାରେ ଯୋଗଦେଇଥିବା ଅତିଥି।

## ୩ ବାଲି ବୋଝେଇ ଟ୍ରାକ୍ଟର ଜବତ

ବ୍ରହ୍ମବରଦା,୩୧।୧(ଡି.ଏନ୍.ଏ.):

ବ୍ରହ୍ମବରଦା ଥାନା ବରୁଆଁ-ବ୍ରହ୍ମବରଦା ମୁଖ୍ୟ ରାସ୍ତାର ଝାଲପଡ଼ା ଛକ ନିକଟରୁ ୩ ବାଲି ବୋଝେଇ ଟ୍ରାକ୍ଟରକୁ ପୋଲିସ ଜବତ କରି ଥାନାରେ ଅଟକ ରଖିଛି। ଯାଜପୁର ସଦର ଥାନା ଖରସ୍ରୋତା ଓଭର ବ୍ରିଜ୍ ତଳୁ ଉକ୍ତ ୩ ଟ୍ରାକ୍ଟର ବାଲି ଉତ୍ତୋଳନ କରିବ ପରିବହନ କରୁଥିଲେ। ଏଥିରୁ ଗୋଟିଏ ଗାଡ଼ିର ନମ୍ବର ଓଡି-୩୪-କ୍ୟୁ-୫୬୫୬ ଥିବାବେଳେ ଅନ୍ୟ ୨ଟି ନମ୍ବର ବିହୀନ ଗାଡ଼ି। ଗାଡ଼ିଗୁଡ଼ିକ ବାଲି ବୋଝେଇ କରି ବ୍ରହ୍ମବରଦା ଅଭିମୁଖେ ଆସୁଥିବା ସମୟରେ ପୋଲିସ ସେଠାରେ ପହଞ୍ଚି ଗାଡ଼ିର କାଗଜ ପତ୍ର ତନଖି କରିଥିଲା। ଏହି ସମୟରେ ଗାଡ଼ିଗୁଡ଼ିକର କାଗଜପତ୍ର ଠିକ ନ ଥିବା ପୋଲିସ ଜାଣିବାକୁ ପାଇଥିଲା। ତେଣୁ ଗାଡ଼ିଗୁଡ଼ିକୁ ଜବତ କରି ଥାନାକୁ ଆଣି ରସୁଲପୁର ତହସିଲଦାରଙ୍କୁ ଅବଗତ କରାଇଥିଲା। ବୁଧବାର ଗାଡ଼ି ମାଲିକମାନଙ୍କୁ ଡକାଯାଇ ଜରିମାନା ଆଦାୟ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

## ପ୍ରକାଶ ପାଇଲାନି ଚୂଡ଼ାନ୍ତ ଆବାସ ତାଲିକା

**ବରୀ ବ୍ଲକ୍‌ରେ ସରକାରୀ ନିୟମକୁ ଅଣଦେଖା**

■ ହିତାଧିକାରୀଙ୍କ ମଧ୍ୟରେ ଅସନ୍ତୋଷ

ବରୀ,୩୧।୧(ଡି.ଏନ.ଏ.):

ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଆବଣ୍ଟନକୁ ନେଇ ରାଜ୍ୟରେ ବିରୋଧୀ ଦଳ ତରଫରୁ ତୁମ୍ବି ତୋଫାନ ଚାଲିଛି। କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ରାଜ୍ୟ ସରକାର ମଧ୍ୟ ଯୋଗ୍ୟ ହିତାଧିକାରୀଙ୍କୁ ଠିକ୍ ଢଙ୍ଗରେ ଚୟନ କରିବା କ୍ଷେତ୍ରରେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି ବରୀ ବ୍ଲକ୍ କାର୍ଯ୍ୟାଳୟରେ। ବ୍ଲକ୍ ଅଧୀନ ୨୯ ପଞ୍ଚାୟତରେ ମୋଟ୍ ୨୮୧୦ ହିତାଧିକାରୀ ତାଲିକାଭୁକ୍ତ ହୋଇ ତଦନ୍ତ ପରିସରଭୁକ୍ତ ହୋଇଥିଲେ। ପରବର୍ତ୍ତୀ ଅବସ୍ଥାରେ ଉକ୍ତ ବ୍ଲକ୍‌ରୁ ମୋଟ୍ ୯୭୪ ଜଣଙ୍କ ବିରୋଧରେ ଅଭିଯୋଗ ଆସିଥିଲା। ସେମାନେ ଅଯୋଗ୍ୟ ହିତାଧିକାରୀ ବୋଲି ଅନଲାଇନ୍ ଓ ଅଫ୍‌ଲାଇନ୍ ମାଧ୍ୟମରେ ଅଭିଯୋଗ କରାଯାଇଥିଲା। ତେଣୁ ମୋଟ୍ ୨୮୧୦ ମଧ୍ୟରୁ କେତେ ହିତାଧିକାରୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପାଇବାକୁ ଯୋଗ୍ୟ ବିବେଚିତ ହେଲେ ସେମାନଙ୍କ ନାମ ତାଲିକା ୩୦ ତାରିଖରେ ପ୍ରତି ପଞ୍ଚାୟତ କାର୍ଯ୍ୟାଳୟରେ ପ୍ରକାଶିତ ହେବା କଥା। କିନ୍ତୁ ଏ ପର୍ଯ୍ୟନ୍ତ ବ୍ଲକ୍ ଅଧୀନ କୌଣସି ପଞ୍ଚାୟତରେ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇନାହିଁ। ଫଳରେ ଏହାକୁ ନେଇ ହିତାଧିକାରୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି।

ହିତାଧିକାରୀ ଚୟନ ଦାୟିତ୍ୱରେ ଥିବା କର୍ମଚାରୀ ମନମୁଖି ଭାବେ ପଞ୍ଚାୟତସ୍ତରୀୟ ନେତାଙ୍କ ହାତବାରିସି ସାଜି ତାଲିକା ପ୍ରକାଶ କରି ନ ଥିବା ଅଭିଯୋଗ ହୋଇଛି। ଯୋଜନାରେ କେତେ ହିତାଧିକାରୀ ଯୋଗ୍ୟ ବିବେଚିତ ହେଲେ ଓ ସେମାନଙ୍କ ମଧ୍ୟରୁ କେତେ ବାଦ୍ ପଡିଲେ ତାହାର ସ୍ପଷ୍ଟ ଚିତ୍ର ମିଳୁ ନ ଥିବାରୁ ଆଗାମୀ ଦିନରେ ବ୍ଲକ୍ ପ୍ରଶାସନ ଅଡୁଆରେ ପଡିବ ବୋଲି ସାଧାରଣରେ କୁହାଯାଉଛି। ଏବେ ଦେଖିବାକୁ ଅପେକ୍ଷା ବ୍ଲକ୍ ପ୍ରଶାସନ ଏ ଦିଗରେ କ'ଣ ପଦକ୍ଷେପ ନେଉଛି। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ବରୀ ମଣ୍ଡଳ ଉନ୍ନୟନ ଅଧିକାରୀ ଚିନ୍ମୟ ଦାସଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## 'ସମ୍ପୃକ୍ତି, ପ୍ରୋତ୍ସାହନ ହିଁ ସାହିତ୍ୟକୁ ବିଦଗ୍ଧ କରାଏ'

**ଗୋକର୍ଣ୍ଣିକା ସାହିତ୍ୟ ସମାଜ ପକ୍ଷରୁ ଅଭିମନ୍ୟୁ ସାମନ୍ତସିଂହାର ଜୟନ୍ତୀ**

ଧର୍ମଶାଳା,୩୧।୧(ଡି.ଏନ.ଏ.):

ଜାରକାସ୍ଥିତ ଧର୍ମଶାଳା ମହିଳା ଡିଗ୍ରୀ କଲେଜଠାରେ ଗୋକର୍ଣ୍ଣିକା ସାହିତ୍ୟ ସମାଜ ପକ୍ଷରୁ ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତସିଂହାରଙ୍କ ଜୟନ୍ତୀ ଉତ୍ସବ ଅନୁଷ୍ଠାନ ସଭାପତି ରମାକାନ୍ତ ଜେନାଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ମହିଳା ଡିଗ୍ରୀ କଲେଜର ଅଧ୍ୟକ୍ଷା ଡ. ଇନ୍ଦୁପ୍ରଭା ସାମଲ ଯୋଗଦେଇ ଅଭିମନ୍ୟୁଙ୍କ ସାହିତ୍ୟରେ ଲେଖକ ଓ ପାଠକ ଭିତରେ ବିସ୍ମୟକାରୀ ସମନ୍ୱୟ ରହିଛି ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଯାଜପୁର ଜିଲା ଲେଖକ ସମ୍ମେଳନ ସଭାପତି ଡା. ରୁଦ୍ରନାରାୟଣ ପୃଷ୍ଟି ଓ ସମ୍ମାନିତ ଅତିଥି ଭାବେ ମଧୁପୁର କଲେଜର ପ୍ରାଧ୍ୟାପକ ଡ. ତୁହିନାଂଶୁ ରଥ ଯୋଗଦେଇ ସମ୍ପୃକ୍ତି ଓ ପ୍ରୋତ୍ସାହନ ହିଁ ସାହିତ୍ୟକୁ ବିଦଗ୍ଧ କରାଏ। କବି ଅଭିମନ୍ୟୁ ଏହାର ସାର୍ଥକ ଦୃଷ୍ଟାନ୍ତ ବୋଲି ମତବ୍ୟକ୍ତ କରିଥିଲେ। ସାଧାରଣ ସମ୍ପାଦକ ମହେଶ୍ୱର ପାଢ଼ୀ ସୂଚନା ପ୍ରଦାନ କରିଥିବା ବେଳେ ପୂର୍ବତନ ସମ୍ପାଦକ ହୃଷୀକେଶ ସାମଲ ସ୍ୱାଗତ ଭାଷଣ ଦେଇଥିଲେ। ଅଧ୍ୟାପକ ସୁନାକର ଦାସ, ଡ. ରାଜକିଶୋର ଜେନା, ଅଧ୍ୟାପିକ ସସ୍ମିତା ରାଉତରାୟ, ଅଧ୍ୟାପକ ସଚିଦାନନ୍ଦ ପ୍ରଧାନ ବିଦଗ୍ଧକବିଙ୍କ କାଳଜୟୀ ସାହିତ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସଙ୍ଗଠନର ସମ୍ପାଦକ ପ୍ରତାପରୁଦ୍ର ପଣ୍ଡା ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଭାପତି ଡ. ହୁସେନରବି ଗାନ୍ଧୀଙ୍କ ବିୟୋଗରେ ଶୋକପ୍ରସ୍ତାବ ଆଗତ କରାଯାଇ ତାଙ୍କ ଆତ୍ମାର ସଦ୍‌ଗତି ପାଇଁ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ପ୍ରଫେସର ଡ. ବିଜୟ କୁମାର ଶତପଥୀ ସଭାରେ ଯୋଗଦେଇ ହୁସେନ ରବି ଗାନ୍ଧୀଙ୍କ ବିୟୋଗରେ ଓଡ଼ିଆ ସାହିତ୍ୟ ଜଗତରେ ଅପୂରଣୀୟ କ୍ଷତି ଘଟିଲା ବୋଲି କହିଥିଲେ।




ବିଦଗ୍ଧକବି ଅଭିମନ୍ୟୁ ସାମନ୍ତସିଂହାରଙ୍କ ଜୟନ୍ତୀ ଉତ୍ସବରେ ମଞ୍ଚାସୀନ ଅତିଥି।

**୫-ଟି ସ୍କୁଲର ଅନୁଧ୍ୟାନ କଲେ ଜିଲାପାଳ**

ନୟାଗଡ଼ ଅଫିସ,୩୧।୧:ନୟାଗଡ଼ ବ୍ଲକର ୫-ଟି ହାଇସ୍କୁଲରେ ସାମିଲ ହୋଇଥିବା ଜହ୍ନିପଦା, ଇଟିରି, ଶରଧାପୁର, କ୍ରୀଡାଶପୁର ସ୍କୁଲର କାର୍ଯ୍ୟକୁ ଅନୁଧ୍ୟାନ କରିଛନ୍ତି ଜିଲାପାଳ ରବୀନ୍ଦ୍ର ନାଥ ସାହୁ । ସେହିପରି ହରେକୃଷ୍ଣପୁରର ପାନୀୟଜଳ ଯୋଗାଣ ପ୍ରକଳ୍ପର ମଧ ସୁବିଧା ଅସୁବିଧା ପଚାରି ବୁଝିଛନ୍ତି । ଜିଲାପାଳଙ୍କ ସହ ନୟାଗଡ଼ ବିଡିଓ ପଦ୍ମ ଚରଣ ସାହୁ ଉପସ୍ଥିତ ଥିଲେ ।

## ସଂକ୍ଷେପରେ

### ୧୭ କି.ମି. ବାଇପାସ ନିର୍ମାଣ ହେବ

ନୟାଗଡ଼ ଅଫିସ,୩୧।୧:ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥରେ ନୟାଗଡ଼ ସହରରେ ବିପର୍ଯ୍ୟସ୍ତ ଟ୍ରାଫିକ ସେବାକୁ ଏଡାଇବା ପାଇଁ ୧୭ କିମି ବାଇପାସ ନିର୍ମାଣ ହେବ । ଏଥିପାଇଁ ୧୩୧ କୋଟି ମଞ୍ଜୁର ହୋଇଛି । ୯୦ ପ୍ରତିଶତ ଜମି ଅଧିଗ୍ରହଣ ଶେଷ ହୋଇଛି । ଫେବୃୟାରୀରେ ଏହାର କାମ ହେବ ବୋଲି ସୂଚନା ମିଳିଛି।

### ବର ଅଶ୍ୱସ୍ତ ଗଛ ବିବାହ

ନୟାଗଡ଼ ଅଫିସ,୩୧।୧:ନୟାଗଡ଼ ଜିଲା ରଣପୁର ବ୍ଲକ ବଜ୍ରକୋଟରେ ମଙ୍ଗଳବାର ବର ଅଶ୍ୱସ୍ତ ଗଛ ବିବାହ ହୋଇଛି । ପୁଅ ଝିଅଙ୍କ ବିବାହ ପରି ଏହି ଉତ୍ସବ ପାଳନ କରାଯାଇଥିଲା । ବଜ୍ରକୋଟର ତ୍ରିନାଥ ସାହୁ ଏହି ବିବାହ କରିଥିଲେ । ଏନେଇ ଭୋଜିଭାତର ଆସର ଲାଗି ରହିଥିଲା । ଭଜନକୀର୍ତ୍ତନ ମଧ ହୋଇଥିଲା । ୫୦୦ ଲୋକ ଭୋଜି ଖାଇଥିଲେ ।

### ରାସ୍ତାରେ ପାନୀୟ ଜଳର ସୁଅ

ନୟାଗଡ଼ ଅଫିସ,୩୧।୧:ନୟାଗଡ଼ ସହର ଦେବୋତ୍ତରକଲୋନୀର ୫ମ ଲେନରେ ପାନୀୟ ଜଳ ପାଇପ ଫାଟି ଯାଇଛି । ଏହାର ମରାମତି କରାଯାଉ ନ ଥିବାରୁ ୨ ଦିନ ହେଲା ରାସ୍ତା ଉପରେ ପାଣି ପ୍ରବାହିତ ହୋଇ ରାସ୍ତା କର୍ଦ୍ଦମାକ୍ତ ହୋଇ ପଡିଛି । ସାଧାରଣ ଲୋକ ପାନୀୟ ଜଳ ପିଇବାକୁ ପାଉ ନାହାନ୍ତି । ଜନସ୍ୱାସ୍ଥ୍ୟ ବିଭାଗ ଏହାର ମରାମତି କରି ଶୀଘ୍ର ପାନୀୟ ଜଳ ଯୋଗାଇବାର ବ୍ୟବସ୍ଥା କରୁ ବୋଲି ଦାବି ହେଉଛି ।

### ଆଜି ଭୁବନେଶ୍ୱର ଚାଲ ନିର୍ମାଣ ଶ୍ରମିକଙ୍କ ୪୮ ଘଣ୍ଟିଆ ଆନ୍ଦୋଳନ

ନୟାଗଡ଼ ଅଫିସ,୩୧।୧:ନିର୍ମାଣ ଶ୍ରମିକଙ୍କ ୪୮ ଘଣ୍ଟିଆ ଆନ୍ଦୋଳନକୁ ସଫଳ କରିବାକୁ ଫେବୃୟାରୀ ୧ ଅର୍ଥାତ୍ ବୁଧବାର ଭୁବନେଶ୍ୱର ଶ୍ରମ କମିଶନରଙ୍କ କାର୍ଯ୍ୟାଳୟକୁ ଚାଲ ବୋଲି ବିଭିନ୍ନ ଶ୍ରମ ସଙ୍ଗଠନ ପକ୍ଷରୁ ଘୋଷଣା କରାଯାଇଛି । ଫେବୃୟାରୀ ୧ ଓ ୨ ଭୁବନେଶ୍ୱରରେ ରହି ଆନ୍ଦୋଳନକୁ ସଫଳ କରିବାକୁ ନୟାଗଡ଼ ଜିଲାସ୍ତରରେ ନିଷ୍ପତ୍ତି ହୋଇଛି । ଶ୍ରମ କୋର୍ଡକୁ ବାତିଲ କର, ନବୀକରଣ, ପଞ୍ଜୀକରଣ ଓ ସମସ୍ତ ସହାୟତା ନିମନ୍ତେ ଓଟିପି ବ୍ୟବସ୍ଥା ଉଚ୍ଛେଦ କରିବାକୁ ଦାବି କରାଯାଇଛି । ଶ୍ରମ କାର୍ଯ୍ୟାଳୟରେ ସମସ୍ତ କାମ କରିବାକୁ ଆନ୍ଦୋଳନକାରୀମାନେ ଜୋର ଦେଇଛନ୍ତି । ସେହିପରି ଜିଲା ଶ୍ରମ କାର୍ଯ୍ୟାଳୟରେ ପଡି ରହିଥିବା ସମସ୍ତ ସହାୟତା ସାଇକେଲ ଯନ୍ତ୍ରପାତି ପୂର୍ବଭଳି ପ୍ରଦାନ କରାଯାଉ । ପଞ୍ଜିକରଣ ଓ ନବୀକରଣ ତୁରନ୍ତ କରାଯାଉ। ଘରୋଇ ଶ୍ରମିକ ଓ ସ୍କିମ ଶ୍ରମିକଙ୍କୁ ସର୍ବନିମ୍ନ ମଜୁରୀ ପ୍ରଦାନ କରାଯାଉ । ଅନ୍ୟପକ୍ଷେ ଘରୋଇ ଅନୁଷ୍ଠାନରେ ପଢୁଥିବା ଟେକ୍ନିକାଲ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ସହାୟତା ପ୍ରଦାନ କରାଯାଉ । ପୁଣି ସ୍କଲାରସିପ୍ ପୋଟାଲରୁ ନିର୍ମାଣ ଶ୍ରମିକ ଶିକ୍ଷା ସହାୟତାକୁ ବାଦ୍ ଦେବା ପାଇଁ ଦାବି କରାଯାଇଛି ।

# ଅଧ୍ୟକ୍ଷ, କାଉନ୍ସିଲରଙ୍କ କଥା ଶୁଣୁନାହାନ୍ତି ନିର୍ବାହୀ ଅଧିକାରୀ

ଫୁଲବାଣୀ ଅଫିସ, ୩୧।୧

ବିଗତ ବର୍ଷେ ହେବ ବାଲିଗୁଡା ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍ଏସି)ରେ ଉନ୍ନୟନମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ପୂର୍ବରୁ ଥିବା ଏନ୍ଏସି ନିର୍ବାହୀ ଅଧିକାରୀ ଟ୍ରେନିଂରେ ଯାଇଥିବା ବେଳେ ତାଙ୍କ ସ୍ଥାନରେ ବାଲିଗୁଡା ଉପଜିଲାପାଳ ମଧୁମିତା ଗତ ୩ ମାସ ହେବ ଅବସ୍ଥାପିତ ହୋଇଛନ୍ତି । ସେ ଏବେ ଉପଜିଲାପାଳ ସହ ନିର୍ବାହୀ ଅଧିକାରୀ ଦାୟିତ୍ୱରେ ଅଛନ୍ତି। ମାତ୍ର ସେ କୌଣସି କାମରେ ଏନ୍ଏସି ଅଧ୍ୟକ୍ଷ ଏବଂ କାଉନସିଲରମାନଙ୍କୁ ପଚାରୁ ନଥିବା ଅଭିଯୋଗ ହୋଇଛି। ଏପରିକି ସେମାନେ ଆସିଲେ ଅନୁମତି ନେବାକୁ କହୁଛନ୍ତି।

୨୦୨୨ ଅକ୍ଟୋବରରୁ ବାଲିଗୁଡା ଏନଏସି କାର୍ଯ ନିର୍ବାହୀ ଅଧିକାରୀ ଭାବେ ଉପ ଜିଲାପାଳ ମଧୁମିତା କାର୍ଯ୍ୟ କରୁଛନ୍ତି। ଏନ୍ଏସିରେ କୌଣସି ଉନ୍ନୟନମୂଳକ କାର୍ଯ୍ୟ ହେବାକୁ ହେଲେ କାଉନସିଲର ପରିଷଦ ମଧ୍ୟରେ ଆଲୋଚନା ହୁଏ । ବୈଠକ ବସି ନିଷ୍ପତ୍ତି ହେବାପରେ ପ୍ରକଳ୍ପ ମଞ୍ଜୁର କରାଯାଏ । ମାତ୍ର ଏନ୍ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଭାବେ ମଧୁମିତା ଦାୟିତ୍ୱ ନେବା ପରଠାରୁ କୌଣସି କାଉନସିଲରଙ୍କ ମତାମତ ନେଉ ନାହାନ୍ତି ବୋଲି ଅଭିଯୋଗ କରିଛନ୍ତି ଅଧ୍ୟକ୍ଷ ଗୋବିନ୍ଦ ପ୍ରଧାନ। ସେ କହିଛନ୍ତି ଆମକୁ ଲୋକେ ନିର୍ବାଚିତ କରିଛନ୍ତି । ସେମାନଙ୍କ ସମସ୍ୟା ଶୁଣିବା ଆମର ଦାୟିତ୍ୱ । ମାତ୍ର ଏନ୍ଏସି ନିର୍ବାହୀ ଅଧିକାରୀଙ୍କୁ ଭେଟିବାକୁ ଆମକୁ ପରିମିଶନ ନେବାକୁ ପଡୁଛି। ବର୍ତ୍ତମାନ କେବଳ ଶିଶୁ ପାର୍କ କାର୍ଯ୍ୟକୁ ଛାଡିଲେ କୌଣସି ଉନ୍ନୟନ କାର୍ଯ୍ୟ ହେଉନାହିଁ କି ଆମକୁ ପଚରାଉଚରାଳ କରାଯାଉନାହିଁ। ଏଭଳି ସ୍ଥିତି ହେଲେ କାର୍ଯ୍ୟ କିପରି ଚାଲିବ ବୋଲି ପ୍ରଧାନ ପ୍ରଶ୍ନ କରିଛନ୍ତି। ସେହିପରି ବାରମ୍ବାର ୱାର୍ଡ ସମସ୍ୟାର ସମାଧାନ ପାଇଁ ଆମେ ଚେଷ୍ଟା କରୁଥିଲେ ମଧ ନିର୍ବାହୀ ଅଧିକାରୀ ସହଯୋଗ କରୁନାହାନ୍ତି ବୋଲି ୧୦ ନଂ କାଉନସିଲର ରୀନା କୁମାରୀ ପଣ୍ଡା କହିଛନ୍ତି । ଏଥିସହ ଜିଲାପାଳ ଏସବୁ ଘଟଣାକୁ ଅନୁଧ୍ୟାନ କରିବା ଲାଗି ଉପାଧ୍ୟକ୍ଷା ଶାନ୍ତି କୁମାରୀ ନାୟକ, କାଉନସିଲର ଶଶି କୁମାର ଦିଗାଲ, ଗୀତା ମଳିକ, ମିନତୀ ନାୟକ, ହରପ୍ରିୟା ତ୍ରିପାଠୀ, ରାଜେଶ ମଳିକ, ନାରାୟଣ ଡାକୁଆ, ପଦ୍ମାଳୟା ନାୟକ ପ୍ରମୁଖ ପ୍ରକାଶ କରିଛନ୍ତି । ଏ ସମ୍ପର୍କରେ ଉପ ଜିଲାପାଳ ତଥା ଏନ୍ଏସି ନିର୍ବାହୀ ଅଧିକାରୀ ମଧୁମିତାଙ୍କୁ ଯୋଗାଯୋଗ କରିବାରୁ ଅଫିସ ଆସି ଖବର ନିଅନ୍ତୁ, ଫୋନରେ ନୁହେଁ । ଯେଉଁମାନେ ଅଭିଯୋଗ କରୁଛନ୍ତି ସେମାନଙ୍କୁ ପଚାରନ୍ତୁ ବୋଲି କହିଛନ୍ତି ।

# ସୁରକ୍ଷା ପ୍ରାଚୀର ନାହିଁ, ଖୋଲା ପଡ଼ିଛି ବିଦ୍ୟୁତ୍ ସବ୍‌ଷ୍ଟେଶନ



ଟ୍ରାନ୍ସଫର୍ମର ପାର୍ଶ୍ୱରେ ବୁଲୁଥିବା ଗୋରୁ ।

ଖଣ୍ଡପଡ଼ା,୩୧।୧(ସ୍ୱ.ପ୍ର.)

ଖଣ୍ଡପଡ଼ା ବିଦ୍ୟୁତ୍ ଉପଖଣ୍ଡ ଅଧୀନରେ ଥିବା ଅନେକ ଟ୍ରାନ୍ସଫର୍ମର ଓ ସବ୍‌ଷ୍ଟେଶନ ବିପଦସଙ୍କୁଳ ଅବସ୍ଥାରେ ରହିଛି । ବିଦ୍ୟୁତ୍ ବିଭାଗର ଖାମଖିଆଲ ମନୋଭାବ ଯୋଗୁ ସେଗୁଡିକ ବିଭିନ୍ନ ସମୟରେ ବିପଦକୁ ଆମନ୍ତ୍ରଣ କରିଥିବା ଅଭିଯୋଗ ହେଉଛି । ଖଣ୍ଡପଡା ସହରରେ (ମେଡିକାଲ ଛକ-ଜେଲରୋଡ ପୋଖରୀ ନିକଟରେ) ଥିବା ସେପରି ଏକ ଟ୍ରାନ୍ସଫର୍ମର ନିକଟରେ ମଙ୍ଗଳବାର ଏକ ଗାଈ ଚରୁଥିଲା । ସେହି ଗାଈଟି ହଠାତ୍ ଖୋଲାରେ ରହିଥିବା ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଯାଇଥିଲା। ଏହାଦେଖି ଖଣ୍ଡପଡ଼ା ଅଞ୍ଚଳର ଜୟରାମ ଦାସ ନାମକ ଜଣେ ଯୁବକ ତତ୍କାଳ ଗାଈଟିକୁ ଘଉଡାଇ ଦେଇଥିଲେ। ଏହି ଘଟଣା ପରେ ସେଠାରେ ଜନ ଅସନ୍ତୋଷ ପ୍ରକାଶ ପାଇଥିଲା ।

ନିୟମାନୁସାରେ ଖୋଲାରେ ଥିବା ସବ୍‌ଷ୍ଟେଶନ ଓ ଟ୍ରାନ୍ସଫର୍ମର ଚତୁଃପାର୍ଶ୍ୱରେ ସୁରକ୍ଷା ପ୍ରାଚୀର କିମ୍ବା ତାରବାଡ ନିର୍ମାଣ କରାଯିବା କଥା । ସେହିପରି ବିଦ୍ୟୁତ୍ ସରବରାହ ହେଉଥିବା ୩ ଫେଜ ତାର ଭୂମିପତନଠାରୁ ମାତ୍ର ୩/୪ଫୁଟ ଉଚ୍ଚରେ ଖୋଲାରେ ରହିଥିବାରୁ ସର୍ବଦା ବିପଦ ଲାଗି ରହିଛି। ସାମାନ୍ୟ ଅସାବଧାନ ହେଲେ ଟ୍ରାନ୍ସଫର୍ମରେ ସଂଯୋଗ ହୋଇଥିବା ୩ ଫେଜ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଯେ କେହି ମୃତ୍ୟୁ ମୁଖରେ ପଡିବାର ଆଶଙ୍କା ରହିଛି । ସେଥିପାଇଁ ଟ୍ରାନ୍ସଫର୍ମର ଚତୁଃପାର୍ଶ୍ୱରେ ସୁରକ୍ଷା ପ୍ରାଚୀର ଦେବାକୁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଦାବି ହୋଇଆସୁଥିଲେ ମଧ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ । ବିଭାଗୀୟ କର୍ତ୍ତୃପକ୍ଷ ଏଦିଗରେ ବିହିତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି । ଏସମ୍ପର୍କରେ ଖଣ୍ଡପଡ଼ା ଉପଖଣ୍ଡ ସହକାରୀ ଯନ୍ତ୍ରୀ ଅନିଲ କୁମାର ସାହୁଙ୍କ ସହ ଯୋଗାଯୋଗ କରିବାରେ ଯେଉଁ ଟ୍ରାନ୍ସଫର୍ମର ଅଧିକ ବିପଦ ସୃଷ୍ଟି କରିବାର ଆଶଙ୍କା ରହିଛି ସେଠାରେ ତାରବାଡ଼ କିମ୍ବା ସୁରକ୍ଷା ପ୍ରାଚୀର ପର୍ଯ୍ୟାୟ କ୍ରମେ ନିର୍ମାଣ କରାଯିବ । ଏଥିପାଇଁ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇଛି ବୋଲି କହିଛନ୍ତି ।

# ମା' ଠାକୁରାଣୀ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ



ପୁରସ୍କୃତ ଖେଳାଳିଙ୍କ ଗହଣରେ ଅତିଥିମାନେ ।

ବୁଗୁଡ଼ା,୩୧।୧(ଡି.ଏନ.ଏ.)

ବୁଗୁଡା ବ୍ଲକ ଅନ୍ତର୍ଗତ କରସିଙ୍ଗି ମା' ଠାକୁରାଣୀ ଯୁବକ ସଂଘ ଆନୁକୂଲ୍ୟରେ ଚାଲିଥିବା ମା' ଠାକୁରାଣୀ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚରେ ରୋହିବାଙ୍କ ଦଳ ଚାମ୍ପିୟନ ହୋଇଥିବା ବେଳେ କରଚୁଲି ରନର୍ସ ଅପ୍ ହୋଇଛି। ରୋହିବାଙ୍କ ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୧୫ ଓଭରରେ ୮ ୱିକେଟ ହରାଇ ୨୨୩ ରନ କରିଥିବା ବେଳେ କରଚୁଲି ୧୩ ଓଭରରେ ସମସ୍ତ ୱିକେଟ ହରାଇ ୧୩୪ ରନ କରିଥିଲା। ରୋହିବାଙ୍କର ଡି. ସୁଦାମ ପାତ୍ର 'ମ୍ୟାନ ଅଫ ଦି ସିରିଜ' ଓ ବିଶ୍ୱଜିତ ପ୍ରଧାନ 'ମ୍ୟାନ ଅଫ ଦି ମାଚ' ଘୋଷିତ ହୋଇଥିଲେ। ଉଦଯାପନୀ ଉତ୍ସବରେ କରସିଙ୍ଗି ସରପଞ୍ଚ ଜ୍ୟୋତ୍ସ୍ନାରାଣୀ ବିଶ୍ୱାଳ ଓ ସମିତି ସଭ୍ୟ ଚିକୁ ବାରିକ ଯୋଗଦେଇ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ। ସୌରଭ, ସମୀର ଓ ଶ୍ରୀତମ ଅମ୍ପେୟାର ଦାୟିତ୍ୱ ନେଇଥିବା ବେଳେ ମା' ଠାକୁରାଣୀ ଯୁବକ ସଂଘର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

### କଣ୍ଟେନର ଦୁର୍ଘଟଣାଗ୍ରସ୍ତ

ଦଶପଲ୍ଲା,୩୧।୧(ଡି.ଏନ.ଏ.)

ଦଶପଲ୍ଲାଠାରୁ ଭଞ୍ଜନଗର ରାସ୍ତାର ସାକେଣୀ ଗ୍ରାମ ନିକଟରେ ଏକ ଆଲୁମିନିୟମ ପାଉଡ଼ର ବୋଝେଇ କଣ୍ଟେନର ଭାରସାମ୍ୟ ହରାଇ ରାସ୍ତାକଡ଼ରେ ଦୁର୍ଘଟଣା ହୋଇଥିଲା । ଏହାପରେ ଆଲୁମିନିୟମ ପାଉଡ଼ରକୁ ଅନ୍ୟ ଏକ କଣ୍ଟେନରକୁ ସ୍ଥାନାନ୍ତରିତ କରାଯାଇଥିଲା । ସ୍ଥାନାନ୍ତର ବେଳେ ପାଉଡ଼ର ବହୁମାତ୍ରାରେ ଉଡୁଥିଲା । ହେଲେ କାହା ମୁହଁରେ ମାସ୍କ ନ ଥିବା ଦେଖିବାକୁ ମିଳିଥିଲା ।

### ଚାଷଜମିର ବେଞ୍ଚମାର୍କ ବୃଦ୍ଧିକୁ ବିରୋଧ

ନୟାଗଡ଼ ଅଫିସ,୩୧।୧:

ନୟାଗଡ଼ ତହସିଲର ଜାମୁସାହି ଓ କଇଥଗାଡିଆ ଅଞ୍ଚଳରେ ଚାଷ ଜମି ବିକ୍ରି ଖରିଦରେ ସମାନ କିସମର ଚାଷ ଜମିର ସରକାରୀ ବେଞ୍ଚ ମାର୍କ ୧୦ ଗୁଣ ବଢ଼ିବା ପରେ ବିରୋଧ ଦେଖା ଦେଇଛି । ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ନେତୃତ୍ୱରେ ସ୍ଥାନୀୟ ଚାଷୀମାନେ ଏହାକୁ ବିରୋଧ କରିଛନ୍ତି । ଅଭିଯୋଗ ଅନୁସାରେ ଯେଉଁ ଚାଷ ଜମିର ମୂଲ୍ୟ ଡିସିମିଲି ପ୍ରତି ୨୦ ହଜାର ଟଙ୍କା ଥିଲା ଏବେ ବେଞ୍ଚ ମାର୍କ ବୃଦ୍ଧି ପରେ ଡିସିମିଲି ପ୍ରତି ୨ ଲକ୍ଷ ହୋଇଛି । ବେଞ୍ଚ ମାର୍କ ବୃଦ୍ଧି ପରେ ଷ୍ଟାମ୍ପ ପେପର ଓ ରେଜେଷ୍ଟ୍ରେଶନ ଫି ଅଧିକ ଦେବାକୁ ପଡୁଛି । ଏଣୁ କ୍ରେତା ବିକ୍ରେତା ଅଧିକ ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି । ସର୍ବସାଧାରଣ ନୋଟିସରେ ବେଞ୍ଚମାର୍କ ବୃଦ୍ଧି ଚାଷୀ ବିରୋଧି ବୋଲି କୁହଯାଇଛି । ଏଭଳି ନୀତି ଲାଗୁ ପରେ ଚାଷୀଙ୍କ ଜମି ଆଉ ଚାଷୀ ନୁହେଁ ଧନିକ ବ୍ୟକ୍ତି, ଶିଳ୍ପପତି, ବିଲଡର କିଣିବେ । ଏନେଇ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ନୟାଗଡ଼ ଜିଲା ସଭାପତି ସତ୍ୟବ୍ରତ ନାୟକ କୁହନ୍ତି, ବେଞ୍ଚ ମାର୍କ ବୃଦ୍ଧି ପ୍ରତ୍ୟାହାର ନ କଲେ ଆନ୍ଦୋଳନ ତୀବ୍ରତର ହେବ । ବେଞ୍ଚ ମାର୍କ ବୃଦ୍ଧି କାହିଁକି କରାଗଲା ସୂଚନା ଅଧିକାରରେ ତଥ୍ୟ ମାଗିଲେ ସୂଚନା ମିଳୁନି । ନୟାଗଡ଼ ତହସିଲଦାରଙ୍କ ଚାଷୀ ବିରୋଧି ନୀତିକୁ ଜିଲା ପ୍ରଶାସନ ସହଯୋଗ କଲେ ଆନ୍ଦୋଳନ ହେବ ବୋଲି କହିଛନ୍ତି ।

# କୁସୁମୀ ଶିଶୁ ଯୁବ ମହୋତ୍ସବ, ପଲ୍ଲୀଶ୍ରୀ ମେଳା ଉଦ୍‌ଯାପିତ



କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି ।

ଶରଣକୁଳ,୩୧।୧(ଡି.ଏନ.ଏ.)

ସ୍ଥାନୀୟ ଶରଣକୁଳ ନାରାୟଣ ଉଚ୍ଚ ବିଦ୍ୟାଳୟ ପଡିଆରେ ଶରଣକୁଳ ଲଡୁକେଶ ସଂସ୍କୃତି ସଂସଦ ପକ୍ଷରୁ ଆୟୋଜିତ କୁସୁମୀ ଶିଶୁ ଯୁବ ମହୋତ୍ସବ ଓ ପଲ୍ଲୀଶ୍ରୀ ମେଳା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି । ଦୁଇଦିନ ଧରି ଚାଲିଥିବା ଏହି ମହୋତ୍ସବର ଶେଷ ସନ୍ଧ୍ୟାରେ ସ୍ଥାନୀୟ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଦର୍ଶିତ ବିଭିନ୍ନ କଳା, ନୃତ୍ୟ, ସଂଗୀତ ଦର୍ଶକମାନଙ୍କୁ ବିଭୋର କରିଥିଲା । ଶରଣକୁଳ ସରପଞ୍ଚ ମିନାକ୍ଷୀ ପ୍ରସାଦ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥି ରୂପେ ନିରୁପମା ଖଟେଇ, ଅଧ୍ୟକ୍ଷା ପୌର ପରିଷଦ ନୟାଗଡ, ମୁଖ୍ୟବକ୍ତା ଭାବେ ସାମାଜିକ କର୍ମୀ ସ୍ମିତା ସିଂ, ସମ୍ମାନୀତ ଅତିଥି ରୂପେ ସାମାଜିକ କର୍ମୀ ତାପସ ରଞ୍ଜନ ପାଢୀ, ପୂର୍ବତନ ପ୍ରଧାନଶିକ୍ଷକ ନାରାୟଣ ପରିଡା ପ୍ରମୁଖ ଯୋଗଦେଇ ମହୋତ୍ସବ ହେବା ଦ୍ୱାରା ଶିଶୁମାନଙ୍କ ପ୍ରତିଭା ଅନ୍ୱେଷଣ ତଥା ବିକାଶ ହେବା ସହ ଭାଇଚାରର ଏକ ସୁଦୃଢ ଓ ସୁସମ୍ପର୍କ ସୃଷ୍ଟି ହୋଇପାରିଛି ବୋଲି କହିଥିଲେ। ଓଡିଶୀ ନୃତ୍ୟ ଗୁରୁ ଶାଶ୍ୱତ ଯୋଶୀ ଓ ତାଙ୍କର ସାଥୀ କଳାକାରମାନଙ୍କ ଦ୍ୱାରା ଓଡିଶୀ ନୃତ୍ୟ ପରିବେଷଣ କରାଯାଇଥିଲା । ସୋମବାର ସନ୍ଧ୍ୟାରେ ଏହି ମହୋତ୍ସବକୁ ଜିଲା ପରିଷଦ ସଭ୍ୟା ଚିନ୍ମୟୀ ଦାଶ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଗୋଡିସାହି ସରପଞ୍ଚ ଦୀପ୍ତିରଞ୍ଜନ ପରିଡା, ପଞ୍ଚରଡା ମାନପୁର ସରପଞ୍ଚ ସୌଭାଗିନୀ ସାହୁ, ସାମାଜିକ କର୍ମୀ ସୁଶାନ୍ତ କୁମାର ଜେନା, ବୈକୁଣ୍ଠ ନାଥ ପ୍ରମୁଖ ସମ୍ମାନୀତ ଅତିଥି ରୂପେ ଯୋଗଦାନ କରିଥିଲେ । ଅଭିନେତ୍ରୀ ପୁନମ୍ ମିଶ୍ରଙ୍କ ଅଭିନୟ ଓ ସଂଳାପ ଦର୍ଶକମାନଙ୍କ ମନଙ୍କୁ ମୋହିତ କରିଥିଲା । ସାଂସ୍କୃତିକ କାର୍ଯ୍ୟକ୍ରମର ବିଚାରକ ଭାବେ ନିର୍ମଳ ଚନ୍ଦ୍ର ଶୁରଦେଓ, ଭାବଗ୍ରାହୀ ମହାପାତ୍ର, ପଞ୍ଚାନନ ପଣ୍ଡା, ପ୍ରଦୀପ କୁମାର ସାହୁ, ଦୁର୍ଗାକାନ୍ତ ଆଚାର୍ଯ୍ୟ, ରଞ୍ଜନ ଦାଶ ଯୋଗ ଦେଇଥିଲେ । ବିଚାରକମାନଙ୍କ ଦ୍ୱାରା ଚୟନ ହୋଇଥିବା ଛାତ୍ରୀଛାତ୍ରମାନେ ଅତିଥିମାନଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ । ଶେଷରେ ଲଡୁକେଶ ସଂସ୍କୃତି ସଂସଦର ଉପସଭାପତି କୃଷ୍ଣଚନ୍ଦ୍ର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଜଗନ୍ନାଥ ପ୍ରସାଦ ସମବାୟ ସମିତି କାର୍ଯ୍ୟାଳୟ ବିପଦସଙ୍କୁଳ

ଖଣ୍ଡପଡ଼ା,୩୧।୧(ସ୍ୱ.ପ୍ର.)



ବିପଦଶଙ୍କୁଳ ସେବା ସମବାୟ ସମିତି କାର୍ଯ୍ୟାଳୟ ।

୧୯୫୨ରେ ପ୍ରତିଷ୍ଠା ହୋଇଥିବା ଖଣ୍ଡପଡ଼ା ବ୍ଲକ୍ ଅଧୀନ ଜଗନ୍ନାଥପ୍ରସାଦ ସେବା ସମବାୟ ସମିତି କାର୍ଯ୍ୟାଳୟ ଆବଶ୍ୟକ ରକ୍ଷଣାବେକ୍ଷଣ ଅଭାବରୁ ବିପଦଶଙ୍କୁଳ ହୋଇପଡିଛି । ଏହି ଗୃହର କାନ୍ଥ ଫାଟିବା ସହ ଛାତ ନଷ୍ଟ ହୋଇପଡିଛି। ଛାତ ତଳୁ ସିମେଣ୍ଟ ପ୍ଲାଷ୍ଟର ଖସି ରଡ଼ ଦେଖାଯାଉଛି। ସମ୍ପାଦକଙ୍କଠାରୁ ଆରମ୍ଭ କରି କର୍ମଚାରୀମାନେ ସେହି ଘରେ ବସି କାର୍ଯ୍ୟ ସମ୍ପାଦନ କରିବାକୁ ସୁରକ୍ଷିତ ମଣୁନାହାନ୍ତି । ଅଫିସ ଗୃହର କାନ୍ଥ ଓଦା ରହୁଥିବା ବେଳେ ତଳ ଚଟାଣରୁ ସିମେଣ୍ଟ କଂକ୍ରିଟ ଉଠି ଖାଲ ସୃଷ୍ଟି ହୋଇଛି । ପ୍ରତିବର୍ଷ ଏହି ସମବାୟ ସମିତିରେ ଧାନମଣ୍ଡି ଖୋଲୁ ଥିବା ବେଳେ ଧାନ ବିକ୍ରୀ ନିମନ୍ତେ ସେଠାକୁ ଆସୁଥିବା ଚାଷୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଉକ୍ତ ସମବାୟ ସମିତି କାର୍ଯ୍ୟାଳୟର ନବୀକରଣ ନିମନ୍ତେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

### ନୂଆ ପରେ ପୁରୁଣା ଗାନ୍ଧୀ ମୂର୍ତ୍ତି ଆଲୋଡା ଆଶଙ୍କା

ନୟାଗଡ଼ ଅଫିସ,୩୧।୧:

ନୟାଗଡ଼ ତ୍ରିନାଥ ଛକରେ ପୂର୍ବରୁ ମହାତ୍ମା ଗାନ୍ଧୀଙ୍କ ଏକ ପ୍ରତିମୂର୍ତ୍ତି ରହିଛି । ତେବେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିଠାରୁ ୨୦ ମିଟର ଦୂରରେ ସେଲ୍‌ଫି ପଏଣ୍ଟ କରାଯାଇ ଆଇ ଲଭ ନୟାଗଡ଼ ଆମ ପାଇଁ ବଡ଼ ଆମ ନୟାଗଡ଼ ଲେଖା ରହିଛି । ଏହି ସେଲ୍‌ଫି ପଏଣ୍ଟରେ ଗାନ୍ଧୀ ବାଡ଼ି ଧରି ଠିଆ ହୋଇ ରହିଛନ୍ତି । ତେବେ ସେଲ୍‌ଫି ପଏଣ୍ଟ ଉଦ୍‌ଘାଟନ ହୋଇ ନ ଥିବାରୁ ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସହ ଆଇ ଲଭ ନୟାଗଡ଼ ଆମ ପାଇଁ ବଡ ଆମ ନୟାଗଡ଼ ଲେଖା ଘୋଡ଼ାଇ ରଖାଯାଇଛି । ତେବେ ପ୍ରଶ୍ନ ଉଠୁଛି ସେଲ୍‌ଫି ପଏଣ୍ଟ ଉଦ୍‌ଘାଟନ ପରେ ପୁରୁଣା ଗାନ୍ଧୀ ମୂର୍ତ୍ତି ହଟାଇ ଦିଆଯାଇପାରେ। ସେଲ୍‌ଫି ପଏଣ୍ଟର ଉଦ୍‌ଘାଟନ ପର୍ବ ଗଡି ଚାଲିଛି। ନୂତନ ମୂର୍ତ୍ତି ଉଦ୍‌ଘାଟନ ପରେ ପୁରୁଣା ଗାନ୍ଧୀ ମୂର୍ତ୍ତି ଅଲୋଡା ହେବାର ଆଶଙ୍କା ପ୍ରକାଶ ପାଇଛି ।

# ୪ଦିନ ହେଲା ମଧ୍ୟାହ୍ନଭୋଜନ ବନ୍ଦ

ନୟାଗଡ଼ ଅଫିସ,୩୧।୧



ମଧ୍ୟାହ୍ନ ଭୋଜନ ବଦଳରେ ବିସ୍କୁଟ୍ ଖାଉଥିବା ଛାତ୍ରୀ ଛାତ୍ର।

- ଚାଉଳ ନ ଥିବାରୁ ହେଉନି ରୋଷେଇ
- ଖବରଦାତା ପହଞ୍ଚିବା ପରେ ଦିଆଗଲା ବିସ୍କୁଟ

ନୟାଗଡ଼ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଅଧୀନରେ ଥିବା ଭାଟସାହି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୪ ଦିନ ହେଲା ମଧ୍ୟାହ୍ନଭୋଜନ ଦିଆଯାଉନି । ଚାଉଳ ନ ଥିବାରୁ ରୋଷେଇ ହେଉ ନ ଥିବା ଜଣାପଡିଛି। ଅଭିଯୋଗ ପାଇ ଖବରଦାତାମାନେ ସମ୍ପୃକ୍ତ ସ୍କୁଲରେ ମଙ୍ଗଳବାର ପହଞ୍ଚିବା ପରେ ମଧ୍ୟାହ୍ନଭୋଜନ ବଦଳରେ ୫ ଟଙ୍କିଆ ବିସ୍କୁଟ ଦେଇ କାମ ଚଳାଇ ଦିଆଯାଇଛି । ଉକ୍ତ ସ୍କୁଲରେ ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ପାଠ ପଢୁଛନ୍ତି । ସରକାରଙ୍କ ନିୟମ କହୁଛି ମଧ୍ୟାହ୍ନଭୋଜନ ବନ୍ଦ ହେବ ନାହିଁ । ମଧ୍ୟାହ୍ନଭୋଜନ ବନ୍ଦ କରାଗଲେ କାର୍ଯ୍ୟାନୁଷ୍ଠାନ ହେବ । ତେବେ ଭାଟସାହି ସ୍କୁଲରେ ୪ଦିନ ହେଲା ମଧ୍ୟାହ୍ନଭୋଜନ ବନ୍ଦ ରହିଥିବାବେଳେ ବ୍ଲକ ଶିକ୍ଷା ଅଧିକାରୀ ଓ ଜିଲା ଶିକ୍ଷା ଅଧିକାରୀ ଜାଣି ପାରିଲେ ନାହିଁ କିପରି । ଯଦି ଜାଣିଥିଲେ କ'ଣ ପଦକ୍ଷେପ ନେଇଛନ୍ତି। ଯେଉଁ ସଂସ୍ଥା ସ୍କୁଲକୁ ମଧ୍ୟାହ୍ନଭୋଜନରେ ଚାଉଳ ଯୋଗାଉଛି ସେ କାହିଁକି ଦେଇନି । ପୁଣି ସ୍କୁଲରେ ମଧ୍ୟାହ୍ନଭୋଜନ ବନ୍ଦ ହେବା ପରେ ପ୍ରଧାନଶିକ୍ଷକ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଜଣାଇଛନ୍ତି କି ନାଁ । ମଧ୍ୟାହ୍ନଭୋଜନ ବନ୍ଦହେଲେ କେବଳ ଗୋଟିଏ ଦିନ କାହିଁକି ବିସ୍କୁଟ ବଣ୍ଟନ ହେଲା। ଏଇଭଳି କିଛି ପ୍ରଶ୍ନ ଉଙ୍କି ମାରୁଥିବାବେଳେ ପ୍ରଧାନଶିକ୍ଷକଙ୍କ କଥା ବ୍ଲକ ଶିକ୍ଷା ଅଧିକାରୀଙ୍କୁ ସନ୍ଦେହଘେରକୁ ଆଣିଛି । ଏନେଇ ପ୍ରଧାନଶିକ୍ଷୟିତ୍ରୀ ସରୋଜିନୀ ଜେନା କୁହନ୍ତି, ଚାଉଳ ନ ଥିବା ନେଇ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଅବଗତ କରାଇଥିଲୁ । ହେଲେ ସେ କାମ ଚଳାଇ ନେବାକୁ ପରାମର୍ଶ ଦେଇଛନ୍ତି । ଏଭଳିସ୍ଥଳେ ବିଦ୍ୟାଳୟ ପକ୍ଷରୁ କିପରି ମଧ୍ୟାହ୍ନଭୋଜନ ଛାତ୍ରୀଛାତ୍ରଙ୍କୁ ଦିଆଯିବ ବୋଲି କହିଛନ୍ତି । ବ୍ଲକ ଶିକ୍ଷା ଅଧିକାରୀ ଗୀତାଞ୍ଜଳୀ ସାହୁ କୁହନ୍ତି, ଚାଉଳ ଯୋଗାଉଥିବା ଅନୁଷ୍ଠାନ ଚାଉଳ ନ ଦେବାରୁ ଏପରି ଅସୁବିଧା ହୋଇଛି। ଏହାର ସମାଧାନ କରାଯିବା ପାଇଁ ପ୍ରଚେଷ୍ଟା ଚାଲିଛି । ଜିଲା ଶିକ୍ଷା ଅଧିକାରୀ ଅକ୍ରୁର ବାରିକ କୁହନ୍ତି, ମଧ୍ୟାହ୍ନଭୋଜନ ନ ଦେଲେ ବିସ୍କୁଟ ଦିଆଯାଇ ପାରିବନି । ବୁଧବାରଠାରୁ ମଧ୍ୟାହ୍ନଭୋଜନ ଦିଆଯିବ। ଚାଉଳ କାହିଁକି ଦିଆଯାଉନି ସେନେଇ ତଦନ୍ତ କରାଯିବବୋଲି କହିଛନ୍ତି । ଜିଲାପାଳ ରବୀନ୍ଦ୍ର ନାଥ ସାହୁ କୁହିଛନ୍ତି, ବୁଧବାରଠାରୁ ଛାତ୍ରୀଛାତ୍ର ମଧ୍ୟାହ୍ନଭୋଜନ ଖାଇବେ । ଜିଲା ଶିକ୍ଷା ଅଧିକାରୀଙ୍କୁ ଏନେଇ କୁହାଯାଇଛି ବୋଲି କହିଛନ୍ତି।

**୨ ବ୍ଲକରେ ଜଣେ ବିଇଓ :** ନୟାଗଡ଼ ଓ ଓଡଗାଁ ବ୍ଲକ ପାଇଁ ଜଣେ ବ୍ଲକ ଶିକ୍ଷା ଅଧିକାରୀ(ବିଇଓ) ନିଯୁକ୍ତି ହୋଇଛନ୍ତି । ଓଡ଼ଗାଁ ବ୍ଲକ ଶିକ୍ଷା ଅଧିକାରୀ ଗୀତାଞ୍ଜଳୀ ସାହୁ ନୟାଗଡ଼ ବ୍ଲକ ଶିକ୍ଷା ଅଧିକାରୀଙ୍କ ଅତିରିକ୍ତ ଦାୟିତ୍ୱରେ ଅଛନ୍ତି । ଜଣେ ବିଇଓ ଦୁଇଟି ବ୍ଲକ ଦାୟିତ୍ୱରେ ଥିବାରୁ ସାଧାରଣରେ ଅସୁବିଧା ହେଉଛି । ଜିଲା ସଦର ମହକୁମା ବ୍ଲକରେ ବ୍ଲକ ଶିକ୍ଷା ଅଧିକାରୀ ପଦବୀ ଖାଲି ପଡିଥିଲେ ହେଁ ଏହାକୁ ପୂରଣ କରାଯାଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି।

# ଏଏନ୍‌ଏମ୍ କର୍ମୀ,ଆଶାସାଥୀଙ୍କୁ ନେଇ ପ୍ରଶିକ୍ଷଣ

ଦଶପଲ୍ଲା,୩୧।୧(ଡି.ଏନ.ଏ.)

ସେଣ୍ଟର ଫର କାଟାଲାଇଜିଙ୍ଗ ଚେଞ୍ଜ (ସି୩) ଆନୁକୂଲ୍ୟରେ ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକସ୍ଥିତ ମଧ୍ୟଖଣ୍ଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ମଙ୍ଗଳବାର ଏଏନ୍‌ଏମ୍ କର୍ମୀ ଓ ଆଶା ସାଥୀଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ମୁଖ୍ୟଅତିଥି ଭାବେ ମଧ୍ୟଖଣ୍ଡ ପିଏଚ୍‌ଇଓ ପୂର୍ଣ୍ଣ ଚନ୍ଦ୍ର କବି, ସମ୍ମାନିତ ଅତିଥି ଭାବେ ଏଲଏଚ୍‌ଭି ନିଳେନ୍ଦ୍ରି ନାୟକ ଯୋଗ ଦେଇଥିଲେ । ବୈଠକରେ ଦଶପଲ୍ଲା ଅଞ୍ଚଳରେ ବାଲ୍ୟ ବିବାହ ହେବାର କାରଣ ଓ ନିରାକରଣ, କୁପରିଣାମ, ଆଇନ ଦ୍ୱାରା ପ୍ରଣୀତ ଦଣ୍ଡବିଧାନ ସହିତ ପ୍ରତ୍ୟେକ ଗ୍ରାମରେ ନିଜ ନିଜର ଦାୟିତ୍ୱ ଓ ସି-୩ କର୍ମଚାରୀଙ୍କୁ ସମ୍ପୂର୍ଣ୍ଣ ଭାବେ ସହଯୋଗ କରି ଯଥାଶୀଘ୍ର ନିଜ ଅଞ୍ଚଳକୁ ବାଲ୍ୟବିବାହ ମୁକ୍ତ କରିବା ପାଇଁ ଆଲୋଚନା ରଖିଥିଲେ । ବୈଠକରେ ମଧ୍ୟଖଣ୍ଡ ସେକ୍ଟରର ୩୫ଜଣ ଆଶାସାଥୀ ଯୋଗଦେଇଥିବା ବେଳେ ୪ଜଣ ଏଏନ୍‌ଏମ କର୍ମୀ ଯୋଗଦେଇଥିଲେ । କାର୍ଯ୍ୟକ୍ରମକୁ ସି୩ ଜିଲା ସଂଯୋଜକ ସୁବ୍ରତ କୁମାର ବିଶୋଇ ଆୟୋଜନ କରିଥିଲେ । ସ୍ଥାନୀୟ ସଂଯୋଜକ ନିକି ପ୍ରଧାନ, ଶୁଭାଶିଷ ମିଶ୍ର , ପ୍ରିୟଙ୍କା ବରାଡ, ସ୍ୱାତୀରେଖା ଦାସ, ପ୍ରସନ୍ନ ବାଘସିଂ, ଚିନ୍ମୟ କୁମାର ପ୍ରଧାନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଦଶପଲ୍ଲାକୁ ସମ୍ପୂର୍ଣ୍ଣ ବାଲ୍ୟ ବିବାହ ମୁକ୍ତ ଅଞ୍ଚଳ କରିବା ପାଇଁ ସମସ୍ତ ପ୍ରକାର ସହଯୋଗ କରିବେ ବୋଲି ମତ ପ୍ରକାଶ ପାଇଥିଲା । ସି-୩ ଦ୍ୱାରା ପ୍ରସ୍ତୁତ ସଚେତନା ବାର୍ତ୍ତା ଦେଉଥିବା ଭିଡିଓ ପ୍ରଦର୍ଶନ କରାଯାଇଥିଲା । ଶେଷରେ ସମସ୍ତଙ୍କୁ ଶପଥ ପାଠ କରାଯାଇଥିଲା ।

# ସମୁଦ୍ର ଗର୍ଭରେ ମାଦଳି ଦ୍ୱୀପ ଅବକ୍ଷୟ

■ ପୂର୍ବାପେକ୍ଷା କଇଁଛଙ୍କ ଅଣ୍ଡାଦାନ ପ୍ରକ୍ରିୟା କମୁଛି
■ ସାମୁଦ୍ରିକ ଝଡ଼ରେ ବାଲୁକା ଶଯ୍ୟା କ୍ଷୟ ହେଉଛି
■ ବୋଟ୍, ଟ୍ରଲର ବ୍ୟବସାୟୀ ଆଡ୍ଡା ଜମାଇଛନ୍ତି


ମାଦଳି ଦ୍ୱୀପ ବାଲୁକା ଶଯ୍ୟାରେ ମାଛ ଧରା ଡଙ୍ଗା, ଟ୍ରଲର।

ମହାକାଳପଡ଼ା,୩୧।୧(ଡି.ଏନ୍.ଏ.)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଉପକୂଳ ଅଞ୍ଚଳ ମାଦଳି ଦ୍ୱୀପ ଅବକ୍ଷୟ ହେବାରେ ଲାଗିଛି। ଉକ୍ତ ଦ୍ୱୀପର ବିସ୍ତୀର୍ଣ୍ଣ ବାଲୁକା ଶଯ୍ୟା ଧୀରେ ଧୀରେ ସମୁଦ୍ର ଗର୍ଭକୁ ଚାଲିଯାଉଛି। ଅପରପକ୍ଷରେ ଦିନ ଥିଲା ଏହି ବାଲୁକା ଶଯ୍ୟା ପରିବେଶ ଅନୁକୂଳ ଥିବାରୁ ଲକ୍ଷ ଲକ୍ଷ ମାଇଲ ସମୁଦ୍ର ପଥ ଦେଇ ଅଲିଭ୍ ରିଡ୍‌ଲେ କଇଁଛ ଅଣ୍ଡାଦାନ କରିବାକୁ ଧାଇଁ ଆସୁଥିଲେ। ସମୁଦ୍ରରେ ମିଳନ ପ୍ରକ୍ରିୟା ଓ ବାଲୁକା ଶଯ୍ୟାରେ ସାମୂହିକ ଅଣ୍ଡାଦାନ କରୁଥିଲେ। ମାଦଳି ଦ୍ୱୀପ ଅବକ୍ଷୟ ଯୋଗୁ କଇଁଛଙ୍କ ସଂଖ୍ୟା ଆସିବା କମିବା ସହ ଅଣ୍ଡାଦାନ ପ୍ରକ୍ରିୟା କମୁଛି। ମାତ୍ର ଏହାର ସୁରକ୍ଷା ଦୃଷ୍ଟିକୁ ଲକ୍ଷ୍ୟକରି ବନ ବିଭାଗ ପକ୍ଷରୁ ଏକ ବେଶ୍ କ୍ୟାମ୍ପ ସ୍ଥାପନ କରାଯାଇଛି। ବନ ବିଭାଗ କର୍ମଚାରୀମାନେ ୨୪ ଘଣ୍ଟିଆ ପଇଁତରା ମାରୁଛନ୍ତି। ହେଲେ ଦିନ ଦ୍ୱିପ୍ରହରରେ କେତେଜଣ ମତ୍ସ୍ୟଜୀବୀ ଗଭୀର ସମୁଦ୍ରରୁ ମାଛ ମାରି ଫେରିବା ବାଟରେ ଏହି ଦ୍ୱୀପରେ ବିଶ୍ରାମ ନେଉଛନ୍ତି। ବନ ବିଭାଗର ପଇଁତରା ସତ୍ତ୍ୱେ କିଭଳି ଓ କେଉଁ ପରିସ୍ଥିତିରେ ମତ୍ସ୍ୟଜୀବୀମାନେ ଏଠାରେ ଆଡ୍ଡା ଜମାଇଛନ୍ତି ବୋଲି ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଅପରପକ୍ଷରେ ଦିନ ଥିଲା ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟର ଅଗରନାସୀର ବିସ୍ତୀର୍ଣ୍ଣ ବାଲୁକା ଶଯ୍ୟାରେ ଅଲିଭ୍ ରିଡ୍‌ଲେ କଇଁଛ ଅଣ୍ଡାଦାନ କରି ଶାବକମାନଙ୍କୁ ଧରି ଫେରୁଥିଲେ। ଏହି ବିଶାଳ ବାଲିସ୍ତୂପକୁ ସୁରକ୍ଷା ଦେବା ପାଇଁ ବିଭାଗ ପକ୍ଷରୁ ଝାଉଁବଣ ସୃଷ୍ଟି କରାଯାଇଥିଲା। ତେବେ ୧୯୭୧, ୧୯୮୨, ୧୯୯୯, ୨୦୧୩ ଫାଇଲିନ୍, ୨୦୧୪ ହୁଡ୍ ହୁଡ୍, ୨୦୧୮ ତିତିଲି, ୨୦୧୯ ଫନୀ ଭଳି ସାମୁଦ୍ରିକ ଝଡ଼ ଓ ପ୍ରବଳ ଢେଉ ମାଡ଼ରେ ସମୁଦ୍ର ଗର୍ଭ ଭିତରେ ଅଗରନାସୀ ଲୀନ ହୋଇଗଲାଣି। ଯାହାକୁ ନେଇ ପରିବେଶବିତମାନେ ଚିନ୍ତା ପ୍ରକଟ କଲେଣି। ଏଠାରେ ମତ୍ସ୍ୟଜୀବୀମାନେ ବୋଟ୍ ଓ ଟ୍ରଲରଗୁଡ଼ିକ ଲଙ୍ଗର ପକାଉଥିବାରୁ ତାହା ଧୀରେ ଧୀରେ ବାଲୁକା ଶଯ୍ୟାକୁ କ୍ଷୟ କରୁଛି। ଏ ସମ୍ପର୍କରେ ବନ ବିଭାଗ ପାଖରେ ଖବର ନାହିଁ। ତେବେ ବେଳ ଥାଉଁ ଥାଉଁ ଯଦି ମାଦଳି ଦ୍ୱୀପକୁ ସୁରକ୍ଷା ଦିଆ ନ ଯାଏ ତେବେ ଗହୀରମଥା ଇତିହାସରେ ସମୁଦ୍ର ଗର୍ଭକୁ ଚାଲିଯିବ। ଅଗରନସୀ ବାଲୁକା ଦ୍ୱୀପ ଭଳି ମାଦଳି ଦ୍ୱୀପ ମଧ୍ୟ ଖୁବ୍‌ଶୀଘ୍ର ସମୁଦ୍ର ଗର୍ଭରେ ଲୀନହୋଇଯିବ ବୋଲି ବୁଦ୍ଧିଜୀବୀ କହିଛନ୍ତି। ମାଦଳି ଦ୍ୱୀପରୁ ମୂଲ୍ୟବାନ୍ ସାମୁଦ୍ରିକ ମାଛ, କଙ୍କଡ଼ା ଆଦି ଜଳପଥ ଦେଇ ରାଜ୍ୟ ବାହରକୁ ଚାଲାଣ ହେଉଛି ବୋଲି ବୁଦ୍ଧିଜୀବୀ ବିରଞ୍ଚି ନାରାୟଣ ଦାସ କହିଛନ୍ତି। ଏ ସମ୍ପର୍କରେ ଡିଏଫ୍‌ଓ ସୁଦର୍ଶନ ଗୋପୀନାଥ ଯାଦବଙ୍କୁ ପଚାରିବାରେ ମାଦଳି ଦ୍ୱୀପରେ ପାଟ୍ରୋଲିଂ ପାଇଁ ୨ଟି କ୍ୟାମ୍ପ ସ୍ଥାପନ କରାଯାଇଛି। ଖବର ମିଳିବା ପରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବ ବୋଲି ସେ କହିଛନ୍ତି।

# ଗରିବଙ୍କୁ ମନା ପ୍ରଧାନମନ୍ତ୍ରୀ ଆବାସ

କାଏମା,୩୧।୧(ଡି.ଏନ.ଏ.) :

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ତରଫରୁ ଗରିବଙ୍କ ପାଇଁ ନାନା ଯୋଜନା ପ୍ରଣୟନ କରିଛନ୍ତି । କେହି ଯେପରି ମାଟିକାନ୍ଥ, ଚାଳ ଛପର ଘରେ ନ ରହିବେ ସେଥିପାଇଁ ଆବାସ ଯୋଜନା ପ୍ରଣୟନ ହୋଇଛି। କିନ୍ତୁ ଯାଜପୁର ଜିଲାରେ ହିତାଧିକାରୀ ତାଲିକା ପ୍ରସ୍ତୁତ କରୁଥିବା କେତେଜଣ ଅଧିକାରୀ ଏହି ଯୋଜନାକୁ ବାଟବଣା କରୁଥିବା ଅଭିଯୋଗ ହୋଇଛି। ଧନୀ ଲୋକମାନେ ଆବାସ ଯୋଜନା ପାଇଥିବା ବେଳେ ଯୋଗ୍ୟ ଗରୀବ ହିତାଧିକାରୀ ଏଥିରୁ ବଞ୍ଚିତ ହେଉଛନ୍ତି ।

ଏପରି ଘଟଣା ଧର୍ମଶାଳା ବ୍ଲକ ମିର୍ଜାପୁର ପଞ୍ଚାୟତର ମୁଣ୍ଡମାଳ ଗ୍ରାମରେ ଦେଖିବାକୁ ମିଳିଛି। ଏହି ଗ୍ରାମର ଦିବ୍ୟାଙ୍ଗ ରମେଶ ମଲିକ, ଚୁନି ମଲିକ ଓ ମୁକ ବଧିର କ୍ଷୀରୋଦ ବେହେରା ଆବାସ ପାଇବା ପାଇଁ ଯୋଗ୍ୟ ଥିବାବେଳେ ଏମାନଙ୍କ ନାମ ତାଲିକାରେ ଆସିନାହିଁ। ଦିବ୍ୟାଙ୍ଗ ରମେଶ ୭୦% ଭିନ୍ନକ୍ଷମ ହୋଇଥିଲେ ମଧ୍ୟ ଆଜି ଯାଏ ଭତ୍ତା ପାଇବାରୁ ବଞ୍ଚିତ ଅଛନ୍ତି । ଭଙ୍ଗା ମାଟି କୁଡିଆ ଘରେ ଛିଣ୍ଡା ଜରିପାଲ ତଳେ ସେ ଓ ତାଙ୍କ ପରିବାର ଦୁଃଖେ କଷ୍ଟେ ଖରାରେ ଜୀବନ ବିତାନ୍ତି। ଆବାସ ଘରଟିଏ ପାଇବା ପାଇଁ ବାରମ୍ବାର ସରପଞ୍ଚଙ୍କ କାର୍ଯ୍ୟାଳୟଠାରୁ ବ୍ଲକ ଅଫିସ ଦୌଡ଼ି ଦୌଡ଼ି ସେ ନୟାନ୍ତ ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳନାହିଁ। ମଣ୍ଡଳ ଉନ୍ନୟନ ଅଧିକାରୀଙ୍କ ନିର୍ଦ୍ଦେଶ ଅନୁସାରେ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ତଦନ୍ତ ରିପୋର୍ଟ ସେ ଘର ପାଇବା ପାଇଁ ଯୋଗ୍ୟ ଅଚନ୍ତି । କିନ୍ତୁ ତାଙ୍କ ନାମ ତାଲିକାରେ ନ ଥିବା ଚର୍ଚ୍ଚାର ବିଷୟ ହୋଇଛି। ଅନ୍ୟ ଏକ ଘଟଣାରେ ଉକ୍ତ ଗ୍ରାମର ଚୁନୀ ମଲିକ ନିହାତି ଗରିବ । ଭଙ୍ଗା ଆଜବେଷ୍ଟ ଘରେ ସେ ବହୁ କଷ୍ଟରେ ଦିନ କାଟନ୍ତି। ତେବେ ତାଙ୍କ ନାମ ବି ତାଲିକା ଅନ୍ତର୍ଭୁକ୍ତ ନାହିଁ। ସରକାର ଭିନ୍ନକ୍ଷମମାନଙ୍କୁ ବିଭିନ୍ନ ଯୋଜନାରେ ସାମିଲ କରିବାକୁ ଅଧିକ ଗୁରୁତ୍ୱ ଦେଉଥିବାବେଳେ କ୍ଷୀରୋଦ ବେହେରାଙ୍କ କ୍ଷେତ୍ରରେ ତା'ର ଓଲଟା ହୋଇଛି। ସେ କଥା କହି ପାରନ୍ତି ନାହିଁ କି ଶୁଣି ବି ପାରନ୍ତି ନାହିଁ । ବାରମ୍ବାର ପଞ୍ଚାୟତ କାର୍ଯ୍ୟାଳୟଠୁ ବ୍ଲକ ଅଫିସ ବର୍ଷ ବର୍ଷ ହେଲା ଦୌଡ଼ି ସେ ହତାଶ ହୋଇପଡିଥିବା ତାଙ୍କ ସ୍ତ୍ରୀ ଅଭିଯୋଗ କରିଛନ୍ତି। ଏହି କ୍ରମରେ ଯୋଗ୍ୟ ହିତାଧିକାରୀମାନଙ୍କୁ ଆବାସ ଯୋଜନା ଏବଂ ଭିନ୍ନକ୍ଷମ ଯୋଜନାରେ ସାମିଲ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।


ଘର ସମ୍ମୁଖରେ ରମେଶ ମଲ୍ଲିକ।


ଘର ଆଗରେ ଚୁନି ମଲିକ।


ବାସଘର ନିକଟରେ କ୍ଷୀରୋଦ ବେହେରା।

## ରାଜଧାନୀରେ ନର୍ସିଂ ଛାତ୍ରଙ୍କ ଆତ୍ମହତ୍ୟା

ଭୁବନେଶ୍ୱର,୩୧।୧(ବ୍ୟୁରୋ):

ଭରତପୁର ଥାନା ଅନ୍ତର୍ଗତ ଏକ ଘରୋଇ ବିଶ୍ୱ ବିଦ୍ୟାଳୟର ନର୍ସିଂ କଲେଜରେ ପଢୁଥିବା ଜଣେ ଛାତ୍ର ହଷ୍ଟେଲ ରୁମ୍‌ରେ ଗାମୁଛା ଦ୍ୱାରା ଫ୍ୟାନରେ ଝୁଲି ଆତ୍ମହତ୍ୟା କରିଛନ୍ତି। ସେ ହେଲେ ପଶ୍ଚିମବଙ୍ଗ ବର୍ଦ୍ଧମାନ ଜିଲା ଚିତ୍ତରଞ୍ଜନ ଥାନା ଅଞ୍ଚଳର ସୌରଭ ଦେ (୧୯)। ସେ ଏଠାରେ ଜିଏନ୍‌ଏମ୍ ଦ୍ୱିତୀୟ ବର୍ଷର ଛାତ୍ର ଥିଲେ। ସୋମବାର ଏହି ଘଟଣା ଘଟିଥିବାବେଳେ ଏମ୍‌ସରେ ମୃତଦେହ ବ୍ୟବଚ୍ଛେଦ ପରେ ମଙ୍ଗଳବାର ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ପୋଲିସ ଏକ ଅପମୃତ୍ୟୁ (ନଂ.୨୫/୨୩) ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ତେବେ ଉକ୍ତ ରୁମ୍‌ରୁ ପୋଲିସ ଏକ ସୁଇସାଇଡ୍ ନୋଟ ଜବତ କରିଛି। ସୌରଭ ଜଣେ ଯୁବତୀଙ୍କୁ ପ୍ରେମ କରୁଥିଲେ। ପ୍ରେମିକା ଜଣକ ଧୋକା ଦେବା ପରେ ସେ ଏଭଳି ନିଷ୍ପତ୍ତି ନେଇଥିବା ଉକ୍ତ ଚିଠିରେ ଉଲ୍ଲେଖ ରହିଛି। ପ୍ରାଥମିକ ତଦନ୍ତରୁ ପ୍ରେମ ପାଇଁ ସୌରଭ ଆତ୍ମହତ୍ୟା କରିଥିବା ଜଣାପଡୁଛି। ତେବେ ଅଧିକ ପ୍ରମାଣ ପାଇଁ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରାଯାଇଥିବା ଥାନାଧିକାରୀ ବିଭୁଦତ୍ତ ରାଉତରାୟ କହିଛନ୍ତି। ସୂଚନା ଅନୁଯାୟୀ, ସୌରଭ ହଷ୍ଟେଲର କ୍ୟାମ୍ପସ ୨ରେ ରହୁଥିଲେ। କିଛି ମାସ ହେବ ଉକ୍ତ କଲେଜର ଜଣେ ଛାତ୍ରୀଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ହେଲେ ଗତ କିଛିଦିନ ହେବ ଦୁହିଁଙ୍କ ମଧ୍ୟରେ କୌଣସି କାରଣକୁ ନେଇ ଝଗଡ଼ା ଲାଗି ରହିଥିଲା।

## ସର୍ବଭାରତୀୟ ଖାଉଟି କଲ୍ୟାଣ ସମ୍ମିଳନୀ ପାଇଁ ଡ. ସୁନାକର ମନୋନୀତ



ରାହାମା,୩୧।୧(ଡି.ଏନ୍.ଏ.)

ଭାରତ ସରକାରଙ୍କ ନୀତି ଆୟୋଗ ଅଧୀନ ଅଖିଳ ଭାରତୀୟ ଗ୍ରାହକ କଲ୍ୟାଣ ପରିଷଦ ପକ୍ଷରୁ ଶୁକ୍ରବାର ମହାରାଷ୍ଟ୍ରର ନାଗପୁରଠାରେ ଖାଉଟି ସମ୍ମିଳନୀ ଅନୁଷ୍ଠିତ ହେବ। ଏହି ସମ୍ମିଳନୀରେ ଯୋଗଦେବାକୁ ଓଡିଶା ଖାଉଟି ପରିଷଦର ରାଜ୍ୟ ସମ୍ପାଦକ ଡ. ସୁନାକର ବେହେରାଙ୍କୁ ମନୋନୀତ କରାଯାଇଛି। ସେ ରାଜ୍ୟରେ ଖାଉଟି ସମସ୍ୟା ଉପରେ ପ୍ରତିନିଧିତ୍ୱ କରିବା ସହ ଖାଉଟି କଲ୍ୟାଣ ସମ୍ବନ୍ଧୀୟ ସନ୍ଦର୍ଭ ଉପସ୍ଥାପନ କରିବେ। ସୁନାକରଙ୍କ ଘର କୁଜଙ୍ଗ ବ୍ଲକ ଅନ୍ତର୍ଗତ ରାହାମା ତେରମାଣପୁର ଅଞ୍ଚଳରେ। ଏହି ସମ୍ମିଳନୀରେ ଯୋଗ ଦେବାକୁ ସେ ମନୋନୀତ ହେବା ପରେ ଜଗତ୍‌ସିଂହପୁର ଜିଲାର ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ ପକ୍ଷରୁ ତାଙ୍କୁ ଅଭିନନ୍ଦନ ଜଣାଯାଇଛି।

# ଅଫ୍‌ଲାଇନ, ଅନ୍‌ଲାଇନରେ ସାମଗ୍ରୀ ବିକ୍ରି

■ କାଇଁଚ ହସ୍ତଶିଳ୍ପ ମହିଳାଙ୍କୁ ସ୍ୱାବଲମ୍ବୀ କରୁଛି
■ ତରାଣ୍ଡୋରେ ତାଲିମ କେନ୍ଦ୍ର ପ୍ରତିଷ୍ଠା ହୋଇଛି
■ ଉତ୍ପାଦିତ ସାମଗ୍ରୀ ବିକ୍ରି ବୃଦ୍ଧି ପାଇଁ ଯୋଜନା ପ୍ରସ୍ତୁତ

କେନ୍ଦ୍ରାପଡ଼ା ଅଫିସ, ୩୧।୧

ସୁନେଲି ରଙ୍ଗର ବଣୁଆ ଘାସ କାଇଁଚ। ଏହି ଘାସ ଏବେ କେନ୍ଦ୍ରାପଡ଼ା ଜିଲାର ୧୮୬୪ ପରିବାରର ମହିଳାଙ୍କୁ ରୋଜଗାର ଦେବା ସହ ଏଥିରୁ ଉତ୍ପନ୍ନ ସାମଗ୍ରୀ ଦେଶ ବିଦେଶରେ ଚାହିଦା ବଢ଼ାଇଛି। ଏ ସମ୍ପର୍କରେ କାଇଁଚ କାରିଗର କେନ୍ଦ୍ରାପଡ଼ା ବ୍ଲକ ଜଜାଙ୍ଗ ଗାଁର ଭଗବତୀ ତ୍ରିପାଠୀ କହିଛନ୍ତି, ଜିଲା ଶିଳ୍ପକେନ୍ଦ୍ର, ମିଶନ ଶକ୍ତି, ଓର୍‌ମାସ ପ୍ରମୁଖ କାଇଁଚ କଳାକୁ ପ୍ରୋତ୍ସାହିତ କରୁଛନ୍ତି। ବ୍ଲକର ଜଜାଙ୍ଗଠାରେ କାଇଁଚ କ୍ଲଷ୍ଟର ଆରମ୍ଭ ହୋଇଛି। ଅନ୍‌ଲାଇନ ଓ ଅଫ୍‌ଲାଇନରେ ଏହାର ବିକ୍ରି ଚାଲିଛି। ବାରୋ ଗାଁର ଜାନକୀ ପଣ୍ଡା କହିଛନ୍ତି, ଏହି ଗ୍ରାମ ସହ ଜଜାଙ୍ଗ, କପାଳେଶ୍ୱର, ସମଲପୁର, ପୋଇପାଟ, ତରାଣ୍ଡୋ, ତ୍ରିଲୋଚନପୁର, କେରୋ ଆଦି ଗାଁରେ କାଇଁଚ ପ୍ରଚୁର ମାତ୍ରାରେ ମିଳିଥାଏ। ଏଥିସହ ଡେରାବିଶ ବ୍ଲକର ଛତା, ବଳଭଦ୍ରପୁର, ଲକ୍ଷ୍ମୀନାରାୟଣପୁର, ମାର୍ଶାଘାଇ ବ୍ଲକର ତୁଳସୀପୁର, ଭିରଙ୍ଗ, ପଳାସପୁର, ଛଘରିଆ, ଅଙ୍ଗୁଲାଇ, ପଟ୍ଟାମୁଣ୍ଡାଇ ବ୍ଲକର ବଳଭଦ୍ରପୁର, ଓଉପଦା, ଓସମରା, ଡାମରପୁର ଆଦି କାଇଁଚର ଗନ୍ତାଘର। ବର୍ଷାଦିନେ ଏହା ୫ରୁ ୬ ଫୁଟ୍ ପର୍ଯ୍ୟନ୍ତ ବଢ଼ିଥାଏ। ଏହାକୁ ସଂଗ୍ରହ କରି ଖରାରେ ଶୁଖାଇବା ପରେ ସବୁଜରୁ ସୁନେଲି ରଙ୍ଗ ଧାରଣକରେ। ପରେ ଆବଶ୍ୟକ ଅନୁଯାୟୀ କାଇଁଚ ଡାଙ୍ଗକୁ ରଙ୍ଗ କରାଯାଇ ସାମଗ୍ରୀ ନିର୍ମାଣରେ ବ୍ୟବହାର ହୁଏ। କାରିଗର ମନୋରମା ତ୍ରିପାଠୀ କହିଛନ୍ତି, ଏଥିରେ ରଙ୍ଗବେରଙ୍ଗର ଟୋପି ସହ ବାସ୍କେଟ, ହାତପଙ୍ଖା, ଖେଳଣା, ପେଡ଼ି, ଫୁଲଦାନୀ ଆଦି ନିର୍ମାଣ ହୁଏ। ଖରାଦିନେ ଏହାର ଟୋପି ପିନ୍ଧିଲେ ଭଲ ଦେଖାଯିବା ସହିତ ମୁଣ୍ଡକୁ ଥଣ୍ଡା ରଖେ। ଏହା ବ୍ୟତୀତ କାଇଁଚରେ ତିଆରି ଅଳଙ୍କାର ଦେଶ ବିଦେଶରେ ଯୁବତୀଙ୍କ ଆକର୍ଷଣ ହୋଇଛି। କାନଫୁଲ, ବେକରେ କାଇଁଚ ମାଳ ଏବେ ଅତ୍ୟାଧୁନିକ ଯୁବତୀଙ୍କ ଫ୍ୟାଶନରେ ସାମିଲ ହୋଇଛି। ପ୍ଲାଷ୍ଟିକ ବଦଳରେ ଏହାର ବହୁଳ ବ୍ୟବହାର ହେଉଛି। ବଟୁଆ, ହ୍ୟାଣ୍ଡବ୍ୟାଗ୍, ଚାବି ରିଂ, ମୋବାଇଲ ଷ୍ଟାଣ୍ଡ ଆଦି କାଇଁଚ ସାମଗ୍ରୀ ମେଳା ମହୋତ୍ସବ ଅପେକ୍ଷା ଅନ୍‌ଲାଇନରେ ବିକ୍ରି ବୃଦ୍ଧି ହୋଇଛି। ବିଭିନ୍ନ ମେଳାରେ ଦେଶ ବିଦେଶର ଲୋକ ଏହାକୁ କିଣିବା ବେଳେ କେନ୍ଦ୍ରାପଡ଼ା ଜିଲାର ଏହି ହସ୍ତକଳା ପ୍ରତି ଗର୍ବ ଆସୁଥିବା ସେ ପ୍ରକାଶ କରିଛନ୍ତି। ହସ୍ତଶିଳ୍ପୀ ରଶ୍ମିତା ବେହେରା କହିଛନ୍ତି, ସ୍ଥାନୀୟ ଅଞ୍ଚଳରେ ପାରମ୍ପରିକ ଭାବେ କାଇଁଚ ସାମଗ୍ରୀ ବ୍ୟବହାର ହେଉଥିଲା। ତେବେ ୨୦୦୬ରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରାଯାଇ ସାମୂହିକ ଭାବେ ସାମଗ୍ରୀ ଉତ୍ପାଦନ କରାଗଲା। ଏହି ସମୟରେ ଜିଲା ଶିଳ୍ପକେନ୍ଦ୍ର ପକ୍ଷରୁ ତାଲିମ ପ୍ରଦାନ କରାଯାଇଥିଲା। ଏହି ତାଲିମପ୍ରାପ୍ତ ମହିଳାଙ୍କ ସଂଖ୍ୟା ଏବେ ୨ ହଜାରରୁ ଅଧିକ ହୋଇଛି। ଏ ସମ୍ପର୍କରେ ଜିଲା ଶିଳ୍ପକେନ୍ଦ୍ର ପରିଚାଳକ ଗଣେଶ ଚନ୍ଦ୍ର ବେହେରା କହିଛନ୍ତି, ବିଭିନ୍ନ ହସ୍ତଶିଳ୍ପ ପାଇଁ ତାଲିମ ପ୍ରଦାନ ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଯାଇଛି। ବାରୋ, ଜଜାଙ୍ଗ ବ୍ୟତୀତ ଜିଲାର ସମସ୍ତ ଅଞ୍ଚଳରେ କାଇଁଚ ଶିଳ୍ପ ଆରମ୍ଭ ହୋଇଛି। ଏଥିପାଇଁ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସ୍ଥାନୀୟ ବ୍ୟାଙ୍କ ସହ ଅନୁବନ୍ଧିତ କରାଇ ଋଣ ଅର୍ଥ ଯୋଗାଇ ଦିଆଯାଉଛି। ଓର୍‌ମାସର ଡେପୁଟି ସିଇଓ ନିରୋଦ କୁମାର ଜେନାଙ୍କୁ ପଚାରିବାରେ ପୂର୍ବରୁ ପଲ୍ଲିଶ୍ରୀ ମେଳା, ବିଭିନ୍ନ ଯାତ୍ରା ମହୋତ୍ସବରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା ସାମିଲ ହୋଇ ଉତ୍ପାଦିତ ସାମଗ୍ରୀ ବିକ୍ରି କରୁଥିଲେ। ଏବେ ଜଜାଙ୍ଗଠାରେ କାଇଁଚ କ୍ଲଷ୍ଟର ନିର୍ମାଣ ପରେ ଅନ୍‌ଲାଇନରେ ବିକ୍ରି ବୃଦ୍ଧି ହୋଇଛି। ନିକଟରେ ମିଶନ ଶକ୍ତି ସଚିବ ସୁଜାତା କାର୍ତ୍ତିକେୟନ ପାଣ୍ଡିଆନଙ୍କ ପକ୍ଷରୁ ଏହି ହସ୍ତକଳାର ବିକ୍ରି ବୃଦ୍ଧି ଲାଗି ଯୋଜନା ପ୍ରସ୍ତୁତ କରିଛନ୍ତି ବୋଲି ସେ କହିଛନ୍ତି।


ଜଜାଙ୍ଗ ଗାଁରେ ମହିଳାମାନେ କାଇଁଚରେ ବିଭିନ୍ନ ପ୍ରକାରର ସାମଗ୍ରୀ ତିଆରି କରୁଛନ୍ତି।

ସେଲ୍‌ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଅଶୋକ


@ ବାବୁଲା


@ ସୁଦୀପ୍ତା


@ ପ୍ରକାଶ


@ ସୁନୀଲ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଆଜିଠାରୁ ଜେଲରେ ଲ' ପରୀକ୍ଷା ଦେବେ ଅର୍ଚ୍ଚନା

ଭୁବନେଶ୍ୱର,୩୧।୧(ବ୍ୟୁରୋ):

ଚର୍ଚ୍ଚିତ ବ୍ଲାକ୍‌ମେଲର ଅର୍ଚ୍ଚନା ନାଗ ଝାରପଡ଼ା ଜେଲରେ ଦିନ କାଟୁଥିବାବେଳେ ବୁଧବାରଠାରୁ ସେ ଏଠାରେ ଲ' ପରୀକ୍ଷା ଦେବେ। ଏଥିପାଇଁ ସମସ୍ତ ପ୍ରସ୍ତୁତି ସରିଛି। ଅର୍ଚ୍ଚନା କ୍ୟାପିଟାଲ ଲ' କଲେଜରେ ଇଣ୍ଟିଗ୍ରେଟେଡ୍ ଲ' ପଢୁଥିବାବେଳେ ଏବେ ପାଠ୍ୟକ୍ରମର ୪ର୍ଥ ବର୍ଷ ଚାଲିଛି। ସେ ସପ୍ତମ ସେମିଷ୍ଟାରରର ୬ଟି ପେପର୍‌ରେ ପରୀକ୍ଷା ଦେବେ। ଜେଲ ମାନୁଆଲ ଅନୁଯାୟୀ ଅର୍ଚ୍ଚନା ଫେବୃୟାରୀ ୧, ୪, ୫, ୯, ୧୫, ୧୭ରେ ଝାରପଡ଼ା ଜେଲରେ ପରୀକ୍ଷା ଦେବେ ବୋଲି ତାଙ୍କ ଓକିଲ ଦେବାଶିଷ ମହାପାତ୍ର କହିଛନ୍ତି। ୧୦ଦିନ ତଳେ ଅର୍ଚ୍ଚନା ଫର୍ମ ପୂରଣ କରିବାକୁ ତାଙ୍କ ଓକିଲଙ୍କ ପକ୍ଷରୁ କୋର୍ଟଙ୍କ ନିକଟରେ ଆବେଦନ କରିଥିଲେ। ତେବେ ଅର୍ଚ୍ଚନା ଜେଲ ମାନୁଆଲ ଅନୁଯାୟୀ ଫର୍ମ ଦାଖଲ ଓ ପରୀକ୍ଷା ଦେଇ ପାରିବେ ବୋଲି କୋର୍ଟ ଅନୁମତି ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ, ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଅର୍ଚ୍ଚନାଙ୍କ ବେଆଇନ ଅର୍ଥ କାରବାର ଦିଗରେ ତଦନ୍ତ ଜାରି ରଖିଛି। ଅର୍ଚ୍ଚନାଙ୍କ ସମେତ ତାଙ୍କ ସ୍ୱାମୀ ଜଗବନ୍ଧୁ ଚାନ୍ଦ ଓ ସହଯୋଗୀ ଖଗେଶ୍ୱର ବେହେରା ମଧ୍ୟ ଜେଲରେ ଅଛନ୍ତି। ହେଲେ ଚତୁର୍ଥ ଅଭିଯୁକ୍ତା ଶ୍ରଦ୍ଧାଞ୍ଜଳି ଏଯାଏ କିନ୍ତୁ ଗିରଫ ହୋଇ ନାହାନ୍ତି। ଇଡି ଅର୍ଚ୍ଚନାଙ୍କ ଏକ ଦାମୀ କାର୍ ଓ ସତ୍ୟବିହାରସ୍ଥିତ ଆଲିଶାନ ଘରକୁ ଆଟାଚ୍ କରିଥିବାବେଳେ ଅନ୍ୟ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିକୁ ବାଜ୍ୟାପ୍ତି ପ୍ରକ୍ରିୟା ଜାରି ରଖିଛି। ସେହିପରି ଅନ୍ୟ ଅଭିଯୁକ୍ତଙ୍କ ସମ୍ପତ୍ତି ମଧ୍ୟ ଠାବ କରିବାକୁ ପ୍ରକ୍ରିୟା ଜାରି ରଖିଛି।

# ଶିବାଜୀନଗର, ଯଜାଙ୍ଗୀସାହିରେ ସରକାରୀ ଜମି ବିକ୍ରି

- ସରକାରୀ ଜମିରେ ଗଢ଼ି ଉଠିଛି ସ୍ଥାୟୀ ବ୍ୟବସାୟ ପ୍ରତିଷ୍ଠାନ
- କାଉନସିଲରଙ୍କ ପରିବାର,ପ୍ରଭାବଶାଳୀ ବ୍ୟକ୍ତିଙ୍କ କବ୍‌ଜାରେ ଜମି

ନୟାଗଡ଼ ଅଫିସ,୩୧ ।୧

ନୟାଗଡ଼ ମ୍ୟୁନିସିପାଲିଟିର ଶିବାଜୀ ନଗର, ଯଜାଙ୍ଗିସାହି ଓ ଓଲ୍ଡ ହଷ୍ଟେଲ ଅଞ୍ଚଳରେ ସରକାରୀ ଜମି ପ୍ଲଟ କରି ବିକ୍ରି ଚାଲିଛି । ଏଠାରେ ନୟାଗଡ଼ ମ୍ୟୁନିସିପାଲିଟିର ଜଣେ କାଉନସିଲରଙ୍କ ପରିବାର ଓ କେତେଜଣ ପ୍ରଭାବଶାଳୀ ବ୍ୟକ୍ତି ସରକାରୀ ଜମିକୁ ଅକ୍ତିଆର କରି ବିକ୍ରି କରୁଥିବା ଅଭିଯୋଗ ହେଉଛି । ଅନ୍ୟପକ୍ଷେ ସରକାରୀ ଜମିରେ ଘର କରି ଦୋକାନ ଓ ଲୋକ ରହିବା ପାଇଁ ଭଡ଼ାରେ ଲଗାଇଛନ୍ତି । କାଉନସିଲରଙ୍କ ପରିବାର ଏକକାଳୀନ ୪ଟି ଦୋକାନ ଘର ଭଡ଼ାରେ ଲଗାଇଛନ୍ତି । ତେବେ ସେଠାରେ ଜବରଦଖଲକାରୀଙ୍କ ଉପରେ ମ୍ୟୁନିସିପାଲିଟି, ତହସିଲ କର୍ତ୍ତୃପକ୍ଷଙ୍କ ନଜର ପଡୁନି । ବାବୁଙ୍କ ଜାଣତରେ କୁଆଡେ ସବୁ ହେଉଥିବାରୁ ଜବରଦଖଲ ଉଚ୍ଛେଦ କରାଯାଉ ନ ଥିବା ଅଭିଯୋଗ ରହିଛି ।

ଏହି ପରିପ୍ରେକ୍ଷୀରେ ନୟାଗଡ଼ ପୁରୁଣା ଜେଲ ଜମି ସମ୍ମୁଖ ସିଭିଲ କୋର୍ଟ ସାହିର ସୁଧାରାଣୀ ପଟ୍ଟନାୟକ, ଚିତ୍ତ ରଞ୍ଜନ ତ୍ରିପାଠୀ ପ୍ରମୁଖଙ୍କ ବାରିପଟୁ ଜବରଦଖଲ ଉଚ୍ଛେଦ ହୋଇଛି । ଏହି ୨ ପରିବାର ବାରିପଟେ ନୟାଗଡ଼ ସହରର ମୂଲ୍ୟବାନ ସରକାରୀ ଜମିକୁ ଅକ୍ତିଆର କରି ଘର ଓ ପ୍ରାଚୀର କରିଥିଲେ । ଏପରିକି ସରକାରୀ ଜମିରେ କୂଅ ଖୋଳାଇ ନେଇଥିଲେ । ସଂପୃକ୍ତ ସ୍ଥାନରୁ ମଙ୍ଗଳବାର ମାଜିଷ୍ଟ୍ରେଟ ନୟାଗଡ଼ ତହସିଲଦାର ଭିକାରୀ ସାହୁ, ନୟାଗଡ଼ ମ୍ୟୁନିସିପାଲିଟିର ନିର୍ବାହୀ ଅଧିକାରୀ ସ୍ୱାତି ମିଶ୍ର ଓ ପୋଲିସ ଫୋର୍ସ ଉପସ୍ଥିତିରେ ଜବରଦଖଲ ଉଚ୍ଛେଦ ହୋଇଛି । ସେହି ମୂଲ୍ୟବାନ ଜମି ପଠାଣୀ ସାମନ୍ତ ଜିଲା ସଂସ୍କୃତି ଭବନ ପରିସରକୁ ଲାଗି ରହିଛି । ଏଣୁ ଜିଲା ସଂସ୍କୃତି ଭବନର ପ୍ରାଚୀରକୁ ଭାଙ୍ଗି ଉଚ୍ଛେଦ ହୋଇଥିବା ସରକାରୀ ଜମିକୁ ମିଶାଇ ପୁଣି ପ୍ରାଚୀର କରାଯିବାର ରହିଛି ।



ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଉଛି ।

ସିଭିଲକୋର୍ଟ ସାହି ପଛ ପାଖ ଜବରଦଖଲ ଉଚ୍ଛେଦ ପରେ ଏହାରି ଭିତରେ ଏକ ପରିତ୍ୟକ୍ତ ପୋଖରୀ ରହିଛି । ମ୍ୟୁନିସିପାଲିଟିର ଏହି ପୋଖରୀକୁ ପୁନରୁଦ୍ଧାର କରାଯିବା ପାଇଁ ଦାବି ଉଠିଛି । ଅନ୍ୟପକ୍ଷେ ଜବରଦଖଲ ଉଚ୍ଛେଦ ଜମିରେ ଏକ ରାସ୍ତା ଜବରଦସ୍ତପାଟଣା ଓ ରାମେଶ୍ୱର ସାହିକୁ କରିବା ପାଇଁ ଦାବି ହୋଇଛି । ଜିଲା ସଂସ୍କୃତି ଭବନ ଦେଇ ଯେଉଁ ରାସ୍ତା ଯାଇଛି ତାହା ସ୍ଥାୟୀ ନୁହେଁ । ଜିଲା ସଂସ୍କୃତି ଭବନ ପକ୍ଷରୁ ବିଭିନ୍ନ ସମୟରେ ରାସ୍ତାକୁ ବନ୍ଦ କରାଯାଇଥିଲେ ମଧ୍ୟ ଏହାକୁ କେତେଜଣ ଲୋକ ଭାଙ୍ଗି ରାସ୍ତା କରି ଦେଉଛନ୍ତି ।

ସିଭିଲକୋର୍ଟ ସାହି ନିକଟବର୍ତ୍ତୀ ଅଞ୍ଚଳରେ କିଛି ସରକାରୀ ଜମି ଜବରଦଖଲ ହୋଇ ରହିଛି । ସେହି ଜମିରେ ଘର ଗଢ଼ି ଉଠିଛି । ଜମିରୁ କିଛି ଦିନ ପରେ ପୁଣି ଉଚ୍ଛେଦ ହୋଇପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି । ଏନେଇ ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ସ୍ୱାତି ମିଶ୍ର କୁହନ୍ତି, ପୁଣି ଜବରଦଖଲ ଉଚ୍ଛେଦ ହୋଇପାରେ । ପ୍ରଶାସନ ପକ୍ଷରୁ ଏଥିପାଇଁ ଚେଷ୍ଟା ଚାଲିଛି । ସିଭିଲକୋର୍ଟ ସାହି ପଛ ପାଖରୁ ଜବରଦଖଲ ଉଚ୍ଛେଦ ପରେ ସେଠାରେ ଥିବା ପୋଖରୀର ପୁନରୁଦ୍ଧାର କରାଯିବ ବୋଲି ସେ କହିଛନ୍ତି ।

## ସଂକ୍ଷେପରେ

### ତର୍କ ଓ ଦର୍ଶନ ବିଭାଗର ଆଲୋଚନାଚକ୍ର

ଶରଣକୁଳ,୩୧।୧(ଡି.ଏନ.ଏ.)- ଶରଣକୁଳ ମହାବିଦ୍ୟାଳୟର ତର୍କ ଓ ଦର୍ଶନ ବିଭାଗ ଏବଂ ଆଇକ୍ୟୁଏସି ମିଳିତ ଆନୁକୂଲ୍ୟରେ 'ଧର୍ମ ଏବଂ ନୈତିକତା'ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟ ପରିଚାଳନା ସମିତି ସଭାପତି ଯୋଗେଶ୍ୱର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆଲୋଚନା ଚକ୍ରରେ ରେଭେନ୍‌ସା ବିଶ୍ୱବିଦ୍ୟାଳୟର ପ୍ରଫେସର ଡ.ଅଶୋକ କୁମାର ତରାଇ ମୁଖ୍ୟବକ୍ତା ଏବଂ ମହାବିଦ୍ୟାଳୟର ଅଧକ୍ଷ ବସନ୍ତ କୁମାର ରଥ ଯୋଗଦେଇ ଧର୍ମ ଓ ନୈତିକତା ଉପରେ ଆଲୋଚନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଦର୍ଶନ ବିଭାଗର ମୁଖ୍ୟ ଅଧାପକ ଦୁର୍ଗାଚରଣ ନାୟକ, ମହାବିଦ୍ୟାଳୟ ପ୍ରଶାସନିକ ଅଧିକାରୀ ଡ.ବ୍ୟୋମକେଶ ରଥ ଓ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରି ସ୍ୱୀକୀୟ ସନ୍ଦର୍ଭ ଉପସ୍ଥାପନା କରିଥିଲେ ।

### ଗଙ୍ଗାଜଳର ଚାହିଦା ବଢୁଛି

ଖଣ୍ଡପଡ଼ା,୩୧।୧(ସ୍ୱ.ପ୍ର.)-କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ କ୍ରମେ ଖଣ୍ଡପଡ଼ା ଓ କଣ୍ଟିଲୋ ଉପ ଡ଼ାକଘରେ ପବିତ୍ର ଗଙ୍ଗାଜଳ ବିକ୍ରୀ ହେଉଛି । ଗଙ୍ଗାଜଳ ବୋତଲ ପିଛା ୩୦ଟଙ୍କା ରହିଛି । ଦୈନିକ ଏହାର ଚାହିଦା ବଢୁଛି ବୋଲି ଡ଼ାକପାଳ ସନ୍ତୋଷ କୁମାର ବେହେରା ଓ ନରେନ୍ଦ୍ର କୁମାର ସାହୁ ସୂଚନା ଦେଇଛନ୍ତି । ଉପଡାକଘରେ ଶୁଦ୍ଧ ଗଙ୍ଗାଜଳ ଉପଲବ୍ଧ ହେଉଥିବାରୁ ଅଞ୍ଚଳବାସୀ ସରକାରଙ୍କ ଏହି ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି ।

# ଅଭିଯୁକ୍ତଙ୍କୁ ୪ ବର୍ଷ ସଶ୍ରମ କାରାଦଣ୍ଡ

## ଗ୍ରାମବାସୀଙ୍କୁ ମରଣାନ୍ତକ ଆକ୍ରମଣ ମାମଲା

ଓଡ଼ଗାଁ,୩୧।୧(ସ୍ୱ.ପ୍ର.)

ନୟାଗଡ଼ ଜିଲା ଓଡ଼ଗାଁ ଆଦର୍ଶ ଥାନା ଅଧୀନ ମଦନପୁର ଗ୍ରାମରେ ଜଣେ ଗ୍ରାମବାସୀଙ୍କୁ ମରଣାନ୍ତକ ଆକ୍ରମଣ ମାମଲାରେ ସ୍ଥାନୀୟ ସହକାରୀ ଦୌରାଜଜ୍ ଶିବାଶିଷ ଗିରି ଅଭିଯୁକ୍ତଙ୍କୁ ବିଭିନ୍ନ ଦଫାରେ ସମୁଦାୟ ୪ ବର୍ଷ ସଶ୍ରମ କାରାଦଣ୍ଡ ସହିତ ୩ ହଜାର ଟଙ୍କା ଜରିମାନା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଜରିମାନା ଅନାଦେୟ ଅତିରିକ୍ତ ୬ ମାସ ସଶ୍ରମ କାରାଦଣ୍ଡ ପାଇଁ କୋର୍ଟ ରାୟରେ ଉଲ୍ଲେଖ କରିଛନ୍ତି ।

ମାମଲାର ବିବରଣୀ ଅନୁଯାୟୀ, ଦଣ୍ଡାଦେଶ ପାଇଥିବା ମଦନପୁର ଗ୍ରାମର ନିରଞ୍ଜନ ନାୟକ (୪୦) ୨।୫।୨୦୨୦ ଅପରାହ୍ନରେ ସେହି ଗ୍ରାମର ବିପ୍ର ବଳିଆରସିଂଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ । ଏଥିରେ ବିପ୍ର ଗୁରୁତର ହୋଇଥିଲେ । ଏ ନେଇ ବିପ୍ରଙ୍କ ସ୍ତ୍ରୀ ପ୍ରମୋଦା ସ୍ଥାନୀୟ ଥାନାରେ ତା'ପରଦିନ ଅଭିଯୋଗ କରିଥିଲେ । ଅଭିଯୋଗ ଅନୁଯାୟୀ, ବିପ୍ର ସାଇକେଲରେ ଘରକୁ ଫେରୁଥିବା ସମୟରେ ରାସ୍ତାରେ ଅଟକି ଜଣେ ବ୍ୟକ୍ତିଙ୍କ ସହିତ କଥାବାର୍ତ୍ତା କରୁଥିଲେ । ଏତିକି ବେଳେ ନିରଞ୍ଜନ ସେଠାରେ ପହଞ୍ଚି ତାଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହିତ ଏକ ବାଉଁଶମୂଳିରେ ତାଙ୍କ ମୁଣ୍ଡକୁ ପିଟି ଦେଇଥିଲେ । ଫଳରେ ବିପ୍ର ଚେତାଶୂନ୍ୟ ହୋଇପଡିଥିଲେ । ଏହାପରେ ବି ନିରଞ୍ଜନ ତାଙ୍କ ପିଠି, ଗୋଡକୁ ପିଟି ଚାଲିବା ସହିତ ଦୁଇ ହାତର ଅଙ୍ଗୁଳି ସବୁକୁ ପିଟି ଭାଙ୍ଗି ଦେଇଥିଲେ । ପରେ ସେ ତାଙ୍କୁ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ । ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ସ୍ଥାନୀୟ ଡାକ୍ତରଖାନା, ପରେ ନୟାଗଡ଼ ଡାକ୍ତରଖାନା ଓ ଶେଷରେ କ୍ୟାପିଟାଲ ହସ୍‌ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା । ଏନେଇ ପୋଲିସ ଏକ ମାମଲା(ନଂ.୧୦୪/୨୦୨୦) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ତଦନ୍ତକାରୀ ଅଧିକାରୀ ସଞ୍ଜୟ କୁମାର ପରିଡାଙ୍କ ତଦନ୍ତ ରିପୋର୍ଟ ଓ ୧୦ ଜଣ ସାକ୍ଷୀଙ୍କ ବୟାନ ଅନୁସାରେ ଅଭିଯୁକ୍ତଙ୍କୁ ମଙ୍ଗଳବାର ସହକାରୀ ଦୌରାଜଜ୍ ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି । ଏହି ମାମଲାକୁ ସହକାରୀ ସରକାରୀ ଓକିଲ ଯଜ୍ଞ ନାରାୟଣ ପାତ୍ର ଓ ସୁରେନ୍ଦ୍ର କୁମାର ସେନାପତି ପରିଚାଳନା କରୁଥିଲେ ।

# ବାଇଗୁଣିଆ ଟିମ୍ ଚାମ୍ପିୟନ

## ଦିବାରାତ୍ର ଭଲିବଲ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ

ଖଣ୍ଡପଡ଼ା,୩୧।୧(ସ୍ୱ.ପ୍ର.)

କଣ୍ଟିଲୋ ଶ୍ରୀନୀଳମାଧବ ସ୍ପୋର୍ଟିଂ କ୍ଲବ୍ ଆନୁକୂଲ୍ୟରେ ସୋମବାର ଆୟୋଜିତ ଦିବାରାତ୍ର ଆନ୍ତଃଜିଲା ଭଲିବଲ ଟୁର୍ନାମେଣ୍ଟରେ ବାଇଗୁଣିଆ ଭଲି କ୍ଲବ୍ ୨-୦ ସେଟରେ ବାଙ୍କୀ ଭଲିଟିମକୁ ପରାସ୍ତ କରି ଚାମ୍ପିୟନ ହୋଇଛି । ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋ ପଞ୍ଚାୟତ ଗାନ୍ଧୀ ପାର୍କଠାରେ ଆୟୋଜିତ ଟୁର୍ନାମେଣ୍ଟରେ ୮ଟି ଦଳ ଭାଗ ନେଇଥିଲେ । ବାଙ୍କୀ ଭଲି କ୍ଲବ ୨-୦ ସେଟ୍‌ରେ ବାଘୁଆପଲ୍ଲୀ ଭଲି ଟିମକୁ ହରାଇ ବିଜୟୀ ହୋଇଥିବା ବେଳେ ଫତେଗଡ଼ ଟିମ ୨-୦ ସେଟରେ କଣ୍ଟାବଣକୁ ଏବଂ କୋସକା ଟିମ୍ ୨-୧ ସେଟରେ କଣ୍ଟିଲୋ ଟିମ୍‌କୁ ହରାଇ ସେମିଫାଇନାଲକୁ ଉନ୍ନୀତ ହୋଇଥିଲା । ୨ୟ ସେମି ଫାଇନାଲରେ ବାଙ୍କୀ ଟିମ୍ ୨-୧ ସେଟ୍‌ରେ କୋସକାକୁ ହରାଇ ବିଜୟୀ ହୋଇଥିବା ବେଳେ ବାଇଗୁଣିଆ ଟିମ୍ ୨-୧ ସେଟ୍‌ରେ କୁରାଡିଲୋ କ୍ଲବ୍‌କୁ ଏବଂ ବାଇଗୁଣିଆ ଟିମ୍ ୨-୧ ସେଟ୍‌ରେ ଫତେଗଡ଼କୁ ହରାଇ ଫାଇନାଲରେ ପ୍ରବେଶ କରିଛି । ଫାଇନାଲ ମ୍ୟାଚରେ ବାଇଗୁଣିଆ ଭଲି ଟିମ୍ ୨-୧ ସେଟ୍‌ରେ ବାଙ୍କୀ ଟିମ୍‌କୁ ହରାଇ ଚାମ୍ପିୟନ ହୋଇଛି । ଚାମ୍ପିୟନ ବାଇଗୁଣିଆଁ ଭଲି ଟିମ୍ ଓ ରନର୍ସ ଅପ୍ ବାଙ୍କୀ ଟିମ୍‌କୁ ଟ୍ରଫି ସହ ଅର୍ଥରାଶି ପ୍ରଦାନ କରାଯାଇଥିଲା । ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ଅଭିଲାଷ ପଣ୍ଡା ଓ ଅନ୍ୟତମ ଅତିଥି ଜିଲା ପରିଷଦ ସଭ୍ୟା ଉଜ୍ଜ୍ୱଳ ମହାରଣା ଯୋଗଦେଇ ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ । ଶଙ୍କର୍ଷଣ ସାହୁ, ରାଜେଶ ମହାରଣା, ଧନେଶ୍ୱର ସାଥୁଆ ଖେଳକୁ ପରିଚାଳନା କରିଥିଲେ । ଲାଇନସରେ ସନ୍ତୋଷ କୁମାର ସାହୁ ଓ ବାପୁ ରଞ୍ଜନ ସାହୁ ସହଯୋଗ କରିଥିଲେ ।



ସଫଳ ଟିମ୍‌କୁ ଅତିଥି ଟ୍ରଫି ପ୍ରଦାନ କରୁଛନ୍ତି ।

### ସୁଆର ସେବକ ପରିଷଦର ନୂତନ କର୍ମକର୍ତ୍ତା

ଓଡ଼ଗାଁ,୩୧।୧(ସ୍ୱ.ପ୍ର.)

ନୟାଗଡ଼ ଜିଲା ଓଡ଼ଗାଁରେ ବିଜେ ଶ୍ରୀରଘୁନାଥଜୀଉଙ୍କ ମନ୍ଦିରରେ ନିୟୋଜିତ ସୁଆର ସେବକ ପରିଷଦର ନୂତନ କର୍ମକର୍ତ୍ତା ଚୟନ ହୋଇଛି । ସୋମବାର ମନ୍ଦିର ପରିସରରେ ବାଙ୍କନିଧି ମହାପାତ୍ରଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ସର୍ବ ସମ୍ମତିକ୍ରମେ ସୁବ୍ରତ କୁମାର ପଣ୍ଡା (ଶୁଭ) ପୁଣି ଥରେ ସଭାପତି ଭାବେ ଚୟନ ହୋଇଥିବା ବେଳେ ଅରୁଣ କୁମାର ସାମନ୍ତ ଉପସଭାପତି, କାର୍ତ୍ତିକ ଚନ୍ଦ୍ର ପଣ୍ଡା ସାଧାରଣ ସମ୍ପାଦକ, ପ୍ରମୋଦ କୁମାର ପଣ୍ଡା ସହ ସମ୍ପାଦକ, ମନ ମୋହନ ଆଚାର୍ଯ୍ୟଙ୍କୁ କୋଷାଧକ୍ଷ ଭାବେ ଚୟନ କାରାଯାଇଛି । ସେହିପରି ବାଙ୍କନିଧି ମହାପାତ୍ର, ଦିବକାର ମହାପାତ୍ର, ଗର୍ନ୍ଧବ ପଣ୍ଡା, ଅଜିତ କୁମାର ମହାପାତ୍ର ଓ ସୀମାଞ୍ଚଳ ପଣ୍ଡା ଉପଦେଷ୍ଟା ମଣ୍ଡଳୀରେ ସ୍ଥାନ ପାଇଛନ୍ତି । ଆଗାମୀ ବର୍ଷରେ ନୂତନ କର୍ମକର୍ତ୍ତା ମନ୍ଦିର ନିର୍ଘଣ୍ଟ ଅନୁସାରେ ଉତ୍ତମ ପ୍ରସାଦ ପ୍ରସ୍ତୁତି ନିମନ୍ତେ ଉଦ୍ୟମ କରିବେ ବୋଲି ପ୍ରକାଶ କରିଛନ୍ତି ।

# ଆବାସ ଯୋଜନାକୁ ନେଇ ହୋହଲ୍ଲା

## ନୂଆଗାଁ ବ୍ଲକରେ ତୃତୀୟ ସାଧାରଣ ଅଧିବେଶନ

- ପାନୀୟ ଜଳ, ରାଶନ କାର୍ଡ ପ୍ରସଙ୍ଗ ଉଠିଲା
- କାର୍ଡ ପାଇଁ ଲାଞ୍ଚ କାରବାର ଚାଲିଛି

ନୂଆଗାଁ,୩୧ ।୧(ଡି.ଏନ.ଏ.)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ସଭାଗୃହରେ ମଙ୍ଗଳବାର ତୃତୀୟ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି । ସଭାକାର୍ଯ୍ୟ ଆରମ୍ଭ ପୂର୍ବରୁ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କ ଆତ୍ମାର ସଦଗତି କାମନା କରି ନୀରବ ପ୍ରାର୍ଥନା କରାଯାଇଥିଲା । ସଭାକାର୍ଯ୍ୟ ଆରମ୍ଭରେ ଜିପିଓ ସାଧୁ ଚରଣ ସାହୁ ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ । ଏହାପରେ ବୈଠକରେ ଏକାଧିକ ବିଭାଗର ଅଧିକାରୀ ଅନୁପସ୍ଥିତ ରହୁଥିବାରୁ ଆଲୋଚନାରେ ବାଧା ସୃଷ୍ଟି ହେଉଥିବା ନେଇ ଢେଙ୍କେଣା ସରପଞ୍ଚ ଯୁଗଳ କିଶୋର ସାହୁ ସଭାର ଦୃଷ୍ଟି ଆକର୍ଷଣ କରିଥିଲେ । ତେଣୁ ଯେଉଁ ବିଭାଗର ଅଧିକାରୀ ଆସି ନାହାନ୍ତି ସେମାନଙ୍କୁ ତୁରନ୍ତ ଡକାଇବା ପାଇଁ ମୁଖ୍ୟଅତିଥି ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ଆବାସ ଯୋଜନା, ପାନୀୟ ଜଳ ସମସ୍ୟା ଓ ରାଶନ କାର୍ଡ ବାବଦରେ ସରଗରମ ଆଲୋଚନା ହୋଇଥିଲା । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ନୂଆଗାଁ ବ୍ଲକର ୧୮୭୧ ଜଣ ହିତାଧିକାରୀଙ୍କ ନାମ ତାଲିକା ଭୁକ୍ତ ହୋଇଥିଲା । ସେଥିମଧ୍ୟରୁ ୫୬୯ ଜଣ ହିତାଧିକାରୀଙ୍କ ନାମରେ ଅଭିଯୋଗ ହୋଇ ତଦନ୍ତ କରାଯାଇଥିଲା । ତେଣୁ ୧୫୬୬ ଜଣ ହିତାଧିକାରୀଙ୍କୁ ଆବାସ ଯୋଜନାରେ ଗୃହ ଯୋଗାଇ ଦିଆଯିବା ନେଇ ସ୍ଥିର ହୋଇଛି । ଏହି ସୂଚନା ପାଇବା ପରେ ଉପସ୍ଥିତ ସରପଞ୍ଚ ଓ ସମିତି ସଭ୍ୟ ଅନେକ ଅଭିଯୋଗ ଉପସ୍ଥାପନା କରିଥିଲେ । ହୋହଲ୍ଲା ମଧ୍ୟରେ ଆଲୋଚନା ଚାଲିଥିବା ବେଳେ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ଆବାସ ଯୋଜନାରେ ସାମିଲ କରିବା ପାଇଁ ଚେଷ୍ଟା ଜାରି ରହିଛି ବୋଲି ବିଭାଗୀୟ ଅଧିକାରୀ କହିବା ପରେ ହୋହଲ୍ଲା କମିଥିଲା । ଆବାସ ଯୋଜନା ପାଇଁ ଲାଞ୍ଚ କାରବାର ପ୍ରତି କଡା ଦୃଷ୍ଟି ଦେବା ପାଇଁ ବିଧାୟକ ବେହେରା ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ଅନେକ ଗାଁରେ ପାନୀୟ ଜଳ ସମସ୍ୟା ଲାଗି ରହିଥିବା ନେଇ ଅଭିଯୋଗ ହୋଇଥିଲା । ଏପରିକି ପାଣି ନ ପାଇ ଲୋକେ ପାଇପ ଲାଇନ ଖୋଲି ନେଇଥିବା ଉଦୟପୁର ସରପଞ୍ଚ ଦୃଷ୍ଟି ଆକର୍ଷଣ କରିଥିଲେ । ତେବେ ତାହାର ସମାଧାନ ନିଜେ ସରପଞ୍ଚ କରନ୍ତୁ ବୋଲି ବିଡିଓ କହିଥିଲେ । ଯେଉଁଠାରେ ପାନୀୟ ଜଳ ସମସ୍ୟା ରହିଛି ବିଡିଓ ନିଜେ ଯନ୍ତ୍ରୀଙ୍କ ସହ ଯାଇ ସମସ୍ୟା ସମାଧାନ କରିବେ ବୋଲି କହିଥିଲେ । ରାଶନ କାର୍ଡ କରିବା କିମ୍ବା କାର୍ଡରେ ନାମ ଯୋଗ କରିବା ପାଇଁ ଲାଞ୍ଚ କାରବାର ହେଉଥିବା ବାହାଡାଝୋଲା ସରପଞ୍ଚ ଆରତୀ କୁମାରୀ ସେଠୀ କହିଥିଲେ । ଏହି କଥାକୁ ସମସ୍ତ ଜନ ପ୍ରତିନିଧି ସମର୍ଥନ କରିବା ସହ ସାଧାରଣ ଲୋକ କହିଲେ କାମ ହେଉଛି କିନ୍ତୁ ଜନ ପ୍ରତିନିଧି କହିଲେ କୌଣସି କଥା ଯୋଗାଣ ନିରୀକ୍ଷକ ଶୁଣୁ ନାହାନ୍ତି ବୋଲି ଅଭିଯୋଗ ହୋଇଥିଲା । ତେବେ ପ୍ରତିନିଧିମାନେ ପାଞ୍ଚ ଦିନ ଭିତରେ ତାଲିକା ଦେଲେ ତାହା ଯୋଗ କରାଯିବ ବୋଲି ଉପାଧ୍ୟକ୍ଷ ପର୍ଶୁରାମ ସ୍ୱାଇଁ କହିଥିଲେ । ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଧାୟକ ବେହେରା, ଜିଲା ପରିଷଦ ସଭ୍ୟ, ଏମ୍‌ପିଙ୍କ ପ୍ରତିନିଧି , ନୂଆଗାଁ ବିଡିଓ ପ୍ରମୋଦ କୁମାର ନାୟକଙ୍କ ସମେତ ବିଭାଗୀୟ ଅଧିକାରୀ, କର୍ମଚାରୀ ଓ ୨୨ ପଞ୍ଚାୟତର ଜନ ପ୍ରତିନିଧି ଯୋଗ ଦେଇଥିଲେ ।




ବୈଠକରେ ମଞ୍ଚାସୀନ ଅତିଥି ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଅଶୋକ



@ ବାବୁଲା



@ ସୁଦୀପ୍ତା



@ ପ୍ରକାଶ



@ ସୁନୀଲ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ ।

# ଆଇନ ସଚେତନତା ଶିବିର

ନୂଆଗାଁ,୩୧ ।୧(ଡି.ଏନ.ଏ.)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଯୁକ୍ତ ୨ ମହାବିଦ୍ୟାଳୟ ପରିସରରେ ଆଇନ ସେବା ପ୍ରାଧିକରଣ ସେବା ତରଫରୁ ମଙ୍ଗଳବାର ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମରେ କଲେଜର ଛାତ୍ରୀଛାତ୍ରମାନଙ୍କୁ ଆଇନକାନୁନ ବିଷୟରେ ସମ୍ୟକ ଧାରଣା ଦିଆଯାଇଥିଲା । ପ୍ରାଧିକରଣ ସଚିବ ତଥା ବିଚାରପତି ବିଶେଷ କୁମାର ସାହୁ ଗୁଣିଗାରେଡି, ଭୂତପ୍ରେତ ଆଦି ବିଭିନ୍ନ ପ୍ରକାର ଅନ୍ଧ ବିଶ୍ୱାସକୁ ନେଇ ଦେଖା ଦେଉଥିବା ଅପରାଧିକ କାର୍ଯ୍ୟ ବିଷୟରେ ଗଳ୍ପ ମାଧ୍ୟମରେ ବୁଝାଇଥିଲେ । ତତ୍ ସହିତ ତ୍ୱରିତ ନ୍ୟାୟ ବ୍ୟବସ୍ଥା , ସ୍ଥାୟୀ ଲୋକ ଅଦାଲତ , ଯୁବ ସମସ୍ୟା ଏବଂ ସମାଧାନ ଉପରେ ବକ୍ତବ୍ୟ ରଖିଥିଲେ । ପ୍ରାଧିକରଣ କର୍ମକର୍ତ୍ତା ପବନ କୁମାର ବେହେରା ଆଇନ ସେବା ପ୍ରାଧିକରଣର କାର୍ଯ୍ୟକ୍ରମ ଉପରେ ସମ୍ୟକ ଧାରଣା ପ୍ରଦାନ କରିଥିଲେ । ପ୍ରାଧିକରଣ ସଦସ୍ୟ ମହମ୍ମଦ ଓମାର ମଲ୍ଲିକ ଜାତୀୟ ସଂହତି , ଜାତୀୟ ପ୍ରତୀକ ଏବଂ ଅନୁଷ୍ଠାନର ଶୃଙ୍ଖଳା ଉପରେ ବର୍ଣ୍ଣନା କରିଥିଲେ । ବିଭିନ୍ନ ପ୍ରଶ୍ନୋତ୍ତର ମାଧ୍ୟମରେ ଛାତ୍ରୀଛାତ୍ରମାନେ ଆଇନ ଜ୍ଞାନ ଆହରଣ କରିଥିଲେ । ଏହି ଆଇନ ସଚେତନତା ଶିବିରରେ ନୂଆଗାଁ କଲେଜ ଅଧ୍ୟକ୍ଷ ସନ୍ତୋଷ କୁମାର ସାହୁ , ଅଧ୍ୟାପକ ମହେଶ୍ୱର ପ୍ରଧାନ, ଅଧ୍ୟାପିକା ମଧୁଲିତା ପଟ୍ଟନାୟକ, ଅଧ୍ୟାପକ ଜୟକୃଷ୍ଣ ସାହୁଙ୍କ ସମେତ ଛାତ୍ରୀଛାତ୍ର ଓ ଅନ୍ୟ କର୍ମଚାରୀମାନେ ଯୋଗ ଦେଇଥିଲେ । ଗଳ୍ପ ମାଧ୍ୟମରେ ଆଇନ ବିଷୟରେ ବୁଝାଉଛନ୍ତି ବିଚାରପତି ।

**ପାକିସ୍ତାନ ମସ୍‌ଜିଦ ବିସ୍ଫୋରଣ ମୃତ୍ୟୁସଂଖ୍ୟା ୧୦୦**

ପାକିସ୍ତାନର ପେଶାୱର ପ୍ରଦେଶରେ ଥିବା ମସ୍‌ଜିଦରେ ଆତ୍ମଘାତୀ ବିସ୍ଫୋରଣ ଜନିତ ମୃତ୍ୟୁସଂଖ୍ୟା ମଙ୍ଗଳବାର ୧୦୦ରେ ପହଞ୍ଚିଛି। ଏବେ ବି ୧୫୦ ଜଣ ଆହତ ଚିକିତ୍ସିତ ହେଉଥିବାବେଳେ ସେମାନଙ୍କ ମଧ୍ୟରୁ କେତେଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ବିସ୍ଫୋରଣ ସ୍ଥଳୀରୁ ମଙ୍ଗଳବାର ଅଧିକ ମୃତଦେହ ମିଳିଛି। ମସ୍‌ଜିଦ କେନ୍ଦ୍ରୀୟ ହଲ୍‌ରେ ସୋମବାର ବିସ୍ଫୋରଣ ଘଟିବାରୁ ଏହାର ଛାତ ଭୁଶୁଡ଼ି ଭଗ୍ନାବଶେଷ ତଳେ ଅନେକ ଲୋକ ରହିଯାଇଥିଲେ।



**ସଂକ୍ଷେପରେ**

## ବିମାନରେ ପରିସ୍ରା କରିଥିବା ଶଙ୍କର ମିଶ୍ରାଙ୍କୁ ଜାମିନ

**ନୂଆଦିଲ୍ଲୀ,୩୧।୧:** ଗତବର୍ଷ ନଭେମ୍ବର ୨୬ରେ ନ୍ୟୁୟର୍କରୁ ଦିଲ୍ଲୀ ଆସୁଥିବା ଏୟାର ଇଣ୍ଡିଆ ବିମାନରେ ଜଣେ ମହିଳା ସହଯାତ୍ରୀଙ୍କ ଉପରେ ପରିସ୍ରା କରିଥିବା ଅଭିଯୁକ୍ତ ଶଙ୍କର ମିଶ୍ରାଙ୍କୁ ଦିଲ୍ଲୀର ପଟିଆଲା ହାଉସ୍ କୋର୍ଟ ମଙ୍ଗଳବାର ଜାମିନ ମଞ୍ଜୁର କରିଛନ୍ତି। ପୂର୍ବରୁ ମାଜିଷ୍ଟ୍ରେଟ୍ କୋର୍ଟ ଶଙ୍କରଙ୍କ ଜାମିନ ଆବେଦନକୁ ଖାରଜ କରିଦେଇଥିଲେ। ଅତିରିକ୍ତ ସେସନ୍ସ ଜଜ୍ ହରଜ୍ୟୋତ୍ ସିଂ ଭାଲ୍ଲା ଅଭିଯୁକ୍ତଙ୍କୁ ୧ ଲକ୍ଷ ଟଙ୍କା ବ୍ୟକ୍ତିଗତ ବଣ୍ଡ ବଦଳରେ ଜାମିନରେ ଛାଡ଼ିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି। ଶଙ୍କରଙ୍କ ବିମାନ ଯାତ୍ରା ଉପରେ ଏୟାର ଇଣ୍ଡିଆ ୪ ମାସ ନିଷେଧାଦେଶ ଲଗାଇଥିଲା। ମହିଳାଙ୍କ ଅଭିଯୋଗକ୍ରମେ ଜାନୁୟାରୀ ୪ରେ ଦିଲ୍ଲୀ ପୋଲିସ ମିଶ୍ରାଙ୍କ ବିରୋଧରେ ଏତଲା ଦାଏର କରିବା ସହ ୬ ତାରିଖରେ ତାଙ୍କୁ ଗିରଫ କରିଥିଲା।

## ୧୧ ସ୍ଥାନକୁ ଖସିଲେ ଆଦାନୀ



**ନୂଆଦିଲ୍ଲୀ,୩୧।୧:** ବିଶ୍ୱର ୧୦ ଜଣ ଶ୍ରେଷ୍ଠ ଧନୀଙ୍କ ମଧ୍ୟରେ ଆଦାନୀ ଗ୍ରୁପ୍‌ର ଅଧ୍ୟକ୍ଷ ଗୌତମ ଆଦାନୀ ନାହାନ୍ତି। ଧନୀ ତାଲିକାରେ ସେ ୧୧ତମ ସ୍ଥାନକୁ ଖସିଥିବା ବ୍ଲୁମ୍‌ବର୍ଗ ରିପୋର୍ଟରେ କୁହାଯାଇଛି। ନ୍ୟୁୟର୍କରେ ପ୍ରତି କାରବାର ଦିବସ ଶେଷରେ ଏହି ସଂଖ୍ୟାରେ ସଂଶୋଧନ କରାଯାଇଥାଏ। ହିଣ୍ଡେନବର୍ଗ ରିସର୍ଚ୍ଚ ଆଦାନୀ ଗ୍ରୁପ୍ ବିରୋଧରେ ରିପୋର୍ଟ ପ୍ରକାଶ କରିବା ପରେ ଏହାର ଶେୟାର ଦ୍ରୁତ ହ୍ରାସ ପାଇଛି। ୧୦ ଦିନ ପୂର୍ବରୁ ଗୌତମ ଆଦାନୀ ବିଶ୍ୱର ତୃତୀୟ ଶ୍ରେଷ୍ଠ ଧନୀ ଥିବାବେଳେ ଏବେ ସେ ୮୪.୪ ବିଲିୟନ ଡଲାର ସମ୍ପତ୍ତି ସହ ୧୧ତମ ସ୍ଥାନକୁ ଖସିଆସିଛନ୍ତି। ଏହା ସତ୍ତ୍ୱେ ସେ ଏସିଆର ସର୍ବୋଚ୍ଚ ଧନୀ ରହିଛନ୍ତି। ଆମାଜନ କମ୍ପାନୀ ମୁଖ୍ୟ ଜେଫ୍ ବେଜୋସ୍ ଧନୀ ତାଲିକାର ତୃତୀୟ ସ୍ଥାନକୁ ଉଠିଛନ୍ତି। ମଙ୍ଗଳବାର ତାଙ୍କ ସମ୍ପତ୍ତି ପରିମାଣ ୧୨୪ ବିଲିୟନ ଡଲାରରେ ପହଞ୍ଚିଛି। ଲୁଇସ୍ ଭିଟନର ମୁଖ୍ୟ ବେର୍ନାର୍ଡ ଆର୍ନଲ୍ଟ ପ୍ରଥମ ସ୍ଥାନରେ ଥିବାବେଳେ ଟେସ୍‌ଲା ଏବଂ ସ୍ପେସ୍‌ଏକ୍ସ ମାଲିକ ଏଲନ ମସ୍କ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଅନ୍ୟପକ୍ଷରେ ଫୋର୍ବସ୍ ରିଅଲ ଟାଇମ୍ ବିଲିଅନେୟାର ଲିଷ୍ଟ ଅନୁଯାୟୀ ଗୌତମ ଆଦାନୀ ବିଶ୍ୱର ଅଷ୍ଟମ ଧନୀ।

## ଭିସ୍ତାରା କ୍ରିଉ ମେମ୍ବରଙ୍କୁ ମୁଥମାରି ମହିଳା ଯାତ୍ରୀ ଗିରଫ

**ମୁମ୍ବାଇ, ୩୧।୧:** ଭିସ୍ତାରା ଏୟାର ଲାଇନ୍ସରେ ଯାତ୍ରା କରୁଥିବା ଜଣେ ମହିଳା କ୍ରିଉ ମେମ୍ବରଙ୍କୁ ମୁଥମାରି ଗିରଫ ହୋଇଛନ୍ତି। ବିମାନଟି ଆବୁଧାବିରୁ ମୁମ୍ବାଇ ଆସୁଥିଲା। ଇଟାଲିର ପାଓଲା ପେରୁସିଓ (୪୫) ନାମ୍ନୀ ମହିଳା ଇକୋନୋମିକ୍ ଶ୍ରେଣୀ ଟିକଟ କରି ବିଜ୍‌ନେଶ କ୍ଲାସରେ ବସିବାକୁ ଜିଦ୍ କରିଥିଲେ। ଅନ୍ ବୋର୍ଡ କ୍ରିଉ ମେମ୍ବର ମହିଳାଙ୍କୁ ଏ ନେଇ ବାରଣ କରିବାରୁ ପାଓଲା କ୍ରିଉ ମେମ୍ବରଙ୍କୁ ମୁଥା ମାରି ସେମାନଙ୍କ ସହ ଝଗଡ଼ା କରିଥିଲେ। ଏଥିସହ ମହିଳାଜଣକ ଅର୍ଦ୍ଧନଗ୍ନ ହୋଇ ସେଠାରୁ ଚାଲିଯାଇଥିବା କ୍ରିଉ ମେମ୍ବର କହିଛନ୍ତି। ବିମାନଟି ମୁମ୍ବାଇରେ ଅବତରଣ କରିବା ପରେ ତୁରନ୍ତ ମୁମ୍ବାଇ ପୋଲିସ ତାଙ୍କୁ ଗିରଫ କରି ନେଇଥିଲା। ଗିରଫର କିଛି ସମୟ ପରେ ମୁମ୍ବାଇର ଏକ କୋର୍ଟ ତାଙ୍କୁ ଜାମିନ ପ୍ରଦାନ କରିଛି। ଘଟଣା ନେଇ ମୁମ୍ବାଇ ପୋଲିସ ପକ୍ଷରୁ ଚାର୍ଜଶିଟ୍ ଦାଖଲ କରାଯାଇଛି। ଉଡ଼ନ୍ତା ବିମାନରେ ଝଗଡ଼ା ରୋକିବା ଲାଗି ପାଇଲଟ ବାରମ୍ବାର ଆନାଉନ୍ସମେଣ୍ଟ କରିଥିଲେ ସୁଦ୍ଧା ମହିଳା କ୍ରିଉ ମେମ୍ବରଙ୍କ ସହ ପାଟିତୁଣ୍ଡ ବନ୍ଦ କରି ନ ଥିବା ଭିସ୍ତାରା ପକ୍ଷରୁ କୁହାଯାଇଛି।



ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ୍ ମାକରଁ ସରକାରୀ କର୍ମଚାରୀମାନଙ୍କ ଅବସର ବୟସ ସୀମା ୬୨ରୁ ୬୪କୁ ବୃଦ୍ଧି କରିଛନ୍ତି। ଏହି ପେନ୍‌ଶନ୍ ସଂସ୍କାର ନିଷ୍ପତ୍ତି ନିରୋଧରେ ପ୍ୟାରିସ୍‌ରେ କର୍ମଚାରୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ବିଶାଖାପାଟଣା ହେବ ଆନ୍ଧ୍ର ରାଜଧାନୀ

**ନୂଆଦିଲ୍ଲୀ,୩୧।୧**


ଜଗନମୋହନ ରେଡ୍ଡୀ

ବିଶାଖାପାଟଣା ଆନ୍ଧ୍ରପ୍ରଦେଶର ରାଜଧାନୀ ହେବ ବୋଲି ମୁଖ୍ୟମନ୍ତ୍ରୀ ଜଗନମୋହନ ରେଡ୍ଡୀ ମଙ୍ଗଳବାର ଘୋଷଣା କରିଛନ୍ତି। ଆଗାମୀ ମାସରେ ମୁଖ୍ୟମନ୍ତ୍ରୀ ତାଙ୍କ କାର୍ଯ୍ୟାଳୟ ବିଶାଖାପାଟଣାକୁ ସ୍ଥାନାନ୍ତର କରିବେ। ଆଇନଗତ ପ୍ରତିବନ୍ଧକ ସତ୍ତ୍ୱେ ବିଶାଖାପାଟଣା ସମେତ କୁର୍ନୁଲ ଏବଂ ବର୍ତ୍ତମାନର ରାଜଧାନୀ ଅମରାବତୀକୁ ନେଇ ୩ ରାଜଧାନୀ ଯୋଜନାରୁ ଜଗନ ଓହରିନାହାନ୍ତି। ଏନେଇ ୱାଇଏସ୍‌ଆର୍‌ସିପି ସରକାରଙ୍କ ଅପିଲ୍ ସୁପ୍ରିମକୋର୍ଟଙ୍କ ବିଚାରାଧୀନ ରହିଛି। ବିଶାଖାପାଟଣାରେ ଜଗନ ମାର୍ଚ୍ଚ ୩-୪ରେ ଗ୍ଲୋବାଲ ସମିଟ୍ ଲାଗି କାର୍ଯ୍ୟସୂଚୀ ଘୋଷଣା କରିବା ଅବସରରେ ଏହାକୁ ରାଜଧାନୀ ଘୋଷଣା କରିଛନ୍ତି। ତେବେ କେବେଠାରୁ ଏହା କାର୍ଯ୍ୟକାରୀ ହେବ ତାହା କହିନାହାନ୍ତି। ୨୦୧୪ରେ ଆନ୍ଧ୍ରପ୍ରଦେଶରୁ ତେଲଙ୍ଗାନା ଅଲଗା ହେବା ପରେ ହାଇଦ୍ରାବାଦ ନୂଆ ରାଜ୍ୟର ରାଜଧାନୀ ହୋଇଥିଲା। ଟିଡିପି ନେତା ଏନ୍. ଚନ୍ଦ୍ରାବାବୁ ନାଇଡୁଙ୍କ ନେତୃତ୍ୱରେ ଆନ୍ଧ୍ରପ୍ରଦେଶ ସରକାର ୨୦୧୫ରେ ଅମରାବତୀକୁ ରାଜଧାନୀ ଘୋଷଣା କରିଥିଲେ। ୨୦୨୦ରେ ରାଜ୍ୟ ସରକାର ୩ଟି ରାଜଧାନୀ ଯୋଜନା କରିଥିଲେ। ବିଶାଖାପାଟଣା କାର୍ଯ୍ୟନିର୍ବାହୀ, ଅମରାବତୀ ବ୍ୟବସ୍ଥାପିକା ଏବଂ କୁର୍ନୁଲକୁ ନ୍ୟାୟପାଳିକା ରାଜଧାନୀ କରିବା ଲାଗି ଯୋଜନା ହୋଇଥିଲା। ପରେ ଏହି ବିଲ୍‌କୁ ପ୍ରତ୍ୟାହାର କରି ନିଆଯାଇ ଅମରାବତୀକୁ ଆନୁଷ୍ଠାନିକ ରାଜଧାନୀ କରାଯାଇଥିଲା।

# ଭାରତ ପ୍ରତି ବିଶ୍ୱ ଦୃଷ୍ଟିଭଙ୍ଗୀ ବଦଳିଛି

**ନୂଆଦିଲ୍ଲୀ,୩୧।୧**

### ପାର୍ଲାମେଣ୍ଟରେ ରାଷ୍ଟ୍ରପତି ମୁର୍ମୁଙ୍କ ପ୍ରଥମ ଅଭିଭାଷଣ



ଭାରତ ପ୍ରତି ବିଶ୍ୱ ଦୃଷ୍ଟିଭଙ୍ଗୀରେ ବଦଳିଥିବା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଙ୍ଗଳବାର ପାର୍ଲାମେଣ୍ଟର ବଜେଟ ଅଧିବେଶନ ଆରମ୍ଭରେ ଉଭୟ ଗୃହର ମିଳିତ ଅଧିବେଶନକୁ ସମ୍ବୋଧିତ କରି କହିଛନ୍ତି। ଫଳରେ ପ୍ରତ୍ୟେକ ଭାରତୀୟଙ୍କ ଆତ୍ମବିଶ୍ୱାସ ଆଜି ଶୀର୍ଷରେ ପହଞ୍ଚିଛି। ଭାରତର ଅତୀତ ଗୌରବ ସହ ଆଧୁନିକତାର ସମସ୍ତ ଗୌରବମୟ ଅଧ୍ୟାୟକୁ ଯୋଡ଼ି ଆଗାମୀ ୨୫ ବର୍ଷରେ ଏହାକୁ ବିକଶିତ ରାଷ୍ଟ୍ରରେ ପରିଣତ କରିବା ଲାଗି ଜନସାଧାରଣ ସେମାନଙ୍କର ଶ୍ରେଷ୍ଠ ପ୍ରତିପାଦନ କରିବା ନିମନ୍ତେ ମୁର୍ମୁ ଆହ୍ୱାନ ଦେଇଛନ୍ତି।

ଦେଶ ସ୍ୱାଧୀନତାର ଅମୃତ କାଳ ଆଗାମୀ ୨୫ ବର୍ଷରେ ଭାରତକୁ ଆତ୍ମନିର୍ଭର କରି ଗଢ଼ିତୋଳିବା ସହ ଏହାର ସମସ୍ତ ମାନବୀୟ ଦାୟିତ୍ୱ ପୂରଣ କରିବାକୁ ହେବ। ସର୍ଜିକାଲ ଷ୍ଟ୍ରାଇକ୍‌ଠାରୁ ଆତଙ୍କବାଦ ବିରୋଧରେ କାର୍ଯ୍ୟାନୁଷ୍ଠାନ, ଏଲ୍‌ଓସିରୁ ଏଲ୍‌ଏସି, ଅନୁଚ୍ଛେଦ ୩୭୦ ଉଚ୍ଛେଦରୁ ତିନି ତଲାକ ଯାଏ, ସମସ୍ତ ନିଷ୍ପତ୍ତି ମୋ ସରକାରକୁ ନିର୍ଣ୍ଣାୟକ ସରକାର ଭାବେ ସ୍ୱୀକୃତି ଦେଇଥିବା ମୁର୍ମୁ କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ସରକାରଙ୍କ ୯ ବର୍ଷ ଶାସନକାଳ ମଧ୍ୟରେ ଦେଶ ଅନେକ ସକାରାତ୍ମକ ପରିବର୍ତ୍ତନ ଦେଖିଛି। ପ୍ରତ୍ୟେକ ଭାରତୀୟଙ୍କ ମଧ୍ୟରେ ଆତ୍ମବିଶ୍ୱାସ ଶୀର୍ଷରେ ପହଞ୍ଚିବା ସବୁଠୁ ବଡ଼ ପରିବର୍ତ୍ତନ। ଦିନେ ଭାରତ ନିଜ ସମସ୍ୟାର ସମାଧାନ ପାଇଁ ଅନ୍ୟ ଉପରେ ନିର୍ଭର କରୁଥିଲା। ଏବେ ଏହା ବିଶ୍ୱ ସମସ୍ୟା ସମାଧାନ ଦିଗରେ କାର୍ଯ୍ୟ କରୁଛି ବୋଲି ମୁର୍ମୁ କହିଛନ୍ତି।

ଡିଜିଟାଲ ନେଟ୍‌ୱର୍କର ସମ୍ପ୍ରସାରଣ, ଦୁର୍ନୀତି ବିରୋଧରେ କାର୍ଯ୍ୟାନୁଷ୍ଠାନ ଯୋଗୁ ଭାରତରେ ସ୍ଥିର, ନିର୍ଭୀକ ଏବଂ ନିର୍ଣ୍ଣାୟକ ସୃଷ୍ଟି ହୋଇଛି ଏବଂ ବଡ଼ ସ୍ୱପ୍ନ ସାକାର କରିବା ଦିଗରେ କାର୍ଯ୍ୟ କରୁଛି। ବେଟି ବଚାଓ, ବେଟି ପଢ଼ାଓ ଅଭିଯାନର ସଫଳତା ଯୋଗୁ ଭାରତରେ ପ୍ରଥମ ଥର ପାଇଁ ମହିଳାଙ୍କ ସଂଖ୍ୟା ପୁରୁଷଙ୍କୁ ଟପିଛି। ଡିଜିଟାଲ ଇଣ୍ଡିଆ ଯୋଗୁ ଦେଶରେ ସ୍ଥାୟୀ ଓ ସ୍ୱଚ୍ଛ ବ୍ୟବସ୍ଥା ହୋଇପାରିଛି ବୋଲି ରାଷ୍ଟ୍ରପତି ତାଙ୍କ ଅଭିଭାଷଣରେ କହିଛନ୍ତି।

## ଅଭିଭାଷଣରେ ନୂତନତ୍ୱ ନାହିଁ: ଖାର୍ଗେ

### ୨୦୨୪ ନିର୍ବାଚନ ପାଇଁ ଭାଜପାର ଇସ୍ତାହାର: ବିରୋଧୀ


ମଲ୍ଲିକାର୍ଜୁନ ଖାର୍ଗେ

ପାର୍ଲାମେଣ୍ଟର ମିଳିତ ଅଧିବେଶନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅଭିଭାଷଣରେ କିଛି ନୂତନତ୍ୱ ନାହିଁ ବୋଲି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ କହିଛନ୍ତି। ଯଦି ଦେଶ ଉନ୍ନତି କରୁଛି ବୋଲି ସରକାର ଦାବି କରୁଛନ୍ତି, ତେବେ ବେରୋଜଗାରୀ ଏବଂ ଦରଦାମ୍ ବୃଦ୍ଧି ଯୋଗୁ ଗରିବ ହଇରାଣ ହେଉଛନ୍ତି କାହିଁକି ବୋଲି ସେ ପ୍ରଶ୍ନ କରିଥିଲେ। ରାଷ୍ଟ୍ରପତିଙ୍କ ଅଭିଭାଷଣ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଭାଜପାକୁ ୨୦୨୪ରେ ତୃତୀୟ ଥର ବିଜୟୀ କରାଇବା ପାଇଁ ଏକ ନିର୍ବାଚନୀ ଭାଷଣ କହି କଂଗ୍ରେସ ଏମ୍‌ପି ଶଶୀ ଥରୁର ସମାଲୋଚନା କରିଛନ୍ତି। ଏହା ୨୦୨୪ ପାଇଁ ଶାସକ ଭାଜପାର ନିର୍ବାଚନୀ ଇସ୍ତାହାର ପ୍ରଥମ ଅଧ୍ୟାୟ ବୋଲି ବିରୋଧୀ ଦଳଗୁଡ଼ିକ ଅଭିଯୋଗ କରିଛନ୍ତି। ଅଭିଭାଷଣରେ ଦରଦାମ୍ ନିୟନ୍ତ୍ରଣ, ସାମ୍ପ୍ରଦାୟିକ ସଦ୍‌ଭାବ ଏବଂ ମହିଳା ଆଦି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ନ ଥିବା ସେମାନେ କହିଛନ୍ତି। ସରକାରଙ୍କ ଦ୍ୱାରା ଲିଖିତ ଅଭିଭାଷଣରେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ନ ଥିବା ଟିଏମ୍‌ସି ରାଜ୍ୟ ସଭା ସଦସ୍ୟ ଡେରେକ୍ ଓ'ବ୍ରିଏନ୍ କହିଛନ୍ତି। ମହିଳା, ଯୁବପିଢ଼ି, ଦଳିତ ଏବଂ ଆଦିବାସୀମାନଙ୍କ ସଶକ୍ତୀକରଣ କେବଳ କାଗଜରେ ରହିଗଲା ବୋଲି ସିପିଆଇ ଏମ୍‌ପି ବିନୟ ବିଶ୍ୱମ୍ ଅଭିଯୋଗ କରିଛନ୍ତି। ବିମାନ ବିଳମ୍ବ ଯୋଗୁ କଂଗ୍ରେସ ଅଧ୍ୟକ୍ଷ ତଥା ରାଜ୍ୟ ସଭାରେ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେଙ୍କ ସମେତ କେତେଜଣ କଂଗ୍ରେସ ଏମ୍‌ପି ରାଷ୍ଟ୍ରପତିଙ୍କ ଅଭିଭାଷଣ ସମୟରେ ଗୃହରେ ଉପସ୍ଥିତ ହୋଇପାରି ନ ଥିଲେ।


## ମନମୋହନ ସିଂଙ୍କୁ ଲାଇଫ୍‌ଟାଇମ୍ ଆଚିଭ୍‌ମେଣ୍ଟ ସମ୍ମାନ


ଡ. ମନମୋହନ ସିଂ

**ଲଣ୍ଡନ,୩୧।୧(ପି.ଟି.)**

ଅର୍ଥନୀତି ଏବଂ ରାଜନୀତି ପ୍ରତି ଅବଦାନ ଲାଗି ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଡ. ମନମୋହନ ସିଂଙ୍କୁ ଲଣ୍ଡନରେ ଲାଇଫ୍‌ଟାଇମ୍ ଆଚିଭ୍‌ମେଣ୍ଟ ସମ୍ମାନରେ ସମ୍ମାନିତ କରାଯାଇଛି। ଗତ ସପ୍ତାହରେ ଏକ ପୁରସ୍କାର ଉତ୍ସବରେ ଏହି ସମ୍ମାନ ଘୋଷଣା କରାଯାଇଥିଲା। ବ୍ରିଟେନର ନ୍ୟାଶନାଲ ଇଣ୍ଡିଆନ ଷ୍ଟୁଡେଣ୍ଟସ୍ ଆଣ୍ଡ ଆଲୁମ୍ନି ୟୁନିୟନ (ଏନ୍‌ଆଇଏସ୍‌ଏୟୁ) ନୂଆଦିଲ୍ଲୀରେ ମନମୋହନଙ୍କୁ ଏହି ସମ୍ମାନ ପ୍ରଦାନ କରିବ। ଲାଇଫ୍‌ଟାଇମ୍ ଆଚିଭମେଣ୍ଟ ସମ୍ମାନ ଅକ୍ସଫୋର୍ଡ ଏବଂ କେମ୍ବ୍ରିଜ୍ ୟୁନିଭର୍ସିଟିରେ ମନମୋହନଙ୍କ ସଫଳତାକୁ ସ୍ୱୀକୃତି ବୋଲି କୁହାଯାଇଛି।

## ଶାନ୍ତି ଭୂଷଣଙ୍କ ପରଲୋକ



**ନୂଆଦିଲ୍ଲୀ,୩୧।୧**

ବରିଷ୍ଠ ଆଇନଜୀବୀ ତଥା ପୂର୍ବତନ ଆଇନମନ୍ତ୍ରୀ ଶାନ୍ତି ଭୂଷଣଙ୍କର ମଙ୍ଗଳବାର ପରଲୋକ ହୋଇଯାଇଛି। ତାଙ୍କୁ ୯୭ ବର୍ଷ ହୋଇଥିଲା। ମୋରାରଜୀ ଦେଶାଇ ସରକାରରେ ୧୯୭୭ରୁ ୧୯୭୯ ସେ କେନ୍ଦ୍ରରେ ଆଇନମନ୍ତ୍ରୀ ଥିଲେ। ତାଙ୍କ ପୁଅ ପ୍ରଶାନ୍ତ ଭୂଷଣ ଜଣେ ଆଇନଜୀବୀ ଏବଂ ସାମାଜିକ କର୍ମୀ। ରାମ ମନୋହର ଲୋହିଆଙ୍କ ଏସ୍‌ଏସ୍‌ପି ଦଳର ନେତା ରାଜ ନାରାୟଣଙ୍କ ପାଇଁ ଶାନ୍ତି ଭୂଷଣ ଆଲ୍ଲାହାବାଦ ହାଇକୋର୍ଟରେ ଏକ ମାମଲା ଲଢ଼ିଥିଲେ, ଯେଉଁଥି ପାଇଁ ୧୯୭୫ ନିର୍ବାଚନରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କୁ ତାଙ୍କ ପଦ ହରାଇବାକୁ ପଡ଼ିଥିଲା।

## ଭାରତର ବଜେଟ ବିଶ୍ୱ ପାଇଁ ଆଶାର କିରଣ

**ନୂଆଦିଲ୍ଲୀ,୩୧।୧(ପି.ଟି.)**


ପାର୍ଲାମେଣ୍ଟର ବଜେଟ ଅଧିବେଶ ପ୍ରଥମ ଦିନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗଣମାଧ୍ୟମକୁ ଉଦ୍‌ବୋଧନ ଦେଉଛନ୍ତି।

ବିଶ୍ୱ ଅର୍ଥନୀତିରେ ଅନିଶ୍ଚିତତା ଲାଗିରହିଥିବାବେଳେ ଭାରତର ବଜେଟ ସାଧାରଣ ଜନତାଙ୍କ ଆଶା ଆକାଂକ୍ଷା ପୂରଣ ଲାଗି ଉଦ୍ୟମ କରିବ ଏବଂ ଏହା ବିଶ୍ୱ ପାଇଁ ଆଶାର କିରଣ ହେବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର କହିଛନ୍ତି। ବିଶ୍ୱ ଅର୍ଥନୀତିରେ ସ୍ୱୀକୃତ ସ୍ୱର ସବୁ ଦିଗରୁ ସକାରାତ୍ମକ ବାର୍ତ୍ତା ଆଣିବ ବୋଲି ପାର୍ଲାମେଣ୍ଟର ବଜେଟ ଅଧିବେଶନ ଆରମ୍ଭ ପୂର୍ବରୁ ମୋଦି ଗଣମାଧ୍ୟମକୁ ଉଦ୍‌ବୋଧନ ଦେଇ କହିଥିଲେ। ବୁଧବାର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ବଜେଟ ଉପସ୍ଥାପନ କରିବେ। ଜନସାଧାରଣଙ୍କ ଆକାଂକ୍ଷା ପୂରଣ ଦିଗରେ ଅର୍ଥମନ୍ତ୍ରୀ ସମସ୍ତ ଉଦ୍ୟମ କରିବା ନେଇ ତାଙ୍କର ପୂର୍ଣ୍ଣ ବିଶ୍ୱାସ ରହିଛି ବୋଲି ମୋଦି କହିଛନ୍ତି। ପାର୍ଲାମେଣ୍ଟରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅଭିଭାଷଣ ଭାରତର ସମ୍ବିଧାନ ଏବଂ ସଂସଦୀୟ ବ୍ୟବସ୍ଥାର ଗର୍ବ ତଥା ମହିଳା ଏବଂ ମହାନ ଆଦିବାସୀ ପରମ୍ପରାକୁ ସମ୍ମାନ ଦେବାର ସୁଯୋଗ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଗୋଟିଏ ମାତ୍ର ଲକ୍ଷ୍ୟ 'ଭାରତ ପ୍ରଥମ ଏବଂ ନାଗରିକ ପ୍ରଥମ' ଦିଗରେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ସବୁବେଳେ କାର୍ଯ୍ୟ କରୁଛି। ବଜେଟ ଅଧିବେଶନରେ ସମାନ ମନୋବଳ ପ୍ରକାଶ ପାଇବ ବୋଲି ମୋଦି କହିଥିଲେ। ଅଧିବେଶନ ବେଳେ ଯୁକ୍ତିତର୍କ ଲାଗିରହିବ। ଏହା ସତ୍ତ୍ୱେ ବିରୋଧୀ ଦଳ ପ୍ରସଙ୍ଗଗୁଡ଼ିକ ଭଲଭାବେ ଅନୁଧ୍ୟାନ କରି ସରକାରଙ୍କୁ ଗୃହକାର୍ଯ୍ୟ ପରିଚାଳନାରେ ସହଯୋଗ କରିବେ ବୋଲି ପ୍ରଧାନମନ୍ତ୍ରୀ ଆଶାବ୍ୟକ୍ତ କରିଥିଲେ।

## ଅଭିଭାଷଣ ବର୍ଜନକଲେ ବିଆର୍‌ଏସ୍, ଏଏପି

**ନୂଆଦିଲ୍ଲୀ,୩୧।୧**

### ରାଷ୍ଟ୍ରପତିଙ୍କ ମର୍ଯ୍ୟାଦା ପ୍ରତି ଅପମାନ: ଭାଜପା

ପାର୍ଲାମେଣ୍ଟ ବଜେଟ ଅଧିବେଶନର ପ୍ରଥମ ଦିନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅଭିଭାଷଣକୁ ଭାରତ ରାଷ୍ଟ୍ର ସମିତି (ବିଆର୍‌ଏସ୍) ଏବଂ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ବର୍ଜନ କରିଛନ୍ତି। ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର କେନ୍ଦ୍ରରେ ବିଫଳ ହୋଇଥିବାରୁ ଅଭିଭାଷଣ ବର୍ଜନ କରିବା ପାଇଁ ବିଆର୍‌ଏସ୍ ନିଷ୍ପତ୍ତି ନେଇଥିବା କହିଛି। ତେବେ ଜଣେ ଅନୁଷ୍ଠାନ କିମ୍ବା ବ୍ୟକ୍ତିବିଶେଷ ଭାବେ ରାଷ୍ଟ୍ରପତିଙ୍କ ବିରୋଧରେ କୌଣସି ଅଭିଯୋଗ ନାହିଁ ବୋଲି ଏହି ଦଳ କହିଛି। ସେହିପରି ଅରବିନ୍ଦ କେଜ୍‌ରିୱାଲଙ୍କ ଏଏପି ମଧ୍ୟ କେନ୍ଦ୍ର ସରକାରଙ୍କ ଜନବିରୋଧୀ ନୀତିର ପ୍ରତିବାଦରେ ମଙ୍ଗଳବାର ରାଷ୍ଟ୍ରପତିଙ୍କ ଭାଷଣକୁ ବର୍ଜନ କରିଛି। ରାଷ୍ଟ୍ରପତିଙ୍କ ଅଭିଭାଷଣକୁ ବର୍ଜନକରି ବିଆର୍‌ଏସ୍ ଏବଂ ଏଏପି ସର୍ବୋଚ୍ଚ ସାମ୍ବିଧାନିକ ପଦବୀ ଏବଂ ଭାରତର ସଂସଦୀୟ ଗଣତନ୍ତ୍ରର ମର୍ଯ୍ୟାଦା ପ୍ରତି ଅପମାନ କରିଛନ୍ତି ବୋଲି ଭାଜପା କହିଛି। ଭାରତର ପ୍ରଥମ ଆଦିବାସୀ ରାଷ୍ଟ୍ରପତି ପାର୍ଲାମେଣ୍ଟରେ ଅଭିଭାଷଣ ଦେବା ଅଭିନନ୍ଦନୀୟ। ରାଜନୈତିକ ବିରୋଧର ଏକ ସୀମା ରହିଛି ଏବଂ ରାଜନୈତିକ ଦଳଗୁଡ଼ିକ କେତେକ ନିୟମ ପାଳନ କରିବା ଆବଶ୍ୟକ। ବିଆର୍‌ଏସ୍ ଏବଂ ଏଏପି ଅଭିଭାଷଣକୁ ବଏକଟ୍ କରି ସଂସଦୀୟ ଗଣତନ୍ତ୍ରରେ ଅତ୍ୟନ୍ତ ନିମ୍ନସ୍ତରକୁ ଖସିଯାଇଥିବା ଭାଜପା ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ରବିଶଙ୍କର ପ୍ରସାଦ କହିଛନ୍ତି।


ଚେନ୍ନାଇରେ ଜି୨୦ ଶିକ୍ଷା କାର୍ଯ୍ୟକାରୀ ଗ୍ରୁପ୍ ବୈଠକ ଉଦ୍‌ଘାଟନ ପୂର୍ବରୁ ମଙ୍ଗଳବାର ପ୍ରତିନିଧିମାନଙ୍କୁ ପାରମ୍ପରିକ ସ୍ୱାଗତ କରାଯାଉଛି।

## ପିଏମ୍ କେୟାର୍ସ ସରକାରଙ୍କ ପାଣ୍ଠି ନୁହେଁ

**ନୂଆଦିଲ୍ଲୀ,୩୧।୧(ପି.ଟି.)**

PM CARES
Prime Minister's Citizen Assistance and Relief in Emergency Situations Fund

- ଆର୍‌ଟିଆଇ ଆଇନ ଲାଗୁ ହେବ ନାହିଁ
- ଦିଲ୍ଲୀ ହାଇକୋର୍ଟଙ୍କୁ ଜଣାଇଲା ପିଏମ୍‌ଓ

ଜରୁରୀ ସ୍ଥିତିରେ ନାଗରିକଙ୍କୁ ସହାୟତା ଓ ରିଲିଫ ପ୍ରଦାନ ଲାଗି ପ୍ରଧାନମନ୍ତ୍ରୀଙ୍କ ପାଣ୍ଠି (ପିଏମ୍ କେୟାର୍ସ) ସରକାରୀ ପାଣ୍ଠି ନୁହେଁ ବୋଲି କେନ୍ଦ୍ର ସରକାର ମଙ୍ଗଳବାର ଦିଲ୍ଲୀ ହାଇକୋର୍ଟଙ୍କୁ ଜଣାଇଛନ୍ତି। ତଥ୍ୟ ଜାଣିବା ଅଧିକାର (ଆର୍‌ଟିଆଇ) ସଂଜ୍ଞା ଅନୁଯାୟୀ ଏହି ପାଣ୍ଠି ସାର୍ବଜନିକ କର୍ତ୍ତୃପକ୍ଷ ନୁହେଁ। ତେଣୁ ଏହା ଆର୍‌ଟିଆଇ ଆଇନର ବ୍ୟବସ୍ଥା ମଧ୍ୟରେ ଆସୁ ନ ଥିବା ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ) ପକ୍ଷରୁ ହାଇକୋର୍ଟଙ୍କୁ କୁହାଯାଇଛି। ପିଏମ୍‌ଓ କେୟାର୍ସ ଟ୍ରଷ୍ଟ ଦାୟିତ୍ୱରେ ଥିବା ପିଏମ୍‌ଓର ଉପସଚିବ ପ୍ରଦୀପ କୁମାର ଶ୍ରୀବାସ୍ତବ ଅଦାଲତରେ ସତ୍ୟପାଠ ଦାଖଲ କରି କହିଛନ୍ତି, ଏହି ଟ୍ରଷ୍ଟ ସ୍ୱଚ୍ଛତାର ସହ କାର୍ଯ୍ୟ କରୁଛି ଏବଂ ଏହାର ପାଣ୍ଠି ଜଣେ ଅଡିଟରଙ୍କ ଦ୍ୱାରା ଅଡିଟ୍ କରାଯାଉଛି। ଭାରତର କମ୍ପ୍ଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ (ସିଏଜି)ଙ୍କ ଦ୍ୱାରା ପ୍ରସ୍ତୁତ ପ୍ୟାନେଲରୁ ଜଣେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟଙ୍କୁ ଅଡିଟ୍ ଦାୟିତ୍ୱ ଦିଆଯାଇଛି। ପିଏମ୍ କେୟାର୍ସ ସମ୍ବିଧାନ କିମ୍ବା ଆର୍‌ଟିଆଇ ଆଇନ ଅଧୀନରେ ଆସୁ ନ ଥିବାରୁ ତୃତୀୟ ପକ୍ଷ ସୂଚନା ପ୍ରଦାନ କରିବାକୁ ଅନୁମତି ଦିଆଯାଇ ନାହିଁ। ପିଏମ୍ କେୟାର୍ସକୁ ସମ୍ବିଧାନ ଅନୁଯାୟୀ ସରକାରୀ ପାଣ୍ଠି ଘୋଷଣା କରିବା ସହ ଏହାର କାର୍ଯ୍ୟକୁ ସ୍ୱଚ୍ଛ କରିବା ଲାଗି ନିର୍ଦ୍ଦେଶ ଦେବାକୁ ହାଇକୋର୍ଟରେ ପିଟିଶନ ଦାଏର ହୋଇଥିବାବେଳେ ଏହାର ଜବାବରେ ପିଏମ୍‌ଓ ପକ୍ଷରୁ ସତ୍ୟପାଠ ଦାଖଲ ହୋଇଛି। ଆବେଦନକାରୀ ସମ୍ୟକ ଗଙ୍ଗୱାରଙ୍କ ତରଫରୁ ଯୁକ୍ତି ଶୁଣିବା ପରେ ମୁଖ୍ୟ ବିଚାରପତି ସତୀଶ ଚନ୍ଦ୍ର ଶର୍ମା ଏବଂ ଜଷ୍ଟିସ ସୁବ୍ରମଣ୍ୟମ ପ୍ରସାଦ ଜବାବ ରଖିବା ଲାଗି ସଲିସିଟର ଜେନେରାଲ ତୁଷାର ମେହେଟ୍ଟାଙ୍କ କାର୍ଯ୍ୟାଳୟକୁ ନିର୍ଦ୍ଦେଶ ଦେଇଥିଲେ।

## ସଂକ୍ଷେପରେ

### ଫେବୃୟାରୀ ୭ ଯାଏ ହାଲୁକା ଶୀତ

ଭୁବନେଶ୍ୱର,୩୧।୧(ବ୍ୟୁରୋ): ରାଜ୍ୟରେ ଆସନ୍ତା ସପ୍ତାହେ ପର୍ଯ୍ୟନ୍ତ ଶୀତ ସାମାନ୍ୟ ବୃଦ୍ଧି ପାଇବ। ମଙ୍ଗଳବାରଠାରୁ ରାଜ୍ୟକୁ ଉତ୍ତର ପଶ୍ଚିମ ଦିଗରୁ ଥଣ୍ଡା ବାୟୁ ପ୍ରବାହ ଆରମ୍ଭ ହୋଇଛି। ଏଥିଯୋଗୁ ଫେବୃୟାରୀ ୭ ତାରିଖ ଯାଏ ହାଲୁକା ଶୀତ ଅନୁଭୂତ ହେବ। ସର୍ବନିମ୍ନ ତାପମାତ୍ରା ୨ ଡିଗ୍ରୀ ସେଲ୍‌ସିୟସ ତଳକୁ ଖସିବ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ସେହିପରି ଦିନର ସର୍ବୋଚ୍ଚ ତାପମାତ୍ରା ୩୦ରୁ ୩୨ ଡିଗ୍ରୀ ସେଲ୍‌ସିୟସ ମଧ୍ୟରେ ରହିବ। ଗତ କିଛିଦିନ ହେବ ରାଜ୍ୟକୁ ଦକ୍ଷିଣ ପଶ୍ଚିମ ଦିଗରୁ ବାୟୁ ପ୍ରବାହ ହେଉଥିଲା। ଫଳରେ ରାଜ୍ୟରେ ତାତି ବୃଦ୍ଧି ପାଇଥିଲା। ତେବେ ବାୟୁ ପ୍ରବାହ ଦିଗ ପରିବର୍ତ୍ତନ ହେବା ଫଳରେ ଶୀତ ସାମାନ୍ୟ ବଢ଼ିବ। ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ମଙ୍ଗଳବାର ବୌଦ୍ଧରେ ସର୍ବୋଚ୍ଚ ତାପମାତ୍ରା ୩୫.୫ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ମାଲକାନଗିରି ୩୪, ଜଗତ୍‌ସିଂହପୁର ୩୩.୫, ଝାରସୁଗୁଡ଼ା ୩୩.୨, ବଲାଙ୍ଗୀର ୩୨.୪ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ସେହିପରି ସର୍ବନିମ୍ନ ତାପମାତ୍ରା ୧୩ରୁ ୨୦ରୁ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।

### ସ୍ତ୍ରୀ ଗଳାଚିପି ହତ୍ୟାକଲେ ସ୍ୱାମୀ


ଅଭିଯୁକ୍ତ ଗୁଡୁ ସିଂ

ଭେଡେନ,୩୧।୧(ଡି.ଏନ.ଏ.): ବରଗଡ ଜିଲା ଭେଡେନ ଥାନା ଲୁପୁରସିଂହା ଗ୍ରାମରେ ଜଣେ ବ୍ୟକ୍ତି ମଙ୍ଗଳବାର ସକାଳେ ତାଙ୍କ ସ୍ତ୍ରୀଙ୍କ ଗଳାଚିପି ହତ୍ୟା କରିଛନ୍ତି। ମୃତକ ହେଲେ ନୁରାବତୀ ପେରା(୩୨)। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ମୃତା ମହିଳାଙ୍କ ସ୍ୱାମୀ ଗୁଡୁ ସିଂ(୪୦)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏ ନେଇ ଭେଡେନ ଥାନାରେ ଦଫା ୪୯୮(ଏ), ୩୦୨ ଆଇପିସିରେ ଏକ ମାମଲା (ନଂ.୩୫।୨୩) ରୁଜୁ ହୋଇଛି।

ପୋଲିସ ସୂଚନା ଅନୁସାରେ, ୭ବର୍ଷ ତଳେ ଲୁପୁରସିଂହା ଗ୍ରାମର ନୁରାବତୀ ଏବଂ ରେଙ୍ଗାଲିପାଲି ଗ୍ରାମର ଗୁଡୁଙ୍କ ମଧ୍ୟରେ ପ୍ରେମ ବିବାହ ହୋଇଥିଲା। ଗୁଡୁ ଜଣେ ଟ୍ରକ୍ ଡ୍ରାଇଭର ଏବଂ ସେ ଶ୍ୱଶୁର ଘରେ ନ ରହି ନୁରାବତୀଙ୍କ ସହ ଅନ୍ୟତ୍ର ଭଡାଘରେ ରହୁଥିଲେ। ତେବେ ବିବାହର କିଛିମାସ ପରେ ଗୁଡୁ ସନ୍ଧ୍ୟାରେ ପ୍ରଚୁର ମଦ୍ୟପାନ କରି ଘରକୁ ଆସନ୍ତି ଏବଂ ବିଭିନ୍ନ କାରଣ ଦର୍ଶାଇ ନୁରାବତୀଙ୍କ ସହ ଝଗଡା କରି ତାଙ୍କୁ ମାର୍‌ପିଟ୍ କରୁଥିବା ପଡୋଶୀ କହିଛନ୍ତି। ମଙ୍ଗଳବାର ସକାଳେ ଗୁଡୁ ବୁଲାଇବା ପାଇଁ କହି ତାଙ୍କୁ ବାହାରକୁ ନେଇଥିଲେ। ଲୁପୁରସିଂହା-ଶ୍ରୀରାମନଗର ରାସ୍ତାରେ ସେ ନୁରାବତୀଙ୍କୁ ଗଳାଚିପି ହତ୍ୟା କରିଥିଲେ ବୋଲି ସ୍ୱୀକାର କରିଥିବା ପୋଲିସ ସୂଚନା ଦେଇଛି।

# ଜୀବନବ୍ୟାପୀ ହସ୍ତଶିଳ୍ପ କୃତୀ ପାଇଁ ୫ ଲକ୍ଷ

## ତୋଷାଳି ମେଳାରେ ପୁରସ୍କୃତ ହେବେ ଓଡ଼ିଶା ହସ୍ତଶିଳ୍ପୀ

ଭୁବନେଶ୍ୱର,୩୧।୧(ବ୍ୟୁରୋ)

ରାଜ୍ୟ ସରକାର ହସ୍ତଶିଳ୍ପ କ୍ଷେତ୍ରରେ ବିଭିନ୍ନ ପୁରସ୍କାର ଘୋଷଣା କରିଛନ୍ତି। ପଦ୍ମ ବିଭୂଷଣ ସୁଦର୍ଶନ ସାହୁ, ବେଣୁଧର ମହାପାତ୍ର ଓ ଦେବେନ୍ଦ୍ର ମିଶ୍ରଙ୍କୁ ଯଥାକ୍ରମେ ୨୦୧୯, ୨୦୨୦ ଓ ୨୦୨୧ ବର୍ଷ ନିମନ୍ତେ ଜୀବନବ୍ୟାପୀ ହସ୍ତଶିଳ୍ପ କୃତି ପୁରସ୍କାର ପାଇଁ ସମ୍ବର୍ଦ୍ଧିତ କରାଯିବ। ସେହିପରି ଉଦୟ ମହାନ୍ତି (ପଥର ଖୋଦେଇ), ନିର୍ମଳ ଚନ୍ଦ୍ର ଦାସ (ତାଳପତ୍ର ଖୋଦେଇ), ପୂର୍ଣ୍ଣଚନ୍ଦ୍ର ମହାପାତ୍ର (ପଟ୍ଟଚିତ୍ର)ଙ୍କୁ ୨୦୨୦ ବର୍ଷ ନିମନ୍ତେ ରାଜ୍ୟ ହସ୍ତଶିଳ୍ପ ପୁରସ୍କାର ପାଇଁ ସମ୍ବର୍ଦ୍ଧିତ କରାଯିବ । ଅନୁରୂପ ଭାବରେ ବବିତା ପ୍ରଧାନ (ପଟ୍ଟଚିତ୍ର), ପ୍ରମୋଦ ମହାରଣା (ତାଳପତ୍ର ଖୋଦେଇ), ପ୍ରମୋଦ ମହାରଣା (ପଥର ଖୋଦେଇ), ପ୍ରଭାତୀ ପାତ୍ର (ଲାଖ କାମ), ଅମିୟ ପୋଦାର (କତା ଶିଳ୍ପ ) ଓ ଉର୍ବଶୀ ମହାରଣା (ମାଟିମୂର୍ତ୍ତି କାମ)ଙ୍କୁ ୨୦୨୧ ବର୍ଷ ନିମନ୍ତେ ରାଜ୍ୟ ହସ୍ତଶିଳ୍ପ ପୁରସ୍କାର ପାଇଁ ସମ୍ବର୍ଦ୍ଧିତ କରାଯିବ । ପ୍ରଫୁଲ୍ଲ ମହାରଣା (କାଠ ଖୋଦେଇ), ସୁରେଶ ଚନ୍ଦ୍ର ମହାପାତ୍ର (ଚାନ୍ଦୁଆ କାମ), ନଳିନୀକାନ୍ତ ଓଝା (କାଠ ଖୋଦେଇ), କୁମାରୀ କୁନି ପାତ୍ର (ନଡ଼ା ହସ୍ତଶିଳ୍ପ)ଙ୍କୁ ୨୦୨୦ ବର୍ଷ ନିମନ୍ତେ କଳାକୃତି ପୁରସ୍କାର ପାଇଁ ସମ୍ବର୍ଦ୍ଧିତ କରାଯିବ ।

### ■ ରାଜ୍ୟ ହସ୍ତଶିଳ୍ପ ପୁରସ୍କାର ୧ ଲକ୍ଷ

ସେହିପରି ରଶ୍ମିତା ସାହୁ(ପଟ୍ଟଚିତ୍ର), ଅନନ୍ତ ମହାରଣା(ପଥର ଖୋଦେଇ), କନକଲତା ଦାସ (ଲାଖ କାମ), ସରୋଜିନୀ ଦାସ (ବେତ ଓ ବାଉଁଶ କାମ)ଙ୍କୁ ୨୦୨୧ ବର୍ଷ ନିମନ୍ତେ କଳାକୃତି ପୁରସ୍କାର ପାଇଁ ସମ୍ବର୍ଦ୍ଧିତ କରାଯିବ।

ଚୟନ କରାଯାଇଥିବା ହସ୍ତଶିଳ୍ପୀଙ୍କୁ ଜୀବନବ୍ୟାପୀ ସାଧନା ପୁରସ୍କାର ନିମନ୍ତେ ୫ ଲକ୍ଷ ଟଙ୍କାର ପୁରସ୍କାର ସହିତ ମାନପତ୍ର ଓ ଉପଢ଼ୌକନ ପ୍ରଦାନ କରାଯାଇ ସମ୍ମାନିତ କରାଯିବ । ସେହିପରି ରାଜ୍ୟ ହସ୍ତଶିଳ୍ପ ପୁରସ୍କାର ନିମନ୍ତେ ପୁରସ୍କାର ରାଶି ରୂପରେ ୧ ଲକ୍ଷ ଟଙ୍କା, ପ୍ରମାଣପତ୍ର ଓ ଉପଢ଼ୌକନ ଏବଂ କଳାକୃତି ପୁରସ୍କାର ପାଇଁ ଚୟନ ହୋଇଥିବା ହସ୍ତଶିଳ୍ପ କାରିଗରମାନଙ୍କୁ ୧୦ ହଜାର ଟଙ୍କାର ପୁରସ୍କାର ରାଶି ଓ ପ୍ରମାଣପତ୍ର ପ୍ରଦାନ କରାଯିବ । ଏହି କୃତି ହସ୍ତଶିଳ୍ପୀମାନଙ୍କୁ ଫେବୃୟାରୀ ୧ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ୧୭ତମ ତୋଷାଳି ଜାତୀୟ ହସ୍ତଶିଳ୍ପ ମେଳାର ଉଦ୍‌ଘାଟନୀ ସନ୍ଧ୍ୟାରେ ସମ୍ବର୍ଦ୍ଧିତ କରାଯିବ ।





କ୍ରିଡ ଟ୍ରେନିଂ ପ୍ରତିଷ୍ଠାନର ଛାତ୍ରଙ୍କୁ ନିଯୁକ୍ତି, ଅଣତାଲିମ୍‌ପ୍ରାପ୍ତ ଯୁବକଙ୍କୁ ବୋଟ୍ ସର୍ଭିସ୍‌ରେ ନିଯୁକ୍ତି ବନ୍ଦ, ବିଭିନ୍ନ ବନ୍ଦରରେ ତାଲିମପ୍ରାପ୍ତ ଯୁବକଙ୍କୁ ନିଯୁକ୍ତି ଆଦି ୫ ଦଫା ଦାବି ନେଇ ମଙ୍ଗଳବାର ଏଆଇସିସିଟିୟୁ ପକ୍ଷରୁ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକ ନିକଟ ଲୋୟର ପିଏମ୍‌ଜିରେ ବିକ୍ଷୋଭ।

# ନୂଆପଡ଼ା ଉପାନ୍ତରେ ପୁଣି ଲାଗିଲା ମାଓବାଦୀ ପୋଷ୍ଟର

ନୂଆପଡ଼ା ଅଫିସ/ ସିନାପାଲି,୩୧।୧(ଡି.ଏନ.ଏ.)

ନୂଆପଡ଼ା ଜିଲା ସିନାପାଲି ଥାନା ଉପାନ୍ତ ଅଞ୍ଚଳରେ ସୋମବାର ରାତିରେ ମାଓବାଦୀମାନେ ପୋଷ୍ଟର ଲଗାଇ ତାଙ୍କର ଉପସ୍ଥିତି ଜାହିର କରିଛନ୍ତି। ପୋଷ୍ଟରରେ ମେନପୁର ନୂଆପଡା ମାଓବାଦୀ ଡିଭିଜନ କମିଟି ଲେଖା ହୋଇଥିବା ବେଳେ ସାମ୍ବିଧାନିକ ନିୟମ ଉଲ୍ଲଂଘନ କରାଯାଇଥିବା ଦର୍ଶାଯାଇଛି। ଖବର ପାଇ ମଙ୍ଗଳବାର ସକାଳେ ସ୍ଥାନୀୟ ପୋଲିସ ପହଞ୍ଚି ପୋଷ୍ଟର ଜବତ କରି ଘଟଣାର ତଦନ୍ତ ଜାରି ରଖିଥିବା ଖଡ଼ିଆଳ ଏସ୍‌ଡିପିଓ ଅରୁପ ଭୂଷଣ ବେହେରା ସୂଚନା ଦେଇଛନ୍ତି। ସିନାପାଲି ଥାନା ଅନ୍ତର୍ଗତ ଫୁଲଟୀ ରାସ୍ତା ନିକଟ ବନ ବିଭାଗ ଦ୍ୱାରା ଲଗାଯାଇଥିବା ସୂଚନା ଫଳକ ଓ ନଙ୍ଗଲବୋର୍ଡ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ଗେଟରେ ଧଳାରଙ୍ଗ କାଗଜରେ ସବୁଜ ରଙ୍ଗରେ ହିନ୍ଦୀ ଭାଷାରେ ଲେଖା ହୋଇଛି। ପୋଷ୍ଟରରେ


ମାଓବାଦୀ ପୋଷ୍ଟର

ଲେଖାହୋଇଛି ଯେ, ଅଞ୍ଚଳର ନଙ୍ଗଲବୋର୍ଡ ଗ୍ରାମର ସମୁଦ୍ର ବାଗ ଜଣେ ମାଓବାଦୀଙ୍କୁ ଚିକିତ୍ସା ପାଇଁ ନେଉଥିଲେ। ସେହି ସମୟରେ ସମୁଦ୍ର ବାଗ ସହ ଜଣେ ମହିଳା ମାଓବାଦୀଙ୍କୁ ନବରଙ୍ଗପୁର ଡିଭିଏଫ ପୋଲିସ ଗିରଫ କରିଥିଲା ଏବଂ ସେଥିରୁ ସମୁଦ୍ର ବାଗଙ୍କୁ ମାଓବାଦୀ ସଙ୍ଗଠନର ପାର୍ଟି ମେମ୍ବର ଦର୍ଶାଇଥିଲା ପୋଲିସ। ଏହାକୁ ପୋଷ୍ଟରରେ ଖଣ୍ଡନ କରାଯାଇଛି। ସମୁଦ୍ର ବାଗ ପାର୍ଟି ମେମ୍ବର ନୁହେଁ ବୋଲି ପୋଷ୍ଟରରେ ଲେଖାହୋଇଛି। ଗିରଫ ୨ଜଣଙ୍କୁ ୨୪ ଘଣ୍ଟା ଭିତରେ କୋର୍ଟ ଚାଲାଣ ନ କରି ପୋଲିସ ସାମ୍ବିଧାନିକ ନିୟମ ଉଲ୍ଲଂଘନ କରିଥିବା ମାଓବାଦୀମାନେ ପୋଷ୍ଟରରେ ଉଲ୍ଲେଖ କରିଛନ୍ତି। ମେନପୁର ନୂଆପଡା ମାଓବାଦୀ ଡିଭିଜନ କମିଟି ସଚିବ ଗୁଡୁ ଲଗାଇଥିବା ପୋଷ୍ଟରରେ ଲେଖା ଅଛି।

### ୨୫ ଗ୍ରାମ ବ୍ରାଉନସୁଗାର ଜବତ: ୫ ଗିରଫ

ଖୋର୍ଦ୍ଧା ଅଫିସ,୩୧।୧

ଖୋର୍ଦ୍ଧାରେ ବଢ଼ିଚାଲିଛି ବ୍ରାଉନସୁଗାର କାରବାର। ଦୁଇ ଦିନରେ ଦୁଇଟି ପୃଥକ ସ୍ଥାନରୁ ପୋଲିସ ୨୫ଗ୍ରାମ ବ୍ରାଉନସୁଗାର ଜବତ କରିବା ସହ ୫ଜଣଙ୍କୁ ଗିରଫ କରିଛି। ମଙ୍ଗଳବାର ଖୋର୍ଦ୍ଧା ଟାଉନ ଥାନା ପୋଲିସ ଗୁରୁଜଙ୍ଗ ଜବରଦସ୍ତପୁର ଏକ ଘରୋଇ କମ୍ପାନୀ ନିକଟରେ ଚଢ଼ାଉ କରି ୧୮.୫୭ ଗ୍ରାମ ବ୍ରାଉନସୁଗାର ଜବତ କରିବା ସହ ୨ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ନିଆଳ ମଲିପୁରର ଡମ୍ବରୁ ପାଗଡ ଓ ଗୁରୁଜଙ୍ଗ ନନ୍ଦ ସାହିର ଜଟିଆ ପ୍ରଧାନ। ଜବତ ବ୍ରାଉନସୁଗାରର ମୂଲ୍ୟ ୧ ଲକ୍ଷ ୮୫ହଜାର ଟଙ୍କା ହେବ। ସେହିପରି ବାଘମାରୀ ଥାନା ପୋଲିସ ସୋମବାର ପୋଡାଡିହ ମା'ମଙ୍ଗଳା ମନ୍ଦିର ନିକଟରେ ଚଢ଼ାଉ କରି ୧୫.୭୧ଗ୍ରାମ ବ୍ରାଉନସୁଗାର ଜବତ କରିବା ସହ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଖୋର୍ଦ୍ଧା ଥାନା ଅଞ୍ଚଳର ବାପି ଓରଫ ବିଜୟ ପ୍ରଧାନ, ବସିର ଖାନ ଏବଂ ବାଘମାରୀ ଥାନା ଅଞ୍ଚଳର ମନସୁର ଖାନ। ଜବତ ବ୍ରାଉନସୁଗାର ମୂଲ୍ୟ ୧ଲକ୍ଷ ୫୭ହଜାର ଟଙ୍କା ହେବ।

# ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲଦଣ୍ଡ

ଭବାନୀପାଟଣା,୩୧।୧(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ବିଜେପୁର ଥାନା ଅଞ୍ଚଳରେ ୨୦୧୮ରେ ଜଣେ ଦିବ୍ୟାଙ୍ଗ ନାବାଳିକାଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇ ବଳାତ୍କାର କରିବା ମାମଲାର ରାୟ ମଙ୍ଗଳବାର ପ୍ରକାଶ ପାଇଛି। ଏହି ମାମଲାରେ ୧୯ଜଣ ସାକ୍ଷୀ ଓ ପ୍ରମାଣକୁ ଭିତ୍ତି କରି ଭବାନୀପାଟଣା ସ୍ୱତନ୍ତ୍ର ବିଚାରପତି (ପୋକ୍‌ସୋ) ଶୁଭଞ୍ଜନ ମହାନ୍ତି ମାଲିଯୁବାଙ୍ଗ ଗ୍ରାମର ଅଭିଯୁକ୍ତ ରୋହିଦାସ ହରିଜନ (୩୨)ଙ୍କୁ ୨୦ବର୍ଷ ଜେଲ ଦଣ୍ଡାଦେଶ ସହ ୨୨ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦାୟ ଆହୁରି ୧ ବର୍ଷ ୧ ମାସ ଜେଲ ଦଣ୍ଡାଦେଶ ଭୋଗିବାକୁ ପଡିବ ବୋଲି ରାୟରେ ଉଲ୍ଲେଖ ରହିଛି। ଅନ୍ୟପକ୍ଷରେ ପୀଡ଼ିତାଙ୍କୁ ୬ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

### ନାବାଳିକା ବଳାତ୍କାର ମାମଲା ରାୟ ପ୍ରକାଶ

ମିଳିଥିବା ସୂଚନା ଅନୁଯାୟୀ, ଅଭିଯୁକ୍ତ ଜଣକ ଦିବ୍ୟାଙ୍ଗ ନାବାଳିକାଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖି ୪ ମାସର ଗର୍ଭବତୀ କରିଥିଲେ। ଏ ନେଇ ୨୦୧୮ରେ ବିଜେପୁର ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଅଭିଯୁକ୍ତ ରୋହିଦାସଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସରକାରଙ୍କ ପକ୍ଷରୁ ଏହି ମାମଲାକୁ ସ୍ୱତନ୍ତ୍ର ସରକାରୀ ଓକିଲ ରୋହିତ କୁମାର ମିଶ୍ର ପରିଚାଳନା କରିଥିଲେ।

# ବଳାତ୍କାରୀଙ୍କୁ ୧୦ ବର୍ଷ ଜେଲ

ବାରିପଦା ଅଫିସ,୩୧।୧

ମୟୂରଭଞ୍ଜ ଅତିରିକ୍ତ ଜିଲା ଓ ଦୌରା ଜଜ୍ ତଥା ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟରେ ମଙ୍ଗଳବାର ଏକ ନାବାଳିକା ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ସୁମିତା ଜେନା ଏହାର ବିଚାର କରି ଦୋଷୀଙ୍କୁ ୧୦ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହା ସହିତ ୧୧ହଜାର ଟଙ୍କା ଜରିମାନା ଓ ଅନାଦାୟ ଅଧିକ ୭ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଏହା ବ୍ୟତୀତ ପୀଡ଼ିତାଙ୍କୁ କ୍ଷତିପୂରଣ ବାବଦରେ ୪ଲକ୍ଷ ଟଙ୍କା ସହାୟତା ଦେବାକୁ ଜିଲା ଆଇନ ସହାୟତା କର୍ତ୍ତୃପକ୍ଷଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୁକ୍ତ ଜଣକ ହେଲେ କେନ୍ଦୁଝର ଜିଲା ପାଟଣା ଥାନା ଅଧୀନ ବଳିଆଡ଼ାଳ ଗ୍ରାମର କ୍ଷେତ୍ର ମୁଣ୍ଡା(୨୨)। ମାମଲାର ବିବରଣୀ ଅନୁଯାୟୀ, ୨୦୧୭ ନଭେମ୍ବର ୭ରେ ଜନୈକା ନାବାଳିକା ସନ୍ଧ୍ୟା ସମୟରେ ଖେଳୁଥିଲେ। ଏହାର ସୁଯୋଗ ନେଇ ଅଭିଯୁକ୍ତ କ୍ଷେତ୍ର ତାଙ୍କୁ ଜୋରଜବରଦସ୍ତ ଉଠାଇ ନେଇଯାଇଥିଲେ। ପରିବାର ଲୋକେ ନିକଟସ୍ଥ ଜଙ୍ଗଲରେ ଖୋଜାଖୋଜି କରିବା ପରେ ମଧ୍ୟ ନାବଳିକାଙ୍କୁ ପାଇ ନ ଥିଲେ। ପରେ ଠାକୁରମୁଣ୍ଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା(ନଂ. ୪୭/୧୭) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପରେ ନାବାଳିକାଙ୍କୁ ପୋଲିସ ଉଦ୍ଧାର କରିବା ସହ ତାଙ୍କ ବୟାନକୁ ଆଧାର କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ପୋକ୍‌ସୋ କୋର୍ଟର ସ୍ୱତନ୍ତ୍ର ଆଇନଜୀବୀ ଅଭିନ୍ନ କୁମାର ପଟ୍ଟନାୟକ ମାମଲା ପରିଚାଳନା କରୁଥିଲେ।

# ସାବତ ମା'ଙ୍କୁ ବଳାତ୍କାର: ପୁଅକୁ ୧୦ବର୍ଷ ଜେଲ

ଝାରସୁଗୁଡ଼ା ଅଫିସ,୩୧।୧

ସାବତ ମା'ଙ୍କୁ ବଳାତ୍କାର ମାମଲାରେ ମଙ୍ଗଳବାର ଝାରସୁଗୁଡ଼ା ଅତିରିକ୍ତ ଜିଲା ଦୌରାଜଜ୍ ସତ୍ୟବ୍ରତ ମିଶ୍ର ଅଭିଯୁକ୍ତ ପୁଅ ଆତ୍ମାରାମ ନାୟକ(୫୨)ଙ୍କୁ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଅଭିଯୁକ୍ତ ଆତ୍ମାରାମଙ୍କୁ ୧୦ବର୍ଷ ଜେଲଦଣ୍ଡ ସହ ୫ହଜାର ଟଙ୍କା ଜରିମାନା କରାଯାଇଛି। ଜରିମାନା ଅର୍ଥ ଅନାଦାୟ ହେଲେ ୬ମାସ ଅଧିକ ଜେଲ୍‌ଦଣ୍ଡ ଭୋଗିବାକୁ ରାୟରେ ପ୍ରକାଶ ପାଇଛି। ୧୯ଜଣଙ୍କ ସାକ୍ଷ୍ୟ ଓ ୨୨ ପ୍ରମାଣପତ୍ର ଆଧାରରେ ମାଜିଷ୍ଟ୍ରେଟ୍ ଏହି ରାୟ ଶୁଣାଇଛନ୍ତି। ପୀଡିତା ମହିଳାଙ୍କ ତରଫରୁ ସରକାରୀ ଓକିଲ ଏପିପି ଗଙ୍ଗାଧର ଗଡନାୟକ ମାମଲା ପରିଚାଳନା କରୁଥିଲେ। ସୂଚନାଯୋଗ୍ୟ, ଝାରସୁଗୁଡା ଥାନା ଅନ୍ତର୍ଗତ ଏକ ଗ୍ରାମରେ ୨୦୨୦ ଏପ୍ରିଲ ୧୭ତାରିଖ ରାତିରେ ସାବତ ମା' ଶୋଇଥିବାବେଳେ ଅଭିଯୁକ୍ତ ପୁଅ ତାଙ୍କୁ ବଳାତ୍କାର କରିଥିଲେ। ଏ ନେଇ ପୀଡିତା ମା' ଝାରସୁଗୁଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ୍ ଏକ ମାମଲା (ନଂ.୨୫୧/୨୦) ରୁଜୁ କରିବା ସହ ଅଭିଯୁକ୍ତ ପୁଅଙ୍କୁ ଗିରଫକରି କୋର୍ଟ ଚାଲାଣ କରିଥିଲା ।

# କୋରାପୁଟ ମାଣ୍ଡିଆକୁ ପ୍ରଶଂସା କଲେ ପ୍ରଧାନମନ୍ତ୍ରୀ

କୋରାପୁଟ,୩୧।୧(ସ୍ୱ.ପ୍ର.)

କୋରାପୁଟ ମାଣ୍ଡିଆ ପ୍ରଦର୍ଶନୀ ପ୍ରକଳ୍ପ ଦିଲ୍ଲୀରେ ପହଞ୍ଚିଛି। ଏହାକୁ ବୁଲି ଦେଖିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାର ଉଚ୍ଚ ପ୍ରଶଂସା କରିଛନ୍ତି। କୋରାପୁଟସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟର ନବମ ଶ୍ରେଣୀର ଛାତ୍ରୀ ପ୍ରଜ୍ଞାସ୍ମିତା ବେହେରା ଦିଲ୍ଲୀରେ ଆୟୋଜିତ ମାଣ୍ଡିଆ ପ୍ରଦର୍ଶନୀରେ ସାମିଲ ହୋଇ କୋରାପୁଟ ମାଣ୍ଡିଆ ଏବଂ ମାଣ୍ଡିଆରୁ ପ୍ରସ୍ତୁତ ବିଭିନ୍ନ ଖାଦ୍ୟ ପଦାର୍ଥର ପ୍ରଦର୍ଶନ କରିଛନ୍ତି। ସେ ମାଣ୍ଡିଆ ସମ୍ପର୍କରେ ପ୍ରଧାନମନ୍ତ୍ରୀଙ୍କୁ ବିଶଦ ଭାବେ ଅବଗତ କରାଇ ପ୍ରଶଂସିତ ହୋଇଛନ୍ତି। ଏହି ମାଣ୍ଡିଆ କେବଳ ଯେ ପ୍ରଦର୍ଶନୀରେ ପ୍ରଶଂସିତ ହୋଇଛି ତାହା ନୁହେଁ, ମାଣ୍ଡିଆ, ସୁଆଁ, କାଙ୍ଗୁ ଭଳି କୋରାପୁଟର ବଣ ପାହାଡରେ ଉତ୍ପାଦିତ ହେଉଥିବା ଖାଦ୍ୟ ଶସ୍ୟ ପୌଷ୍ଟିକତାପୂର୍ଣ୍ଣ ବୋଲି ପ୍ରଜ୍ଞାସ୍ମିତା ଅବଗତ କରାଇଛନ୍ତି।

ମାଣ୍ଡିଆ ଏବଂ ମାଣ୍ଡିଆରୁ ପ୍ରସ୍ତୁତ ଖାଦ୍ୟର ଉପକାରିତା ଏବଂ ବଜାରରେ ଏହାର ଚାହିଦା କ୍ରମେ ବୃଦ୍ଧି ପାଇବାରେ ଲାଗିଛି। ଚଳିତ ବର୍ଷକୁ ଅନ୍ତର୍ଜତୀୟ ମିଲେଟ ବର୍ଷ ଭାବେ ପାଳନ କରାଯାଉଥିବାରୁ ଓଡ଼ିଶା ମିଲେଟ ମିଶନ ମାଧ୍ୟମରେ ମାଣ୍ଡିଆ, ସୁଆଁ, କାଙ୍ଗୁ ଭଳି ଖାଦ୍ୟସଶ୍ୟ ଜିଲାରେ ଆଦିବାସୀଙ୍କ ଦ୍ୱାରା ଉତ୍ପାଦିତ ହେଉଛି। ମିଲେଟ ମିଶନ ଏହାର ପ୍ରଚାର ପ୍ରସାର ପାଇଁ ବିଭିନ୍ନ ପଦକ୍ଷେପ ନେଉଛି । ଏହି ଅଚଂଳରେ ଉତ୍ପାଦିତ ହେଉଥିବା ମାଣ୍ଡିଆକୁ ଚାଷୀଙ୍କଠାରୁ ସିଧାସଳଖ କିଣିବା ପାଇଁ କୋରାପୁଟ ଜିଲାରେ ୪୮ ମଣ୍ଡି ଖୋଲାଯାଇଥିବା ଜିଲା କୃଷି ଅଧିକାରୀ ବିଶ୍ୱରାଜ ରଥ କହିଛନ୍ତି। ରାଜ୍ୟ ସରକାରଙ୍କ ଦ୍ୱାରା ମାଣ୍ଡିଆର ସର୍ବନିମ୍ନ ମୂଲ୍ୟ କୁଇଣ୍ଟାଲ ପ୍ରତି ୩୫୭୮ଟଙ୍କା ରଖାଯାଇଛି। ଖୋଲା ବଜାରରେ କେଜି ପ୍ରତି ୧୫/୨୦ ଟଙ୍କାରେ ମାଣ୍ଡିଆକୁ ବିକ୍ରି କରି ଦେଉଥିବା ଚାଷୀ ମଣ୍ଡିରେ ବିକ୍ରି ନେଇ ଆଗ୍ରହ ପ୍ରକାଶ କରୁଛନ୍ତି। ଗତ କିଛି ଦିନ ତଳେ ରାଜ୍ୟ ସରକାରଙ୍କ ମିଲେଟ ମିଶନ, କେନ୍ଦ୍ର ସରକାରଙ୍କ ଆପେଡା ଓ କୋରାପୁଟର ସ୍ୱେଚ୍ଛାସେବୀ ସଙ୍ଗଠନ ପ୍ରଗତିର ମିଳିତ ପ୍ରୟାସରେ ମାଣ୍ଡିଆକୁ ଅନ୍ତଃରାଷ୍ଟ୍ରୀୟ ବଜାରକୁ ପଠାଯାଇଛି। ଦୁବାଇକୁ ଯାଇଥିବା ମାଣ୍ଡିଆ ତାର ଉନ୍ନତମାନ ଯୋଗୁ କୋରାପୁଟର ନାଁ ରହିବ ବୋଲି ମତ ପ୍ରକାଶ ପାଉଛି। ପ୍ରଗତି ଅନୁଷ୍ଠାନ ସହଯୋଗରେ ଗଠିତ ହୋଇଥିବା ୪ଟି କୃଷକ ଉତ୍ପାଦନକାରୀ ଦଳକୁ ଅନ୍ତର୍ଜାତୀୟ ବ୍ୟବସାୟ କରିବାକୁ ପଞ୍ଜୀକରଣ କରାଯାଇଛି। ଏହାଦ୍ୱାରା କୋରାପୁଟ ମାଣ୍ଡିଆକୁ ଅନ୍ତଃରାଷ୍ଟ୍ରୀୟ ବଜାରରେ ପହଞ୍ଚାଇବା ସହଜ ହେବ।


ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମାଣ୍ଡିଆ ପ୍ରଦର୍ଶନୀ ବୁଲି ଦେଖୁଛନ୍ତି।

# ପୋଲିସ ଏସ୍‌ଆଇଙ୍କୁ ୫ବର୍ଷ ଜେଲ

ବାରିପଦା ଅଫିସ,୩୧।୧

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ସ୍ୱତନ୍ତ୍ର ଦୁର୍ନୀତି ନିବାରଣ କୋର୍ଟରେ ମଙ୍ଗଳବାର ଏକ ଲାଞ୍ଚ ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ଡ. ପ୍ରସନ୍ନ କୁମାର ପଣ୍ଡା ଏହାର ବିଚାର କରି ଦୋଷୀଙ୍କୁ ୫ବର୍ଷ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି। ଏହା ସହିତ ୪୦ ହଜାର ଟଙ୍କା ଜରିମାନା ଓ ଅନାଦାୟ ଅଧିକ ୧ବର୍ଷ ୨ମାସ କାରାଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ହେଲେ ଖୁଣ୍ଟା ଥାନାର ତତ୍କାଳୀନ ସବ୍ ଇନିସ୍ପେକ୍ଟର(ଏସ୍‌ଆଇ) ହୃଷୀକେଶ ପଶ୍ଚିମକବାଟ।

ମାମଲାର ବିବରଣୀ ଅନୁଯାୟୀ, ଖୁଣ୍ଟା ଥାନା ସାନବେଳାକୁଟି ଗ୍ରାମର ସଞ୍ଜୀବ ପୁଥାଳଙ୍କ ସମେତ ପରିବାରର ୭ ଜଣଙ୍କ ବିରୋଧରେ ଏକ ଯୌତୁକ ନିର୍ଯାତନା ମାମଲା ରୁଜୁ ହୋଇଥିଲା। ଏହି ମାମଲାରେ ଅଭିଯୁକ୍ତମାନଙ୍କୁ ଗିରଫ ନ କରିବା ପାଇଁ ଏସ୍‌ଆଇ ପଶ୍ଚିମକବାଟ ୨୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ତେବେ ୫ ହଜାର ଟଙ୍କା ନେଇଥିବା ବେଳେ ବଳକା ଟଙ୍କା ଶୀଘ୍ର ଦେବାକୁ କହିଥିଲେ। ଏ ସମ୍ପର୍କରେ ସଞ୍ଜୀବଙ୍କ ଭାଇ ବିବେକାନନ୍ଦ ପୁଥାଳ ବାରିପଦା ଭିଜିଲାନ୍ସ ବିଭାଗର ଦ୍ୱାରସ୍ଥ ହୋଇଥିଲେ। ପୂର୍ବ ଯୋଜନା ମୁତାବକ ୨୦୧୫ ଏପ୍ରିଲ ୧୩ ତାରିଖ ରାତିରେ ଏସ୍‌ଆଇ ପଶ୍ଚିମକବାଟ ଥାନା ମଧ୍ୟରେ ୭ ହଜାର ଟଙ୍କା ଲାଞ୍ଚ ନେଉଥିବା ସମୟରେ ଭିଜିଲାନ୍ସ ବିଭାଗ ତାଙ୍କୁ ମାଡ଼ି ବସିଥିଲା। ରାୟ ପ୍ରକାଶ ପରେ ତାଙ୍କୁ ଗିରଫ କରାଯାଇ ବାରିପଦା ମଣ୍ଡଳ କାରାଗାରକୁ ପଠାଇ ଦିଆଯାଇଛି। ଉକ୍ତ ମାମଲାକୁ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ସରକାରୀ ଆଇନଜୀବୀ ଶାନ୍ତନୁ ଦାସ ପରିଚାଳନା କରୁଥିଲେ। ଭିଜିଲାନ୍ସ ବିଭାଗ ପକ୍ଷରୁ ଏସ୍‌ଆଇଙ୍କୁ ଚାକିରିରୁ ବରଖାସ୍ତ କରିବା ପାଇଁ ପୋଲିସ ବିଭାଗକୁ ନିର୍ଦ୍ଦେଶ ମଧ୍ୟ ଦିଆଯାଇଥିବା ସୂଚନା ମିଳିଛି। ଉଲ୍ଲେଖଯୋଗ୍ୟ, ଏସ୍‌ଆଇ ପଶ୍ଚିମକବାଟ ଏବେ ବାଲେଶ୍ୱର ଟ୍ରାଫିକ ଥାନାରେ ସବ୍ ଇନ୍ସପେକ୍ଟର ଭାବେ କାର୍ଯ୍ୟରତ ଅଛନ୍ତି।

### ୭ ହଜାର ଟଙ୍କା ଲାଞ୍ଚ ନେବା ମାମଲା

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................



ଓମ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଓବିସି, ଏସ୍‌ଇବିସି ଜନଗଣନା ରାଜ୍ୟ ସରକାର କରୁନାହାନ୍ତି: ଭାଜପା

**ଭୁବନେଶ୍ୱର,୩୧।୧(ବ୍ୟୁରୋ):** ଓଡ଼ିଶାରେ ଶାସକ ବିଜେଡି ଓବିସି ଓ ଏସ୍‌ଇବିସି ବର୍ଗର ସାମାଜିକ, ଆର୍ଥିକ, ଚାକିରି ଓ ଶିକ୍ଷା କ୍ଷେତ୍ରରେ ଉତ୍ଥାନ ଚାହୁଁନାହିଁ। ରାଜ୍ୟ ଜନସଂଖ୍ୟାର ସର୍ବାଧିକ ୫୪ ପ୍ରତିଶତ ଯାହାକି ପାଖାପାଖି ୨.୫୦ କୋଟି ଓବିସି ଓ ଏସ୍‌ଇବିସି ବର୍ଗର ଲୋକଙ୍କୁ ତାଙ୍କ ସାମ୍ବିଧାନିକ ଅଧିକାରରୁ ବଞ୍ଚିତ ରଖାଯାଉଛି। ପଞ୍ଚାୟତ ଓ ମ୍ୟୁନିସିପାଲିଟି ନିର୍ବାଚନ ପୂର୍ବରୁ ରାଜ୍ୟରେ ଓବିସି ଓ ଏସ୍‌ଇବିସି ବର୍ଗଙ୍କ ସର୍ଭେ ଯଥାଶୀଘ୍ର କରିବାକୁ ବିଧାନସଭାରେ ସଂକଳ୍ପ ପାରିତ ହୋଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ଏ ସମ୍ପର୍କରେ ରାଜ୍ୟ ସରକାର କୌଣସି ପଦକ୍ଷେପ ନେଲେନାହିଁ। ଭାଜପା ପକ୍ଷରୁ ଏ ସମ୍ପର୍କରେ ବିଭାଗୀୟ ସଚିବ ଓ ମୁଖ୍ୟ ଶାସନ ସଚିବଙ୍କ ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିଲା ନାହିଁ। ରାଜ୍ୟ ସରକାରଙ୍କ ଦ୍ୱାରା ଓବିସି ବର୍ଗ ପ୍ରତି ହେଉଥିବା ଅନ୍ୟାୟ ବିରୋଧରେ ବିହୀତ ପଦକ୍ଷେପ ନେବାକୁ ଭାଜପା ପକ୍ଷରୁ ମଙ୍ଗଳବାର ଓବିସି ମୋର୍ଚ୍ଚା ରାଷ୍ଟ୍ରୀୟ କମିଶନ ହଂସରାଜ ଗଙ୍ଗାରାମ ଅହିରଙ୍କୁ ଦିଲ୍ଲୀସ୍ଥିତ କାର୍ଯ୍ୟାଳୟଠାରେ ସ୍ମାରକପତ୍ର ପ୍ରଦାନ କରାଯାଇଛି।

# ସିଏଏ ନାମରେ ଲୋକଙ୍କୁ ବିଭ୍ରାନ୍ତ କରୁଛି କେନ୍ଦ୍ର: ମମତା

**କୋଲକାତା,୩୧।୧**



ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ମଙ୍ଗଳବାର ଅଭିଯୋଗ କରିଛନ୍ତି ଯେ କେନ୍ଦ୍ରର ଭାଜପା ସରକାର ନାଗରିକତ୍ୱ ସଂଶୋଧନ ଅଧିନିୟମ (ସିଏଏ) ଲାଗୁ କରିବା ନାମରେ ଲୋକଙ୍କୁ ବିଭ୍ରାନ୍ତ କରୁଛନ୍ତି। ଟିଏମ୍‌ସି ସୁପ୍ରିମୋ ମାଲଦାରେ ଆୟୋଜିତ ଏକ ସରକାରୀ କାର୍ଯ୍ୟକ୍ରମରେ ଏଭଳି କହିଛନ୍ତି। ଆମେ ଦୀର୍ଘ ଦିନ ଧରି ମତୁଆ ସମ୍ପ୍ରଦାୟର ଲୋକଙ୍କ ଯତ୍ନ ନେଉଛୁ, କିନ୍ତୁ ଯେତେବେଳେ ନିର୍ବାଚନ ପାଖେଇ ଆସୁଛି, ଭାଜପା ସେମାନଙ୍କ ପାଖକୁ ଯାଇ ସିଏଏକୁ ଉଲ୍ଲେଖ କରି ସେମାନଙ୍କର ବନ୍ଧୁ ବୋଲି ଦାବି କରୁଛି। ମତୁଆ ସମ୍ପ୍ରଦାୟ ମୂଳତଃ ପୂର୍ବ ପାକିସ୍ତାନ ତଥା ବର୍ତ୍ତମାନର ବାଂଲାଦେଶର ଅଟନ୍ତି। ସେଠାରେ ଧାର୍ମିକ ନିର୍ଯାତନା ଯୋଗୁ ୧୯୫୦ ଦଶକରୁ ସେମାନେ ପଶ୍ଚିମବଙ୍ଗକୁ ସ୍ଥାନାନ୍ତର ହେବା ଆରମ୍ଭ କରିଥିଲେ। ଆଫଗାନିସ୍ତାନ, ବାଂଲାଦେଶ ଏବଂ ପାକିସ୍ତାନରୁ ଆସୁଥିବା ହିନ୍ଦୁ, ଶିଖ, ବୌଦ୍ଧ, ଜୈନ, ପାର୍ସୀ ଏବଂ ଖ୍ରୀଷ୍ଟିଆନ ସମ୍ପ୍ରଦାୟର ପ୍ରବାସୀଙ୍କୁ ନାଗରିକତ୍ୱ ପ୍ରଦାନ ପାଇଁ ନାଗରିକତ୍ୱ ସଂଶୋଧନ ଅଧିନିୟମ ପ୍ରଦାନ କରାଯାଇଛି। ତେବେ ଏପର୍ଯ୍ୟନ୍ତ ଏହି ଆଇନ ଅନୁଯାୟୀ କାହାକୁ ନାଗରିକତ୍ୱ ଦିଆଯାଇ ନାହିଁ, କାରଣ କେନ୍ଦ୍ର ସରକାର ଏ ବାବଦରେ ଏପର୍ଯ୍ୟନ୍ତ ନିୟମ କରିନାହାଁନ୍ତି। ମମତା ମଧ୍ୟ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କ ବକେୟା ଦେୟ ପ୍ରଦାନ କରୁ ନ ଥିବା ଅଭିଯୋଗ କରିଛନ୍ତି।



ବଜେଟ୍ ସେସନର ପ୍ରଥମ ଦିନ ମଙ୍ଗଳବାର ପାର୍ଲାମେଣ୍ଟ ଭବନକୁ ପ୍ରବେଶ ପାଇଁ ଗାଡ଼ିରୁ ଓହ୍ଲାଉଛନ୍ତି କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ।


## ମନେ ପଡ଼ନ୍ତି

### ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ଜୟନ୍ତୀ ପଟ୍ଟନାୟକ**
ବି.ଜେ.ବି. ନଗର, ଭୁବନେଶ୍ୱର

ଆବିର୍ଭାବ: ୧୭।୧୨।୧୯୫୩
ତିରୋଧାନ: ୧୨।୦୨।୨୦୨୨

ଆମ ସମସ୍ତଙ୍କୁ ଶୋକସାଗରରେ ଭସାଇ ଆରପାରିକୁ ଚାଲିଯିବାର ଏକ ବର୍ଷ ବିତିଗଲା। ପରମ ଦୟାଳ ଶ୍ରୀ ଠାକୁରଙ୍କ ଚରଣରେ ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ବିନମ୍ର ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ: ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ।

ଧ-୨୬୫୩

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ବାସୁଦେବ ଗରାବଡ୍ଡୁ**
ବଡ଼ଦାଣ୍ଡ ସାହି, ଓଲଡ୍ ଟାଉନ୍, ପୁରୁଣା ଭୁବନେଶ୍ୱର-୨

(୧୯୩୩-୨୦୨୦)
(ପବିତ୍ର ଭୌମ ଏକାଦଶୀ ତିଥି)

ପ୍ରଭୁ ଶ୍ରୀ ଶ୍ରୀ ଲିଙ୍ଗରାଜ ଓ ମା ଗୋପାଳୁଣୀଙ୍କ କୃପାରୁ ଯେଉଁଠି ଅଛ ଭଲରେ ଥାଅ ଏବଂ ଆଶୀର୍ବାଦ ପ୍ରଦାନ କରୁଥାଅ।

ଆଶୀର୍ବାଦାକାଂକ୍ଷୀ: ହତଭାଗିନୀ ସହଧର୍ମିଣୀ, ପୁତ୍ର, ପୁତ୍ରବଧୂ, ନାତି, ନାତୁଣୀ ଏବଂ ବନ୍ଧୁ ଓ ପରିବାରବର୍ଗ।

ଧ-୭୩୭୪୪

## CLASSIFIED DISPLAY

ALL EDITION - B/W (Everyday)

MORE SPACE • SAME PRICE — TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact: 0674-2580385
9178722970, 8018240892
7894447167, 9338226625

SSI 10th +2 (Sci. | Arts. | Comm.)
ITI | Diploma in ENGG | B.Tech All Stream | BBA
MBA | BCA | MCA | BA
B.Sc. | B.Com. | MA | M.Sc.
M.Com. | MAJMC | MSW
All Courses are Recognised by UGC-AICTE-AIU-DEC & Undertaking by HRD, Govt. of India
105 (2nd Floor), Saheed Nagar, BBSR-751007
PH: 9040050515

**ଜଗନ୍ନାଥ ଫାଇନାନ୍ସ**
(ସରକାରୀ ପଞ୍ଜୀକୃତ)
କମ୍ପାନୀ ଦ୍ୱାରା ପର୍ସନାଲ, ପ୍ରପର୍ଟି, ଏଗ୍ରିକଲ୍ଚର, ଏଜୁକେଶନ, ଆଧାର କାର୍ଡ, ହୋମ୍ ଲୋନ୍ 36 ଘଣ୍ଟାରେ, 2% ସୁଧ, 50% ରିହାତି। ଖରାପ ସିବିଲଧାରୀ ମଧ୍ୟ ଋଣ ପାଆନ୍ତୁ।
ଏଜେଣ୍ଟ ଆମନ୍ତ୍ରିତ
7589086693


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ନବ ଦାସଙ୍କୁ ହତ୍ୟା ପରେ

# ସରକାରଙ୍କୁ ବିରୋଧୀଙ୍କ ଟାର୍ଗେଟ

- ତଦନ୍ତ ଦାୟିତ୍ୱ ସିବିଆଇକୁ ଦିଅନ୍ତୁ ମୁଖ୍ୟମନ୍ତ୍ରୀ: ସମୀର
- ଜୟନାରାୟଣ ଜଣେ ହତ୍ୟା ଅଭିଯୁକ୍ତ: ଶ୍ରୀମୟୀ
- ଏସ୍‌ଆଇଟି ତଦନ୍ତ ହେଉ: ପଞ୍ଚାନନ

**ଭୁବନେଶ୍ୱର,୩୧।୧(ବ୍ୟୁରୋ)**

ପୂର୍ବତନ ମନ୍ତ୍ରୀ ନବକିଶୋର ଦାସଙ୍କ ମୃତ୍ୟୁକୁ ନେଇ ଚର୍ଚ୍ଚା ଥମିବାର ନାଁ ଧରୁନାହିଁ। ଘଟଣାର ୩ ଦିନ ପରେ ମଧ୍ୟ କାହିଁକି ଜଣେ ପୋଲିସ କର୍ମଚାରୀ ଏଭଳି ଜଘନ୍ୟ ହତ୍ୟାକାଣ୍ଡ ଘଟାଇଲେ ତାକୁ ନେଇ ସବୁଠି ଚର୍ଚ୍ଚା। ଭାଜପା ଓ କଂଗ୍ରେସ ନବଙ୍କୁ ହତ୍ୟା ପଛରେ ଟପ୍ ଲେଭଲରେ ଷଡ଼ଯନ୍ତ୍ର ଥିବା ଅଭିଯୋଗ କରିଛନ୍ତି। ତେବେ ଭାଜପା ଘଟଣାରେ ସିବିଆଇ ତଦନ୍ତ ଦାବି କରିଥିବା ବେଳେ ଏସ୍‌ଆଇଟି ତଦନ୍ତ ଦାବି କରିଛି କଂଗ୍ରେସ। ବିଜେଡି କିନ୍ତୁ ପାଲଟା ଭାଜପାକୁ ଟାର୍ଗେଟ କରିଛି।

ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି, ରାଜ୍ୟବାସୀ ବର୍ତ୍ତମାନ ଆତଙ୍କିତ। ପୋଲିସ ଗୁଳିରେ ରାଜ୍ୟର ଜଣେ ପ୍ରଭାବଶାଳୀ କ୍ୟାବିନେଟ୍ ମନ୍ତ୍ରୀଙ୍କ ହତ୍ୟା ହେଉଛି ଏବଂ ଦୀର୍ଘ ୨୩ ବର୍ଷ ଧରି ଗୃହ ବିଭାଗର ଦାୟିତ୍ୱରେ ଥିବା ଖୋଦ୍ ମୁଖ୍ୟମନ୍ତ୍ରୀ ତଦନ୍ତ ନେଇ ନିଜ ପାଟି ନ ଖୋଲିବା ଲଜ୍ଜାର ବିଷୟ। ଏପରିକି ପୋଲିସ ଡିଜି ଘଟଣାସ୍ଥଳକୁ ନ ଯିବା ଓ ଗୃହ ସଚିବ ନୀରବତା ଅବଲମ୍ବନ କରିବା ପଛରେ ବିରାଟ ଷଡ଼ଯନ୍ତ୍ର ରହିଛି। ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ହତ୍ୟା କରିଥିବା ପୋଲିସ ଅଧିକାରୀଙ୍କୁ ବିଗତ ଦିନରେ ରାଜ୍ୟ ସରକାର ପଦୋନ୍ନତି ଦେଇ ବାରମ୍ବାର ପୁରସ୍କୃତ କରିବା ସହ ମେଡାଲ ଓ ଅର୍ଥ ରାଶି ଦେଇଛନ୍ତି। ହଠାତ୍ ସେହି ଦକ୍ଷ ପୋଲିସ ଅଧିକାରୀ ଜଣକ କାହିଁକି ମନ୍ତ୍ରୀଙ୍କୁ ଗୁଳି ମାରିଲେ ତାହା ଏବେ ରାଜ୍ୟବାସୀଙ୍କ ମନକୁ ଆନ୍ଦୋଳିତ କରୁଛି। ସେହିପରି ଜଣେ ପୋଲିସ ହତ୍ୟା କରିବ ଆଉ ଜଣେ ପୋଲିସ ଏହାର ତଦନ୍ତ କରିବ, ଏହା ଆଦୌ ବିଶ୍ୱାସଯୋଗ୍ୟ ହୋଇପାରିବ ନାହିଁ। ବିଗତ ଦିନରେ କ୍ରାଇମବ୍ରାଞ୍ଚ ତଦନ୍ତ ଆଳରେ ଅନେକ ଘଟଣାର ପ୍ରମାଣ ନଷ୍ଟ କରାଯାଇଛି। ତେବେ ଏଭଳି ସମ୍ବେଦନଶୀଳ ଘଟଣାରେ ମୁଖ୍ୟମନ୍ତ୍ରୀ ଯଥାଶୀଘ୍ର ସ୍ୱଚ୍ଛତା ଅବଲମ୍ବନ କରନ୍ତୁ ଏବଂ ତଦନ୍ତ ଭାର ସିବିଆଇକୁ ଦିଅନ୍ତୁ ବୋଲି ସମୀର କହିଛନ୍ତି।

ନବଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇସାରିଥିଲା। ଏହାକୁ ନେଇ ଏତେ ଡ୍ରାମା କରିବାର କ'ଣ ଆବଶ୍ୟକତା ଥିଲା ବୋଲି ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ରଙ୍କ ମନ୍ତବ୍ୟ ଉପରେ ପ୍ରତିକ୍ରିୟା ରଖି ବିଜେଡି ନେତ୍ରୀ ଶ୍ରୀମୟୀ ମିଶ୍ର କହିଛନ୍ତି, ଜୟନାରାୟଣ ନିଜେ ଜଣେ ହତ୍ୟା ଅଭିଯୁକ୍ତ। ଜଣେ ବିଜେଡି କର୍ମୀଙ୍କ ହତ୍ୟା ମାମଲାରେ ସେ ଜେଲ ଯାଇ ଜାମିନରେ ଅଛନ୍ତି। ତେଣୁ ନବ ଦାସଙ୍କ ହତ୍ୟା ମାମଲାର କ୍ରାଇମବ୍ରାଞ୍ଚ ତଦନ୍ତ ଚାଲିଥିବା ବେଳେ ତାଙ୍କ ମନକୁ ସ୍ୱାଭାବିକ ଭାବେ ଭୟ ଗ୍ରାସିଛି। ତାଙ୍କ ଭଳି ଜଣେ ହତ୍ୟା ଅଭିଯୁକ୍ତଙ୍କ ମନ୍ତବ୍ୟକୁ ବିଜେଡି ଆଦୌ ଗୁରୁତ୍ୱ ଦେବାକୁ ଚାହୁଁନାହିଁ ବୋଲି ଶ୍ରୀମୟୀ କହିଛନ୍ତି।

କଂଗ୍ରେସ ଭବନଠାରେ ଏକ ଖବରଦାତା ସମ୍ମିଳନୀ କରି ବରିଷ୍ଠ ନେତା ପଞ୍ଚାନନ କାନୁନ୍‌ଗୋ କହିଛନ୍ତି, ଏହି ହତ୍ୟାକାଣ୍ଡ ପଛରେ ସାଙ୍ଘାତିକ ଷଡ଼ଯନ୍ତ୍ର ଲୁଚି ରହିଛି। ଜଣେ କ୍ୟାବିନେଟ୍ ସହଯୋଗୀ ନିଜ ବିଭାଗର ପୋଲିସ କର୍ମଚାରୀଙ୍କ ଦ୍ୱାରା ହତ୍ୟା ହେବା ଘଟଣାରେ ମୁଖ୍ୟମନ୍ତ୍ରୀ ଉତ୍ତରଦାୟୀ। ତେଣୁ ନୈତିକତା ଦୃଷ୍ଟିରୁ ସେ ପଦତ୍ୟାଗ କରିବା ଉଚିତ। ନିଜ ମନ୍ତ୍ରିମଣ୍ଡଳ ସଦସ୍ୟଙ୍କ ଜୀବନ ରକ୍ଷା କରିବାରେ ବିଫଳ ସରକାର ସାଧାରଣ ଜନତାଙ୍କ ସୁରକ୍ଷା କ'ଣ କରିବ ବୋଲି ସେ ପ୍ରଶ୍ନ କରିଛନ୍ତି। ଘଟଣାର କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ଏକ ପ୍ରହସନ। ତେବେ ହାଇକୋର୍ଟର ଜଣେ ଅଧିଷ୍ଠିତ ବିଚାରପତିଙ୍କ ତତ୍ତ୍ୱାବଧାନରେ ଏସ୍‌ଆଇଟି ଦ୍ୱାରା ନବ ଦାସଙ୍କୁ ହତ୍ୟା ଘଟଣାର ତଦନ୍ତ ହେଉ ବୋଲି ପଞ୍ଚାନନ ଦାବି କରିଛନ୍ତି।


# Classified Everyday
0674-2580101, 2549949




**BRIDE WANTED**

ବୟସ-50, ଉଚ୍ଚତା 5'8" Private Job, ଦରମା-32,000/- ପୁରୁଷ ପାଇଁ ମହିଳା ଆବଶ୍ୟକ। ବିବାହିତ ଅବିବାହିତ ଗ୍ରହଣୀୟ। ଯୋଗାଯୋଗ- 9178392294. D-2610

Kshetriya boy, 1993/5'9", B.Tech. Dhanu, Bangalore IT Sector, Dhenkanal. 9668599723, 9040851751. D-71049

**GROOM WANTED**

ବୟସ-୪୩, ଉଚ୍ଚତା 5'4", Govt. employee, ଦରମା 41,000 ମହିଳା ପାଇଁ ବର ଆବଶ୍ୟକ। ଘରଜ୍ୱାଇଁକୁ ପ୍ରାଥମିକତା। ସବୁ ଜାତି ମାନ୍ୟ ଅଟନ୍ତି। ବିବାହିତ, ଅବିବାହିତ ଗ୍ରହଣୀୟ। ଯୋଗାଯୋଗ- 9178392294. D-2609

Suitable match invited from tall candidates for Bhubaneswar based Khandayat girl, 92 born, Software Engineer, Bengaluru. Contact: 9438677381. D-71669




**SALE**

Tata Hywa (Model-3118) 2018-5nos, Tata Hywa (Model-2518) 2016-4nos. Contact. 9827516256, 7504690838. D-74200

**HIRE**

41 Seated White Tata Bus within 5years for monthly hire purpose, wanted immediately. Contact: 7077714312. D-2635




**SALE**

BDA plot Tata Motor frontରେ Pitapalli Chhakaରେ ମିଳୁଅଛି। Contact: 9800700664, 9437285016. D-2572

**Commercial Gharabadi plot 10500sqft. sale at Samantrapur, Bhubaneswar. Suitable for Clinic/ School/ College/ Godown. Genuine Buyer contact. No Broker.: 9438220482/ 8249155265.** D-2645

ଭୁବନେଶ୍ୱର ନଖରା ଘରବାରି SC plot sqft.-150/-, general-350/-. 9439660381. D-74801

**Residential gharabari plot at Brahmanjharilo Cuttack with boundary wall, Electrypole inside Temple on Bank loan facilities near English Medium High School. 6K.M. from Phulnakhara, 11K.M, from Bhubaneswar. 7809525452.** D-74634

**ଭୁବନେଶ୍ୱର ହଂସପାଳଠାରୁ 9 K.M. ଭିଙ୍ଗାରପୁରଠାରେ Demarcated 30ft. road, ଘରବାରି, ଇଲେକ୍ଟ୍ରି ସୁବିଧା ଥାଇ sqft.-700/- ପ୍ଲଟ୍ ବିକ୍ରି ହେଉଛି। 9437114429, 9090809945.** D-74808

ଭୁବନେଶ୍ୱରରେ ଆଜି ପ୍ଲଟ୍ କିଣି ଆଜି ଘର କରନ୍ତୁ। Sqft. 950/-. 9439493164. D-74806

ଗଙ୍ଗପଡ଼ା NHରୁ 700mtr. distance (per sqft-500/-), 200mtr. ଦୂରତାରେ (per sqft-1000/-) ଘର କଲାଭଳି boundary ସହ ପ୍ଲଟ୍ ମିଳୁଅଛି। 6372555493. D-2502

**ଭୁବନେଶ୍ୱର ହଂସପାଳ ଛକଠାରୁ ବାଲିଅନ୍ତା ଥାନା ନିକଟବର୍ତ୍ତୀ 100 ଫୁଟ୍ ରାସ୍ତା ନିକଟରେ ୩୦ଫୁଟ୍ ରାସ୍ତା, ଇଲେକ୍ଟ୍ରିକ୍, ଡ୍ରେନେଜ, ପ୍ଲାଣ୍ଟେସନ୍, ସିକ୍ୟୁରିଟି ସୁବିଧା ଥାଇ ବାସୋପଯୋଗୀ ବାଉଣ୍ଡାରୀ ପ୍ଲଟ୍ ମିଳୁଅଛି। 9938298517.** D-74804

Duplex sale at Bhubaneswar @ 45 Lakhs only- Contact: 9777433701. D-74199

**ଭୁବନେଶ୍ୱର ପଟିଆ ଷ୍ଟେସନ 2 K.M., New Rly Station 400mtr. ଦୂରତାରେ yellowzone plot ମିଳୁଛି sqft.-650/-. 8249081980.** D-74187

ଭୁବନେଶ୍ୱର ଟଙ୍କପାଣି ସାଇମନ୍ଦିର ଛକରୁ 5 K.M. ବେଣ୍ଟପୁର ମୌଜା- ଆଦର୍ଶ ବିଦ୍ୟାଳୟ ପାଖରେ ଘରବାରି ପ୍ଲଟ୍ ବିକ୍ରିହେବ। 9090809945, 9437114429. D-74805

Plot ଭୁବନେଶ୍ୱର- ପଟିଆ ରେଲୱେଷ୍ଟେସନରୁ 1.5K.M. ଦୂରତାରେ ରାସ୍ତା, ଇଲେକ୍ଟ୍ରି ସୁବିଧା ଥାଇ ବାସୋପଯୋଗୀ ଘରବାରି ପ୍ଲଟ୍ ସୁଲଭ ମୂଲ୍ୟରେ ମିଳୁଛି। 7978159231. D-74803

Khurdha Collector Office ରୁ 2K.M. distanceରେ ଘରବାରି boundary ଥାଇ plot Rs.-9,00,000/-ରେ ମିଳୁଅଛି। (Owner). 7750068828, 9439101373. D-2571


**Highly developed gated society gharabari plot sale near Toshali Square, Puri opposite Medical College. 9937373013.** D-74802

ଭୁବନେଶ୍ୱର ବାଲିଅନ୍ତା ଭିଙ୍ଗାରପୁରରେ 30ft ରେଭିନ୍ୟୁ ରୋଡ୍‌କୁ ଲାଗି boundary ସହ ଘରବାରି ପ୍ଲଟ୍ ବିକ୍ରିହେବ। 9984716649, 8249451709, 9437246321. D-2550

**ଭୁବନେଶ୍ୱର ନଖରା 2nd Sum Hospital ନିକଟବର୍ତ୍ତୀ ଘରବାରି ପ୍ଲଟ୍ ଓ ହଂସପାଳ ପାଖରେ 3BHK Duplex ମିଳୁଛି। 8327785834, 9658122456.** D-74197

**ଭୁବନେଶ୍ୱର ପିତାପଲ୍ଲୀ ଛକରୁ 200mtr ଦୂରରେ BDA yellowzone ପ୍ଲଟ୍ boundary ସହ ମିଳୁଅଛି। 8338932027, 7978676652.** D-74192

**30'road, boundary ଥାଇ yellowzone proposed 100ft. ପିଚୁ ରାସ୍ତାକୁ ଲାଗି ତୁରନ୍ତ ଘର କଲା ଭଳି ପ୍ଲଟ୍ ପ୍ରତାପନଗରୀ ଧାକୁଲେଇ ମନ୍ଦିର ନିକଟ ବେଲଗଛିଆରେ 12,00,000/-ରେ ମିଳୁଛି। 9937391249, 6371915941.** D-74195




3BHK Duplex beautiful corner Villa in gated community, Patia for Family. 9439920321. D-2595

For commercial purpose Minarva Complex, Sector-09, CDA, Cuttack. Contact: 9078814328, 9078814319, 9078814313. D-2615




Newly open SPA positively health benefits with expert therapist. 7849011931. D-73677

Full body massage in homely Atmospher all therapy. Mob: 8114881641. D-73422

**Relax, Refresh your body, Mind at Saikrupa Spa with best therapies. 8984068077.** D-2586

Newly open health benefits SPA special Offer @ 999, Nayapalli. 7846814019. D-73679

Asribada Panchakarma herbal SPA, Kesarimall, Bhubaneswar. Contact: 892617347 3. D-74633

Full body massage, refresh, relaxed by expert lady therapist. Contact: 8480939300. D-2644

**AFFIDAVIT**

Affidavit before Executive Magistrate, Athagarh, I have changed my name from Anupama Mohanty to Anupama Parida. I shall be known as Anupama Parida, W/o. Pramod Kumar Mohanty, Vill-Hatarod, Dhenkanal Town, Dist-Dhenkanal for all purposes. D-74040

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

Email ମାଧ୍ୟମରେ କ୍ଲାସିଫାଏଡ୍‌କୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com


**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଡାଲୁଅ ଧାନରେ ସାର ପ୍ରୟୋଗ

**ଏ ମାସର କୃଷି ସୂଚନା**



ଡାଲୁଅ ଧାନ ରୋଇବାର ୧୫-୨୦ ଦିନ ଜମିରେ ନଖବୁଡ଼ା ପାଣି ରଖି ୧୨୦ରୁ କମ୍ ଦିନିଆ ଧାନରେ ହେକ୍ଟର ପ୍ରତି ୩୦ କି.ଗ୍ରା. ଓ ୧୨୦ ଦିନରୁ ଅଧିକ ଦିନିଆ ତଥା ସଙ୍କର କିସମ ଧାନରେ ୪୦ କି.ଗ୍ରା. ଯବକ୍ଷାରଜାନ ସାର ପିଲସାର ହିସାବରେ ପ୍ରୟୋଗ କରନ୍ତୁ । ପିଲ ଅବସ୍ଥାରେ ୨.୫ ସେ.ମି. ପର୍ଯ୍ୟନ୍ତ ପାଣି ରଖନ୍ତୁ । କାଣ୍ଡବିନ୍ଧା ପୋକ ଦମନ ପାଇଁ ହେକ୍ଟର ପ୍ରତି ୧ ଲିଟର କ୍ଲୋର୍‌ପାଇରିଫସ୍ କିମ୍ବା ପ୍ରୋଫେନୋଫସ୍ ୫୦୦ ଲିଟର ପାଣିରେ ଗୋଳାଇ ପତ୍ର ସିଞ୍ଚନ କରନ୍ତୁ ।

**ଗହମ :** ଗହମ କାଣ୍ଡ ହଳଦିଆ ପଡ଼ି ଶୁଖି ମଥା ନଇଁଗଲେ ଅମଳ କରନ୍ତୁ ।

**ମକା :** ମକା ଲଗାଇବାର ୨୧ ଦିନ ପରେ କୋଡ଼ାଖୁସା କରି ଗଛମୂଳରେ ମାଟିଦେବା ଦରକାର । ଫସଲ ବୁଣିବାର ୩୫ ରୁ ୪୫ ଦିନ ମଧ୍ୟରେ ଆଉ ଥରେ କୋଡ଼ାଖୁସା କରି ଘାସ ବାଛି ହେକ୍ଟର ପ୍ରତି ୩୦-୪୦ କି.ଗ୍ରା. ଯବକ୍ଷାରଜାନ ଗଛ ମୂଳରେ ଦେଇ ଦ୍ୱିତୀୟ ଥର ହୁଡ଼ା ଟେକି ଦିଅନ୍ତୁ ।

**ତୈଳବୀଜ ଜାତୀୟ ଫସଲ**

**ଚିନାବାଦମ :** ଏହି ଫସଲରେ ଫୁଲ ଆସିବା ପୂର୍ବରୁ କୋଡ଼ାଖୁସା କରି ହେକ୍ଟର ପିଛା ୨୫୦ କି.ଗ୍ରା. ଜିପ୍‌ସମ୍ ସାର ପ୍ରୟୋଗ କରନ୍ତୁ (ଯଦି ମୂଳସାର ରୂପେ ଦିଆଯାଇ ନ ଥାଏ)। ବିହାରୀ ଶୁଁଆଳୁଆ ଲାଗିଲେ ସକାଳେ କାକର ଥିବାବେଳେ ହେକ୍ଟର ପ୍ରତି ୨୫ କି.ଗ୍ରା. ହିସାବରେ ୧.୫% କ୍ଲୋରୋପାଇରିଫସ୍ ଗୁଣ୍ଡ ପ୍ରୟୋଗ କରନ୍ତୁ କିମ୍ବା ୧ ଲିଟର ଲାମ୍‌ଡା ସାଇହାଲୋଥ୍ରିନ୍ ୨.୫ ଇ.ସି. ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

**ସୋରିଷ :** ଡେରିରେ ବୁଣାଯାଇଥିବା ସୋରିଷ ଅମଳ କରିଦିଅନ୍ତୁ ।

**ରାଶି :** ଖରାଦିନିଆ ରାଶିକୁ ଫେବୃୟାରୀଠାରୁ ମାର୍ଚ୍ଚ ପ୍ରଥମ ସପ୍ତାହ ମଧ୍ୟରେ ବୁଣନ୍ତୁ । ହେକ୍ଟର ପ୍ରତି ୭.୫ କି.ଗ୍ରା. ବିହନ ଆବଶ୍ୟକ ହୋଇଥାଏ । ରାଶିର ଉନ୍ନତ ବିହନ କିସମ ଗୁଡ଼ିକ ହେଲା - ଅମ୍ରିତ୍ (୭୫ ଦିନ), ଉମା (୭୫ ରୁ ୮୦ ଦିନ), ନିର୍ମଳା (୮୦ ଦିନ), ପ୍ରାଚୀ (୭୫ ରୁ ୮୦ ଦିନ ) ଓ ଉଷା (୭୫ ରୁ ୮୦ ଦିନ)।

**ସୂର୍ଯ୍ୟମୁଖୀ :** ଗଛ ୩ ସପ୍ତାହ ହୋଇଥିଲେ କୋଡ଼ାଖୁସା କରି ହେକ୍ଟର ପ୍ରତି ୪୦ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗକରି ହୁଡ଼ା ଟେକନ୍ତୁ। ପତ୍ରକଟା ପୋକ ଦମନ ପାଇଁ ହେକ୍ଟର ପ୍ରତି ୧ ଲିଟର ସାଇପରମେଥ୍ରିନ୍ ଓ ଝିଣ୍ଟିକା ଦମନ ଲାଗି ହେକ୍ଟର ପ୍ରତି ୨୫ କି.ଗ୍ରା. କ୍ଲୋର୍‌ପାଇରିଫସ୍ (୧.୫%) ଗୁଣ୍ଡ ସିଞ୍ଚନ କରନ୍ତୁ ବା ଲାମ୍‌ଡା ସାଇହାଲୋଥ୍ରିନ୍ (୨.୫ ଇ.ସି.) ୧ ଲିଟର ୫୦୦ ଲିଟର ପାଣିରେ ପ୍ରୟୋଗ କରନ୍ତୁ। ଜମିରେ ଅତ୍ୟଧିକ ପାଣି ଜମିବାକୁ ଦିଅନ୍ତୁ ନାହିଁ ।

**ଆଖୁ :** ଫସଲ ୩୦ ଦିନର ହୋଇଥିଲେ ଜମିରୁ ଘାସ ବାଛି କୋଡ଼ାଖୁସା କରି ହେକ୍ଟର ପ୍ରତି ୧୨୫ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରି ହୁଡ଼ା ଟେକନ୍ତୁ ।

**ପନିପରିବା :** ପନିପରିବା ଫସଲରେ ଜଉପୋକ ଓ ଫଳବିନ୍ଧା ପୋକ ଦମନ ପାଇଁ ୧ ଲିଟର ପାଣିରେ ଯଥାକ୍ରମେ ୦.୨ ଗ୍ରାମ୍ କ୍ଲୋଥାୟାନିଡିନ୍ ଓ ୦.୩ ମି.ଲି. ଫ୍ଲୁବେଣ୍ଡିଆମାଇଡ୍ ମିଶାଇ ସିଞ୍ଚନ କରନ୍ତୁ ।

**ଆଳୁ :** ଆଳୁ ଗଛର କାଣ୍ଡ ଶୁଖି ଢଳି ପଡ଼ିଲେ ଅମଳ କରନ୍ତୁ । ଆଳୁ ପାକଳ ହେବା ପାଇଁ ଖୋଳିବା ପୂର୍ବରୁ କାଣ୍ଡଗୁଡ଼ିକୁ କାଟି ଦିଅନ୍ତୁ । ଖଣ୍ଡିଆ, ରୋଗାକ୍ରାନ୍ତ ଓ ସବୁଜ ଦିଶୁଥିବା ଆଳୁଗୁଡ଼ିକୁ ଅଲଗା ରଖନ୍ତୁ । ଅମଳ ପରେ ଆଳୁକୁ ୨-୩ ଦିନ ଛାଇରେ ଶୁଖାଇ ଦିଅନ୍ତୁ । ଶୀତଳ ଭଣ୍ଡାରକୁ ନେବା ପୂର୍ବରୁ ୩% ବୋରିକ୍ ଏସିଡ୍‌ରେ ୧୫ ମିନିଟ୍ ବୁଡ଼ାଇ ଶୁଖାଇ ଦିଅନ୍ତୁ।

**ପିଆଜ :** ପତ୍ରଗୁଡ଼ିକ ହଳଦିଆ ପଡ଼ିଲେ ପିଆଜ ପାକଳ ହୋଇଯାଇଥାଏ। ଏହି ସମୟରେ ଅମଳ କରନ୍ତୁ। ଅମଳର ୩/୪ ସପ୍ତାହ ପରେ ତାକୁ ସାଇତି ରଖନ୍ତୁ । ଏହାଦ୍ୱାରା ପିଆଜର ଜଳୀୟ ଅଂଶ ଅନେକାଂଶରେ କମିଯାଇଥାଏ ।

**ପୋଟଳ :** ଝାଉଁଳା ରୋଗ ଦେଖାଦେଲେ ହେକ୍ଟର ପ୍ରତି ୫୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ ୫୦% ୧ଗ୍ରାମ୍ ୧ ଲିଟର ପାଣିରେ ୫୦ ଡବ୍ଲ୍ୟୁପି କିମ୍ବା ମେଟାଲାକ୍‌ସିଲ୍ + ମାନ୍‌କୋଜେବ୍ (୧ କି.ଗ୍ରା.) ୫୦୦ ଲିଟର ପାଣିରେ ମିଶାଇ ଗଛ ମୂଳକୁ ଭିଜାଇବେ।

**ଖରାଦିନିଆ ପନିପରିବା :** ଖରାଦିନିଆ ପନିପରିବା ଯଥା - କଲରା, ଜହ୍ନି, ପୋଟଳ, କାକୁଡ଼ି, ବରଗୁଡ଼ି, ଗୁଆଁର, କଖାରୁ, ପୋଇ, ଖଡ଼ା ଇତ୍ୟାଦି ପାଇଁ ପଟାଳି ପ୍ରସ୍ତୁତ କରନ୍ତୁ । ତରଭୁଜ ଲଗାଇବା ଆରମ୍ଭ କରନ୍ତୁ। ଅନ୍ୟ ପନିପରିବା ଯଥା - ବିଲାତି ବାଇଗଣ, ବନ୍ଧାକୋବି, ମୂଳା ଓ ଗାଜରର ଠିକ୍ ଯତ୍ନ ନିଅନ୍ତୁ ।

**ଅଦା ଓ ହଳଦୀ :** ଅଦା ଓ ହଳଦୀ ଫସଲ ଅମଳ ପାଇଁ ଏହା ପ୍ରକୃଷ୍ଟ ସମୟ । ଜମିର ବତର ଦେଖି ଫସଲ ଅମଳ କରନ୍ତୁ ।

**ଛେଳି ପାଳନ :** ଛେଳିମାନଙ୍କୁ ଏଣ୍ଟରୋ ଟକ୍‌ସିମିଆ ରୋଗ ଏହି ମାସରେ ଦେଖାଯାଇଥାଏ । ଏହାର ପ୍ରତିକାର ପାଇଁ ସେମାନଙ୍କୁ ଏଣ୍ଟରୋ ଟକ୍‌ସିମିଆ ଟିକା ଦେବାର ବ୍ୟବସ୍ଥା କରନ୍ତୁ ।



## ଡାଲି ଜାତୀୟ ଫସଲ



ଖରାଦିନେ ଅଧିକ ଅମଳକ୍ଷମ ଡାଲି ଜାତୀୟ ଫସଲ ଯଥା- ମୁଗ କିସମ - ଆଇପିଏମ୍-୦୨-୧୪ (୬୫ ଦିନ), ଆଇପିଏମ୍-୦୨-୩ (୬୫ ଦିନ), ପିଡିଏମ୍-୧୧ (୬୫ ଦିନ), ପିଡିଏମ୍-୫୪ (୬୦ ରୁ ୬୫ ଦିନ), ଦୁର୍ଗା (୬୦ ରୁ ୬୫ ଦିନ), ସମ୍ରାଟ୍ (୬୫ ରୁ ୭୦ ଦିନ), କେ-୮୫୧ (୬୦ ରୁ ୬୫ ଦିନ) ଓ ବିରି କିସମ - ସାରଳା (୬୫ ରୁ ୭୦ ଦିନ), ପିୟୁ-୩୧ (୭୦ ଦିନ), ପିୟୁ-୩୦ (୬୫ ରୁ ୭୦ ଦିନ), ପିୟୁ-୩୫ (୬୫ ରୁ ୭୦ ଦିନ), ପିୟୁ-୧୯(୬୫ ରୁ ୭୦ ଦିନ) ବିହନ ସଂଗ୍ରହକରି ଜମିରେ ବୁଣନ୍ତୁ । ହେକ୍ଟର ପ୍ରତି ୨୫ କି.ଗ୍ରା. ବିହନ ଆବଶ୍ୟକ । ବିହନକୁ ବିଶୋଧନକରି ବୀଜାଣୁ କଲ୍‌ଚର (୫୦୦ ଗ୍ରାମ୍) ଉପଚାର କରି ଧାଡ଼ିରେ ବୁଣନ୍ତୁ ।

## ଭାକୁର ମାଛର ଆଖି ରୋଗ



**ଭା**କୁର ମାଛର ସାଧାରଣତଃ ଆଖିରୋଗ ଦେଖାଯାଇଥାଏ । ଏହାର ପ୍ରାଥମିକ ଲକ୍ଷଣରେ ଆଖିର ସ୍ୱଚ୍ଛପଟଳ ରକ୍ତବର୍ଣ୍ଣ ହୋଇଯାଏ ଓ କିଛିଦିନ ପରେ ଏହା ଅସ୍ୱଚ୍ଛ ହୋଇ କ୍ରମେ ପଚିଯାଇ ଆଖି ନଷ୍ଟ ହୋଇଯାଏ । ତେଣୁ ଏହାର ପ୍ରତିକାର ପାଇଁ ୧୦ ମିଲିଗ୍ରାମ୍ ହିସାବରେ କ୍ଲୋରୋମାଇସିଟିନ୍‌କୁ ୧ ଲିଟର ପାଣିରେ ଦ୍ରବଣ ପ୍ରସ୍ତୁତ କରି ମାଛଗୁଡ଼ିକ ୫-୭ ମିନିଟ୍ ପର୍ଯ୍ୟନ୍ତ ବୁଡ଼ାଇ ରଖନ୍ତୁ । ଏହା ବ୍ୟତୀତ ପୋଟାସିୟମ ପରମାଙ୍ଗାନେଟ୍ ଦ୍ରବଣରେ (୫ ମିଲିଗ୍ରାମ୍ ୧ ଲିଟର ପାଣିରେ) ମାଛକୁ ପ୍ରାୟ ୫ ରୁ ୭ ମିନିଟ୍ ପର୍ଯ୍ୟନ୍ତ ବୁଡ଼ାଇ ରଖାଯାଇପରେ। ଏହି ପ୍ରକ୍ରିୟା ୩-୪ ଦିନ ପର୍ଯ୍ୟନ୍ତ କଲେ ଭାକୁର ମାଛର ଆଖିରୋଗ ହେବା ସମ୍ଭାବନା ନ ଥାଏ । ୧ ହେକ୍ଟର ବିଶିଷ୍ଟ ମାଛଚାଷ ପୋଖରୀ ପାଇଁ ଦୈନିକ ୭ କି.ଗ୍ରା. କାଣ୍ଡିଆ କୁଣ୍ଡା, ୭ କି.ଗ୍ରା. ଚିନାବାଦାମ ପିଡ଼ିଆ ବ୍ୟବହାର କରନ୍ତୁ ।

## ସୂର୍ଯ୍ୟମୁଖୀର ଦାନା ଗଠନ

**ସୂ**ର୍ଯ୍ୟମୁଖୀର ଦାନା ଗଠନ ସମୟ ହିଁ ସଙ୍କଟକାଳ। ଏ ସମୟରେ ମାଟିର ବତରକୁ ଚାହିଁ ଜଳସେଚନ କରନ୍ତୁ। କାଳୀମୁଣ୍ଡି ପୋକ ନିୟନ୍ତ୍ରଣ ପାଇଁ ଏକର ପ୍ରତି ୪୦୦ ମି.ଲି. କ୍ଲୋରୋପାଇରିଫସ୍‌କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ବିଳମ୍ବରେ ଲଗାଯାଇଥିବା ଫସଲ ୪୦ରୁ ୫୦ ଦିନର ହୋଇଯାଇଥିଲେ ଏକର ପ୍ରତି ଉନ୍ନତ କିସମ ଲାଗି ୩ କି.ଗ୍ରା. ଓ ସଙ୍କର ଜାତୀୟ ପାଇଁ ୬ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରନ୍ତୁ। ଫୁଲ ଆସିବା ପୂର୍ବରୁ ପ୍ରତି ଲିଟର ପାଣିରେ ୨ ରୁ ୩ ଗ୍ରାମ୍ ହିସାବରେ ବୋରକ୍ସ ମିଶାଇ ସିଞ୍ଚନ କରନ୍ତୁ।

## ପ୍ରାଣୀଙ୍କୁ ନଡ଼ା ଦେବା ପୂର୍ବରୁ

**ପ୍ରା**ଣୀଙ୍କୁ ନଡ଼ା ଖାଇବାକୁ ଦେବା ପୂର୍ବରୁ ପ୍ରଥମେ ନଡ଼ାକୁ କାଟି ପାଣିରେ ୪ ଘଣ୍ଟା ବତୁରାଇ ଦିଅନ୍ତୁ । ପରେ ନଡ଼ାକୁ ପାଣି ଛଡ଼ାଇ ଶୁଖାଇ ଦିଅନ୍ତୁ। ଏହି ନଡ଼ାକୁ ଖାଇବାକୁ ଦେଲେ ନଡ଼ାରେ ଥିବା ଅକ୍‌ଜାଲିକ୍ ଅମ୍ଳ ପରିମାଣ କମିଥାଏ। ଦୁଧିଆଳୀ ଗାଈକୁ ପ୍ରତ୍ୟେକ ୨.୫ ଲିଟର ଦୁଗ୍ଧ ପାଇଁ ୧ କି.ଗ୍ରା. ସନ୍ତୁଳିତ ମିଶ୍ରିତ ଦାନା ଖାଇବାକୁ ଦିଅନ୍ତୁ । ପ୍ରତ୍ୟେକ ଦିନ ୩୦ ଗ୍ରାମ୍ ଖଣିଜ ଲବଣ ମିଶ୍ରଣ ଗାଈକୁ ଖାଇବାକୁ ଦିଅନ୍ତୁ। ଦାନା ଖର୍ଚ୍ଚ କମାଇବା ସହ ଗାଈମାନଙ୍କର ସ୍ୱାସ୍ଥ୍ୟାବସ୍ଥା ଭଲ ରହିବା ପାଇଁ ସବୁଜ ଗୋଖାଦ୍ୟ ଫସଲ ଚାଷ କରନ୍ତୁ ।



## ବାର୍ଡ ଫ୍ଲୁ ପ୍ରତିଷେଧକ



**ବା**ର୍ଡ ଫ୍ଲୁ ରୋଗ ଦମନ ପାଇଁ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରନ୍ତୁ । ବ୍ରଏଲର କୁକୁଡ଼ା - ଦିନରେ ଉତ୍ତାପ ଅଧିକ ଥିବାରୁ କୁକୁଡ଼ା ଛୁଆ ପାଳନ ପାଇଁ କମ୍ ଉତ୍ତାପ ଦିଅନ୍ତୁ (ଆବଶ୍ୟକ ୩୫୦ ସେଣ୍ଟିଗ୍ରେଡ୍)। କୁକୁଡ଼ା ଛୁଆମାନେ ଉତ୍ତାପ ଉତ୍ସ ତଳେ ରହିଲେ ଉତ୍ତାପ ବଢ଼ାନ୍ତୁ ଓ ଉତ୍ତାପ ଉତ୍ସଠାରୁ ଦୂରରେ ରହିଲେ ଉତ୍ତାପ କମ୍ ଦିଅନ୍ତୁ। ୭ ଦିନର କୁକୁଡ଼ା ଛୁଆଙ୍କୁ ରାଣୀକ୍ଷେତ ରୋଗ ଓ ୧୫ ଦିନର ଛୁଆଙ୍କୁ ଆଇବିଡି ରୋଗ ଟିକା ଦିଅନ୍ତୁ। ନିମ୍ନଲିଖିତ ଲକ୍ଷଣମାନ ଦେଖାଦେଲେ ବାର୍ଡଫ୍ଲୁ ରୋଗ ହେବାର ସୂଚନା ମିଳିଥାଏ । କୁକୁଡ଼ା ଦୁର୍ବଳ ଦେଖାଯାଏ, ପର ଅସଜଡ଼ା ପରି ଲାଗେ, ଅଣ୍ଡାଦିଆ କୁକୁଡ଼ା ଅଣ୍ଡା ଦେବା କମ୍ କରିଦିଏ, ନାକରୁ ପତଳା ସିଂଘାଣି ବାହାରିବା ସହ ଛିଙ୍କ ତଥା ପତଳା ପାଣି ପରି ଝାଡ଼ା ହୁଏ, ପ୍ରାପ୍ତ ବୟସ୍କ କୁକୁଡ଼ାଙ୍କ ଚୂଳ, ୱାଟଲ୍ ଓ ଆଖି ଚାରିପାଖ ଫୁଲିଯାଏ, ଚୂଳ ନୀଳ ପଡ଼ିବା ସହିତ ରକ୍ତ ଛିଟା ଚିହ୍ନ ଦେଖାଦେଲେ କିମ୍ବା ମୁହଁ ବା ମୁଣ୍ଡ ଫୁଲିଯିବା ଆଦି ଉପସର୍ଗ ମାନ ଦେଖାଦେଲେ ତୁରନ୍ତ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ସହ ପରାମର୍ଶ କରନ୍ତୁ ।

## ଭେଣ୍ଡିର ଉନ୍ନତ କିସମ

**ଭେଣ୍ଡି**ର ଉନ୍ନତ କିସମଗୁଡ଼ିକ ମଧ୍ୟରେ ରହିଛି- ଆର୍କା ଅନାମିକା, ଆର୍କା ଅଭୟ, ଉତ୍କଳ ଗୌରବ ଏବଂ ପୁଷା-ଏ-୪ । ଲଗାଇବା ଦୂରତା ୬୦ ସେ.ମି. x ୩୦ ସେ.ମି. । ଭେଣ୍ଡି ଚାଷ ପାଇଁ ହେକ୍ଟର ପିଛା ୨୦ ଗାଡ଼ି ଭଲ ଶଢ଼ା ଗୋବରଖତ ସହିତ ୮୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ଆବଶ୍ୟକ । ଜମି ପ୍ରସ୍ତୁତ ସମୟରେ ଅନୁମୋଦିତ ଯବକ୍ଷାରଜାନ ସାରର ଅର୍ଦ୍ଧେକ ଏବଂ ସମସ୍ତ ଫସ୍‌ଫରସ୍ ଓ ପଟାସ୍ ସାର ମୂଳସାର ହିସାବରେ ସବୁତକ ଖତ ସହିତ ପ୍ରୟୋଗ କରନ୍ତୁ । ବିହନ ଲଗାଇବାର ୩ ସପ୍ତାହ ପରେ କୋଡ଼ାଖୁସା କରି ବଳକା ଅର୍ଦ୍ଧେକ ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ । ପ୍ରତି ୫-୬ ଦିନ ବ୍ୟବଧାନରେ ଭେଣ୍ଡି କିଆରିରେ ମାଟିର ବତର ଦେଖି ଜଳସେଚନ କରନ୍ତୁ । ପ୍ରତି ୨ ଦିନରେ ଥରେ ଫଳ ତୋଳିବା ଭଲ। ନଚେତ୍ ଗଛର ବୃଦ୍ଧି ଓ ଫଳ ଧାରଣ ଶକ୍ତି କମିଯାଇଥାଏ ଓ ଫଳ ବୁଢ଼ା ହୋଇଯାଇଥାଏ। ଭେଣ୍ଡି ଗଛ ଥଣ୍ଡା ଲାଗି ଛୋଟ ହୋଇଥାଏ ଓ ଫଳ ମଧ୍ୟ ଛୋଟ ହୋଇଥାଏ ।



## ସେରାକଲ ଗେଣ୍ଡୁଫୁଲ



**ସେ**ରାକଲ କିସମର ଗେଣ୍ଡୁଫୁଲ ଚାଷ କରୁଥିଲେ ହେକ୍ଟର ପ୍ରତି ୨୦ ଗାଡ଼ି ଭଲ ଶଢ଼ା ଗୋବରଖତ ସହ ୧୫୦ କି.ଗ୍ରା. ଯବକ୍ଷାରଜାନ, ୧୫୦ କି.ଗ୍ରା. ଫସ୍‌ଫରସ୍ ଏବଂ ୧୫୦ କି.ଗ୍ରା. ପଟାସ୍ ଆବଶ୍ୟକ । ଲଗାଇବା ସମୟରେ ମୂଳସାର ହିସାବରେ ଅର୍ଦ୍ଧେକ ଯବକ୍ଷାରଜାନ ଏବଂ ସମସ୍ତ ପଟାସ୍ ଓ ଫସ୍‌ଫରସ୍ ଖତ ସହ ମାଟିରେ ପ୍ରୟୋଗ କରନ୍ତୁ । ମଲ୍ଲୀଫୁଲ ଚାଷ କରୁଥିଲେ ଗଛ ପ୍ରତି ୭୫ ଗ୍ରାମ୍ ଯବକ୍ଷାରଜାନ, ୭୫ ଗ୍ରାମ୍ ଫସ୍‌ଫରସ୍ ଏବଂ ୫୦ ଗ୍ରାମ୍ ପଟାସ୍ ସାର ପ୍ରୟୋଗ କରନ୍ତୁ । ଗୋଡ଼ିଫୁଲ, ସୂର୍ଯ୍ୟମୁଖୀ ଏବଂ ଜିନିଆ ଚାଷ କରିପାରିବେ । ଗୋଲାପ ଗଛରେ ଶୋଷକ ପୋକ ନିୟନ୍ତ୍ରଣ ପାଇଁ ଏକ ଲିଟର ପାଣିରେ ୦.୩ ମି.ଲି. ହିସାବରେ ଇମିଡାକ୍ଲୋପ୍ରିଡ୍ କୀଟନାଶକ ମିଶାଇ ଗଛରେ ଭଲ ଭାବରେ ସିଞ୍ଚନ କରନ୍ତୁ । ପାଉଁଶିଆ ରୋଗ (ପାଉଡରି ମିଲ୍‌ଡିଉ) ଦେଖାଦେଲେ ୧ ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ସଲ୍‌ଫର୍ ସେଚିତ ଗୁଣ୍ଡ ପ୍ରୟୋଗ କରନ୍ତୁ ।

## ଅଧିକ ଅମଳକ୍ଷମ ନଳିତା

**ନ**ଳିତା ମାର୍ଚ୍ଚ ମାସ ଶେଷରୁ ଆରମ୍ଭକରି ଏପ୍ରିଲ ଶେଷ ପର୍ଯ୍ୟନ୍ତ ବୁଣାଯାଇଥାଏ। ଜେଆରଓ -୫୨୪(ନବୀନ) କିସମ ମଧୁର ନଳିତା ଆମ ରାଜ୍ୟ ପାଇଁ ଅନୁମୋଦିତ କିସମ। ଏହା ୧୩୦ରୁ ୧୪୦ ଦିନ ମଧ୍ୟରେ ଅମଳ ହୁଏ ଓ ଏହାର ହଳଦିଆ ଅଷ୍ଟପଦୀ ପୋକ ସହଣୀ ଶକ୍ତି ଅଛି। ଏହି କିସମର ତନ୍ତୁର ମାନ ଉନ୍ନତ ଓ ଏଥରୁ ତନ୍ତୁ ବାହାର କରିବା ମଧ୍ୟ ଖୁବ୍ ସହଜ। ଫସଲରେ କାଣ୍ଡଶଢ଼ା ଓ ମୂଳଶଢ଼ା ରୋଗ ନ ହେବା ଲାଗି ପ୍ରତିଷେଧକ ସ୍ୱରୂପ ବିହନ ବିଶୋଧନ ନିତାନ୍ତ ଆବଶ୍ୟକ। ଜମିକୁ ଭଲଭାବେ ଗୁଣ୍ଡଚାଷ କରି ଘାସ ବାଛି ଦିଅନ୍ତୁ। ଏକର ପ୍ରତି ୫ଗାଡ଼ି ଗୋବର ଖତ ଚାଷ ବେଳେ ପ୍ରୟୋଗ କରନ୍ତୁ। ଶେଷ ଓଡ଼ ଚାଷରେ ଏକର ପ୍ରତି ପିତା ନଳିତାରେ ୧୨ କି.ଗ୍ରା. ଯବକ୍ଷାରଜାନ,୧୨କି.ଗ୍ରା. ଫସ୍‌ଫରସ ଓ ୧୨କି.ଗ୍ରା. ପଟାସ୍ ଏବଂ ମଧୁର ନଳିତାରେ ୮କି.ଗ୍ରା. ଯବକ୍ଷାରଜାନ,୮କି.ଗ୍ରା . ଫସ୍‌ଫରସ ଓ ୮କି.ଗ୍ରା. ପଟାସ୍ ମୂଳ ସାର ଆକାରରେ ପ୍ରୟୋଗ କରନ୍ତୁ।



## କାଜୁ ଫସଲ: ଚା' ମଶକ ପୋକ ଦମନ



ଡ. ବିଷ୍ଣୁଚରଣ ଜେନା

**କା**ଜୁବାଦାମ ଏକ ଅର୍ଥକରୀ ଫସଲ। ତେବେ ଏହି ଫସଲକୁ ଅଧିକ ଲାଭଦାୟକ କରାଇବା ଲାଗି ଏଥିରେ ହେଉଥିବା ରୋଗପୋକର ନିୟନ୍ତ୍ରଣ ବ୍ୟବସ୍ଥା କରିବା ଜରୁରୀ। ଚା' ମଶକ ପୋକ, ଚେର ଓ କାଣ୍ଡବିନ୍ଧା ପୋକ, ପତ୍ର ସୁଡ଼ଙ୍ଗକାରୀ ପୋକ, ପତ୍ର ଏବଂ ବଉଳ ପୋଡ଼ା ପୋକ, ପତ୍ର ଏବଂ ଫୁଲ ଉକୁଣି ପୋକ ଆଦି ଏହି ଫସଲକୁ ଆକ୍ରମଣ କରନ୍ତି। ତନ୍ମଧ୍ୟରୁ ଚା' ମଶମ ପୋକ ଅତ୍ୟନ୍ତ କ୍ଷତିକାରକ। ଏହା ଏକ ଶୋଷକ ଜାତୀୟ ପୋକ। ଏହି ପୋକର ଆକ୍ରମଣ ଯୋଗୁ ୨୫ ପ୍ରତିଶତ କଅଁଳ ଅଗ୍ରମୁକୁଳ, ୩୦ ପ୍ରତିଶତ ବଉଳ ଏବଂ ୧୫ ପ୍ରତିଶତ ଛୋଟ ଛୋଟ ବଉଳ ନଷ୍ଟ ହୁଏ।

ମାଈ ପୋକଟି ସୃଷ୍ଟି ହେଉଥିବା କଅଁଳ କାଣ୍ଡର ତନ୍ତୁ ଭିତରେ, ପତ୍ର ଡେମ୍ଫ ଏବଂ ପତ୍ରର ଶିରା ପ୍ରଶିରାରେ ହାରାହାରି ୫୦ଟି ଧଳା ଅଣ୍ଡା ଦେଇଥାଏ। ଏକ ସପ୍ତାହ ପରେ ଅଣ୍ଡାରୁ ଅର୍ଭକ ବାହାରି ଆସେ। ୧୩ରୁ ୧୫ ଦିନ ଅର୍ଭକ ରହିଲା ପରେ ପୂର୍ଣ୍ଣାଙ୍ଗ ଅବସ୍ଥା ପ୍ରାପ୍ତ ହୁଏ। ପୋକଟି ମଶା ପରି ଦେଖାଯାଉଥିବାରୁ ଏହାକୁ 'ମଶକ ପୋକ' କୁହାଯାଏ। ପୋକ ଆକ୍ରମଣ କରୁଥିବା ସ୍ଥାନରୁ ଅଠାଳିଆ ପଦାର୍ଥ ନିର୍ଗତ ହୁଏ। ଆକ୍ରମଣ ସ୍ଥାନଟି ଲୋହିତ ବାଦାମୀ ରଙ୍ଗ ଧାରଣ କରିବା ପରେ କଳା ଦେଖାଯାଏ। ଆକ୍ରମଣ ଅତ୍ୟଧିକ ପରିମାଣ ହେବା ଯୋଗୁ ବଉଳରୁ ଛୋଟ ଛୋଟ ଫଳଗୁଡ଼ିକ ଝଡ଼ି ପଡ଼େ ଏବଂ କାଜୁ ବଗିଚାଟି ଦୂରକୁ ପୋଡ଼ିଗଲା ପରି ଦୃଶ୍ୟମାନ ହୁଏ। ଏହି ପୋକଟି ଡିସେମ୍ବରରୁ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ବିଶେଷ କ୍ଷତି କରେ। କାରଣ ଏହି ସମୟରେ କାଜୁ ଗଛରେ ବଉଳ ଆସିବା ଓ ବଉଳରେ କଷି ଧରିବା ହୋଇଥାଏ। ଛୋଟ ଛୋଟ ଗଛଗୁଡ଼ିକରେ ମଧ୍ୟ ପୋକର ପ୍ରାଦୁର୍ଭାବ ଦେଖାଯାଏ।



**ପୋକ ଦମନ ପଦ୍ଧତି**

- ଚା'ମଶକ ପୋକ କାଜୁଗଛ ସହ ପିଜୁଳି, କପା, ଅଙ୍ଗୁର, ସେଓ ଏବଂ ସଜନା ଗଛକୁ ମଧ୍ୟ ଆକ୍ରମଣ କରିଥାଏ। ତେଣୁ କାଜୁବାଦାମ ବଗିଚା ନିକଟରେ ଏସବୁ ଫସଲ କରିବା ଉଚିତ ନୁହେଁ।
- କାଜୁ ବଗିଚାରେ ରହିଥିବା ଅନାବନା ଗଛ, ପତ୍ର, କୁଟା ଓ କାଠିକୁ ସଂଗ୍ରହକରି ପୋଡ଼ି ଦେବା ଆବଶ୍ୟକ।
- କାଜୁଗଛରେ ଫୁଲ ଫଳ ଧରିବା ସମୟରେ ବଗିଚାରେ ଧୂଆଁ ଦେବା ଦରକାର। ଫସଲରେ ପୋକର ଆବିର୍ଭାବ ପରେ ଫସଲକୁ ୨ ମି.ଲି. ଡିମେଓଥାଏଟ୍ ତରଳ କୀଟନାଶକ ୧ ଲିଟର ପାଣିରେ ମିଶାଇ ଫସଲରେ ସମ୍ପୂର୍ଣ୍ଣ ରୂପେ ସିଞ୍ଚନ କରିବା ଭଲ। ସକାଳ ୯ ଟା ପୂର୍ବରୁ କିମ୍ବା ଅପରାହ୍ନ ୪ ଟା ପରେ ଡିମେଥୋଏଟ୍ ସିଞ୍ଚନ କରିବା ଆବଶ୍ୟକ। ଏହାଦ୍ୱାରା ଫସଲରେ ପରାମସଙ୍ଗମକାରୀ ମାଛିମାନେ ମରିଯିବେ।

- ପୂର୍ବତନ ବିଭାଗୀୟ ମୁଖ୍ୟ,
କୀଟତତ୍ତ୍ୱ ବିଭାଗ, କୃଷି ମହାବିଦ୍ୟାଳୟ,
ଓୟୁଏଟି, ଭୁବନେଶ୍ୱର

## ଲକ୍ଷ୍ନୌ ପିଚ୍ କ୍ୟୁରେଟର ବହିଷ୍କୃତ

**ନୂଆଦିଲ୍ଲୀ, ୩୧।୧ (ପି.ଟି.):** ନ୍ୟୁଜିଲାଣ୍ଡ ବନାମ ଭାରତ ଦ୍ୱିତୀୟ ଅନ୍ତର୍ଜାତୀୟ ଟି୨୦ କ୍ରିକେଟ ମ୍ୟାଚ ପାଇଁ ପିଚ୍‌କୁ ଭଲରୂପେ ପ୍ରସ୍ତୁତ କରିପାରି ନ ଥିବାରୁ ଲକ୍ଷ୍ନୌସ୍ଥିତ ଏକାନା କ୍ରିକେଟ ଷ୍ଟାଡିୟମର କ୍ୟୁରେଟରଙ୍କୁ ବହିଷ୍କୃତ କରାଯାଇଛି। ରବିବାର ଖେଳାଯାଇଥିବା ଏହି ମ୍ୟାଚରେ ଯଦିଓ ଗୋଟିଏ ବଲ୍ ବାକିଥାଇ ଭାରତ ବିଜୟ ଲାଭ କରିଛି, ଲକ୍ଷ୍ନୌ ଉଇକେଟ ଅତ୍ୟନ୍ତ ନିକୃଷ୍ଟ ଧରଣର ବୋଲି ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ପ୍ରକାଶ କରିଥିଲେ। ମ୍ୟାଚରେ ପ୍ରଥମେ ବୋଲିଂ ନେଇଥିବା ଭାରତ ଭ୍ରମଣକାରୀ ଦଳର ସ୍କୋରକୁ ୯୯/୮ରେ ସୀମିତ କରିଦେଇଥିଲା। ଏକ ଟର୍ନିଂ ଟ୍ରାକ୍‌ରେ ଏକ ସହଜସାଧ ଟାର୍ଗେଟକୁ ଚେଜ୍ କରିବା କଷ୍ଟସାଧ ହୋଇଥିଲା। ବହିଷ୍କୃତ କ୍ୟୁରେଟରଙ୍କ ସ୍ଥାନରେ ଜଣେ ଅଭିଜ୍ଞ କ୍ୟୁରେଟର ସଞ୍ଜୀବ କୁମାର ଅଗ୍ରୱାଲଙ୍କୁ ନିଯୁକ୍ତି ଦିଆଯାଇଛି। ଉତ୍ତର ପ୍ରଦେଶ କ୍ରିକେଟ ଆସୋସିଏଶନ (ୟୁପିସିଏ) ସୂତ୍ରରୁ ପ୍ରକାଶ ଦ୍ୱିତୀୟ ଅନ୍ତର୍ଜାତୀୟ ଟି୨୦ ଖେଳାଯିବା ପୂର୍ବରୁ ଷ୍ଟାଡିୟମର ସମସ୍ତ ସେଣ୍ଟର ଉଇକେଟରେ ଇତିମଧ୍ୟରେ ଅନେକ ଘରୋଇ ମ୍ୟାଚ ଖେଳାଯାଇ ସାରିଥିଲା। କ୍ୟୁରେଟର ଜଣକ ଅନ୍ତର୍ଜାତୀୟ ମ୍ୟାଚ ପାଇଁ ଗୋଟିଏ କିମ୍ବା ଦୁଇଟି ଷ୍ଟ୍ରିପ୍ ସଂରକ୍ଷିତ ରଖିବା ଉଚିତ ଥିଲା। ଖରାପ ପାଗ ଯୋଗୁ ମ୍ୟାଚ ପାଇଁ ଏକ ସାନି ଉଇକେଟ ପ୍ରସ୍ତୁତ କରିବା ଲାଗି ଯଥେଷ୍ଟ ସମୟ ନ ଥିଲା।

# ଓଡ଼ିଶାର ୫ ଖେଳାଳି ସାମିଲ



ଦକ୍ଷିଣ ଆଫ୍ରିକା ଗସ୍ତ ପାଇଁ ମନୋନୀତ ଭାରତୀୟ ଜୁନିୟର ମହିଳା ହକି ଦଳ।

### ଭାରତୀୟ ଜୁନିୟର ମହିଳା ହକି ଦଳ ଘୋଷିତ

**ବେଙ୍ଗାଲୁରୁ, ୩୧।୧**

ଦକ୍ଷିଣ ଆଫ୍ରିକା ଗସ୍ତ ପାଇଁ ମଙ୍ଗଳବାର ଭାରତୀୟ ଜୁନିୟର ମହିଳା ହକି ଦଳ ଘୋଷିତ ହୋଇଛି। ପ୍ରୀତି ଏବଂ ରତଜା ଦାଦାସୋ ପିସାଲ ଯଥାକ୍ରମେ ଦଳର ଅଧିନାୟିକା ଓ ଉପ-ଅଧିନାୟିକା ନିଯୁକ୍ତ ହୋଇଛନ୍ତି। ଭାରତୀୟ ଦଳରେ ଓଡ଼ିଶାର ୫ ଖେଳାଳିଙ୍କୁ ସାମିଲ କରାଯାଇଛି। ସେମାନେ ହେଲେ ମାଧୁରୀ କିଣ୍ଡୋ, ମମିତା ଓରାମ, ଜ୍ୟୋତି ଛତ୍ରୀ, ନିକିତା ଟପ୍ପୋ ଓ ସୁନେଲିତା ଟପ୍ପୋ। ଏହା ବ୍ୟତୀତ ରିଜର୍ଭ ଖେଳାଳି ତାଲିକାରେ ଅଞ୍ଜଳି ବାରୱାଙ୍କୁ ସାମିଲ କରାଯାଇଛି। ଏହି ଗସ୍ତରେ ଭାରତୀୟ ଦଳ ଫେବୃୟାରୀ ୧୭ରୁ ୨୫ ମଧ୍ୟରେ ଦକ୍ଷିଣ ଆଫ୍ରିକା ଜୁନିୟର ମହିଳା ହକି ଦଳ ଏବଂ ଦକ୍ଷିଣ ଆଫ୍ରିକା 'ଏ' ବିପକ୍ଷରେ ମ୍ୟାଚ ଖେଳିବ। ଦୀପିକା ସୋରେଙ୍ଗ, ଦୀପିକା, ସୁନେଲିତା ଟପ୍ପୋ, ମଦୁଗୁଲା ଭବାନୀ, ଅନୁ ଓ ତରନପ୍ରୀତ କୌର ଭାରତୀୟ ଦଳର ଫରୱାର୍ଡ ବିଭାଗ ଚ୍ୟାଲେଞ୍ଜ ସମ୍ଭାଳିବେ। ମୁଖ୍ୟ ଦଳରେ ୨୦ ଖେଳାଳିଙ୍କ ବ୍ୟତୀତ ୪ ଜଣଙ୍କୁ ରିଜର୍ଭ ଖେଳାଳି ଭାବେ ସାମିଲ କରାଯାଇଛି। ''ଯୁବ ଖେଳାଳିଙ୍କୁ ପରୀକ୍ଷା କରିବା ଏବଂ ଉପଯୁକ୍ତ ଏକ୍ସପୋଜର ଦେବାପାଇଁ ଏହା ହେଉଛି ଏକ ଭଲ ସୁଯୋଗ। ପିଲାମାନେ ଏହି ଟୁର୍‌ରୁ ଅଭିଜ୍ଞତା ହାସଲ କରିପାରିବେ। ଭଲ ଫଳାଫଳ ନେଇ ଆଶା ରହିଛି'' ବୋଲି ମୁଖ୍ୟ କୋଚ୍ ଜାନେକ ସ୍କୁପମାନ ପ୍ରକାଶ କରିଛନ୍ତି।

**ଭାରତୀୟ ଦଳ**

ଗୋଲକିପର୍ସ: କୁରମାପୁ ରାମୟା, ମାଧୁରୀ କିଣ୍ଡୋ। ଡିଫେଣ୍ଡର୍ସ: ପ୍ରୀତି (ଅଧିନାୟିକା), ଜ୍ୟୋତି ସିଂ, ନୀଲମ, ମହିମା ଟେଟେ, ମମିତା ଓରାମ। ମିଡ୍‌ଫିଲ୍ଡର୍ସ: ଜ୍ୟୋତି ଛତ୍ରୀ, ମଞ୍ଜୁ ଚୌରାସିଆ, ହିନା ବାନୁ, ନିକିତା ଟପ୍ପୋ, ହ୍ରିତିକା ସିଂ, ସାକ୍ଷୀ ରାଣା, ରତଜା ଦାଦାସୋ ପିସାଲ (ଉପ-ଅଧିନାୟିକା)। ଫରୱାର୍ଡ୍ସ: ଦୀପିକା ସୋରେଙ୍ଗ, ଦୀପିକା, ସୁନେଲିତା ଟପ୍ପୋ, ମଦୁଗଲା ଭବାନୀ, ଅନୁ, ତରନପ୍ରୀତ କୌର। ରିଜର୍ଭ ଖେଳାଳି: ଅଦିତି ମାହେଶ୍ୱରୀ, ଅଞ୍ଜଳି ବାରୱା, ଏଦୁଲା ଜ୍ୟୋତି, ଭୂମିକା ସାହୁ।

## ହିମ ସ୍ଖଳନରେ ବିଶ୍ୱ ଚାମ୍ପିୟନ ସ୍କିଅରଙ୍କ ମୃତ୍ୟୁ

**ଟୋକିଓ, ୩୧।୧ (ଏପି)**

ସେଣ୍ଟ୍ରାଲ ଜାପାନ ଅନ୍ତର୍ଗତ ପାର୍ବତ୍ୟାଞ୍ଚଳରେ ହିମ ସ୍ଖଳନରେ ପୋତି ହୋଇ ବିଶ୍ୱ ଚାମ୍ପିୟନ ୩୧ ବର୍ଷୀୟ ହାଫ୍‌ପାଇପ୍ ସ୍କିଅର କାଇଲ ସ୍ମାଇନ୍‌ଙ୍କ ମୃତ୍ୟୁ ଘଟିଛି। ଯୁକ୍ତରାଷ୍ଟ୍ର ଆମେରିକା ଫ୍ରି ସ୍କି ଟିମ୍ ସୋସିଆଲ ମିଡିଆରେ ଏହି ୩୧ ବର୍ଷୀୟ ଆମେରିକୀୟଙ୍କ ମୃତ୍ୟୁ ସମ୍ପର୍କରେ ସୂଚନା ଦେଇଛି। ସ୍ମାଇନ୍‌ଙ୍କ ବାସସ୍ଥାନ କାଲିଫର୍ନିଆର ଲେକ୍ ଟାହୋ ଅଞ୍ଚଳରେ। ଅବିଶ୍ୱସନୀୟ କ୍ୱାଲିଟି ବରଫ ଯୋଗୁ ସ୍କି'ର ମଜା ନେବା ଲାଗି ସେ ନାଗାନୋ ଗସ୍ତରେ ଯାଇଥିଲେ। ସ୍ମାଇନ୍‌ଙ୍କ ଗସ୍ତ କାଳରେ ଏହି ଅଞ୍ଚଳରେ ପ୍ରବଳ ତୁଷାରପାତ ହୋଇଥିଲା। ଏଥିଯୋଗୁ ହିମ ସ୍ଖଳନର ଆଶଙ୍କା ରହିଥିବା ସ୍ଥାନୀୟ କର୍ତ୍ତୃପକ୍ଷ ସାବଧାନ କରାଇ ଦେଇଥିଲେ। ଟ୍ରିପ୍‌ରେ ସାମିଲ ଥିବା ଫଟୋଗ୍ରାଫର ଗ୍ରାଣ୍ଟ ଗୁଣ୍ଡରସନ ସୋସିଆଲ ମିଡିଆରେ ଏହି ଭୂସ୍ଖଳନ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଏୟାର ବ୍ଲାଷ୍ଟ ସ୍ମାଇନ୍‌ଙ୍କୁ ୫୦ ମିଟର ଦୂର ଫିଙ୍ଗି ଦେଇଥିଲା। ବରଫ ତାଙ୍କୁ ପୋତି ଦେଇଥିଲା ଏବଂ ତାଙ୍କର ସେଠାରେ ମୃତ୍ୟୁ ଘଟିଥିଲା। ସ୍ମାଇନ୍‌ଙ୍କ ଅନ୍ୟ ଦୁଇ ସ୍କିଅର ଥିଲେ। ସେମାନଙ୍କ ମଧ୍ୟରୁ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ୫ ଫୁଟ୍ ବରଫରେ ପୋତି ହୋଇଯାଇଥିଲେ ହେଁ ଆଘାତପ୍ରାପ୍ତ ହୋଇ ନ ଥିଲେ। ଗୁଣ୍ଡରସନ ଅନ୍ୟ ସ୍କିଅରମାନଙ୍କ ନାମ ପ୍ରକାଶ କରି ନାହାନ୍ତି। ସ୍ମାଇନ୍ ୨୦୧୫ ସ୍କି ହାଫ୍‌ପାଇପ୍ ବିଶ୍ୱ ଚାମ୍ପିୟନଶିପ୍ ଜିତିଥିଲେ। ବର୍ଷକ ପରେ ଏହି କ୍ରୀଡ଼ାକୁ ଅଲିମ୍ପିକ୍ସରେ ସାମିଲ କରାଯାଇଥିଲା। ତାଙ୍କର ଶେଷ ବଡ଼ ପ୍ରତିଯୋଗିତା ୨୦୧୮ରେ କାଲିଫର୍ନିଆର ମାମଥ ମାଉଣ୍ଟେନରେ ଅନୁଷ୍ଠିତ ବିଶ୍ୱକପ୍ ଥିଲା। ଏଥିରେ ସେ ଚାମ୍ପିୟନ ହୋଇଥିଲେ।

## ଜାତୀୟ ସିନିୟର ଭଲିବଲ ପାଇଁ ଓଡ଼ିଶା ଦଳ



ଓଡ଼ିଶା ଭଲିବଲ ଦଳର ସଦସ୍ୟଙ୍କ ଗହଣରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ।

**ଭୁବନେଶ୍ୱର, ୩୧।୧ (କ୍ରୀଡ଼ା ପ୍ରତିନିଧି)**

ଆସାମର ଗୁଆହାଟୀଠାରେ ୭୧ତମ ଜାତୀୟ ସିନିୟର ଭଲିବଲ ଚାମ୍ପିୟନଶିପ୍ (ମହିଳା/ପୁରୁଷ) ଫେବୃୟାରୀ ୨ରୁ ଆରମ୍ଭ ହେବ। ଏଥିପାଇଁ ଓଡ଼ିଶା ମହିଳା ଓ ପୁରୁଷ ଦଳ ମଙ୍ଗଳବାର ଘୋଷଣା କରାଯାଇଛି। ଉଭୟ ଦଳର ୧୨ ଜଣ ଲେଖାଏ ଖେଳାଳିଙ୍କ ସମେତ ୫ ଅଫିସିଆଲଙ୍କ ନାମ ମଧ୍ୟ ପ୍ରକାଶ କରାଯାଇଛି। ରାଜ୍ୟ ଦଳ ମନୋନୟନ ପାଇଁ ଚୟନ ଟ୍ରାଏଲ ଗତ ୧୫ ତାରିଖରେ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା। ଓଡ଼ିଶାର ବିଭିନ୍ନ ଜିଲା ଓ ୟୁନିଟଗୁଡ଼ିକରୁ ୧୪୦ ଖେଳାଳି ଏଥିରେ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ପ୍ରାରମ୍ଭିକ ପର୍ଯ୍ୟାୟରେ ୩୬ (୧୬ ମହିଳା ଓ ୨୦ ପୁରୁଷ) ଖେଳାଳିଙ୍କୁ ମନୋନୟନ କରାଯାଇ କୋଚିଂ କ୍ୟାମ୍ପ ଚାଲିଥିଲା। କୋଚିଂ କ୍ୟାମ୍ପ ଶେଷ ହେବା ପରେ ମନୋନୀତ ଖେଳାଳି ଓ ଅଫିସିଆଲ ଗୁଆହାଟୀ ଅଭିମୁଖେ ଯାତ୍ରା କରିଛନ୍ତି। ଖେଳାଳିମାନେ ଯାତ୍ରା କରିବା ପୂର୍ବରୁ କିଟ୍ ଓ କିସ୍ ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ସେମାନଙ୍କ ସହ ଆଲୋଚନା କରିବା ସହ ଆଗାମୀ ଟୁର୍ନାମେଣ୍ଟ ପାଇଁ ଶୁଭେଚ୍ଛା ଜଣାଇଛନ୍ତି। କିଟ୍ ପରିସରରେ କ୍ୟାମ୍ପ ପାଇଁ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେବାସହ ଆବଶ୍ୟକ ସହଯୋଗ କରିଥିବାରୁ ଅଚ୍ୟୁତଙ୍କୁ ଓଡ଼ିଶା ଭଲିବଲ ଆସୋସିଏଶନ ସମ୍ପାଦକ ଗଗନେନ୍ଦୁ ଦାଶ ଧନ୍ୟବାଦ ଜଣାଇଛନ୍ତି। ଓଡ଼ିଶା ଦଳ (ମହିଳା): ଚେତନା ଭାଲା (ଅଧିନାୟିକା), କେ. ଦେବୀକା ଦେବରଞ୍ଜନ, ଏନ୍. ଅଶ୍ୱନୀ, ଉତ୍କର୍ଷ ସୋନାୱାଲେ, କମଲେଶ କୁମାରୀ, ପି.ଆର. ଅଶ୍ୱଥୀ, ଶିବାନୀ ପ୍ରିୟଦର୍ଶିନୀ, ଜେ. ମାରୀ ଅନିନା, ସି. ସୃଷ୍ଟି, ଗଡବା ପାର୍ବତୀ, ବି. ଅନିଶା, ଅନନ୍ୟା ଦାସ (ଏଲ୍)। କୋଚ୍: କେ. ନିଲ ରାଜୁ ଓ ସଙ୍ଗୀତା ଟପ୍ପୋ, ଟ୍ରେନର: ଅନିତା ଜେମ୍ସ। ପୁରୁଷ: ପି.ପି. ଅଫଜଲ (ଅଧିନାୟକ), ମାନସ ରଞ୍ଜନ ପାଣି, ଅନୁଲ କୁମାର ସେନାପତି, ରାହୁଲ ବାରିକ, ରାଜେଶ କୁମାର ସାହୁ, ଆଶୁତୋଷ ତ୍ରିପାଠୀ, ଅଜୟ କୁମାର ତରାଇ, ଦୀପ୍ତିରାଜ ମିଶ୍ର, ପ୍ରତାପ କୁମାର ସ୍ୱାଇଁ, ଶୁଭ୍ରାଂଶୁ ଶେଖର ଓଝା, ସେକ୍ ସିରାଜ ଅଲୀ, ପ୍ରଜ୍ଞା ସାରଥୀ ଜେନା (ଏଲ୍)। କୋଚ୍: ରମେଶ ଚନ୍ଦ୍ର ଓଝା ଓ ବିଶ୍ୱଜିତ ଦାସ।

## ଟଙ୍କଧରଙ୍କ ସହ ଓଡ଼ିଶା ଏଫ୍‌ସିର ଚୁକ୍ତି

**ଭୁବନେଶ୍ୱର, ୩୧।୧ (କ୍ରୀଡ଼ା ପ୍ରତିନିଧି)**



ଟଙ୍କଧର ବାଗ୍

ଓଡ଼ିଶା ଫୁଟବଲ ଏକାଡେମୀର ସଦସ୍ୟ ଟଙ୍କଧର ବାଗ୍‌ଙ୍କ ସହ ଇଣ୍ଡିଆନ ସୁପରଲିଗ୍ (ଆଇଏସ୍ଏଲ)ର ଅନ୍ୟତମ ପ୍ରତିଷ୍ଠିତ ଦଳ ଓଡ଼ିଶା ଏଫ୍‌ସି ଚୁକ୍ତି କରିଛି। ଏହି ଚୁକ୍ତି ଅଢ଼େଇ ବର୍ଷ ପାଇଁ ହୋଇଥିବା ଫ୍ରାଞ୍ଚାଇଜ୍ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଯୁବ ଖେଳାଳି ଟଙ୍କଧର ରାଇଟ-ବ୍ୟାକ୍‌ରେ ଖେଳିଥାନ୍ତି। ଏହା ବ୍ୟତୀତ ସେ ସେଣ୍ଟ୍ରାଲ ଡିଫେନ୍ସିଭ ଭୂମିକା ତୁଲାଇବାର ଦକ୍ଷତା ମଧ୍ୟ ରଖିଛନ୍ତି। ୨୦୧୯-୨୦ ସିଜନରେ ଟଙ୍କଧର ଇଣ୍ଡିଆ ଆରୋଜ୍ ଦଳରେ ଯୋଗ ଦେଇଥିଲେ। ଏହାପରେ ତାଙ୍କୁ ସିନିୟର ଆରୋଜ ଦଳରେ ସାମିଲ କରାଯାଇଥିଲା। ସେ କ୍ରମାଗତ ଭଲ ପ୍ରଦର୍ଶନ କରିଥିଲେ। ଗତବର୍ଷ ସେ ୨୦ ବର୍ଷରୁ କମ୍ ସାଫ୍ ଚାମ୍ପିୟନଶିପ୍‌ରେ ଭାରତ ପକ୍ଷରୁ ଖେଳିଥିଲେ। କେବଳ ସେତିକି ନୁହେଁ ନେପାଳ ବିପକ୍ଷରେ ଏକ ଗୋଲ ଦେଇ ଭାରତ ବିଜୟରେ ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ଟଙ୍କଧରଙ୍କୁ ପ୍ରଥମ କିଛି ମାସ ସିଷ୍ଟମ ସହିତ ଅଭ୍ୟସ୍ତ ହେବାକୁ ସମୟ ଦିଆଯିବ। ଏହାପରେ ଓଡ଼ିଶା ଏଫ୍‌ସି ରିଜର୍ଭ ଦଳରେ ସାମିଲ କରାଯିବ। ୨୦୨୩-୨୪ ପ୍ରି-ସିଜନରେ ସେ ମୁଖ୍ୟ ଦଳରେ ଯୋଗଦେବେ। ପ୍ରତିଭାସମ୍ପନ୍ନ ଓଡ଼ିଆ ଖେଳାଳିଙ୍କୁ ଓଡ଼ିଶା ଏଫ୍‌ସିରେ ସାମିଲ କରାଯିବାର ଏହା ଅଂଶବିଶେଷ ବୋଲି ପ୍ରକାଶ କରାଯାଇଛି।

## ଉଦ୍‌ଘାଟନୀ ମ୍ୟାଚ ଭେନ୍ୟୁ ବଦଳିଲା

**ମେଲବୋର୍ନ, ୩୧।୧(ଏପି)**

ଟିକେଟ ଚାହିଦା ବୃଦ୍ଧି ପାଇବାରୁ ଆଗାମୀ ଫିଫା ମହିଳା ଫୁଟ୍‌ବଲ ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆର ଆୟର୍ଲାଣ୍ଡ ବିପକ୍ଷ ଓପନିଂ ମ୍ୟାଚର ଭେନ୍ୟୁ ବଦଳା ଯାଇଛି। ଏହି ମ୍ୟାଚ ପ୍ରକୃତରେ ସିଡ୍‌ନୀର ନ୍ୟୁ ଆଲିଏଞ୍ଜ୍ ଷ୍ଟାଡିୟମରେ ଖେଳାଯିବାର କାର୍ଯ୍ୟକ୍ରମ ରହିଥିଲା। ଏହାର ଆସନ କ୍ଷମତା ୪୨,୫୦୦ ରହିଛି। ବର୍ତ୍ତମାନ ଏହି ମ୍ୟାଚ ଷ୍ଟାଡିୟମ ଅଷ୍ଟ୍ରେଲିଆରେ ଖେଳାଯିବ, ଯାହାର ଆସନ କ୍ଷମତା ୮୨,୦୦୦ରୁ ଅଧିକ। ଷ୍ଟାଡିୟମ ଅଷ୍ଟ୍ରେଲିଆ ହେଉଛି ପୂର୍ବତନ ଅଲିମ୍ପିକ ଷ୍ଟାଡିୟମ। ଅଗଷ୍ଟ ୨୦ରେ ବିଶ୍ୱକପ୍ ଫାଇନାଲ ମଧ୍ୟ ସେଠାରେ ଖେଳାଯିବ। ଟୁର୍ନାମେଣ୍ଟକୁ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ମିଳିତ ଭାବେ ଆୟୋଜନ କରୁଛନ୍ତି। ମହିଳା ଫୁଟ୍‌ବଲ ବିଶ୍ୱକପ୍ ଜୁଲାଇ ୨୦ରେ ଆରମ୍ଭ ହେବ। ପ୍ରଥମ ଦିବସର ପ୍ରଥମ ମ୍ୟାଚ ନ୍ୟୁଜିଲାଣ୍ଡ ଓ ନରୱେ ମଧ୍ୟରେ ଅକ୍‌ଲାଣ୍ଡର ଇଡେନପାର୍କରେ ଖେଳଯିବ। ସେହିଦିନ ପରବର୍ତ୍ତୀ ମ୍ୟାଚ ଅଷ୍ଟ୍ରେଲିଆ ଓ ଆୟର୍ଲାଣ୍ଡ ମଧ୍ୟରେ ଖେଳାଯିବ। ଫିଫାର ମହିଳା ଫୁଟ୍‌ବଲ ମୁଖ୍ୟ ଅଧିକାରୀ ସରାଇ ବେୟାରମାନ କହିଛନ୍ତି, ମହିଳା ବିଶ୍ୱକପ୍‌ର ଉଦ୍‌ଘାଟନୀ ଦିବସରେ ଦୁଇଟି ମ୍ୟାଚକୁ ୧ ଲକ୍ଷରୁ ଅଧିକ ଦର୍ଶକ ଉପଭୋଗ କରିବେ।

**ଫିଫା ମହିଳା ଫୁଟ୍‌ବଲ ବିଶ୍ୱକପ୍**

# ଭାରତୀୟ ଟପ୍ ଅର୍ଡର ଉପରେ ନଜର

**ଅହମଦାବାଦ, ୩୧।୧ (ପି.ଟି.)**



ଶୁବମନ ଗିଲ



ଇଶାନ କିଶନ



ରାହୁଲ ତ୍ରିପାଠୀ

ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଚଳିତ ସିରିଜର ତୃତୀୟ ତଥା ଅନ୍ତିମ ଟି୨୦ ମ୍ୟାଚ ବୁଧବାର ଏଠାରେ ଅନୁଷ୍ଠିତ ହେବ। ଭାରତ ଓ ନ୍ୟୁଜିଲାଣ୍ଡ ଗୋଟିଏ ଲେଖାଏ ମ୍ୟାଚ ଜିତିଥିବାରୁ ସିରିଜ ଏବେ ୧-୧ ସ୍ଥିତିରେ ଅଛି। ତେଣୁ ତୃତୀୟ ମ୍ୟାଚର ଗୁରୁତ୍ୱ ବଢ଼ି ଯାଇଛି। ପୂର୍ବ ୨ଟି ଯାକ ମ୍ୟାଚରେ ଭାରତୀୟ ଯୁବ ଟପ୍ ଅର୍ଡର ଆଶାନୁରୂପ ପ୍ରଦର୍ଶନ କରିପାରିନାହାନ୍ତି। ତେଣୁ ସିରିଜ ନିର୍ଣ୍ଣାୟକ ମ୍ୟାଚରେ ସେମାନଙ୍କ ଉପରେ ନଜର ରହିବ। ରୋହିତ ଶର୍ମା, ଲୋକେଶ ରାହୁଲ ଓ ବିରାଟ କୋହଲିଙ୍କ ଅନୁପସ୍ଥିତିରେ ଶୁବମନ ଗିଲ, ଇଶାନ କିଶନ ଓ ରାହୁଲ ତ୍ରିପାଠୀ ସୁଯୋଗର ସଦ୍‌ବ୍ୟବହାର କରିପାରିନାହାନ୍ତି। ତେଣୁ ଆଗାମୀ ମ୍ୟାଚରେ ସେମାନଙ୍କ ଉପରେ ଚାପ ରହିବ। ବୁଧବାର ମ୍ୟାଚ ପରେ ଭାରତୀୟ ଦଳ ଦୀର୍ଘଦିନ ଧରି ଆଉ ଟି୨୦ ଖେଳିବାର ନାହିଁ। ତେଣୁ ଦକ୍ଷତା ପ୍ରଦର୍ଶନ ପାଇଁ ଯୁବ ଖେଳାଳିମାନେ ଏଠାରେ ଶେଷ ସୁଯୋଗ ପାଇବେ। ବାଂଲାଦେଶରେ ଦ୍ୱିଶତକ ହାସଲ କରିବା ପରେ ଇଶାନ ଆଶ୍ଚର୍ଯ୍ୟଜନକଭାବେ ରିଦିମ ଫେରିପାଇବା ପାଇଁ ସଂଘର୍ଷ କରୁଛନ୍ତି। ଟର୍ନିଂ ବଲ୍ ଗିଲ୍‌ଙ୍କୁ ଅସୁବିଧାରେ ପକାଉଛି। ସେ ନିଜ ଦିନିକିଆ ଫର୍ମ ଟି୨୦ରେ ବଜାୟ ରଖିପାରି ନାହାନ୍ତି। ସେହିପରି କୋହଲିଙ୍କ ସ୍ଥାନରେ ୩ ନମ୍ବରରେ ଖେଳୁଥିବା ତ୍ରିପାଠୀ ମଧ୍ୟ ସୁଯୋଗ ହାତଛଡ଼ା କରିବାରେ ଲାଗିଛନ୍ତି। ଗତ ମ୍ୟାଚରେ ଯଦି ସୂର୍ଯ୍ୟକୁମାର ଯାଦବ ଓ ହାର୍ଦ୍ଦିକ ପାଣ୍ଡ୍ୟା ତିଷ୍ଠି ନ ଥାନ୍ତେ ତେବେ ଭାରତ ୧୦୦ ରନ ଚେଜ୍ କରିବାକୁ ମଧ୍ୟ ସଂଘର୍ଷ କରିଥାନ୍ତା। ସିରିଜର ତୃତୀୟ ମ୍ୟାଚ ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଅନୁଷ୍ଠିତ ହେବ। ସେଠାରେ ମଧ୍ୟ ଟର୍ନିଂ ଟ୍ରାକ୍ ଥିବାରୁ ଭାରତୀୟ ଦଳ କଡ଼ା ପରୀକ୍ଷାର ସମ୍ମୁଖୀନ ହେବ। ବୋଲିଂ ବିଭାଗରେ ଯୁଜବେନ୍ଦ୍ର ଚହଲ ଓ କୁଲଦୀପ ଯାଦବଙ୍କ ପ୍ରଭାବୀ ପ୍ରଦର୍ଶନ ସହାୟତାରେ ଭାରତ ପ୍ରତିପକ୍ଷ ଦଳ ଉପରେ ଚାପ ପକାଇବାରେ ସକ୍ଷମ ହୋଇଛି। ଗତ ମ୍ୟାଚରେ ବଲ ଅତିରିକ୍ତ ଟର୍ନ ନେଉଥିବାବେଳେ ଚହଲଙ୍କୁ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ମାତ୍ର ୨ ଓଭର ବୋଲିଂ ସୁଯୋଗ ଦେବା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଥିଲା। ୨ ଓଭରରେ ଚହଲ ଗୋଟିଏ ମେଡେନ ନେଇଥିବାବେଳେ ମାତ୍ର ୪ ରନ ଦେଇ ଫିନ୍ ଆଲେନଙ୍କ ଉଇକେଟ ନେଇଥିଲେ। ପୃଥ୍ୱୀ ଶ'ଙ୍କୁ ଦଳରେ ସାମିଲ ପାଇଁ ଚାପ ଥିଲେ ହେଁ ହାର୍ଦ୍ଦିକ ଆଗାମୀ ମ୍ୟାଚ ପାଇଁ ଦଳରେ ପରିବର୍ତ୍ତନ କରିବା ସମ୍ଭାବନା କମ୍। ଅନ୍ୟପକ୍ଷରେ ନ୍ୟୁଜିଲାଣ୍ଡ ଏହାର ମିଡିଲ ଅର୍ଡର ନିକଟରୁ ଅଧିକ କିଛି ଆଶା ରଖିବ। ଭାରତରେ ବିରଳ ସିରିଜ ଜିତିବାର ସୁଯୋଗ ଏହି ବିଦେଶୀ ଦଳ ନିକଟରେ ରହିଛି। ତେଣୁ ଆଗାମୀ ଚ୍ୟାଲେଞ୍ଜ ପାଇଁ ବ୍ଲାକ୍ କ୍ୟାପ ଦଳ ପ୍ରସ୍ତୁତ। ଗ୍ଲେନ୍ ଫିଲିପ ଏପର୍ଯ୍ୟନ୍ତ ନିଜ ବିସ୍ଫୋରକ ରୂପ ଦେଖାଇ ପାରିନାହାନ୍ତି। ତେଣୁ ଆଗାମୀ ମ୍ୟାଚରେ ତାଙ୍କ ଉପରେ ନଜର ରହିବ। ଦିନିକିଆ ସିରିଜ ସେନ୍‌ସେଶନ ମାଇକେଲ ବ୍ରାସୱେଲ ଏବଂ ୩ ନମ୍ବର ଖେଳାଳି ମାର୍କ ଚାମ୍ପମାନ ମଧ୍ୟ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଆଶାୟୀ। ପୂର୍ବ ଗେମ୍‌ରେ ନ୍ୟୁଜିଲାଣ୍ଡ ୮ ବୋଲରଙ୍କୁ ବ୍ୟବହାର କରିଥିଲା। ତେବେ ୪ ସ୍ପିନରଙ୍କୁ କୋଟା ପୂରାଇବାକୁ ଦେଇଥିଲା। ଦୁଇବର୍ଷ ପୂର୍ବରୁ ଏଠାରେ ଖେଳାଯାଇଥିବା ଟି୨୦ରେ ୨୦୦ରୁ ଊର୍ଦ୍ଧ୍ୱ ରନ ସ୍କୋର ହୋଇଥିଲା।

**ନ୍ୟୁଜିଲାଣ୍ଡ ବିପକ୍ଷ ତୃତୀୟ ଟି୨୦ ଆଜି**

**ମ୍ୟାଚ ଆରମ୍ଭ: ରାତି ୭ଟା**

## ନିରୀକ୍ଷଣ କମିଟିରେ ବବିତା ଫୋଗଟ

**ନୂଆଦିଲ୍ଲୀ, ୩୧।୧ (ପି.ଟି.):** ଭାରତ ରେସ୍‌ଲିଂ ମହାସଂଘ (ଡବ୍ଲ୍ୟୁଏଫ୍‌ଆଇ) ସଭାପତି ବ୍ରିଜ୍ ଭୂଷଣ ଶରନ ସିଂଙ୍କ ବିରୁଦ୍ଧରେ ଅଣାଯାଇଥିବା ବିଭିନ୍ନ ଅଭିଯୋଗର ତଦନ୍ତ ଲାଗି ଗଠନ କରାଯାଇଥିବା ନିରୀକ୍ଷଣ କମିଟିରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ସ୍ୱର୍ଣ୍ଣ ବିଜେତା ରେସ୍‌ଲର ବବିତା ଫୋଗଟଙ୍କୁ ସାମିଲ କରାଯାଇଛି। କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ତରଫରୁ ଏହି କମିଟି ଗଠନ କରାଯାଇଛି। ଡବ୍ଲ୍ୟୁଏଫ୍‌ଆଇ ଏବଂ ଏହାର ମୁଖ୍ୟଙ୍କ ବିରୁଦ୍ଧରେ ପ୍ରଶାସନିକ ତ୍ରୁଟି, ଯୌନ ଶୋଷଣ, ଧମକଚମକ, ନିର୍ଯାତନା ଓ ଆର୍ଥିକ ଅନିୟମିତତା ନେଇ ହୋଇଥିବା ଅଭିଯୋଗର ତଦନ୍ତ କରାଯିବ। ଭିନେଶ ଫୋଗତ, ବଜରଙ୍ଗ ପୁନିଆଙ୍କ ଭଳି କୁସ୍ତିଯୋଦ୍ଧାଙ୍କ ତରଫରୁ ଏହି ସବୁ ଅଭିଯୋଗ ଅଣାଯାଇଛି। କିମ୍ବଦନ୍ତୀ ବକ୍ସର ଏମ୍‌ସି ମେରୀକମ୍‌ଙ୍କ ନେତୃତ୍ୱରେ ଗଠିତ କମିଟିରେ ବବିତା ୬ଷ୍ଠ ସଦସ୍ୟ ଭାବେ ଯୋଗ ଦେଇଛନ୍ତି। ଅନ୍ୟ ସଦସ୍ୟମାନେ ହେଲେ ପୂର୍ବତନ ରେସ୍‌ଲର ଯୋଗେଶ୍ୱର ଦତ୍ତ, ପୂର୍ବତନ ବ୍ୟାଡ୍‌ମିଣ୍ଟନ ଖେଳାଳି ତ୍ରୁପତି ମୁର୍‌ଗୁଣ୍ଡେ, ରାଧିକା ଶ୍ରୀମାନ ଏବଂ ଟାର୍ଗେଟ ଅଲିମ୍ପିକ ପୋଡିୟମ ସ୍କିମ୍‌ର ରଜେଶ ରାଜ ଗୋପାଳନ।




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ